ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ)
Bhubaneswar, Saturday, June 1/2019 (Career & Appointment) ★★★★★★
୪୫ଶ ଭାଗ ୧୮୬ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada
ମୂଲ୍ୟ ₹ ୫/-



## ମାର୍ଟିକ ଚତୁର୍ଥ ରାଉଣ୍ଡରେ

ଦ୍ୱିତୀୟ ସିଡ୍ କାରୋଲିନା ପ୍ଲିସ୍‌କୋଭାଙ୍କୁ ହରାଇ କ୍ରୋଏସିଆର ପେଟ୍ରା ମାର୍ଟିକ ଫ୍ରେଞ୍ଚ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୯

୦୯

## ଭିନ୍ନ ଅବତାରରେ ସାୟାନୀ

ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ।






■ କେନ୍ଦ୍ର କ୍ୟାବିନେଟ୍‌ର ଦାୟିତ୍ୱ ବଣ୍ଟନ

# ଶାହଙ୍କୁ ସ୍ୱରାଷ୍ଟ୍ର, ରାଜନାଥଙ୍କୁ ପ୍ରତିରକ୍ଷା

**ନୂଆଦିଲ୍ଲୀ,୩୧।୫(ଆଇଏଏନ୍‌ଏସ୍)**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଦ୍ୱିତୀୟ ପାଳି ଆରମ୍ଭ ହେବା ପରେ କେନ୍ଦ୍ର କ୍ୟାବିନେଟ ସଦସ୍ୟଙ୍କୁ ଶୁକ୍ରବାର ଦାୟିତ୍ୱ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶପଥ ନେଇଥିବା ସମସ୍ତ ୫୭ ମନ୍ତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ମୋଦିଙ୍କ ଘନିଷ୍ଠତମ ସହଯୋଗୀ ଅମିତ ଶାହଙ୍କୁ କ୍ୟାବିନେଟରେ ୨ ନମ୍ବର ସ୍ଥାନ ମିଳିଛି। ତାଙ୍କ ତଳକୁ ରହିଛନ୍ତି ରାଜନାଥ ସିଂ ଓ ନିର୍ମଳା ସୀତାରାମନ୍। ମନ୍ତ୍ରିମଣ୍ଡଳରେ ପ୍ରଥମ ଥର ପାଇଁ ସାମିଲ ହୋଇଥିବା ଶାହଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିଥିବାବେଳେ ପୂର୍ବରୁ ଏହି ଦାୟିତ୍ୱରେ ଥିବା ରାଜନାଥଙ୍କୁ ଏଥର ପ୍ରତିରକ୍ଷା ମନ୍ତ୍ରଣାଳୟର ଭାର ଦିଆଯାଇଛି। ସେହିପରି ଏନ୍‌ଡିଏ-୧ରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ସୀତାରାମନ୍ ଏହି କ୍ୟାବିନେଟରେ ଅର୍ଥମନ୍ତ୍ରୀ ଭାବେ ସ୍ଥାନ ପାଇଛନ୍ତି।

ସାଧାରଣ ନିର୍ବାଚନରେ ଏନ୍‌ଡିଏ ବିପୁଳ ବିଜୟ ସହ ପୁନର୍ବାର କ୍ଷମତାକୁ ଫେରିବା ପରେ ଗୁରୁବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ସହ ୨୪ କ୍ୟାବିନେଟ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ୨୪ ରାଷ୍ଟ୍ରମନ୍ତ୍ରୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଶୁକ୍ରବାର କ୍ୟାବିନେଟର ସମସ୍ତ ସଦସ୍ୟଙ୍କୁ ମନ୍ତ୍ରଣାଳୟର ଦାୟିତ୍ୱ ବଣ୍ଟନ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ସହ ଅଣୁ ଶକ୍ତି ଓ ମହାକାଶ ବିଭାଗ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ନିକଟରେ ରହିଛି। ନିର୍ବାଚନରେ ଭାଜପା ୩୦୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିବାରୁ ଏହାର ଶ୍ରେୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଦିଆଯିବା ସହ ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦାୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଏଥର କ୍ୟାବିନେଟରେ ହାଇପ୍ରୋଫାଇଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦିଆଯାଇଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ନିର୍ମଳା ସୀତାରାମନ୍‌ଙ୍କୁ ନୂଆ କ୍ୟାବିନେଟରେ ଅର୍ଥ ଓ କମ୍ପାନୀ ବ୍ୟାପାର ମନ୍ତ୍ରୀ କରାଯାଇଛି। ସେହିପରି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ସୁବ୍ରମଣ୍ୟମ୍ ☞ପୃଷ୍ଠା-୪

### କାହାକୁ କ'ଣ

- ■ ସୀତାରାମନ୍‌ଙ୍କୁ ଅର୍ଥ ମନ୍ତ୍ରଣାଳୟ
- ■ ଏସ୍. ଜୟଶଙ୍କର ପାଇଲେ ବହିର୍ବ୍ୟାପାର
- ■ ଧର୍ମେନ୍ଦ୍ର ପେଟ୍ରୋଲିୟମ୍, ଗଡ଼କରୀ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ବଜାୟ ରଖିଲେ
- ■ ପ୍ରତାପଙ୍କୁ ଏମ୍‌ଏସ୍‌ଏମ୍‌ଇ ସହ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ସ୍ୱାଧୀନ ଦାୟିତ୍ୱ

### ପ୍ରଧାନମନ୍ତ୍ରୀଙ୍କ ଅଧୀନରେ


ନରେନ୍ଦ୍ର ମୋଦି

କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ; ଆଣବିକ ଶକ୍ତି; ମହାକାଶ; ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରସଙ୍ଗ; କାହାରିକୁ ଦିଆଯାଇ ନ ଥିବା ଅନ୍ୟ ମନ୍ତ୍ରଣାଳୟ

ରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତ୍ରଣାଳୟ ତାଲିକା: ପୃଷ୍ଠା-୪

### କ୍ୟାବିନେଟ ମନ୍ତ୍ରୀ: କାହାକୁ କେଉଁ ମନ୍ତ୍ରଣାଳୟ


**ରାଜନାଥ ସିଂ** — ପ୍ରତିରକ୍ଷା


**ଅମିତ୍ ଶାହ** — ସ୍ୱରାଷ୍ଟ୍ର


**ନୀତିନ୍ ଗଡ଼କରୀ** — ସଡ଼କ ପରିବହନ ଓ ରାଜପଥ; ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ


**ଡି.ଭି. ସଦାନନ୍ଦ ଗୌଡ଼ା** — ରସାୟନ ଓ ସାର


**ନିର୍ମଳା ସୀତାରାମନ୍** — ଅର୍ଥ; କମ୍ପାନୀ ବ୍ୟାପାର


**ରାମବିଳାସ ପାଶ୍ୱାନ** — ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ


**ନରେନ୍ଦ୍ର ସିଂ ତୋମର** — କୃଷି ଓ କୃଷକ କଲ୍ୟାଣ; ଗ୍ରାମୀଣ ବିକାଶ; ପଞ୍ଚାୟତିରାଜ


**ରବିଶଙ୍କର ପ୍ରସାଦ** — ଆଇନ ଓ ନ୍ୟାୟ; ଯୋଗାଯୋଗ; ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା


**ହର୍‌ସିମ୍ରତ୍ କୌର ବାଦଲ** — ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ


**ଥାୱାର ଚାନ୍ଦ୍ ଗେହଲଟ** — ସାମାଜିକ ନ୍ୟାୟ ଓ ସଶକ୍ତୀକରଣ


**ଏସ୍. ଜୟଶଙ୍କର** — ବହିର୍ବ୍ୟାପାର


**ରମେଶ ପୋଖରିୟାଲ 'ନିଶଙ୍କ'** — ମାନବ ସମ୍ବଳ ବିକାଶ


**ଅର୍ଜୁନ ମୁଣ୍ଡା** — ଆଦିବାସୀ ବ୍ୟାପାର


**ସ୍ମୃତି ଜୁବିନ୍ ଇରାନୀ** — ମହିଳା ଓ ଶିଶୁ ବିକାଶ; ବୟନ ଶିଳ୍ପ


**ଡ. ହର୍ଷବର୍ଦ୍ଧନ** — ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା; ପୃଥ୍ୱୀ ବିଜ୍ଞାନ


**ପ୍ରକାଶ ଜାଭଡେକର** — ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ; ସୂଚନା ଓ ପ୍ରସାରଣ


**ପୀୟୂଷ ଗୋୟଲ** — ରେଳପଥ; ବାଣିଜ୍ୟ ଓ ଶିଳ୍ପ


**ଧର୍ମେନ୍ଦ୍ର ପ୍ରଧାନ** — ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ; ଇସ୍ପାତ


**ମୁଖ୍‌ତାର ଅବାସ ନକ୍‌ଭି** — ସଂଖ୍ୟାଲଘୁ ବ୍ୟାପାର


**ପ୍ରହ୍ଲାଦ ଜୋଷୀ** — ସଂସଦୀୟ ବ୍ୟାପାର; କୋଇଲା; ଖଣି


**ମହେନ୍ଦ୍ର ନାଥ ପାଣ୍ଡେ** — ଦକ୍ଷତା ବିକାଶ ଓ ଉଦ୍ୟମିତା


**ଅରବିନ୍ଦ ଗଣପତ ସାୱନ୍ତ** — ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ


**ଗିରିରାଜ ସିଂ** — ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ


**ଗଜେନ୍ଦ୍ର ସିଂ ଶେଖାୱତ୍** — ଜଳ ଶକ୍ତି

### ଆଜିର ସମ୍ପାଦକୀୟ

**ଚୁପ୍ ରହିବାର ଆଦେଶ**

### ଆଜିର ମନ୍ତବ୍ୟ

"ବିହାରରେ କୌଣସି ବ୍ୟକ୍ତିଙ୍କ ନାମରେ ଏନ୍‌ଡିଏକୁ ଲୋକେ ଭୋଟ ଦେଇନାହାନ୍ତି। ଏନେଇ କେହି ଭ୍ରମରେ ପଡ଼ିବା ଅନୁଚିତ।
-ନୀତୀଶ କୁମାର, ଜେଡିୟୁ ମୁଖ୍ୟ

**ଜିଡିପି ହାର ୫ ବର୍ଷର ସର୍ବନିମ୍ନ**

........୧୦........

# ୧୭ରୁ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ତଥା ବଜେଟ ଅଧିବେଶନ ଜୁନ୍ ୧୭ରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ମାନେକା ଗାନ୍ଧୀଙ୍କୁ ଗୁରୁବାର ଲୋକ ସଭାର କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଛି। ସେ ନବନିର୍ବାଚିତ ଏମ୍‌ପିମାନଙ୍କୁ ଶପଥ ପାଠ କରାଇବେ। ଜୁନ୍ ୧୯ରେ ବାଚସ୍ପତି ନିର୍ବାଚନ ହେବ। ବାଚସ୍ପତି ନିଯୁକ୍ତ ହେବା ପରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଅଣାଯିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ଉତ୍ତର ରଖିବେ। ଜୁଲାଇ ୫ରେ ଅର୍ଥମନ୍ତ୍ରୀ ଲୋକ ସଭାରେ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) ୩୫୨ ଆସନରେ ବିଜୟୀ ହୋଇ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ଷମତାକୁ ଫେରିଥିବାବେଳେ ଭାଜପା ଏକାକୀ ୩୦୩ ଆସନ ହାତେଇଛି। ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ପ୍ରଥମ ଭାଜପା ନେତା ଯିଏ କି ସରକାରରେ ୫ ବର୍ଷ କାର୍ଯ୍ୟକାଳ ପୂରଣ କରି କ୍ରମାଗତ ଭାବେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପୂର୍ବରୁ ୩ ଜଣ କଂଗ୍ରେସ ନେତା ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ମନମୋହନ ସିଂଙ୍କୁ ଏହି ସଫଳତା ମିଳିଥିଲା।



- ■ ୧୯ରେ ବାଚସ୍ପତି ନିର୍ବାଚନ
- ■ ଜୁଲାଇ ୫ରେ କେନ୍ଦ୍ର ବଜେଟ

# ୧୫ରେ ଓଡ଼ିଶା ଛୁଇଁବ ମୌସୁମୀ

- ■ ଉତ୍ତର ଓଡ଼ିଶା ପଟୁ ପ୍ରବେଶ କରିବ
- ■ ୩ରୁ ବଢ଼ିବ ତାତି
- ■ ୧୧ ଜିଲ୍ଲାକୁ ସତର୍କ ସୂଚନା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ନାହିଁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ଅନୁକୂଳ ପରିବେଶ ମଧ୍ୟ ସୃଷ୍ଟି ହୋଇ ନାହିଁ। ରାଜ୍ୟକୁ ମୌସୁମୀ କେବେ ଆସିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଜୁନ ୬ ରେ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୫ରୁ ୧୭ ତାରିଖ ମଧ୍ୟରେ ଓଡ଼ିଶାକୁ ମୌସୁମୀ ପ୍ରବେଶ କରିବ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚି ସାରିଛି। ଚଳିତ ବର୍ଷ ମୌସୁମୀ ଆସିବାରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଆସାମ ଆଡକୁ ମୌସୁମୀ ଅଗ୍ରଗତିର ଅଧିକ ସମ୍ଭାବନା ଥିବାରୁ ଏଥର ଉତ୍ତର ଓଡ଼ିଶା ପଟୁ ରାଜ୍ୟକୁ ପ୍ରଥମେ ଏହା ପ୍ରବେଶ କରିବ। ଫଳରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକରେ ପ୍ରଥମ ବର୍ଷା ହେବ। ☞ପୃଷ୍ଠା-୮

## ୮ ଜିଲାରେ ଝଡ଼ବର୍ଷା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ଦିନ ତମାମ ପ୍ରଚଣ୍ଡ ଗ୍ରୀଷ୍ମ। ଦେହ ମୁଣ୍ଡ ଜାଳି ପୋଡି ପକାଇଲା। ମୁଣ୍ଡ ଫଟା ଖରାରେ ସିଝିବାକୁ ପଡିଲା। ସଞ୍ଜ ନଇଁବା ମାତ୍ରେ ଘୋଟିଆସିଲା କଳାହାଣ୍ଡିଆ ମେଘ। ନିମିଷକ ମଧ୍ୟରେ ରାଜ୍ୟର ୭ ଜିଲ୍ଲାକୁ ଘେରି ଗଲା। ଖୋର୍ଦ୍ଧା, କଟକ, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଯାଜପୁର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ତାଣ୍ଡବ ରଚିଛି। ଘନ ଘନ ବିଜୁଳି ଓ ଘଡଘଡି ଛାତି ଥରାଇ ଦେଇଥିଲା। ଯିଏ ଯେଉଁଠି ପାଇଲେ ମୁଣ୍ଡ ଗୁଞ୍ଜି ଦେଇଥିଲେ। ଭୁବନେଶ୍ୱର, କଟକ ସମେତ ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ପ୍ରବଳ ଝଡବର୍ଷା ହୋଇଥିବା ସୂଚନା ମିଳିଛି। ଏଥିଯୋଗୁ ଗଛ ଡାଳ ଭାଙ୍ଗିବା ସାଙ୍ଗକୁ ହୋର୍ଡିଂଗୁଡିକୁ ମଧ୍ୟ ଉଡାଇ ଦେଇଥିଲା। ଝଡବର୍ଷା ଯୋଗୁ ବିଦ୍ୟୁତ କାଟ ହୋଇଥିଲା। କାଳବୈଶାଖୀ ବର୍ଷା ମୌସୁମୀ ଆଗମନର ସଙ୍କେତ ଦେଉଛି। ମୌସୁମୀ ପ୍ରବେଶ କରିବା ଯାଏ ରାଜ୍ୟରେ ନିୟମିତ ଏଭଳି ପରିବେଶ ସୃଷ୍ଟି ହେବ ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି।




NECC NATIONAL EGG CO-ORDINATION COMMITTEE 31.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply
Eggs Retail Price- 39/-Dozen
Issued in the Interest of Consumers





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ନିର୍ଣ୍ଣାୟକ ଜନାଦେଶ ନୂତନ ଭାରତ ଗଠନ ଲାଗି ଜନସାଧାରଣଙ୍କ ଆହ୍ୱାନ।

-ରାମନାଥ କୋବିନ୍ଦ,
ରାଷ୍ଟ୍ରପତି

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୩୧।୫ :** ଜମ୍ମୁ-କଶ୍ମୀରରେ ଶୁକ୍ରବାର ଦୁଇଟି ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋପିଆନ୍ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୨ ହିଜ୍‌ବୁଲ ମୁଜାହିଦ୍ଦିନୀ ଆତଙ୍କବାଦୀ ଓ ଜଣେ ସହଯୋଗୀ ନିହତ ହୋଇଛନ୍ତି। ସେହିପରି ପୁଲ୍‌ୱାମାରେ ଅନ୍ୟ ଏକ ଏନକାଉଣ୍ଟରରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି। କୌଣସି ସୂତ୍ରରୁ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଁ ଦକ୍ଷିଣ କଶ୍ମୀରର ଦ୍ରଗାଡ଼ ସୁଗାନ୍ ଅଞ୍ଚଳରେ ସୁରକ୍ଷା କର୍ମୀ କର୍ଡନ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀମାନେ ଏହାର ଜବାବ ଦେଇଥିଲେ।

### ଦୁର୍ଘଟଣାରେ ତେଜପ୍ରତାପ ଆହତ



**ପାଟ୍‌ନା, ୩୧।୫ :** ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବଙ୍କ ପୁଅ ତେଜ୍‌ପ୍ରତାପ ଦୁର୍ଘଟଣାରେ ଆହତ ହୋଇଛନ୍ତି। ମାରୁତି ବ୍ରେଜାରେ ସେ ଦୁଇ ସହଯୋଗୀଙ୍କ ସହ ପାଟ୍‌ନା ଇକୋ ପାର୍କ ନିକଟରେ ଯାଉଥିବାବେଳେ ଏକ କାର୍ ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁଇଟିଯାକ ଗାଡ଼ି ଭାଙ୍ଗିଯାଇଥିବା ବେଳେ ତେଜ୍‌ପ୍ରତାପଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅନ୍ୟ କାର୍‌ରେ ଥିବା ୪ ଜଣ ମଧ ଗୁରୁତର ହୋଇଥିବା ପ୍ରକାଶ। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ଅମେଠିରେ ଭାଜପା କର୍ମୀଙ୍କୁ ହତ୍ୟା: ମୁଖ୍ୟ ଅଭିଯୁକ୍ତ ଅଟକ

**ଅମେଠି, ୩୧।୫ :** ଉତ୍ତରପ୍ରଦେଶର ଅମେଠି ଏମ୍‌ପି ସ୍ମୃତି ଇରାନୀଙ୍କ ସହଯୋଗୀଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ୱାସିମ୍‌ଙ୍କୁ ଅଟକ ରଖିଛି। ୱାସିମ୍‌ଙ୍କୁ ମିଶାଇ ଏହି ହତ୍ୟାକାଣ୍ଡ ମାମଲାରେ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଭାଜପା କର୍ମୀ ସୁରେନ୍ଦ୍ର ସିଂଙ୍କୁ ହତ୍ୟା କରିବା ଅଭିଯୋଗରେ ଏହି ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ୫ ଅଭିଯୁକ୍ତଙ୍କ ମଧରେ ରାମଚନ୍ଦ୍ର ଜଣେ କଂଗ୍ରେସ ନେତା ବୋଲି ପୋଲିସ କହିଛି।

### ୯ରେ ମୋଦିଙ୍କ ଶ୍ରୀଲଙ୍କା ଗସ୍ତ

**ନୂଆଦିଲ୍ଲୀ, ୩୧।୫ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୯ରେ ଶ୍ରୀଲଙ୍କା ଗସ୍ତ କରିବା ସମ୍ଭାବନା ଅଛି ବୋଲି ଭାରତ ଗସ୍ତରେ ଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ସୂଚନା ଦେଇଛନ୍ତି। ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଭାରତ ଆସିଥିବା ସିରିସେନା ଖବରଦାତାଙ୍କୁ କହିଲେ, ମୋଦିଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ଶ୍ରୀଲଙ୍କା ଉତ୍କଣ୍ଠାର ସହ ଅପେକ୍ଷା କରିଛି। ତେବେ ମାଳଦ୍ୱୀପ ଗସ୍ତରୁ ଫେରିବା ପରେ ମୋଦି କଲମ୍ବୋ ଗସ୍ତ କରିବେ।

## ■ ମୋଦି ୨.୦ କ୍ୟାବିନେଟ୍‌ର ପ୍ରଥମ ନିଷ୍ପତ୍ତି

# କୃଷକ, ବ୍ୟବସାୟୀଙ୍କୁ ମିଳିବ ପେନ୍‌ସନ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ଦ୍ୱିତୀୟ ପାଳି ଏନ୍‌ଡିଏ ସରକାରର ପ୍ରଥମ କ୍ୟାବିନେଟ ବୈଠକ ଶୁକ୍ରବାର ବସି ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଦେଶର ଚାଷୀ, କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପେନ୍‌ସନ ଯୋଗାଇଦେବା ପ୍ରସ୍ତାବକୁ ମଧ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ପିଏମ୍ - କିଷାନ ଯୋଜନାରେ ବର୍ଷକୁ ୬୦୦୦ ଟଙ୍କା ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଗ୍ରାମାଞ୍ଚଳରେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ଲାଗି ପିଏମ୍ କିଷାନ ଯୋଜନା ପରିସର ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି। ଫଳରେ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କୁ ୮୭,୨୧୭.୫୦ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ପୂର୍ବ ସରକାର ଏହି ଯୋଜନାରେ ବାର୍ଷିକ ୭୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ସବୁ କୃଷକଙ୍କୁ ପିଏମ୍-କିଷାନ ଯୋଜନାରେ ସାମିଲ କରିବା ଲାଗି ନିଷ୍ପତ୍ତି ହୋଇଥିବାରୁ ପାଖାପାଖି ୧୪.୫ କୋଟି କୃଷକ ଏଥିରୁ ଉପକୃତ ହୋଇପାରିବେ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଗଣମାଧ୍ୟମଙ୍କୁ ସୂଚାଇଛନ୍ତି। ଏଥିପାଇଁ ଆଗାମୀ ୩ ବର୍ଷରେ ସରକାର ୧୦,୭୭୪.୫ କୋଟି ଟଙ୍କା ବ୍ୟୟ କରିବେ। ଏଭଳି ନିଷ୍ପତ୍ତି ଫଳରେ କୃଷି ସେକ୍ଟରରେ ଦେଖାଦେଇଥିବା ସଙ୍କଟ ଦୂର ହୋଇପାରିବ। ଦେଶର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୧୮-୧୯ ଆର୍ଥିକ ବର୍ଷରେ ହ୍ରାସ ପାଇଥିଲା। ନୂଆ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ କଠିନ ପରିଶ୍ରମ କରୁଥିବା ଦେଶର କୃଷକ ଏବଂ ଉଦ୍ୟମୀ ବ୍ୟବସାୟୀମାନଙ୍କ ଲାଗି ସହାୟକ ହେବ। ଜନତା ପ୍ରଥମେ ଓ ସବୁବେଳେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ପ୍ରଥମ କ୍ୟାବିନେଟ ବୈଠକ ଶେଷ ହେବାପରେ ନବନିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ ଓ ନୀତିନ୍ ଗଡ଼କରୀ

**ପିଏମ୍ କିଷାନ ଯୋଜନାରେ ସବୁ ଚାଷୀ ସାମିଲ ହେବେ**

## କରମ୍‌ବୀର ସିଂ ନୌସେନା ମୁଖ୍ୟ

**ନୂଆଦିଲ୍ଲୀ, ୩୧।୫**



ଦେଶର ୨୪ତମ ନୌସେନା ମୁଖ୍ୟଭାବେ ଆଡମିରାଲ୍ କରମବୀର ସିଂ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଡ଼ମିରାଲ୍ ସୁନୀଲ ଲାନ୍‌ବା ଅବସର ନେଲା ପରେ ସେ ଏହି ଗୁରୁଦାୟିତ୍ୱ ତୁଲାଇବେ। ଆଡମିରାଲ୍ ସିଂ ବିଶାଖାପାଟଣାସ୍ଥିତ ମୁଖ୍ୟାଳୟରେ ଇଷ୍ଟର୍ନ ନାଭାଲ୍ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍‌ଭାବେ କାର୍ଯ୍ୟ କରୁଥିଲେ। ଜଣେ ବରିଷ୍ଠ ନୌସେନା ଅଧିକାରୀ ଓ ପ୍ରଥମ ନୌସେନା ପାଇଲଟ୍‌ଭାବେ ସେ ଜଣାଶୁଣା। ନୌସେନାର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି।

ତାଙ୍କ ନିଯୁକ୍ତିକୁ ନେଇ ବାଦବିବାଦ ଲାଗି ରହିଥିଲା। ଭାଇସ୍ ଆଡମିରାଲ୍ ବିମଲ୍ ଶର୍ମା ନିଜକୁ ବରିଷ୍ଠ ବୋଲି କହି ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ୍ କରିବା ସହ ଆର୍ମଡ୍ ଫୋର୍ସ ଟ୍ରିବ୍ୟୁନାଲ୍(ଏଏଫ୍‌ଟି)ରେ ପିଟିଶନ୍ ଦାଖଲ କରିଥିଲେ।

## ପୂର୍ବତନ ସୈନିକ ପିଲାଙ୍କ ଛାତ୍ରବୃତ୍ତି ବଢ଼ିଲା

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ନିଷ୍ପତ୍ତି ସ୍ୱରୂପ ସେନା ଓ ଅର୍ଦ୍ଧସାମରିକ ବାହିନୀର ପରଲୋକଗତ କିମ୍ବା ଅବସରପ୍ରାପ୍ତ ଯବାନଙ୍କ ବିଧବା ଓ ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି କରିଛନ୍ତି। ଜାତୀୟ ପ୍ରତିରକ୍ଷା ପାଣ୍ଠି (ଏନ୍‌ଡିଏଫ୍)ରୁ ଏହି ଛାତ୍ରବୃତ୍ତି ଯୋଗାଇ ଦିଆଯାଇଥାଏ। ଆତଙ୍କବାଦୀ ଓ ମାଓବାଦୀ ଆକ୍ରମଣରେ ଶହୀଦ ହେଉଥିବା ରାଜ୍ୟ ପୋଲିସ ଅଧିକାରୀମାନଙ୍କ ପିଲାମାନଙ୍କୁ ମଧ ଏଣିକି ଏହି ଛାତ୍ରବୃତ୍ତି ମିଳିପାରିବ। ପୂର୍ବରୁ ଛାତ୍ରଙ୍କୁ ମାସିକ ୨୦୦୦ ଟଙ୍କା ମିଳୁଥିବାବେଳେ ତାହାକୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଛାତ୍ରୀଙ୍କୁ ୨୨୫୦ ବଦଳରେ ମାସିକ ୩୦୦୦ ଟଙ୍କା ମିଳିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ■ ବିମ୍‌ଷ୍ଟେକ୍ ନେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

# ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

କେନ୍ଦ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଆସିଥିବା ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍‌ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ ଅଲଗା ଅଲଗା ଭାବେ ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗଙ୍କ ସହ ଆଲୋଚନା କରିବା ଅବସରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୋଦି ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ମଧ ଆଲୋଚନା କରିଛନ୍ତି।

ଆତଙ୍କବାଦ ଓ ଉଗ୍ରବାଦ ସମଗ୍ର ମାନବଜାତି ପାଇଁ ବିପଦ ସୃଷ୍ଟି କରିଥିବା ମୋଦି ଓ ସିରିସେନା ଉଲ୍ଲେଖ କରିବା ସହ ଦକ୍ଷିଣ ଏସିଆ ଏବଂ ଭାରତ ମହାସାଗର ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ପାଇଁ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବାରୁ ସିରିସେନାଙ୍କୁ ମୋଦି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୋଦି ଓ ମରିସସ୍ ପ୍ରଧାନମନ୍ତ୍ରୀ ଦୁଇ ଦେଶ ତଥା ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା ଓ ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ଭ୍ରାତୃତ୍ୱ ଭାବ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଉପରେ ମରିସସ୍ ପ୍ରଧାନମନ୍ତ୍ରୀ ଜଗନ୍ନାଥ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ନେପାଳ ସହ ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ଓଲି ସହମତ ହୋଇଥିଲେ। ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ସମ୍ପର୍କକୁ ମଜଭୁତ କରିବା ଲାଗି ଦୁଇ ନେତା ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହାବ୍ୟତୀତ ମୋଦି କିରଗିଜ ରାଷ୍ଟ୍ରପତି ସୁରୋନବେ ଜିନବେକୋଭ୍‌ଙ୍କ ସହ ମଧ ଆଲୋଚନା କରିଥିଲେ।



ଦ୍ୱିପାକ୍ଷିକ ଆଲୋଚନା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ହାଇଦ୍ରାବାଦ୍ ହାଉସ୍‌କୁ ଯାଉଛନ୍ତି।

## ସିସିଏସ୍‌ରେ ଶାହ, ଜୟଶଙ୍କର ନୂଆ ମୁହଁ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ସବୁଠୁ କ୍ଷମତାଶାଳୀ ନିରାପତ୍ତା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ରେ ଦୁଇ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ସେମାନେ ହେଲେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ କୂଟନୀତିଜ୍ଞ ତଥା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସିସିଏସ୍ ପ୍ରତିରକ୍ଷା ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ସମେତ ଦେଶର ନିରାପତ୍ତା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥାଏ। ଏହି କମିଟିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ସଦସ୍ୟ ରହିଥାନ୍ତି। ଶାହ ପ୍ରଥମ ଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ■ ରେଳ ମନ୍ତ୍ରଣାଳୟ ବଜାୟ ରଖିଲେ ପୀୟୂଷ

# ନିରାପତ୍ତା ଉପରେ ଗୁରୁତ୍ୱ ଦେବେ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

ପୀୟୂଷ ଗୋୟଲ ଗୁରୁତ୍ୱପୂର୍ଣ୍ଣ ରେଳ ମନ୍ତ୍ରଣାଳୟ ଦାୟିତ୍ୱରେ ପୁନଃ ଅବସ୍ଥାପିତ ହୋଇଛନ୍ତି। ଏଥର ସେ ରେଳଯାତ୍ରାରେ ନିରାପତ୍ତା, ଭଡ଼ା ବ୍ୟତୀତ ଅନ୍ୟ ବାବଦରେ ରେଲୱେର ଆୟ ବୃଦ୍ଧି କରିବା, ଟ୍ରାକ୍ ନବୀକରଣ, ଆଧୁନିକୀକରଣ ଏବଂ ଉନ୍ନତ ମାନର କୋଚ ନିର୍ମାଣ ବୃଦ୍ଧି ଉପରେ ଗୁରୁତ୍ୱ ଦେବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଗୋୟଲଙ୍କ ପୂର୍ବ ମନ୍ତ୍ରିତ୍ୱ କାଳରେ ରେଳ ଦୁର୍ଘଟଣା ଯଥେଷ୍ଟ କମ୍ ଥିଲା। ରେଳବାଇକୁ ସମ୍ପୂର୍ଣ୍ଣ ଦୁର୍ଘଟଣାମୁକ୍ତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ଅନେକ ଥର କହିଛନ୍ତି। ଠିକ୍ ସମୟରେ ଟ୍ରାକ୍ ପରିଚାଳନା ଓ ନବୀକରଣ ତାଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ। ଗୋୟଲଙ୍କ ମନ୍ତ୍ରିତ୍ୱ କାଳରେ ମୁମ୍ବାଇରୁ ଅହମଦାବାଦ ମଧ୍ୟରେ ପ୍ରଥମ ବୁଲେଟ ଟ୍ରେନ୍ ଚଳାଚଳ ଘୋଷଣା ସମେତ ସ୍ୱଦେଶୀ ଜ୍ଞାନକୌଶଳରେ ଇଞ୍ଜିନବିହୀନ ହାଇ-ସ୍ପିଡ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ନିର୍ମାଣ, ଦୀର୍ଘତମ ବ୍ରିଜ୍ ଲୋକାର୍ପଣ, ଡିଜେଲ ଇଞ୍ଜିନକୁ ଇଲେକ୍ଟ୍ରିକ୍ ଇଞ୍ଜିନ୍‌ରେ ପରିବର୍ତ୍ତନ, ପରିବହନ ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ପ୍ରଥମ ବାତାନୁକୂଳିତ ଲୋକାଲ ଟ୍ରେନ୍ ପ୍ରଚଳନ ହୋଇଥିଲା।



# ଏସ୍. ଜୟଶଙ୍କର: ବହିର୍ବ୍ୟାପାର ସଚିବରୁ ବିଭାଗୀୟ ମନ୍ତ୍ରୀ

**ନୂଆଦିଲ୍ଲୀ,୩୧।୫(ପି.ଟି.)**



**ଡୋକଲାମ ସମସ୍ୟାକୁ ସଫଳତାର ସହ ପରିଚାଳନା କରିଥିଲେ**

ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର ଶୁକ୍ରବାର ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ କୂଟନୀତିଜ୍ଞଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ମିଳିବା ବିରଳ ଘଟଣା। ଚାଇନା ଓ ଆମେରିକା ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାରେ ବିଶେଷଜ୍ଞ ବିବେଚିତ ହୋଇଥିବା ଜୟଶଙ୍କରଙ୍କର ମନ୍ତ୍ରୀ ଭାବେ ଭୂମିକା କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିବ। ବହିର୍ବ୍ୟାପାର ସଚିବ ଭାବେ ଅବସର ଗ୍ରହଣ କରିବାର ୧୬ ମାସ ପରେ ଜୟଶଙ୍କର ଉକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମନ୍ତ୍ରିତ୍ୱ କାଳରେ ଅନ୍ତର୍ଜାତୀୟ ସ୍ତରରେ ବିଶେଷକରି ଜି-୨୦, ସାଙ୍ଘାଇ ସହଯୋଗ ସଂଗଠନ, ବ୍ରିକ୍ସ ଭଳି ବହୁପାକ୍ଷୀୟ ଫୋରମରେ ଭାରତର ପ୍ରଭାବ ଓ ଗୁରୁତ୍ୱ ବଢ଼ାଇବା ଆଶା କରାଯାଉଛି। ସେହିପରି ଆମେରିକା, ରୁଷିଆ, ଫ୍ରାନ୍ସ, ଜାପାନ, ୟୁରୋପୀୟ ସଂଘ ସମେତ ପଡୋଶୀ ଦେଶଗୁଡିକ ସହ ଭାରତର ବାଣିଜ୍ୟ ଓ ପ୍ରତିରକ୍ଷା ସମ୍ପର୍କ ବଢ଼ାଇବା ତାଙ୍କ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟ ହେବ। ୨୦୧୭ ଡୋକଲାମ ଘଟଣା ପରେ ଚାଇନା ସହ ବିଗିଡିଯାଇଥିବା ସମ୍ପର୍କକୁ ପୁନର୍ବାର ସଜାଡିବା ଜୟଶଙ୍କରଙ୍କ ପାଇଁ ଅନ୍ୟତମ ଚ୍ୟାଲେଞ୍ଜ ହେବ। ଚାଇନା ନିଜର ଉପସ୍ଥିତି ଓ ପ୍ରଭାବ ବଢ଼ାଇ ଚାଲିଥିବା ଆଫ୍ରିକା ମହାଦେଶ ସହ ସହଯୋଗ ବୃଦ୍ଧି କରିବା ମଧ ଜୟଶଙ୍କରଙ୍କର ଅନ୍ୟ ପ୍ରମୁଖ କାର୍ଯ୍ୟ ହେବ। ଏହାବ୍ୟତୀତ ବହୁପ୍ରତୀକ୍ଷିତ ଜାତିସଂଘ ସୁରକ୍ଷା ପରିଷଦ ଏବଂ ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀର ସଦସ୍ୟତା ଜୟଶଙ୍କରଙ୍କ ସମୟରେ ମିଳିବା ନେଇ ଆଶା କରାଯାଉଛି।

ଭାରତ-ଆମେରିକା ଆଣବିକ ଚୁକ୍ତିନାମା ପାଇଁ ଗଠିତ ଭାରତୀୟ ଟିମ୍‌ରେ ଜୟଶଙ୍କର ପ୍ରମୁଖ ସଦସ୍ୟ ଥିଲେ। ୨୦୧୫ରେ ବହିର୍ବ୍ୟାପାର ସଚିବ ହେବା ପୂର୍ବରୁ ସେ ଆମେରିକା ଓ ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିଲେ। ୧୯୭୭ ବ୍ୟାଚ୍‌ର ଏହି ଆଇଏଫ୍‌ଏସ୍ ଅଫିସର ଲଦାଖ ଡେପସାଙ୍ଗ ଏବଂ ଡୋକଲାମରେ ଭାରତ ଓ ଚାଇନା ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସମାଧାନ କରିବା, ବେଜିଂ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣାକୁ ସଫଳତାର ସହ ପରିଚାଳନା କରିଛନ୍ତି। ଏହା ପୂର୍ବରୁ ସେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଏବଂ ଚେକ୍ ଗଣରାଜ୍ୟରେ ରାଷ୍ଟ୍ରଦୂତ ଥିଲେ। ଗତବର୍ଷ ଟାଟା ଗ୍ରୁପ୍ ତାଙ୍କୁ ଅନ୍ତର୍ଜାତୀୟ କର୍ପୋରେଟ ବ୍ୟାପର ଅଧକ୍ଷ ନିଯୁକ୍ତ କରିଥିଲା।




# ଆଜି କଂଗ୍ରେସ ସଂସଦୀୟ ଦଳ ବୈଠକ

**ନୂଆଦିଲ୍ଲୀ,୩୧।୫(ପି.ଟି.)**

କଂଗ୍ରେସ ଦଳର ନବନିର୍ବାଚିତ ଏମ୍‌ପିମାନଙ୍କ ପ୍ରଥମ ବୈଠକ ଶନିବାର ବସିବାକୁ ଯାଉଛି। ଏହି ବୈଠକରେ କଂଗ୍ରେସ ସଂସଦୀୟ ଦଳ (ସିପିପି) ନେତା ନିର୍ବାଚନ କରାଯାଇପାରେ। ବୈଠକରେ ସିପିପି ଅଧକ୍ଷା ସୋନିଆ ଗାନ୍ଧୀ ଏବଂ ନବନିର୍ବାଚିତ ୫୨ ଲୋକ ସଭା ଏମ୍‌ପି ଉପସ୍ଥିତ ରହିବେ। ଏଥିସହିତ କଂଗ୍ରେସର ରାଜ୍ୟସଭା ସଦସ୍ୟମାନେ ମଧ ବୈଠକରେ ଯୋଗଦେବେ ବୋଲି ଜଣାପଡିଛି। ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ବସିବାକୁ ଥିବା ସିପିପି ବୈଠକରେ ଆଗାମୀ ବଜେଟ ଅଧିବେଶନ ଲାଗି ଦଳର ରଣକୌଶଳ ପ୍ରସ୍ତୁତ ହେବ। ୨୫ ତାରିଖରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଅଧକ୍ଷ ପଦରୁ ଇସ୍ତଫା ଦେବାକୁ ଚାହିଁଥିବା ରାହୁଲ ଗାନ୍ଧୀ ଶନିବାର ବୈଠକରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

## ■ ରୁଷିଆରୁ ଏସ୍-୪୦୦ କିଣିବା ନିଷ୍ପତ୍ତି

# ଭାରତ-ଆମେରିକା ସମ୍ପର୍କ ପ୍ରଭାବିତ ହେବ

**ୱାଶିଂଟନ,୩୧।୫(ପି.ଟି.)**

ଭାରତ ଯଦି ରୁଷିଆରୁ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସିଷ୍ଟମ କିଣେ ତେବେ ଆମେରିକା ସହ ପ୍ରତିରକ୍ଷା ସମ୍ପର୍କ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏସ୍-୪୦୦ ହେଉଛି ରୁଷିଆ ନିର୍ମିତ ଅତ୍ୟାଧୁନିକ ଦୀର୍ଘତମ ଲକ୍ଷ୍ୟଭେଦ କରିପାରୁଥିବା ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସିଷ୍ଟମ। ୫ ବିଲିୟନ ଡଲାର ମୂଲ୍ୟରେ ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ସିଷ୍ଟମ କିଣିବା ଲାଗି ଗତବର୍ଷ ଅକ୍ଟୋବରରେ ଭାରତ ଓ ରୁଷିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହା କାର୍ଯ୍ୟକାରୀ ହେଲେ ଭାରତକୁ ଆମେରିକା କଟକଣାର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ ଚେତାବନୀ ଦେଇଛନ୍ତି।



ଭିକେସି ପ୍ରାଇଡ୍
ସଠିକ୍ ରାସ୍ତା ବାଛନ୍ତୁ ।
ଗର୍ବର ସହିତ ଚାଲନ୍ତୁ ।
Art No. 22111 MRP : ₹ 319.00*
Art No. 22117 MRP : ₹ 329.00*
Art No. 26132 MRP : ₹ 229.00*
Art No. 8262 MRP : ₹ 189.00*
Art No. 27143 MRP : ₹ 269.00*
Art No. 21128 MRP : ₹ 269.00*
Art No. 3682 MRP : ₹ 269.00*
Art No. 3185 MRP : ₹ 309.00*
Art No. 8257 MRP : ₹ 239.00*
* MRP Mentioned is per pair.
VKC pride
For the whole family
Veekesy Plastomers (India) Pvt.Ltd.,
Bhubaneswar, Odisha - 752 101. Ph: 07894461021.
www.vkcgroup.com




ଶୁଭ ଉଦ୍‌ଘାଟନ
ଦ୍ୱିଗୁଣ ଖୁସି
ଆଜି ଆପଣଙ୍କ ସହରରେ
(ଦୋଲମୁଣ୍ଡାଇ) କଟକ
ଏବଂ
ପାତ୍ରପଡା
7 STATES
70 STORES
ବଜାର କୋଲକାତା
LADIESWEAR | MENSWEAR | KIDSWEAR | ACCESSORIES
GET A
LUCKY DRAW COUPON
ON PURCHASE OF ₹499
ଏଥର ଆପଣ ହୁଅନ୍ତୁ ଷ୍ଟାଇଲିଶ୍
AND LOTS OF ASSURED GIFTS
GIFT VOUCHER ON PURCHASE OF ₹999
GLASS BOWL SET ON PURCHASE OF ₹2999
CASSEROLE SET ON PURCHASE OF ₹4999
TROLLEY BAG ON PURCHASE OF ₹9999
GAS STOVE ON PURCHASE OF ₹14999
RAJA RE SAJA OFFER
JEETO DHER SARE UPAHAR
ALSO AT :
BUBANESWAR, CUTTACK, PATIA
PURI, JEYPORE, BRAHMAPUR, JAJPUR
JHARSUGUDA, PARADEEP, ANGUL.
*Actuals may varies from pictures shown. Offer valid till stock lasts. Conditions Apply.
KEDAR BHAWAN ( DOLAMUNDAI CHAK ), CUTTACK | PATRAPADA (BESIDE STATE BANK OF INDIA), BHUBANESWAR
www.baazarkolkata.com
033-40849911 / 9966
Like us on

**ସଂକ୍ଷେପରେ**

## ଜୁନ୍ ଶେଷ ଆଡ଼କୁ ଓଡ଼ିଶା ଫେରିବେ ଜଗା, ବଳିଆ



**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ରେ ଅସ୍ତ୍ରୋପଚାର ପରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି। ଆଉ ସେମାନଙ୍କର ଆଇସିୟୁ କିମ୍ବା ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ ନାହିଁ। ଦୁହେଁ ଏବେ ଘରକୁ ଫେରିପାରିବେ ବୋଲି ଦିଲ୍ଲୀ ଏମ୍ସରେ ଉଭୟଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଜୁନ୍ ଶେଷ ସପ୍ତାହରେ ସେମାନଙ୍କୁ ଡିସ୍‌ଚାର୍ଜ କରି ଦିଆଯାଇପାରେ ବୋଲି ସୂଚନା ମିଳିଛି। ନିକଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଟିମ୍ ଏହି ଯମଜ ଭାଇଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବୁଝିବା ପାଇଁ ଦିଲ୍ଲୀ ଯାଇଥିଲେ। ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ରାଜ୍ୟକୁ ଫେରିଯାଇପାରିବେ ବୋଲି ଡାକ୍ତର ଏହି ଟିମ୍‌କୁ କହିଛନ୍ତି। ତେବେ ପ୍ରବଳ ଖରା ତଥା ଗରମକୁ ଦୃଷ୍ଟିରେ ରଖି ଦୁହିଁଙ୍କୁ ବିମାନରେ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ବସ୍ ଭିତରୁ ଯାତ୍ରୀଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୩୧।୫:** ବାଲେଶ୍ୱରରୁ ବଲାଙ୍ଗୀର ଆସୁଥିବା ଏକ ବସ୍‌ରୁ ଶୁକ୍ରବାର ସକାଳେ ଜଣେ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ହିଡିଗାଁର ରବୀନ୍ଦ୍ର କୁମାର ସାମନ୍ତ (୫୫)। ସେ ଟାଇଲ୍ସ ଠିକାଦାର ଭାବେ ବଲାଙ୍ଗୀରରେ କାମ କରନ୍ତି। ବସ ଶୁକ୍ରବାର ସକାଳେ ବଲାଙ୍ଗୀର ଯାଦବ ଭବନ ପାଖରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀ ଓହ୍ଲାଇଥିଲେ। ମାତ୍ର ରବୀନ୍ଦ୍ର ସିଟ୍‌ରେ ଶୋଇରହିଥିଲେ। ବସ୍ କର୍ମଚାରୀ ଯେତେ ଡାକିଲେ ମଧ ସେ ଉଠି ନ ଥିଲେ। ଏ ନେଇ ବଲାଙ୍ଗୀର ଟାଉନ୍ ଥାନାକୁ ସୂଚନା ଦିଆଯାଇଥିଲା। ପୋଲିସ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବୀନ୍ଦ୍ରଙ୍କ ପାଖରୁ ମିଳିଥିବା ଭୋଟର ପରିଚୟ ପତ୍ର ଓ ଫୋନ୍ ନମ୍ବରରୁ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ବସ୍ କର୍ମଚାରୀଙ୍କ ସୂଚନା ମୁତାବକ ଗୁରୁବାର ରାତି ପ୍ରାୟ ୮ଟାରେ ରବୀନ୍ଦ୍ର ବାଲେଶ୍ୱରରୁ ଉକ୍ତ ବସ୍‌ରେ ବଲାଙ୍ଗୀର ଅଭିମୁଖେ ଆସିଥିଲେ। ରାତି ପ୍ରାୟ ୨ଟାରେ ଦଶପଲ୍ଲା ନିକଟରେ ବସ୍‌ଟି ଅଟକିଥିଲା। ସେତେବେଳେ ରବୀନ୍ଦ୍ର ମଧ ତଳକୁ ଓହ୍ଲାଇ ଥିଲେ। ହେଲେ ସକାଳ ୭ଟାରେ ବସ୍‌ଟି ବଲାଙ୍ଗୀର ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା।




### ମୋଦିଙ୍କ ମନ୍ତ୍ରିମଣ୍ଡଳ: ପଶ୍ଚିମ ଓଡ଼ିଶାର କାହାରିକୁ ମିଳିଲାନି ମନ୍ତ୍ରୀପଦ

# ପ୍ରଶ୍ନ ଉଠାଇଲା ବିଜେଡି

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

- ୫ ଏମ୍‌ପିଙ୍କ ମଧ୍ୟରୁ ଜଣଙ୍କୁ ମିଳିଲାନି: ସୁଶାନ୍ତ
- ଏହା ଏକ ସୁସ୍ଥ ପରମ୍ପରା କହିଲେ ଜୁଏଲ
- ଜୁଏଲଙ୍କୁ ଭେଟିଲେ ଧର୍ମେନ୍ଦ୍ର, ପ୍ରତାପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ଦ୍ୱିତୀୟ ପାଳି ଆରମ୍ଭ ହୋଇଯାଇଛି। ଗତ ଗୁରୁବାର ମୋଦି ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡ଼ିଶାରୁ ଦୁଇଜଣ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମଧ୍ୟପ୍ରଦେଶରୁ ରାଜ୍ୟ ସଭା ଯାଇଥିବା ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ସରକାରରେ ପୁଣିଥରେ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ପ୍ରଥମ ଥର ଲାଗି ଏମ୍‌ପିଭାବେ ନିର୍ବାଚିତ ହୋଇଥିବା ପ୍ରତାପ ଷଡ଼ଙ୍ଗୀ ମଧ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୪ ନିର୍ବାଚନରେ ଓଡ଼ିଶାର ଗୋଟିଏ ଲୋକ ସଭା ଆସନରେ ଭାଜପାକୁ ସଫଳତା ମିଳିଥିବାବେଳେ ଦୁଇଜଣଙ୍କୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ମାତ୍ର ଚଳିତ ନିର୍ବାଚନରେ ଭାଜପା ଓଡ଼ିଶାରେ ୮ଟି ଲୋକ ସଭା ଆସନ ହାତେଇଥିବାବେଳେ ଦୁଇଜଣଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଏବଂ ଗୋଟିଏ କ୍ୟାବିନେଟ୍ ପାହ୍ୟା ମିଳିବାକୁ ନେଇ ବିଜେଡି ନେତା ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟତଃ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଜୁଏଲଙ୍କୁ ଏଥର ମନ୍ତ୍ରୀପଦ ନ ମିଳିବାପରେ ସାଧାରଣରେ ଭିନ୍ନଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପର୍କରେ କହିଛନ୍ତି ଯେ, ଭାଜପା ପଶ୍ଚିମ ଓଡ଼ିଶାର ସମସ୍ତ ୫ଟି ଯାକ ଲୋକ ସଭା ଆସନରେ ବିଜୟୀ ହୋଇଛି। ହେଲେ ଏମାନଙ୍କ ମଧ୍ୟରୁ କାହାରିକୁ ମନ୍ତ୍ରୀ କରାଗଲା ନାହିଁ। ଏହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ପଶ୍ଚିମ ଓଡ଼ିଶାରୁ ୬ଜଣଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି।

ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜେଡି ନେତାଙ୍କ ମତ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ଓଡ଼ିଶାର ବ୍ୟକ୍ତି। ଜୁଏଲଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ଅରୁଣ କହିଛନ୍ତି, ସେ ହେଉଛନ୍ତି ଦଳର ଜଣେ ବରିଷ୍ଠ ନେତା। ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାକୁ ଜୁଏଲ ତୁଲାଇବେ ବୋଲି ଅରୁଣ କହିଛନ୍ତି। ଅନ୍ୟପକ୍ଷରେ ଜୁଏଲ କହିଛନ୍ତି ଯେ, ଏଥର ଆମର ୩୦୩ ଏମ୍‌ପି ଜିତିଛନ୍ତି। ସେଥିରୁ ୫୦ଜଣ ମନ୍ତ୍ରୀ ହେବେ। ଏଥର କେତେଜଣ ନୂଆ ଲୋକଙ୍କୁ ସୁଯୋଗ ମିଳିଛି। ଆଉ କେତେଜଣଙ୍କୁ ବାଦ୍ ଦିଆଯାଇଛି। ଗତଥର ସୁଯୋଗ ପାଇଥିଲି। ଏହା ଏକ ସୁସ୍ଥ ପରମ୍ପରା ବୋଲି ସେ କହିଛନ୍ତି।

ଅପରପକ୍ଷରେ ଶୁକ୍ରବାର ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ଦିଲ୍ଲୀଠାରେ ଜୁଏଲ ଓରାମ୍‌ଙ୍କୁ ସାକ୍ଷାତ କରିଛନ୍ତି। ଜୁଏଲ ଦୁଇ ମନ୍ତ୍ରୀଙ୍କୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଆମର ବରିଷ୍ଠତମ ନେତା ହେଉଛନ୍ତି ଜୁଏଲ। ତାଙ୍କ ଆଶୀର୍ବାଦ ପାଇଁ ଆସିଥିଲୁ। ତାଙ୍କ ନେତୃତ୍ୱରେ ରାଜ୍ୟରେ କାମ କରିବୁ। ମନ୍ତ୍ରୀ ପରିଷଦରେ କିଏ ରହିବ ନ ରହିବ ତାହା ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ବିଚାର। ସରକାରରେ ତାଙ୍କ ବଡ଼ ଭୂମିକା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଅକ୍ଷୟ ମହାନ୍ତିଙ୍କ ସ୍ତ୍ରୀ ପ୍ରବୀଣାଙ୍କ ପରଲୋକ

**କଟକ ଅଫିସ, ୩୧।୫**



ବିଶିଷ୍ଟ ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ତଥା ଖୋକାଭାଇଙ୍କ ସ୍ତ୍ରୀ ପ୍ରବୀଣା ମହାନ୍ତିଙ୍କ ଶୁକ୍ରବାର ରାତି ସାଢେ ୯ଟାରେ ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ବାରବାଟୀ ପ୍ୟାଲେସ୍‌ରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ପ୍ରବୀଣା ସପରିବାର ଯାଇଥିଲେ। ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରବୀଣାଙ୍କ ୨ ପୁଅ ମିତ୍ରଭାନୁ, ଚିତ୍ରଭାନୁ, ୩ଝିଅ ଶ୍ରୀଲେଖା, ଶ୍ରୀୟା ଓ ପ୍ରିୟା ଅଛନ୍ତି। ସତୀଚୌରା ଶ୍ମଶାନରେ ଶନିବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୁତ୍ର ମିତ୍ରଭାନୁ ସୂଚନା ଦେଇଛନ୍ତି। ମିତ୍ରଭାନୁଙ୍କ କହିବା ଅନୁଯାୟୀ, ୨୦୦୬ରେ ପ୍ରବୀଣାଙ୍କର ପ୍ରଥମ ହୃଦ୍‌ଘାତ ହୋଇଥିଲା। ମାତ୍ର ସେଥିରୁ ସେ ବର୍ତ୍ତିଯାଇଥିଲେ। ଶୁକ୍ରବାର ଦ୍ୱିତୀୟ ଥର ହୃଦଘାତ୍ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ୨୦୦୨ରେ ଖୋକାଭାଇଙ୍କର ପରଲୋକ ଘଟିଥିଲା। ପୁଅ ଚିତ୍ରଭାନୁ ଜଣେ ଜଣାଶୁଣା କଣ୍ଠଶିଳ୍ପୀ ଭାବେ ପରିଚିତ।

# ଚର୍ଚ୍ଚିତ ଟୁଇଟ୍ : ମୁଖ୍ୟମନ୍ତ୍ରୀ, ସିଏମ୍‌ଙ୍କ ବ୍ୟକ୍ତିଗତ ସଚିବଙ୍କ ଫଟୋ ଭାଇରାଲ




**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ। ଜଣେ ରାଜ୍ୟ ତଥା ଦେଶ ରାଜନୀତିରେ ଚର୍ଚ୍ଚିତ ନାମ। ଅନ୍ୟ ଜଣେ ପ୍ରଶାସକ ମହଲରେ ସବୁଠୁ ଚର୍ଚ୍ଚିତ/ଆଲୋଚିତ ବ୍ୟକ୍ତିତ୍ୱ। ବିଭିନ୍ନ ସରକାରୀ ସଭାସମିତିରେ ଉଭୟଙ୍କୁ ଦେଖିବାକୁ ମିଳିଥାଏ। ହେଲେ ଶୁକ୍ରବାର ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କ ଦ୍ୱାରା ଟୁଇଟ୍ ହୋଇଥିବା ଫଟୋରେ ଉଭୟଙ୍କୁ ଅପେକ୍ଷାକୃତ ହାଲ୍‌କା ମୁହୂର୍ତ୍ତରେ ଦେଖାଯାଇଛି। ଏହି ଟୁଇଟ୍‌ରେ ସସ୍ମିତ ଲେଖିଛନ୍ତି ଯେ, ଏହା ନବୀନ ପଟ୍ଟନାୟକ ଏବଂ ଭି. କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଏକ କ୍ୱଚିତ ଫଟୋ। ଜଣେ ଷ୍ଟେଟ୍‌ସମ୍ୟାନ ( ଉତ୍ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱ) ଏବଂ ଆଉ ଜଣେ ଦକ୍ଷ ଜେନେରାଲ (ବିଚକ୍ଷଣ ସେନାପତି)। ଫଟୋରେ ଫୁଟି ଉଠିଥିବା ହସ ନିର୍ମଳ, ହୃଦୟସ୍ପର୍ଶୀ। ସେମାନଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ପ୍ରଗାଢ଼ ଅନୁରାଗ ଓଡ଼ିଶାକୁ ପରିବର୍ତ୍ତନ କରିପାରିଛି, ଯାହା ନବୀନବାବୁଙ୍କୁ ରେକର୍ଡ ପଞ୍ଚମ ପାଳିରେ ପହଞ୍ଚାଇ ପାରିଛି। ସସ୍ମିତଙ୍କ ଦ୍ୱାରା ଅପଲୋଡ୍ କରାଯାଇଥିବା ଫଟୋଟି ନବୀନ ନିବାସରେ ଉଠାଯାଇଥିବା ପ୍ରଚ୍ଛଦପଟ୍ଟରୁ ଜଣାପଡୁଛି।




**UTKAL UNIVERSITY**
**MBA (FINANCIAL MANAGEMENT) FORMERLY 'MFC'**
**P.G. DEPARTMENT OF COMMERCE**
**VANI VIHAR, BHUBANESWAR-751004**

**ADMISSION NOTICE : 2019-21**

Utkal University announces admission to the two year full time **MBA (Financial Management)** formerly **'MFC'** Programme in the P. G. Department of Commerce for the academic session **2019-21.** Any graduate (First Bachelor's Degree) with **50%** marks in the aggregate **(45% for SC/ST)** of Utkal University or any recognized University is eligible to apply. Students appearing in the Final Degree Examination can make a provisional application pending publication of results subject to meeting minimum eligibility requirements at the time of interview. Admission to the course is based on the combined result of Written Test, Group Discussion & Personality Test.

- **Application Form** : **Online on Utkal University Website www.utkaluniversity.nic.in**
- **Last Date of Online Application** : **Dt. 10.06.2019 (upto 23.45 hours)**
- **Last Date of Submission of Hard copy** : **Dt. 20.06.2019 (upto 2.00 PM)**
- **Date of Entrance Test** : **Dt. 26.06.2019 (Time: 10.00 AM - 11.30 AM)**

Details about the course and applications are available on **www.utkaluniversity.nic.in** and **www.utkalmfc.org** . The hard copy of filled up form alongwith a note within 100 words "Why do you want to join **MBA (FM)**" should reach **MBA (Financial Management), P.G. Department of Commerce, Utkal University, Bhubaneswar, PIN-751004.**

*Please go to the* **www.utkaluniversity.nic.in**
*Then eadmission - then -click at New Registration then*

- **Course Applied for** - P.G. Self-financing- then
- **Department** - Commerce- then
- **Subject** - MBA (FM)

**Sd/- Chairperson**
**P. G. Council**

Central University of Orissa
**(Established by an Act of Parliament)**
**"For the Region and for the Nation"**
**Landiguda, Dist-Koraput, Odisha-764021**
**Tel.-06852-288228/288229, Fax : 06853-288225**

ADMISSION NOTIFICATION-2019

Central University of Orissa, Koraput invites aspiring students committed to excellence to apply through Online mode for admission to various Under Graduate, Post Graduate and Research Programmes as given below. Admission will be done through Entrance Examination. Applicants can apply online by logging in to the University website (www.cuo.ac.in) up to 15th June, 2019.

Programmes

- **B.C.A.** • **B.Ed.** • **M.B.A** • 5-Year Integrated M.Sc. in Mathematics
- M.A.: • Economics • English • Hindi • Journalism & Mass Communication • Odia • Sanskrit • Sociology
- M.Sc.: • Anthropology • Biodiversity & Conservation of Natural Resources • Statistics
- M.Phil.: • Biodiversity & Conservation of Natural Resources • Economics • Education • Journalism & Mass Communication • Sociology • Statistics • Anthropology
- Ph.D.: • Biodiversity & Conservation of Natural Resources • Education • Anthropology • Economics • Statistics

Dates of Entrance Examination : 29th and 30th June, 2019

Entrance Examination Centres
**Koraput, Sambalpur, Rourkela, Bhawanipatna, Berhampur, Bhubaneswar, Bhadrak, Balasore, Ranchi, Kolkata Raipur and Visakhapatnam**

The University reserves the right to add or reduce centres and to shift candidates to neighbouring centres of Examination in case of exigencies. For all other details please visit the CUO website: www.cuo.ac.in or call (office hour only). 06852-288228, 288229 or E-mail: info@cuo.ac.in or coe@cuo.ac.in

Sd./-
Controller of Examinations

**davp21317/11/0002/1920**




## ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକରେ ତାଲା

**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ପାଣି ସମସ୍ୟାକୁ ନେଇ ଅଶାନ୍ତି ଦେଖାଦେଇଛି। ଗୁରୁବାର ଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରୁ ଗୋପବନ୍ଧୁ ଛାତ୍ରାବାସ ଏବଂ ମଧୁସୂଦନ ଛାତ୍ରାବାସରେ ପାଣି ଆସୁ ନ ଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅନ୍ତେବାସୀମାନେ କହିଛନ୍ତି। ଏପଟେ ବାତ୍ୟା ଫନୀ ଯୋଗୁ ବିଭିନ୍ନ ବିଭାଗର ପରୀକ୍ଷା ହେବାରେ ବିଳମ୍ବ ହୋଇଥିଲା। ବର୍ତ୍ତମାନ ପରୀକ୍ଷା ଚାଲିଥିବାବେଳେ ପାଣି ସମସ୍ୟା ଯୋଗୁ ଛାତ୍ରମାନେ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ଛାତ୍ରମାନେ ଏ ନେଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଦୁଇଟି ହଷ୍ଟେଲର ଶତାଧିକ ଛାତ୍ର ଏକାଠି ହୋଇ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା’ ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।

–ଶ୍ରୀମା



# ଚୁପ୍ ରହିବାର ଆଦେଶ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଲୋକେ କହନ୍ତି ଯେ ଦେଶର ଜାହାଜ ହେଉଛି ଏକମାତ୍ର ଜାହାଜ ଯାହା ସବା ଉପରୁ ଲିକ୍ କରେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଏପରି ଲିକ୍ ହେଉଥିବା ବା ଏହାର ବରିଷ୍ଠ ବାବୁମାନେ ଚାଲୁ ରହିଥିବା ତଦନ୍ତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗଣମାଧ୍ୟମକୁ ପ୍ରକାଶ କରିଦେଉଥିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରି ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟରେ ବାବୁମାନଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଡି ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ତାଙ୍କର ଅଫିସରମାନଙ୍କୁ ଗଣମାଧ୍ୟମ ସହ ଅବାଞ୍ଛିତ କଥାବାର୍ତ୍ତା ନ କରିବା ଓ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଫଳ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସତର୍କ କରାଇ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ମିଶ୍ର ଏକ ସର୍କୁଲାର ଜାରି କରିଛନ୍ତି ଯେଉଁଥିରେ ଲେଖା ଅଛି: ଚାଲୁ ରହିଥିବା କିଛି ତଦନ୍ତ କାର୍ଯ୍ୟ ସମ୍ବନ୍ଧରେ କେତେକ ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଏହାଫଳରେ ତଦନ୍ତ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଗତବର୍ଷ ଏ ନେଇ ଏକ ସର୍କୁଲାର ଜାରି କରାଯାଇଥିଲା, ଯାହାକୁ କେହି ମାନିବାର ଦେଖାଯାଉ ନାହିଁ। ତେଣୁ ଏଣିକି ଯଦି କେହି ଗଣମାଧ୍ୟମ ଆଗରେ ତଥ୍ୟ ପ୍ରକାଶ କରନ୍ତି, ତେବେ ତାଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇଡି ମୁଖ୍ୟାଳୟ ଅର୍ଥ ତୋସରପାତ, ହାୱାଲା କାରବାର ସମ୍ବନ୍ଧିତ ହାଇ–ପ୍ରୋଫାଇଲ ମାମଲାର ତଦନ୍ତ କରିବା ସହ ଦେଶରେ ରହିଥିବା ଇଡିର ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ଦ୍ୱାରା ପରିଚାଳିତ ତଦନ୍ତ କାର୍ଯ୍ୟର ଦେଖାରଖା କରୁଛି। ଏହା ଉପରେ ଗଣମାଧ୍ୟମର ଆଗ୍ରହ ରହିବା ସ୍ୱାଭାବିକ। କିନ୍ତୁ ଗଣମାଧ୍ୟମକୁ ତଥ୍ୟ ପ୍ରକାଶ ନ କରିବା ଲାଗି ଇଡିର ପୂର୍ବ ନିର୍ଦ୍ଦେଶନାମା କେହି ପାଳନ କରୁ ନ ଥିବା ଦେଖାଯାଉଛି। ଏଣିକି ଯଦି କେହି ନିର୍ଦ୍ଦେଶନାମା ପାଳନରେ ବିଫଳ ହୁଅନ୍ତି, ତେବେ ତାଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର ଚେତାଇଦେଇଛନ୍ତି।

### ଗ୍ରୀଷ୍ମ ଡରରେ ପଳାୟନ

ଉତ୍ତରାଖଣ୍ଡର ବନ ଅଧିକାରୀମାନଙ୍କ ପାଇଁ ଗ୍ରୀଷ୍ମଋତୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। କାରଣ ଏହି ଋତୁରେ ଶୁଷ୍କ ପାର୍ବତ୍ୟାଞ୍ଚଳ ଜଙ୍ଗଲରେ ନିଆଁ ଲାଗି ଧନଜୀବନ ହାନି ଘଟିଥାଏ। ଚଳିତବର୍ଷ ରାଜ୍ୟର ପ୍ରାୟ ସବୁ ଜିଲାରେ ୯୦୦ ହେକ୍ଟରରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଛି। ତେଣୁ ଶହ ଶହ ହେକ୍ଟର ଜଙ୍ଗଲ ଜଳୁଥିବା ବେଳେ ଭାରତୀୟ ବନସେବାର ଅନେକ ବରିଷ୍ଠ ବାବୁ ଯଥା ମୁଖ୍ୟ ବନ ସଂରକ୍ଷକ ବିବେକ ପାଣ୍ଡେ, ବନ ସଂରକ୍ଷକ ପରାଗ ମଧୁକର ଧକଟେ ଓ ବନଖଣ୍ଡ ଅଧିକାରୀ ନୀତୀଶ ମଣି ତ୍ରିପାଠୀ ଷ୍ଟଡି ଟୁର୍‌ରେ ଦୁଇ ସପ୍ତାହ ପାଇଁ ଇଂଲଣ୍ଡ ଓ ପୋଲାଣ୍ଡ ଯିବା ଘଟଣାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଯାହା ଜଣାଯାଏ ନଂଧୌର ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାଘଙ୍କ ପାଦଚିହ୍ନ ଉପରେ ଅଧ୍ୟୟନ ସମ୍ପର୍କରେ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ଓ ଲଣ୍ଡନର ପ୍ରାଣୀବିଜ୍ଞାନ ସୋସାଇଟି ମଧ୍ୟରେ ହେଉଥିବା ଏକ ମିଳିତ କାର୍ଯ୍ୟକ୍ରମରେ ଏହି ବାବୁମାନେ ଅଂଶଗ୍ରହଣ କରିବେ। ସେମାନଙ୍କ ଅନୁପସ୍ଥିତିରେ ମୁଖ୍ୟ ବନ ସଂରକ୍ଷକ ଜୟ ରାଜ କିଂକର୍ତ୍ତବ୍ୟବିମୂଢ଼ ହୋଇ ବନବାସୀ ଓ କୃଷକମାନଙ୍କୁ ନିୟମିତଭାବେ ଜଙ୍ଗଲର ଦେଖାରଖା କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିଶ୍ଚିତ ଭାବେ ଜଙ୍ଗଲ ଜଳୁଥିବା ସମୟରେ ବରିଷ୍ଠ ବାବୁମାନେ ବିଦେଶ ଯାତ୍ରା କରି ଶୀତଳତା ଉପଭୋଗ କରିବା ଏକ ଉତ୍ତମ ଯୋଜନା ନୁହେଁ।

### ଉଚ୍ଚ ପଦବୀରେ ନୂଆ ମୁହଁ

ମୋଦି ୨.୦ ସରକାରର ପ୍ରଥମ ନିଷ୍ପତ୍ତି ସ୍ୱରୂପ ବରିଷ୍ଠ ସୁରକ୍ଷା, ପ୍ରତିରକ୍ଷା ଓ ଅମଲାତାନ୍ତ୍ରିକ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନୂତନ ନିଯୁକ୍ତି ପ୍ରଦାନ କରାଯିବ, ଯେଉଁ ପଦବୀଗୁଡ଼ିକରେ ବର୍ତ୍ତମାନ ରହିଥିବା ବାବୁମାନେ କିଛି ସପ୍ତାହ ଭିତରେ ଅବସର ନେବାକୁ ଯାଉଛନ୍ତି। କ୍ୟାବିନେଟ୍ ସଚିବ ପି.କେ. ସିହ୍ନା ତାଙ୍କର ଦୁଇବର୍ଷିଆ ବର୍ଦ୍ଧିତ କାର୍ଯ୍ୟକାଳ ଶେଷରେ ଆସନ୍ତା ଜୁନ୍ ୧୨ ତାରିଖରେ ଅବସର ନେବାକୁ ଯାଉଥିବାରୁ ସରକାରଙ୍କୁ ତାଙ୍କର ଉତ୍ତରାଧିକାରୀ ବାଛିବାକୁ ପଡ଼ିବ। ଜନରବ ଶୁଣିବାକୁ ମିଳୁଛି ଯେ, ସ୍ୱରାଷ୍ଟ୍ର ସଚିବ ଥିବା ୧୯୮୨ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡର ବାବୁ ରାଜୀବ ଗୌବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଦୌଡ଼ରେ ସବା ଆଗରେ ଅଛନ୍ତି। ସେହିପରି ଚଳିତ ମାସ ଶେଷ ସୁଦ୍ଧା ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ର ଅବସର ନେବାକୁ ଯାଉଥିବାରୁ ସରକାରଙ୍କୁ ତାଙ୍କ ସ୍ଥାନରେ ଜଣେ ନୂଆ ବାବୁଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସୂଚନା ଅନୁସାରେ ଏହି ପଦବୀ ଲାଗି ତିନିଜଣ ବିହାର କ୍ୟାଡର ଅଫିସର ଯଥା ପରିବେଶ ସଚିବ ସି.କେ. ମିଶ୍ର, ଶିଳ୍ପ ସଚିବ ରମେଶ ଅଭିଷେକ ଓ ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ୍ ସିହ୍ନା ପ୍ରମୁଖ ଦାବିଦାର ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ରଙ୍କ କାର୍ଯ୍ୟକାଳକୁ ନବୀକରଣ କରାଯିବ କି ନା ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଯଦି ସ୍ୱଳ୍ପ ଅବଧି ପାଇଁ ନୃପେନ୍ଦ୍ର ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଏ, ତେବେ ଅତିରିକ୍ତ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ ତାଙ୍କ ସ୍ଥାନକୁ ପଦୋନ୍ନତି ଦିଆଯାଇପାରେ ବୋଲି ଅନୁମାନ କରାଯାଉଛି। ପୁଣି ଗୁଜବ ଶୁଣିବାକୁ ମିଳୁଛି ଯେ, ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପୁଣି ଅଣାଯାଇପାରେ। ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଓ ତଦନ୍ତ ବ୍ୟୁରୋ (ଆଇବି)ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇପାରେ। ବର୍ତ୍ତମାନର ର ସଚିବ ଅନିଲ କୁମାର ଧସମାନା ଓ ଆଇବି ନିର୍ଦ୍ଦେଶକ ରାଜୀବ ଜୈନଙ୍କୁ ଡିସେମ୍ବର ୨୦୧୮ରେ ଛଅମାସିଆ ସମ୍ପ୍ରସାରଣ ଦିଆଯାଇଥିଲା।

Email: dilipcherian@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | E | | | | C | | | | 2 | | | |
| A | | 7 | | | | | 6 | 1 | | | 0 | 2 | | |
| 4 | 0 | | C | 5 | | A | 2 | | 1 | | | | | E |
| 5 | 9 | 3 | | | | | | 0 | | | 6 | 4 | B | |
| | 2 | | | | | | | | | | | | | A |
| 1 | | | 5 | | | | 4 | | 2 | | | | | 0 |
| | | | | 4 | | | 9 | | | 8 | | | | D |
| B | | | | | 8 | | 0 | | A | 1 | | | | |
| 8 | | | 3 | | | E | | C | | 4 | | | 5 | |
| | A | | 0 | | | 2 | | 6 | | 7 | B | C | 8 | |
| | | 5 | | | | | B | | | E | | | | C |
| | 3 | E | | | | | | | 6 | | | 9 | D | |
| C | 7 | 6 | 4 | A | | | 1 | | | | 9 | 0 | | 5 |
| 9 | B | | D | | | | | E | | | | A | | |
| | | | B | | | | D | | | | 8 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | 3 | 2 | A | 9 | B | 8 | E | 0 | 6 | D | 1 | 5 | C |
| B | 9 | D | 5 | 8 | E | 6 | C | 0 | 2 | 4 | 1 | 3 | A | 7 |
| 1 | 8 | 2 | 0 | 7 | 4 | 3 | A | D | C | 5 | B | E | 6 | 9 |
| 6 | C | A | 3 | D | B | 5 | 9 | 1 | 8 | 7 | E | 0 | 4 | 2 |
| 5 | E | 0 | C | 1 | 6 | 4 | 7 | 2 | A | 9 | 3 | B | 8 | D |
| 0 | D | 7 | E | B | A | C | 5 | 9 | 6 | 2 | 4 | 8 | 1 | 3 |
| 2 | 3 | 6 | D | 4 | 8 | 1 | E | B | 7 | C | 0 | A | 9 | 5 |
| 8 | 4 | 9 | 1 | 5 | 2 | 7 | 6 | 3 | D | B | A | C | 0 | E |
| E | A | 5 | 9 | 6 | C | 0 | D | 4 | 1 | 3 | 8 | 2 | 7 | B |
| C | B | 1 | 7 | 3 | 0 | A | 2 | 8 | 5 | E | 9 | 6 | D | 4 |
| A | 2 | C | 4 | 9 | 7 | E | 1 | 6 | B | 8 | 5 | D | 3 | 0 |
| 7 | 6 | 4 | 8 | 0 | 1 | 2 | 3 | 5 | E | D | C | 9 | B | A |
| D | 0 | 8 | 6 | C | 5 | 9 | B | 7 | 3 | A | 2 | 4 | E | 1 |
| 9 | 5 | E | B | 2 | 3 | D | 0 | A | 4 | 1 | 6 | 7 | C | 8 |
| 3 | 1 | B | A | E | D | 8 | 4 | C | 9 | 0 | 7 | 5 | 2 | 6 |

ଗତକାଲିର ଉତ୍ତର

# ପୁଣି ବିବାଦ ଘେରରେ ଇଭିଏମ୍



ଅରୁଣ କୁମାର ପଣ୍ଡା

ଏବେ ପୁଣି ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ବିବାଦ ଘେରକୁ ଆସିଛି। ଭୋଟରଙ୍କ ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ସ୍ଥାନାନ୍ତର ସମୟରେ ସେଥିରେ ଟାମ୍ପରିଂ (ହେରଫେର) କରାଯାଇଛି ବୋଲି ପ୍ରାୟ ସମସ୍ତ ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଲୋକ ସଭା ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବାକୁ ଦାବି କରି ୨୧।୦୫।୨୦୧୯ ଦିନ ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କୁ ଭେଟି ଶାସକ ଦଳ ଇଭିଏମ୍‌ରେ ଟାମ୍ପରିଂ କରିବାର ସମ୍ଭାବନା ରହିଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ଦଳଙ୍କ ଏହି ଅଭିଯୋଗକୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ମତ ଦେଇ କହିଛନ୍ତି, ଇଭିଏମ୍‌ର ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ନିର୍ବାଚନ କମିଶନରଙ୍କର। ତେଣୁ ଗଣତନ୍ତ୍ରର ମୂଳତତ୍ତ୍ୱ ନେଇ କୌଣସି ପ୍ରକାର ସନ୍ଦେହ ଉପୁଜିଲେ ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

ଅପରପକ୍ଷରେ ଇଭିଏମ୍‌ରେ ଟାମ୍ପରିଂ ସନ୍ଦେହ କରି ଉଚ୍ଚତମ ନ୍ୟାୟାଳୟରେ କରାଯାଇଥିବା ଏକ ମାମଲାର ଶୁଣାଣି କରି ମାନ୍ୟବର କୋର୍ଟ ନିଜ ଆଦେଶରେ କହିଥିଲେ ଯେ, ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପ୍ରତି ବିଧାନସଭା କ୍ଷେତ୍ରର ଯେକୌଣସି ପାଞ୍ଚଟି ବୁଥ୍‌ର ଇଭିଏମ୍ ସହିତ ଭିଭିପିଏଟି (ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ) ସ୍ଲିପ୍ ଯାଞ୍ଚ କରାଯିବ। ତେଣୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏହି ପ୍ରକ୍ରିୟା ଶେଷ ପରେ ହିଁ ଇଭିଏମ୍ ଭୋଟ ଗଣତି କରାଯିବାକୁ ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ।

ମଧ୍ୟପ୍ରଦେଶର ଭିଣ୍ଡ ଜିଲା ଅଟେରଠାରେ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଇଭିଏମ୍‌ର ଡେମୋ (ପରୀକ୍ଷାମୂଳକ ପ୍ରଦର୍ଶନ) ସମୟରେ ଏହାର କୌଣସି ବି ବଟନକୁ ଦବାଇଲେ ଭିଭିପିଏଟି ସ୍ଲିପ୍‌ରେ ଭାରତୀୟ ଜନତା ପାର୍ଟିର ନାଁ ଆସିବା ପରେ ଜିଲାର କଲେକ୍ଟର ଏବଂ ପୋଲିସ ଅଧୀକ୍ଷକଙ୍କୁ ହଟାଇ ଦିଆଯାଇଥିଲା। ରାଜ୍ୟର ନିର୍ବାଚନ ଅଧିକାରୀଙ୍କଠାରୁ ନିର୍ବାଚନ ଆୟୋଗ ମଧ୍ୟ ସେତେବେଳେ ଏ ନେଇ ପୂରା ରିପୋର୍ଟ ମାଗିଥିଲେ। ଏହାପରେ ଜିଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାଜ୍ୟ ନିର୍ବାଚନ ଅଧିକାରୀ ସେତେବେଳେ ଏ ସଂକ୍ରାନ୍ତରେ କହିଥିଲେ ଯେ, ମେଶିନ ଠିକ୍ ଭାବରେ ସେଟ୍ ହୋଇ ନ ଥିଲା। ସେଥିପାଇଁ ଏଭଳି ଘଟଣା ସାମ୍ନାକୁ ଆସିଲା। ଏହି ମେଶିନଟି ଉତ୍ତରପ୍ରଦେଶ ନିର୍ବାଚନ ମତଦାନ ସମୟରେ କାନପୁର ବିଧାନସଭା କ୍ଷେତ୍ରର ଏକ ବୁଥ୍‌ରେ ଉପଯୋଗ କରାଯାଇଥିଲା।

ଦେଶରେ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ଫଳାଫଳ ଆସିବା ପରେ ଏବଂ ଏନ୍‌ଡିଏ (ଭାଜପା)ର ବିପୁଳ ବିଜୟ ସମ୍ଭାବନା ଥିବାବେଳେ ବିରୋଧୀ ଦଳଗୁଡ଼ିକ ନିଜ ନୈରାଶ୍ୟର ପରିପ୍ରକାଶ ଇଭିଏମ୍ ଟାମ୍ପରିଂ ଅଭିଯୋଗ ମାଧ୍ୟମରେ କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପ୍ରାୟ ସବୁ ବୁଥ୍‌ରେ ଇଭିଏମ୍ ସହିତ ଭିଭିପିଏଟି ସଂଯୁକ୍ତ କରିବାର ବ୍ୟବସ୍ଥା କରିଥିଲେ।

ଗତ ଉତ୍ତରପ୍ରଦେଶ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ଭାଜପାର ଆଶାତୀତ ସଫଳତା ପରେ ବହୁଜନ ସମାଜ ପାର୍ଟିର ମୁଖ୍ୟ ମାୟାବତୀ ଇଭିଏମ୍‌ର ଭୂମିକା ନେଇ ପ୍ରଶ୍ନ ଉଠାଇଥିଲେ। ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ କହିଥିଲେ ଯେ, ଏକ ଜାତୀୟ ଦଳର ଅଧ୍ୟକ୍ଷ ଯଦି ଇଭିଏମ୍ ନେଇ ଶଙ୍କାବ୍ୟକ୍ତ କରିଛନ୍ତି ଏହାର ଠିକ୍ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ। ଗତ ପଞ୍ଜାବ ବିଧାନସଭା ଫଳାଫଳକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ଇଭିଏମ୍‌ରେ ହେରଫେର ହୋଇଥିବା ଅଭିଯୋଗ କରିଥିଲେ। ପରନ୍ତୁ ନିର୍ବାଚନ ଆୟୋଗ ଏହି ଅଭିଯୋଗକୁ ଖାରଜ କରି ଦେଇଥିଲେ।

କେନ୍ଦ୍ରୀୟ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବିରୋଧୀଙ୍କର ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ମତ ଦେଇ କହିଥିଲେ ଯେ, ନିର୍ବାଚନରେ ଜିତିଲେ ଏମାନେ ଇଭିଏମ୍‌ର ପ୍ରଶସ୍ତି କରୁଥିବା ବେଳେ ହାରିଲେ ଏମାନଙ୍କୁ ଲାଗୁଛି ଯେ, ମେଶିନରେ କିଛି ହେରାଫେରି କରାଯାଇଛି। ୨୦୦୬ରେ କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ନିର୍ବାଚନ ଆୟୋଗ ଇଭିଏମ୍‌ର ଉପଯୋଗକୁ ନେଇ ଯେତେବେଳେ ସବୁ ଦଳର ବୈଠକ ଡାକିଥିଲେ ସେତେବେଳେ କେହି ଏହାର ବିରୋଧ କରି ନ ଥିଲେ। ଇଭିଏମ୍‌ରେ ମତଦାତା ଦେଇଥିବା ଭୋଟ ଠିକ୍ ପ୍ରାର୍ଥୀଙ୍କୁ ଯାଉଛି କି ନାହିଁ, ତାହା ଜାଣିବା ପାଇଁ ଏବେ ଭିଭିପିଏଟି ମେଶିନ ଇଭିଏମ୍ ସହିତ ମତଦାନ କେନ୍ଦ୍ରଗୁଡ଼ିକରେ ରଖାଯାଇଥିଲା। ମତଦାତାଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ ଏହା ଏକ ଚମତ୍କାର ବ୍ୟବସ୍ଥା। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଏକ ଜନହିତ ଯାଚିକା ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ୨୦୧୩ରେ ମତଦାନ କେନ୍ଦ୍ରଗୁଡ଼ିକରେ ଇଭିଏମ୍ ସହ ଭିଭିପିଏଟି ମେଶିନ ରଖାଯିବା ନେଇ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରନ୍ତୁ କୋର୍ଟଙ୍କ ଏହି ଆଦେଶକୁ ପାଳନ କରିବା ପାଇଁ ନିର୍ବାଚନ କମିଶନଙ୍କୁ ୩ହଜାର କୋଟି ଟଙ୍କା ଆବଶ୍ୟକ ଥିଲା। କମିଶନଙ୍କ ପକ୍ଷରୁ ବାରମ୍ବାର ମଗାଯିବା ସତ୍ତ୍ୱେ କେନ୍ଦ୍ର ସରକାର ଏହି ଟଙ୍କା ବହୁ ବିଳମ୍ବରେ ଦେଲେ। ତେଣୁ ୨୦୧୯ ନିର୍ବାଚନରେ ପ୍ରାୟ ସମସ୍ତ ମତଦାନ କେନ୍ଦ୍ରରେ ଭିଭିପିଏଟି ମେଶିନ୍ ଲଗାଇବା ସମ୍ଭବପର ହୋଇପାରିଛି।

ଆମେରିକା, ବ୍ରିଟେନ୍, ଜର୍ମାନୀ ପରି ଅନେକ ବଡ଼ବଡ଼ ଗଣତନ୍ତ୍ର ରାଷ୍ଟ୍ରରେ ବାଲଟ୍ ପେପରରେ ମତଦାନ ହେଉଥିବା ବେଳେ ପୂର୍ବପରି ଭାରତରେ ମଧ୍ୟ ଏହାକୁ ଲାଗୁ କରାଯିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକ ସ୍ୱରରେ ଦାବି କରି ଆସୁଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ଏମାନେ ନିର୍ବାଚନ କମିଶନ ଏବଂ ପରେ ରାଷ୍ଟ୍ରପତିଙ୍କୁ ଭେଟି ଏଭଳି ଦାବି ଜଣାଇଥିଲେ। କଂଗ୍ରେସ ପ୍ରବକ୍ତା ଅଭିଷେକ ମନୁ ସିଂଘ୍‌ଭି ନିର୍ବାଚନ କମିଶନଙ୍କ ଆଚାର ସଂହିତାକୁ ଲାଚାର ସଂହିତା କହି ଇଭିଏମ୍‌କୁ ଇଲେକ୍ସନ ଭିକ୍ଟୋରି ମେଶିନ ବୋଲି ମତ ଦେଇଛନ୍ତି। ଇଭିଏମ୍ ଭୋଟ ସହ ଭିଭିପିଏଟିର ୫୦ ପ୍ରତିଶତ ସ୍ଲିପ୍ ମିଶାଯିବା ପାଇଁ ୟୁପିଏର ୨୨ଟି ଦଳ ଦାବିକୁ କମିଶନ ପ୍ରତ୍ୟାଖ୍ୟାନ କରି ନମୁନା ସ୍ୱରୂପ ୫ଟି ଲେଖା ମିଶାଯିବା ପାଇଁ ନିଷ୍ପତ୍ତି ଘୋଷଣା କରିଥିଲେ।

ତେଣେ ଏନ୍‌ଡିଏ ପକ୍ଷରୁ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ମତ ହେଲା– କେବେ ନା କେବେ ଇଭିଏମ୍ ମାଧ୍ୟମରେ ଅନୁଷ୍ଠିତ ନିର୍ବାଚନରେ ଜିତିଥିବା ଏବଂ ସରକାର ଗଢିଥିବା ଅଣଭାଜପା ଦଳଗୁଡ଼ିକର ଯଦି ଇଭିଏମ୍ ଉପରେ ବିଶ୍ୱାସ ନ ଥିଲା ବିଜୟ ପରେ ପଦତ୍ୟାଗ କଲେ ନାହିଁ କାହିଁକି? ଗତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନରେ ବିଶେଷକରି ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଗଠନ ପରେ ଏମାନେ ଇଭିଏମ୍ ବିରୋଧରେ ପଦୁଟିଏ ମଧ୍ୟ କାହିଁକି କହିଲେ ନାହିଁ? ଇଭିଏମ୍‌ର ବିରୋଧ ଜନାଦେଶର ଅନାଦର ବୋଲି ସେ କହିଛନ୍ତି।

୨୦୦୯ରେ ଓଡ଼ିଶା ବିଧାନସଭା ଓ ଲୋକ ସଭା ପାଇଁ ଅନୁଷ୍ଠିତ ସାଧାରଣ ନିର୍ବାଚନ ବେଳେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମଧ୍ୟ ଇଭିଏମ୍‌ରେ ହେରଫେର କରି ବିଜେଡି ଏତେ ଆସନ ହାସଲ କରିଥିବା କହିଥିଲେ। ଯେଉଁ ଭାଜପା ଏବେ ଇଭିଏମ୍ ବ୍ୟବହାରକୁ ସମର୍ଥନ କରୁଛି ୨୦୦୯ ସାଧାରଣ ନିର୍ବାଚନ ବେଳେ ସେମାନେ ଏହାର ବିରୋଧ କରିଥିଲେ। ୨୦୦୯ ନିର୍ବାଚନରେ ଭାଜପାର ଭଲ ଫଳାଫଳ ନ ହେବା ପରେ ଏହାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ ଇଭିଏମ୍ ଉପରେ ପ୍ରଶ୍ନ ଉଠାଇଥିଲେ। ୨୦୧୦ରେ ଭାଜପାର ପ୍ରବକ୍ତା ତଥା ନିର୍ବାଚନ ମାମଲା ବିଶେଷଜ୍ଞ ଜିବିଏଲ୍ ନରସିଂହ ରାଓ ‘ଡେମୋକ୍ରାସି ଆଟ୍ ରିସ୍କ: କ୍ୟାନ୍ ଉଇ ଟ୍ରଷ୍ଟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ’ ନାମକ ଏକ ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକର ମୁଖବନ୍ଧ ଲେଖିଥିଲେ ଆଡଭାନୀ ଏବଂ ଚନ୍ଦ୍ରାବାବୁ ନାଇଡୁଙ୍କ ମନ୍ତବ୍ୟ ମଧ୍ୟ ଏହି ପୁସ୍ତକରେ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ ଡିଲ୍ ଲେଖିଥିଲେ ଯେ ଇଭିଏମ୍‌ର ଉପଯୋଗ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ନୁହେଁ। ଜଣେ ପ୍ରାର୍ଥୀଙ୍କୁ ଦିଆଯାଇଥିବା ଭୋଟ ଅନ୍ୟ ପ୍ରାର୍ଥୀଙ୍କ ଖାତାକୁ ଯାଉଥିବା କଥା ପୁସ୍ତକରେ ଉଲ୍ଲେଖ କରାଯାଇଥିଲା।

ଭାରତୀୟ ଜନତାପାର୍ଟିର ବରିଷ୍ଠ ନେତା ସୁବ୍ରମଣ୍ୟମ୍ ସ୍ୱାମୀ ୨୦୦୯ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ଇଭିଏମ୍‌କୁ ଦୃଢ ବିରୋଧ କରି କହିଥିଲେ ଯେ, ଏଭଳି ୯୦ଟି ଆସନରେ କଂଗ୍ରେସର ବିଜୟ ଆଦୌ ସମ୍ଭବ ନ ଥିଲା। ଇଭିଏମ୍ ଦ୍ୱାରା କଂଗ୍ରେସ ଭୋଟରେ ହୋଲସେଲ ଫ୍ରଡ୍ କରିଛି ବୋଲି ସେ ଅଭିଯୋଗ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ବିପୁଳ ବିଜୟ ପରେ କଂଗ୍ରେସ ମଧ୍ୟ ଇଭିଏମ୍‌କୁ ନେଇ ଭାଜପା ବିରୋଧରେ ସମାନ ଅଭିଯୋଗ ଆଣିଥିଲା। ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଇଭିଏମ୍ ମାଧ୍ୟମରେ ନିର୍ବାଚନ ଜିତିଥିଲେ ମଧ୍ୟ ଏହାର ବିରୋଧ କରିଥିଲେ।

ଏବେ ପ୍ରଶ୍ନଉଠୁଛି ଯେ ଇଭିଏମ୍‌କୁ କ’ଣ ସୁରକ୍ଷିତ ଓ ସନ୍ଦେହମୁକ୍ତ କରାଯାଇପାରିବ ନାହିଁ? ଭାରତ ପରି ଏକ ବିଶାଳ ଗଣତନ୍ତ୍ର ରାଷ୍ଟ୍ରରେ ବାଲଟ୍ ପେପର ମତ ଗଣନା ଯେତିକି ସମୟ ସାପେକ୍ଷ ସେତିକି ବ୍ୟୟବହୁଳ। ନିର୍ବାଚନ କମିଶନ ମଝିରେ ମଝିରେ ଇଭିଏମ୍‌କୁ ଠିକ୍ ଓ ଆଧୁନିକ କରିବା ପାଇଁ ପଦକ୍ଷେପ ନେଇ ଆସୁଛନ୍ତି। ଭାରତରେ ୨୦୦୪ର ସାଧାରଣ ନିର୍ବାଚନରେ ଇଭିଏମ୍‌ର ଉପଯୋଗ ସମଗ୍ର ଦେଶରେ କରାଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନରେ କୌଣସି ଆସନରେ ଦ୍ୱିତୀୟ ଥର ପାଇଁ ମତଗଣନାର ଅବକାଶ ଆସିନାହିଁ। ନବଗଠିତ ସଂସଦର ସଂଯୁକ୍ତ ସଂସଦୀୟ ସମିତି ଗଠନ କରାଯାଇ ଇଭିଏମ୍ ସମ୍ପର୍କରେ ଅନୁଧ୍ୟାନ ହେଉ। ଇଭିଏମ୍ ନା ବାଲଟ୍ ପେପର ତା’ ଉପରେ ବ୍ୟାପକ ଚର୍ଚ୍ଚା କରାଯାଉ।

ମୋ: ୯୪୩୭୨୭୦୬୦୫

# କାଳବୈଶାଖୀ ଓ ବଜ୍ରପାତ



ମୋହନ କୁମାର ଭଞ୍ଜ

ପ୍ରଚଣ୍ଡ ତାତିରେ ସିଝୁଥିବା ରାଜ୍ୟବାସୀଙ୍କୁ ସାମୟିକ ଆଶ୍ୱସ୍ତି ଆଣିଦେଉଛି କାଳବୈଶାଖୀ। ହେଲେ ଏହା ଧ୍ୱଂସଲୀଳା ବି ସୃଷ୍ଟି କରୁଛି। କେବଳ ଘୂର୍ଣ୍ଣିଝଡ଼ କି ବର୍ଷାପବନ ନୁହେଁ, କାଳବୈଶାଖୀ ସମୟରେ ହେଉଥିବା ବଜ୍ରପାତ ଯୋଗୁ ଅକାଳରେ ଝରିପଡୁଛି ଅନେକ ଜୀବନ। ଦିନକୁ ଦିନ ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ସଚେତନତାର ଅଭାବ ଯୋଗୁ ଅଧିକରୁ ଅଧିକ ଲୋକ ଏଭଳି ଅକାଳ ମୃତ୍ୟୁର ଶିକାର ହେଉଥିବା ଦେଖାଯାଉଛି। କିଛିଦିନ ତଳେ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଅଞ୍ଚଳରେ ଦୁଇଟି ମୃତଦେହ ଗୋଟିଏ ଗଛମୂଳରୁ ଆଲିଙ୍ଗନାବଦ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ଜଣାପଡ଼ିଲା ବଜ୍ରପାତ ଯୋଗୁ ଉଭୟଙ୍କ ମୃତ୍ୟୁ ଘଟିଛି। ଯୁବତୀ ଜଣକ ଧରିଥିବା ମୋବାଇଲ ଫୋନ୍ ପାଇଁ ସେମାନେ ବଜ୍ରପାତର ଶିକାର ହେଲେ ବୋଲି ଜଣାପଡ଼ିଛି। କେବଳ କୁଆଁରମୁଣ୍ଡାର ଏହି ପ୍ରେମୀଯୁଗଳ ନୁହନ୍ତି, ରାଜ୍ୟରେ ଘଟୁଥିବା ଅନେକ ବଜ୍ରପାତ–ମୃତ୍ୟୁର କାରଣ ମୋବାଇଲ ଫୋନ୍ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ବିଜୁଳି ଓ ବଜ୍ରପାତ ବେଳେ ମୋବାଇଲ ଫୋନ୍ ଭଳି ଇଲେକ୍‌ଟ୍ରୋନିକ୍ ସରଞ୍ଜାମଗୁଡ଼ିକୁ ସୁଇଚ୍‌ଅଫ୍ କରିବା କଥା। ମାତ୍ର ଗାଁଗହଳିର ଅଳ୍ପଶିକ୍ଷିତ ଲୋକଙ୍କଠୁ ନେଇ ସହରର ବହୁଶିକ୍ଷିତ ବ୍ୟକ୍ତି ଏ କଥା ଜାଣି ମଧ୍ୟ ଅଜଣା ଭଳି ବ୍ୟବହାର କରୁଛନ୍ତି ଏବଂ ମୃତ୍ୟୁମୁହଁରେ ପଡୁଛନ୍ତି। ପୁଣି କିଛି ଲୋକ ବଜ୍ରପାତ ବେଳେ ଗଛତଳକୁ ଆଶ୍ରୟ ଭାବି ପଳାଇ ଆସୁଛନ୍ତି। କିନ୍ତୁ ଅଧିକାଂଶ ବଜ୍ରପାତ ଗଛ ଉପରେ ହେଉଥିବାରୁ ଗଛତଳେ ଆଶ୍ରୟ ନେଉଥିବା ଲୋକ ବଜ୍ରପାତର ଶିକାର ହେଉଛନ୍ତି।

ବିଶେଷକରି ଏପ୍ରିଲ, ମେ, ଜୁନ୍ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ କାଳବୈଶାଖୀ ହେବାର ଅଧିକ ଆଶଙ୍କା ରହୁଥିବାବେଳେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ଅନୁଗୋଳ, ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଜିଲାରେ ଅଧିକମାତ୍ରାରେ କାଳବୈଶାଖୀ ହେଉଛି ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଆଉ ସରକାରଙ୍କ ପାଖରେ ପ୍ରତିବର୍ଷ ବଜ୍ରପାତଜନିତ ମୃତକଙ୍କ ଯେଉଁ ତାଲିକା ରହିଛି, ସେଥିରେ ସର୍ବାଧିକ ବଜ୍ରପାତଜନିତ ମୃତ୍ୟୁ ବାଲେଶ୍ୱର ଜିଲାରେ ଘଟିଥିବା ଜଣାଯାଇଛି। ଚଳିତ ବର୍ଷ ମଧ୍ୟ ମାସକ ମଧ୍ୟରେ ଏହି ଜିଲାରେ ବଜ୍ରପାତରେ ୧୨ଜଣ ପ୍ରାଣ ହରାଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ୨୦୧୦–୧୧ ମସିହାରେ ରାଜ୍ୟରେ ବଜ୍ରପାତ ଯୋଗୁ ୨୭୯ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୧୧–୧୨ରେ ୩୫୨, ୨୦୧୨–୧୩ରେ ୨୯୫, ୨୦୧୩–୧୪ରେ ୩୭୦, ୨୦୧୪–୧୫ରେ ୩୧୦, ୨୦୧୫–୧୬ରେ ୪୦୦, ୨୦୧୬–୧୭ ମସିହାରେ ୩୯୭ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ସୂଚନାଥାଉ କି, ବଜ୍ରପାତ ଯୋଗୁ ଦେଶରେ ପ୍ରତିବର୍ଷ ପାଖାପାଖି ୨୫୦୦ ଜଣ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ଏହାର ପ୍ରାୟ ଏକପଞ୍ଚମାଂଶ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଚଳିତ ଗ୍ରୀଷ୍ମକାଳରେ କାଳବୈଶାଖୀ ବା ଘୂର୍ଣ୍ଣିଝଡ଼ ପ୍ରଭାବରେ ବର୍ଷା ସହିତ ବଜ୍ରପାତ ବାରମ୍ବାର ଘଟିଥିବା ଜଳବାୟୁ ପରିବର୍ତ୍ତନର ଲକ୍ଷଣ ହୋଇପାରେ। ତେବେ ରାଜ୍ୟରେ ଗତ ଏପ୍ରିଲ ପହିଲାରୁ ଆଜି ପର୍ଯ୍ୟନ୍ତ ୬୩ଜଣ ବ୍ୟକ୍ତିଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଛି। ଗତ ୯ ବର୍ଷରେ ବଜ୍ରପାତ–ମୃତ୍ୟୁ ସଂଖ୍ୟା ୨୯୨୫ ଛୁଇଁଛି। ଗତ ଏପ୍ରିଲରୁ ମେ ୨୪ ମଧ୍ୟରେ ୬୧ଜଣଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ପାଇଁ ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ରାଜ୍ୟସ୍ତରରେ ନିୟନ୍ତ୍ରଣ କକ୍ଷ ନମ୍ବର ୧୦୭୯ ରହିଥିବାବେଳେ ଜିଲାସ୍ତରରେ ୧୦୭୭ ନମ୍ବର ରହିଛି। ସାପ କାମୁଡ଼ିଲେ କିମ୍ବା ବଜ୍ରପାତ ହେଲେ ମଧ୍ୟ ନିୟନ୍ତ୍ରଣ କକ୍ଷକୁ ଲୋକେ ଫୋନ କରିପାରିବେ। ସାଧାରଣ ଲୋକଙ୍କୁ ସ୍ମାର୍ଟଫୋନ୍‌ରେ ବଜ୍ରପାତର ଆଗୁଆ ସୂଚନା ମିଳିପାରିବ। ବଜ୍ରପାତର ଦୁଇ କିମ୍ବା ତିନି ଘଣ୍ଟା ପୂର୍ବରୁ ମୋବାଇଲ ଆପ୍‌ରେ ସୂଚନା ଦିଆଯିବ।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ବୈଜ୍ଞାନିକଙ୍କ କହିବାନୁସାରେ, ପରିବେଶକୁ ବଦଳାଇବା ଆମ ହାତରେ ନାହିଁ। କେବଳ ଲୋକମାନଙ୍କୁ ସଚେତନ କରାଇପାରିବୁ। ପାଣିପାଗ ସୂଚନା ମୁତାବକ ଆମେ ଲୋକମାନଙ୍କୁ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ମାଧ୍ୟମରେ ଜଣାଇ ଦେଉଛୁ। ତଥାପି କିଛି ଅଞ୍ଚଳର ଲୋକେ ସଚେତନ ହୋଇପାରୁନାହାନ୍ତି। ଫଳରେ ମୃତ୍ୟୁର ଶିକାର ହେଉଛନ୍ତି। ସହରାଞ୍ଚଳରେ ଲୋକମାନେ ଅଫିସ ଭିତରେ ବ୍ୟସ୍ତ ରହୁଛନ୍ତି। ତେଣୁ ସେମାନଙ୍କ ଉପରେ ଏତେଟା ପ୍ରଭାବ ପଡୁନି। କିନ୍ତୁ ବଜ୍ରପାତ ବେଳେ ଗ୍ରାମାଞ୍ଚଳରେ ରହୁଥିବା ଲୋକେ ଚାଷଜମିରେ, ଛପର ତଳେ କିମ୍ବା କିଛି ଲୋକ ଗଛତଳେ ଆଶ୍ରୟ ନିଅନ୍ତି। ତେଣୁ ବଜ୍ରପାତ ହେଲେ ସେମାନେ ଅଧିକ ସଂଖ୍ୟାରେ ପ୍ରାଣ ହରାନ୍ତି। ଏଭଳି ବିପଦ ସମ୍ପର୍କରେ ଆମେ ସେମାନଙ୍କୁ ସଚେତନ କରାଇପାରିଲେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟାକୁ କମାଯାଇପାରିବ। ବଜ୍ରପାତର ଶିକାର ମୁଖ୍ୟତଃ ଗାଁଗଣ୍ଡାର ଚାଷୀ, ଗ୍ରାମବାସୀ ହେଉଛନ୍ତି। କାଳବୈଶାଖୀ ଅଚାନକ ଆସିଥାଏ। ଏହି ସମୟରେ ପ୍ରବଳ ଘଡ଼ଘଡ଼ି, ବଜ୍ରପାତ ହେଉଥିବାରୁ ଚାଷୀ କିମ୍ବା ଖୋଲାରେ ବୁଲୁଥିବା ଲୋକେ ମୃତ୍ୟୁର ବିପଦ ମୁଣ୍ଡାଇଥାନ୍ତି। ଏ ନେଇ ଆଗୁଆ ସୂଚନା ପ୍ରଦାନ ପାଇଁ ସ୍ୱତନ୍ତ୍ର ଆପ୍ ବିକାଶ କରାଯାଉଥିବା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଏହି ଆପ୍ ମୋବାଇଲରେ ସ୍ଥାପନ କରିହେବ। ଏହା ଜରିଆରେ ବଜ୍ରପାତ ହେବାର ଦୁଇ କିମ୍ବା ତିନି ଘଣ୍ଟା ପୂର୍ବରୁ ସୂଚନା ମିଳିପାରିବ।

କୋକମୁଣ୍ଡା, ଚାଞ୍ଚେର, କେସିଙ୍ଗା, କଳାହାଣ୍ଡି,
ମୋ: ୯୯୩୮୯୦୪୭୭୫

## ଏଇ ଭାରତରେ

ହାଇଦ୍ରାବାଦ୍‌ର ଜଣେ ଯୁବକ ଗୋଟିଏ ଦିନରେ ହଜାରେ ଲୋକଙ୍କୁ ଖାଦ୍ୟ ଖୁଆଇ ରେକର୍ଡ ସୃଷ୍ଟି କରିଛନ୍ତି। ‘ସର୍ଭ୍ ନିଡି’ ନାମକ ଏନ୍‌ଜିଓର ପ୍ରତିଷ୍ଠାତା ଗୌତମ କୁମାର ଗୋଟିଏ ଦିନରେ ପ୍ରାୟ ହଜାରେ ଗରିବ ଲୋକଙ୍କୁ ଖାଇବାକୁ ଦେଇ ‘ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡ’ରେ ନିଜ ନାଁକୁ ସ୍ଥାନିତ କରିପାରିଛନ୍ତି। ସେ ଭିନ୍ନ ଭିନ୍ନ ସ୍ଥାନରେ ଗରିବ ଲୋକଙ୍କୁ ଖାଦ୍ୟ ଖୁଆଇଥିଲେ। ପ୍ରଥମେ ସେ ଗାନ୍ଧୀ ହସ୍ପିଟାଲ, ତା’ପରେ ରାଜେନ୍ଦ୍ର ନଗର ଓ ଶେଷରେ ଚୌତୁପାଲରେ ଥିବା ଆମ୍ମା ନାନ୍ନା ଅନାଥାଶ୍ରମରେ ଅନାଥମାନଙ୍କୁ ନିଜ ହାତରେ ଖାଦ୍ୟ ଖୁଆଇଥିଲେ। ‘ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍’ର ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବା କେଭି ରମଣ ରାଓ ତେଲେଙ୍ଗାନା ପାଇଁ ପ୍ରତିନିଧିତ୍ୱ କରୁଥିବା ଟିଏମ୍ ଶ୍ରୀଲଥା ଗୌତମ କୁମାରଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ୨୦୧୪ରୁ ଗୌତମ କୁମାର ‘ସର୍ଭ ନିଡି’ ନାମକ ଏନ୍‌ଜିଓ ପ୍ରତିଷ୍ଠା କରିଥିବା ବେଳେ ଏବେ ଏଥିରେ ୧୪୦ ସ୍ୱେଚ୍ଛାସେବୀ କାମ କରୁଛନ୍ତି।

## ଚିରନ୍ତନୀ

ସେହି ମନେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି! ଜାତି! ଜାତି!
ମୂକ ମାନବର ମୁହଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡିତର ତେଜି ଦିଅ ଜ୍ୱଳନ୍ତ ପିପାସା।

(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୪

- କଳିଙ୍ଗ ଷ୍ଟିଲ ପ୍ଲାଣ୍ଟର ଅଧ୍ୟକ୍ଷ ତଥା କାପାରୋ ଗ୍ରୁପର ଚେୟାରମ୍ୟାନ ଓ ପ୍ରବାସୀ ଭାରତୀୟ ସ୍ୱରାଜ ପଲ କଳିଙ୍ଗ ଷ୍ଟିଲ ପ୍ଲାଣ୍ଟ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି।
- ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମ ନିରୀକ୍ଷଣ ପାଇଁ ଅନ୍ତର୍ଜାତୀୟ କମିଟିକୁ ଅନୁମତି ଦେବାକୁ ନିରାପତ୍ତା ପରିଷଦ ଉତ୍ତରକୋରିଆକୁ ଅନୁରୋଧ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ୭୫ ବର୍ଷରେ ପେନ୍‌ସନ ୧୫% ବଢ଼ାଯାଉ

ମହାଶୟ,

ରାଜ୍ୟ ସରକାରଙ୍କର ଅବସରପ୍ରାପ୍ତ ଚାକିରିଆମାନଙ୍କୁ ୮୦ ବର୍ଷ ହେଲେ ତାଙ୍କର ପେନ୍‌ସନ ୧୫ ପ୍ରତିଶତ ବୃଦ୍ଧି କରନ୍ତି। ଏହାକୁ ବହୁ ଅବସରପ୍ରାପ୍ତ କର୍ମଚାରୀ ବିରୋଧ କଲେଣି। ଏଣୁ ୭୫ ବର୍ଷ ବୟସକୁ ସୁପର ସିନିୟର ସିଟିଜେନ୍ ଆଖ୍ୟା ଦିଆଯାଉ। ୮୦ ବର୍ଷ ବେଳକୁ ମନୁଷ୍ୟର ବଞ୍ଚିବାଟା ବଡ଼ କଷ୍ଟ ଓ ଭାଗ୍ୟର କଥା। ତା’ର ଶାରୀରିକ, ମାନସିକ ଦୌର୍ବଲ୍ୟର ପଟାନ୍ତର ନାହିଁ। କାହାକୁ ‘ଆଲ୍‌ଜିମରସ୍’ କାହାକୁ ଷ୍ଟ୍ରୋକ୍, କାହାର କର୍କଟ। ତେଣୁ ରାଜ୍ୟ ସରକାର ଏହାକୁ ୭୫ ବର୍ଷରେ ନିର୍ଦ୍ଧାରଣ କରନ୍ତୁ। ଆଶା କରେ ବର୍ଷୀୟାନ୍ ଅବସରପ୍ରାପ୍ତ ମନୁଷ୍ୟଙ୍କୁ ନ୍ୟାୟ ମିଳିବ। ଅବସରପ୍ରାପ୍ତଙ୍କୁ ଚିକିତ୍ସା ଭତ୍ତା ଦେବା ଏକ ବହୁଦିନର ଦାବି।

ଡାକ୍ତର ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

### ସରକାରୀ ଯୋଜନା ନିକମା କରୁଛି

ସରକାରୀ ଯୋଜନା ବ୍ୟକ୍ତିଙ୍କୁ ନିକମା କରୁଛି। ଏମାନେ ଭଲ ବିହନକୁ ଚୁଡା କରୁଛନ୍ତି କାରଣ ଭଲ ଚାଷୀ ବୋଲି ମାଗଣାରେ ବିହନ ମିଳୁଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ପାଣିର ଦାମ୍‌ରେ କ୍ଷୀର
₹10 ଫ୍ୟୁଚର୍ ପେ ମୂଲ୍ୟ
ଓମ୍‌ଫେଡ୍ ମିଲକ୍ ଗୋଲଡ୍ ପ୍ରିମିୟମ୍ (500 ମି.ଲି.) ପାଉଚ୍ ପ୍ୟାକ୍
ସ.ଖା. ମୂଲ୍ୟ ₹20
omfed Premium Cow Milk
₹43.50/କେଜି ଫ୍ୟୁଚର୍ ପେ ମୂଲ୍ୟ
ଏଚ୍‌ଏମ୍‌ଟି ପ୍ରିମିୟମ୍ ରାଇସ୍ (25 କେଜି) ବ୍ୟାଗ୍
ବିକ୍ରୟ ମୂଲ୍ୟ ₹47.50/କେଜି
₹129 ଫ୍ୟୁଚର୍ ପେ ମୂଲ୍ୟ
ଗୋଲ୍‌ଡନ୍ ହାର୍ଭେଷ୍ଟ ଫର୍ଟିଫାଏଡ୍ ଚକି ଫ୍ରେଶ୍ ଅଟା (5 କେଜି)
ବିକ୍ରୟ ମୂଲ୍ୟ ₹154
GOLDEN HARVEST CHAKKI FRESH ATTA
₹45 ଫ୍ୟୁଚର୍ ପେ ମୂଲ୍ୟ
ଦେଶୀ ଅଟା ରୋଷ୍ଟେଡ୍ ସୁଜୀ (1 କେଜି) ପାଉଚ୍ ପ୍ୟାକ୍
ବିକ୍ରୟ ମୂଲ୍ୟ ₹65
DESI ATTA ROASTED SUJI
₹275 ଫ୍ୟୁଚର୍ ପେ ମୂଲ୍ୟ
ଟାଟା ସିଟିସି ଚାହା ପ୍ରିମିୟମ୍ (1 କେଜି)
ସ.ଖା. ମୂଲ୍ୟ ₹365
TATA TEA PREMIUM
₹85.50/କେଜି ଫ୍ୟୁଚର୍ ପେ ମୂଲ୍ୟ
ହରଡ ଡାଲି ପ୍ରିମିୟମ୍ (2 କେଜି)
ବିକ୍ରୟ ମୂଲ୍ୟ ₹95.50/କେଜି
TOOR DAL
କିଣନ୍ତୁ 2 ପାଆନ୍ତୁ 1 ମାଗଣା
ଗୋଲ୍‌ଡନ୍ ହାର୍ଭେଷ୍ଟ ଗୋଟା ଏବଂ ପାଉଡର୍ ମସାଲା (500 ଗ୍ରାମ୍ ଛଡା)
GOLDEN HARVEST
₹60.5/କେଜି ଫ୍ୟୁଚର୍ ପେ ମୂଲ୍ୟ
ଧଳା ମଟର୍ (2 କେଜି) ପାଉଚ୍ ପ୍ୟାକ୍
ବିକ୍ରୟ ମୂଲ୍ୟ ₹68/କେଜି
GOLDEN HARVEST Daily
₹119 ଫ୍ୟୁଚର୍ ପେ ମୂଲ୍ୟ
ନେଚର୍ସ ଚ୍ୱଏସ୍ ରୟାଲ୍ ଖଜୁରୀ (500 ଗ୍ରାମ୍) ପାଉଚ୍ ପ୍ୟାକ
ବିକ୍ରୟ ମୂଲ୍ୟ ₹149
DATES
₹189 ଫ୍ୟୁଚର୍ ପେ ମୂଲ୍ୟ
ଅମୁଲ୍ ବଟର୍ (500 ଗ୍ରାମ୍)
ସ.ଖା. ମୂଲ୍ୟ ₹225
Amul PASTEURISED BUTTER
₹78 ଫ୍ୟୁଚର୍ ପେ ମୂଲ୍ୟ
ମ୍ୟାଗି ନୁଡଲ୍‌ସ ମେରୀ ମସାଲା (560 ଗ୍ରାମ୍) ପାଉଚ୍ ପ୍ୟାକ
ସ.ଖା. ମୂଲ୍ୟ ₹90
Maggi 2-Minute Noodles
₹79 ଫ୍ୟୁଚର୍ ପେ ମୂଲ୍ୟ
ଫ୍ରେଶ୍ ଆଣ୍ଡ ପିଓର୍ ସନ୍‌ଫ୍ଲାୱାର୍ ଅଏଲ୍ (1 ଲି.) ପାଉଚ୍ ପ୍ୟାକ୍
ବିକ୍ରୟ ମୂଲ୍ୟ ₹84
FRESH & PURE Refined Sunflower Oil
ଏବେ ଭୁବନେଶ୍ୱରରେ ବିଗ୍ ବଜାର 5ଟି ସ୍ଥାନରେ
₹75 ଫ୍ୟୁଚର୍ ପେ ମୂଲ୍ୟ
ବ୍ରିଟାନିଆ କୁକିଜ୍ ଗୁଡ୍‌ଡେ କାଜୁ (600 ଗ୍ରା.) ପାଉଚ୍ ପ୍ୟାକ୍,
ସ.ଖା. ମୂଲ୍ୟ ₹110
Good Day CASHEW COOKIES
₹359 ଫ୍ୟୁଚର୍ ପେ ମୂଲ୍ୟ
ହର୍ଲିକ୍ସ ହେଲ୍‌ଥ୍ ଡ୍ରିଙ୍କ ଟବ୍ (500 ଗ୍ରାମ୍ x 2)
ସ.ଖା. ମୂଲ୍ୟ ₹444
Horlicks
₹343 ଫ୍ୟୁଚର୍ ପେ ମୂଲ୍ୟ
ସର୍ଫ ଏକ୍ସେଲ୍ ଇଜି ୱାଶ୍ ଡିଟର୍ଜେଣ୍ଟ ପାଉଡର୍ (4 କେଜି)
ସ.ଖା. ମୂଲ୍ୟ ₹400
Surf excel Easy Wash
BIG BAZAAR
ରଜ ସେଲ୍
1-16 ଜୁନ୍
କ୍ୟାସ୍‌ସେରଲ୍ ସେଟ୍ (3 ପିସେସ୍)
₹99* ଫ୍ୟୁଚର୍ ପେ ମୂଲ୍ୟ
ସ.ଖା. ମୂଲ୍ୟ ₹575
ବିକ୍ରୟ ମୂଲ୍ୟ ₹399
₹199 ଫ୍ୟୁଚର୍ ପେ ମୂଲ୍ୟ
ଡଭ୍ କ୍ରୀମ୍ ସୋପ୍ (4+1 x 100 ଗ୍ରାମ୍)
ସ.ଖା. ମୂଲ୍ୟ ₹265
Buy 400 g and Get 100 g FREE
Dove cream beauty bathing bar
fbb FASHION BONANZA
SHOP ₹2500
GET ₹1000
Conditions apply.
ପ୍ରତ୍ୟେକ ପର୍ବରେ
BIG BAZAAR
କରୁଛି ଇଣ୍ଡିଆ ବିଉଟିଫୁଲ
future pay
Paytm CASHBACK
FLAT 10% Cashback!
cook along
Scan & Learn New Recipes
Mon-Fri, 5-6 pm
ନୂତନ
ଏସ୍‌ପ୍ଲାନେଡ୍ ୱାନ୍, ରସୁଲ୍‌ଗଡ଼, ଭୁବନେଶ୍ୱର
• ଡିଏନ୍ ରିଗାଲିଆ, ଡିଏନ୍ ସ୍କୋୟାର୍, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର
ବିଗ୍ ବଜାର୍: ଫୋରମ୍ ମାର୍ଟ, ଖାରବେଳ ନଗର • ମାରୁତି ମଲ୍, ପଟିଆ • କୃଷ୍ଣ ପ୍ଲାଜା, ନୟାପଲ୍ଲୀ, ଇସକନ୍ ମନ୍ଦିରର ପାଖରେ, ମୁଖ୍ୟ ରୋଡ୍, ଭୁବନେଶ୍ୱର
• ଦରଘା ବଜାର, କଟକ • କସ୍‌ଭି ମଲ୍, ମାଇନିଙ୍ଗ ରୋଡ୍, ଲ କଲେଜର ବିପରୀତ, କେନ୍ଦୁଝର • ଗୁରୁ ଏମ୍ପାୟାର୍ସ, ଗ୍ରାଣ୍ଡ ରୋଡ୍, ପୋଲିସ ଷ୍ଟେସନ ପାଖରେ, ପୁରୀ
ବିଶେଷ ଏଫ୍‌ବିବି ଷ୍ଟୋର୍
ସତ୍ୟମ୍ ଶିବମ୍ ସୁନ୍ଦରମ୍, 97 ଜନପଥ ରୋଡ୍, ଭୁବନେଶ୍ୱର • SGBL ସ୍କୋୟାର ମଲ୍, ଦୁର୍ଗା ଦେବି କମ୍ପ୍ଲେକ୍ସ, ଟାଉନ୍ ହଲ ରୋଡ, କଟକ
କଷ୍ଟମର୍ ହେଲ୍‌ପଲାଇନ୍ ନମ୍ବର : 1800 266 2255
/bigbazaar @bigbazaar /big.bazaar bigbazaar.com
*ସର୍ତ୍ତାବଳୀ ପ୍ରଯୁଜ୍ୟ: ଷ୍ଟକ୍ ରହିବା ପର୍ଯ୍ୟନ୍ତ ଅଫର୍ସ ବୈଧ । ଅଫର୍ କେବଳ ଖାଉଟି ଗ୍ରାହକଙ୍କ ପାଇଁ ବୈଧ । ମାତ୍ରା କଟକଣା ଲାଗୁ ହେବ । ଫ୍ୟୁଚର୍ ରିଟେଲ୍ ଲିମିଟେଡ୍ କୌଣସି ପୂର୍ବ ସୂଚନା ବିନା କେବେବି ନିୟମ ଓ ସର୍ତ୍ତାବଳୀ ତଥା ଅଫର୍ସ ପ୍ରତ୍ୟାହରଣ କରିବାର, ବଦଳାଇବାର କିମ୍ବା ସୁଧାରିବାର ଅଧିକାର ସୁରକ୍ଷିତ ରଖୁଛି । ଯଦି କୌଣସି ବିବାଦ ଥାଏ ତେବେ ତାହା ମୁମ୍ବାଇ ସ୍ଥିତ ନ୍ୟାୟାଳୟର କ୍ଷେତ୍ରାଧୀନ ହେବ । ଫ୍ୟୁଚର୍ ପେ ଅଫର୍ କେବଳ ବଛା ବଛା ଉତ୍ପାଦଗୁଡ଼ିକ ଉପରେ ମାନ୍ୟ ହେବ । ଗ୍ରାହକ ବିଲ୍ ଉପରେ ମୁଦ୍ରିତ ମୋବାଇଲ୍ ନମ୍ବରକୁ ପ୍ରାମାଣିକ କରିବା ଉଚିତ, ଆଉ ମଧ୍ୟ ଶପିଙ୍ଗର 24 ଘଣ୍ଟା ଭିତରେ ଫ୍ୟୁଚର୍ ପେ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ରେଜିଷ୍ଟର୍ କରିବା ଉଚିତ । କ୍ୟାଶ୍‌ବ୍ୟାକ୍ କ୍ରୟ ତାରିଖ ଠାରୁ 7 ଦିନ ଭିତରେ ଦିଆଯିବ । ଫୁଡ୍ ଅଫର୍ସ 9 ଜୁନ୍ 2019 ପର୍ଯ୍ୟନ୍ତ ବୈଧ, 9 ଜୁନ୍ ପରେ ଦାମ୍ ଭିନ୍ନ ହୋଇପାରେ । ମିଲକ୍ ଅଫର୍ କେନ୍ଦୁଝର ଷ୍ଟୋର୍‌ରେ ପ୍ରଯୁଜ୍ୟ ନୁହେଁ । ଅଫର୍‌ଗୁଡ଼ିକ କେବଳ 16 ଜୁନ୍ 2019 ପର୍ଯ୍ୟନ୍ତ ଓଡ଼ିଶା ସ୍ଥିତ ଷ୍ଟୋର୍‌ଗୁଡ଼ିକରେ ବୈଧ ହେବ । ପୁରୁଷ, ମହିଳା ଏବଂ ପିଲାଙ୍କ ଫ୍ୟାଶନ୍ ଆଉ ଫୁଟ୍‌ୱିୟର୍ ଉପରେ ପ୍ରଯୁଜ୍ୟ । 4 ମାସ ଅର୍ଥାତ୍ ଜୁନ୍, ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର୍, 2019 ଧରି ₹250 ର ଭାଉଚର୍ସ ଆକାରରେ ₹1000* ଦିଆଯିବ । ଅଧିକ ସୂଚନା ପାଇଁ ଭାଉଚର୍ସକୁ ଦେଖନ୍ତୁ ।
DDB Mudra 4870 Odi



ମୁସଲମାନମାନେ ଭାରତର ସ୍ୱତ୍ୱାଧିକାରୀ ନୁହନ୍ତି, ବରଂ ଅଂଶୀଦାର। ସମ୍ବିଧାନ ପ୍ରଦତ୍ତ ଅଧିକାର ପାଇବା ଲାଗି ସେମାନଙ୍କ ଲଢ଼େଇ ଜାରି ରହିବା।
-ଅସାଦୁଦ୍ଦିନ ଓୱାଇସି,
ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ



## ■ ମୋଦି କ୍ୟାବିନେଟ୍‌ରେ ସହଯୋଗୀଙ୍କୁ ମିଳିନି ଉପଯୁକ୍ତ ପ୍ରତିନିଧିତ୍ୱ

# ଏନ୍‌ଡିଏ ୨: ଆରମ୍ଭରୁ ଫାଟ

**ନୂଆଦିଲ୍ଲୀ,୩୧।୫**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ବହୁମତ ପାଇ କେନ୍ଦ୍ରରେ ପୁଣିଥରେ କ୍ଷମତାସୀନ ହୋଇଛି। ସାଧାରଣ ନିର୍ବାଚନରେ ଲୋକ ସଭାର ୫୪୨ ସିଟ୍‌ରୁ ଭାଜପାକୁ ୩୦୩ଟିରେ ସଫଳତା ମିଳିଥିବାବେଳେ ଏନ୍‌ଡିଏ ୩୫୩ ଆସନ ଦଖଲ କରିଛି। ସଂଖ୍ୟାବଳରେ ବଳୀୟାନ ଏହି ମେଣ୍ଟର ଦ୍ୱିତୀୟ ପାଳି ଶାସନ ଶପଥ ଗ୍ରହଣ ପରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ହେଲେ କ୍ୟାବିନେଟ୍‌ରେ ସ୍ଥାନ ପାଇ ନ ଥିବା କେତେକ ସହଯୋଗୀ ଦଳ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଲେଣି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ୫ ବର୍ଷ ଯାଏ କେନ୍ଦ୍ର ସରକାର ପ୍ରତି କିଛି ବିପଦ ନ ଥିଲେ ମଧ୍ୟ ମେଣ୍ଟ ରାଜନୀତି ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ବିଶ୍ଳେଷକମାନେ ମତଦେଇଛନ୍ତି।



ଅନୁପ୍ରିୟା ପଟେଲ



ରବୀନ୍ଦ୍ରନାଥ କୁମାର

ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏରେ ସାମିଲ ଥିବା (ଭାଜପାକୁ ବାଦ୍ ଦେଲେ) ଦଳଗୁଡ଼ିକୁ ପ୍ରାୟ ୫୦ ଆସନରେ ସଫଳତା ମିଳିଛି। ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ଶିବସେନାକୁ ୧୮, ସଂଯୁକ୍ତ ଜନତା ଦଳ (ଜେଡିୟୁ) ୧୬ ଓ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)କୁ ୬ ଆସନ ମିଳିଛି। ସେହିପରି ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏବଂ ଅପ୍‌ନା ଦଳ (ସୋନେଲାଲ)କୁ ୨ଟି ଲେଖାଏ ଆସନ ମିଳିଥିବାବେଳେ ଏଆଇଏଡିଏମ୍‌କେ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଏହି ପ୍ରମୁଖ ୬ ସହଯୋଗୀ ଦଳ ଭାଗରେ ଗୋଟିଏ ଲେଖାଏ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଉଥିଲା। ହେଲେ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିବସେନାର ଲୋକ ସଭା ସଦସ୍ୟ ଅରବିନ୍ଦ ସାୱନ୍ତ ଏବଂ ଏସ୍‌ଏଡିର ହରସିମ୍ରତ୍ କୌର ବାଦଲଙ୍କୁ ଶପଥପାଠ କରାଇଥିଲେ। କ୍ୟାବିନେଟରେ ସ୍ଥାନ ପାଇଥିବା ଅନ୍ୟ ୨ ସଦସ୍ୟ ହେଲେ ଏଲ୍‌ଜେପି ଅଧ୍ୟକ୍ଷ ରାମବିଳାସ ପାଶ୍ୱାନ ଏବଂ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ମୁଖ୍ୟ ରାମଦାସ ଅଠାୱଲେ। ଏହି ଦୁଇନେତା ହେଉଛନ୍ତି ରାଜ୍ୟ ସଭା ସଦସ୍ୟ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ, ତାମିଲନାଡୁରେ କ୍ଷମତାସୀନ ଏଆଇଏଡିଏମ୍‌କେ ଏବଂ ଅନୁପ୍ରିୟା ପଟେଲଙ୍କ ଅପ୍‌ନା ଦଳର କେହି ଜଣେ ହେଲେ କ୍ୟାବିନେଟରେ ସାମିଲ ହୋଇନାହାନ୍ତି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ନୀତୀଶ ଶେଷ ମୁହୂର୍ତ୍ତ ଯାଏ ଜେଡିୟୁ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀପଦ ଦାବି କରିଥିଲେ, ଯାହାକୁ ମୋଦି ଗ୍ରହଣ କରି ନ ଥିଲେ। ମାତ୍ର ଗୋଟିଏ ମନ୍ତ୍ରୀପଦ ପାଇଁ ନୀତୀଶ ରାଜି ନ ହେବାରୁ ଶେଷରେ କ୍ୟାବିନେଟରେ ସାମିଲ ହେବାକୁ ଥିବା ଆର୍‌ସିପି ସିଂ ଶପଥ ନେଲେନାହିଁ। ସେହିପରି ପୂର୍ବ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଥିବା ଅନୁପ୍ରିୟା ପଟେଲ ଏଥର କ୍ୟାବିନେଟ ପାହ୍ୟା ଦାବି କରିଥିବାବେଳେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ଫୋନ୍ କଲ୍ ଆସିବା ପରେ ମଧ୍ୟ ସେ ଶପଥ ନେବାକୁ ଗଲେନାହିଁ। ଅନୁରୂପ ଭାବେ ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍‌ଙ୍କ ପୁଅ ତଥା ଏଆଇଏଡିଏମ୍‌କେର ଏକମାତ୍ର ଲୋକ ସଭା ସଦସ୍ୟ ରବୀନ୍ଦ୍ରନାଥ କୁମାର ଏବଂ ରାଜ୍ୟ ସଭା ସଦସ୍ୟ ଆର୍. ଭାଇଥିଲିଙ୍ଗମ୍ କ୍ୟାବିନେଟ୍‌ରେ ସ୍ଥାନ ପାଇବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଶପଥ ଗ୍ରହଣ ପାଇଁ ଉଭୟଙ୍କ ମଧ୍ୟରୁ କାହାକୁ ଡକରା ଆସି ନ ଥିଲା। ଏହାକୁ ନେଇ ଏଆଇଏଡିଏମ୍‌କେରେ ନୈରାଶ୍ୟ ଦେଖାଦେଇଛି। ରାମବିଳାସ ମଧ୍ୟ ତାଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ପାଇଁ ମନ୍ତ୍ରୀପଦ ଦାବି କରୁଥିବା ଜଣାପଡ଼ିଛି। ତେଣୁ ପରବର୍ତ୍ତୀ ସମୟରେ କେନ୍ଦ୍ର କ୍ୟାବିନେଟରେ ଏହି ସହଯୋଗୀ ଦଳଗୁଡ଼ିକୁ ଉପଯୁକ୍ତ ପ୍ରତିନିଧିତ୍ୱ ନ ମିଳିଲେ ଏନ୍‌ଡିଏରେ ଫାଟ ବଢ଼ିବା ଆଶଙ୍କା କରାଯାଉଛି। ବିହାରରେ ୨୦୨୦ ଅକ୍ଟୋବର, ତାମିଲନାଡୁରେ ୨୦୨୧ ମେ ଓ ଉତ୍ତରପ୍ରଦେଶରେ ୨୦୨୨ ଫେବୃୟାରୀ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏନ୍‌ଡିଏର ଏହି ଅଂଶୀଦାର ଦଳଗୁଡ଼ିକ ଭାଜପା ପାଇଁ ଅଡୁଆ ସାଜିପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି।

### ■ ବିଷ ଓକାଳିଲେ ନୀତୀଶ କୁମାର

## କୌଣସି ବ୍ୟକ୍ତିଙ୍କ ନାମରେ ମିଳିନି ଭୋଟ

**ନୂଆଦିଲ୍ଲୀ, ୩୧।୫**



କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଜେଡ଼ିୟୁ ସାମିଲ ହୋଇ ନ ଥିବା ବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପାକୁ ଟାର୍ଗେଟ କରି ବିଷ ଓକାଳିଛନ୍ତି। ସାରା ଦେଶରେ ମୋଦି ହାୱା ଏନ୍‌ଡିଏକୁ ବିପୁଳ ବିଜୟ ଆଣିଦେଇଥିବା କୁହାଯାଉଥିବାବେଳେ ବିହାରରେ କୌଣସି ବ୍ୟକ୍ତିଙ୍କ ନାମରେ ଏନ୍‌ଡିଏକୁ ଲୋକେ ଭୋଟ ଦେଇନାହାନ୍ତି ବୋଲି ଜେଡିୟୁ ନେତା ନୀତୀଶ କୁମାର କହିଛନ୍ତି। ବିହାରରେ ଏନ୍‌ଡିଏର ବିଜୟ ହେଉଛି ବିହାରବାସୀଙ୍କ ବିଜୟ। ଏନେଇ କେହି ଭ୍ରମରେ ପଡ଼ିବା ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ପାଟ୍‌ନା ଫେରିବା ପରେ ଗଣମାଧ୍ୟମକୁ ନୀତୀଶ କହିଛନ୍ତି, କେନ୍ଦ୍ର ସରକାରରେ ଜେଡିୟୁକୁ ଗୋଟିଏ ମନ୍ତ୍ରୀ ପଦ ଦେବାକୁ ସ୍ଥିର ହୋଇଥିଲା। ଆମେ କିନ୍ତୁ ସମାନୁପାତିକ ପ୍ରତିନିଧିତ୍ୱ ଚାହିଁଥିଲୁ। ଏନ୍‌ଡିଏର ପ୍ରତ୍ୟେକ ସହଯୋଗୀ ଦଳକୁ ଗୋଟିଏ ଲେଖାଏ ମନ୍ତ୍ରୀ ପଦ ମିଳିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଅମିତ୍ ଶାହ କହିଥିଲେ। ଜେଡିୟୁକୁ କେନ୍ଦ୍ରରେ ଗୋଟିଏ ମନ୍ତ୍ରୀ ପଦ ମିଳିବା ଗ୍ରହଣଯୋଗ୍ୟ ନୁହେଁ। ସାଂକେତିକ ନୁହେଁ, ବରଂ ସମାନୁପାତିକ ପ୍ରତିନିଧିତ୍ୱକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ୍ ବୋଲି ନୀତୀଶ କହିଥିଲେ। ହେଲେ ଏହାକୁ ଗ୍ରହଣ କରାଯାଇ ନ ଥିଲା। ଶେଷରେ ଜେଡିୟୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଓହରିଆସିଲା। ତେବେ ଏନ୍‌ଡିଏର ସହଯୋଗୀ ହୋଇ ଆମେ ରହିଛୁ ବୋଲି ନୀତୀଶ କୁମାର କହିଛନ୍ତି।

## ଏସ୍‌ପି ନେତାଙ୍କୁ ହତ୍ୟା

**ଲକ୍ଷ୍ନୌ,୩୧।୫(ପି.ଟି)**

ଉତ୍ତରପ୍ରଦେଶର ଜୌନ୍‌ପୁର ଜିଲାରେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ୬ ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିବା ପୋଲିସ କହିଛି। ଏସ୍‌ପିର ସ୍ଥାନୀୟ ନେତା ଲାଲ୍‌ଜୀ ଯାଦବ ନିଜ ଏସୟୁଭିରେ ଯାଉଥିବାବେଳେ କାନପୁର ନିକଟରେ ମୁଖାପିନ୍ଧା ଯୁବକମାନେ ବାଇକ୍‌ରେ ଆସି ତାଙ୍କୁ ଗୁଳିମାଡ଼ କରିଥିଲେ। ଲାଲ୍‌ଜୀ ଜଣେ ଠିକାଦାର୍। ତାଙ୍କ ନାମରେ ହତ୍ୟା ଓ ଅନ୍ୟ ଆପରାଧିକ ମାମଲା ରହିଛି।



ଲାଲ୍‌ଜୀ ଯାଦବ

## ସାୟାନୀଙ୍କ ଭିନ୍ନ ଅବତାର

**ମୁମ୍ବାଇ:** ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ। ଏହି ଭୂମିକା ତାଙ୍କ ପାଇଁ ନୂଆ ହୋଇଥିଲେ ହେଁ ଏହାକୁ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସାଧାରଣ ସାଲୱାର-ସୁଟ୍ ସହିତ ଖୁବ୍ କମ୍ ମେକ୍-ଅପ୍‌ରେ ଆୟୁଷ୍ମାନ ଖୁରାନାଙ୍କ ସହ ସାୟାନୀ ଅଭିନୟ କରିବେ। ଏ ସମ୍ପର୍କରେ ସେ କହନ୍ତି, ମୁଁ କିଭଳି ଚରିତ୍ରକୁ ଭଲ ପାଏ ତାହାକୁ ନିର୍ଭର କରି ଫିଲ୍ମ ପସନ୍ଦ କରେନାହିଁ। ବରଂ କାହାଣୀ କେତେଦୂର ମୋତେ ଆକର୍ଷଣ କରେ ତାହା ଉପରେ ନିର୍ଭର କରିବାକୁ ପଡିଥାଏ। ଏଥିସହିତ ଅଭିନୟ କରିବା ବେଳେ ପ୍ରତି ଚରିତ୍ରକୁ କିପରି ଜୀବନ୍ତ କରିବାକୁ ହେବ ସେଥିପାଇଁ ଉଦ୍ୟମ କରିଥାଏ। ଅନୁଭବ ସିହ୍ନାଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଫିଲ୍ମ ସମ୍ବିଧାନର ଅନୁଚ୍ଛେଦ ୧୫ ବିଷୟରେ ଜନସାଧାରଣଙ୍କୁ ମନେପକାଇ ଦିଏ। ଧର୍ମ, ଜାତି, ଲିଙ୍ଗ ଏବଂ ଜନ୍ମସ୍ଥାନ ଆଧାରରେ କୌଣସି ବ୍ୟକ୍ତି ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରିବା ପାଇଁ ଏଥିରେ ଉଲ୍ଲେଖ ରହିଥିବାବେଳେ ଏହାର ମୂଲ୍ୟବୋଧକୁ ଲୋକେ କିପରି ଭୁଲିଗଲେଣି ତାହା ଉକ୍ତ ଫିଲ୍ମ ସ୍ମରଣ କରାଇଦିଏ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ମନୋଜ ପାହ୍ୱା, ଇଶା ତଲୱାର, କୁମୁଦ ମିଶ୍ର ଏବଂ ମହମ୍ମଦ ଜିଶାନ୍ ଆୟୁବ। ଏହା ଜୁନ୍ ୨୮ରେ ମୁକ୍ତିଲାଭ କରିବାର ଅଛି।



## ସ୍ୱାଭାବିକଠାରୁ କମ୍ ହେବ ମୌସୁମୀ ବର୍ଷା

**ନୂଆଦିଲ୍ଲୀ,୩୧।୫(ପି.ଟି)**

ଏପ୍ରିଲରୁ ଦେଶର ଅଧିକାଂଶ ସହର ତତଲା କଡେଇରେ ପଡି ଛଟପଟ ହେଉଥିବାବେଳେ କେତେକ ସହରର ତାପମାତ୍ରା ୪୮ ଡିଗ୍ରୀ ଛୁଇଁଛି। ଦେଶର ଅଧିକାଂଶ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଥିବା ରେକର୍ଡ କରାଯାଇଛି। ଉତ୍ତର ଓ ଦକ୍ଷିଣ ଭାଗରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏଲ୍-ନିନ୍ୟୋ ମୌସୁମୀ ପ୍ରବାହକୁ ପ୍ରତିହତ କରିବ ବୋଲି ବିଶ୍ୱାସ କରାଯାଉଛି। ତେବେ ବର୍ଷାଋତୁର ଶେଷଭାଗକୁ ଏଭଳି ସ୍ଥିତି ନିଷ୍କ୍ରିୟ ହୋଇପଡିବା ସମ୍ଭାବନା ଅଛି। ମୌସୁମୀ ବାୟୁ ପ୍ରବାହ ଜୁଲାଇରେ ସ୍ୱାଭାବିକଠାରୁ କମ୍ ଏବଂ ଅଗଷ୍ଟରେ ସ୍ୱାଭାବିକ ହୋଇପାରେ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୬ରେ ସ୍ୱାଭାବିକ ସମୟଠାରୁ ୫ ଦିନ ବିଳମ୍ବରେ କେରଳ ଛୁଇଁବା ସମ୍ଭାବନା ଅଛି।




**COLLEGE OF ENGINEERING & TECHNOLOGY** (Autonomous)
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

No. 1547/CET Date: 31.05.2019

**ADMISSION NOTICE**

ADMISSION INTO
REGULAR TWO-YEAR MASTER OF SCIENCE (M.Sc.) PROGRAMME – 2019

The College of Engineering and Technology, Bhubaneswar invites applications for admission to the full-time regular 2-year Master of Science (**M.Sc. in Applied Chemistry/Applied Physics/ Mathematics and Computing**) Programmes offered by the Science Departments of this college. The interested candidates may download the application form from the college website (**www.cet.edu.in**) and submit a hard copy of the completed signed application along with **non-refundable demand draft of Rs.500/-** (**Rs.200/- in case of SC/ST candidates**) **in favour of Principal, CET, Bhubaneswar payable at Bhubaneswar** on any nationalised bank and send the same by **Speed Post / Registered post**, so as to reach the office of the Principal, College of Engineering and Technology, Techno Campus, Ghatikia, Bhubaneswar-751029 by **July 03, 2019**. The envelope containing the application should be superscribed as "Application for 2-year Master of Science (M.Sc) Programme – 2019: Department: ................." along with name of the Department as applicable (Physics / Chemistry / Math and Humanities).

For detailed information visit our college website **www.cet.edu.in**. The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
PRINCIPAL



क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR, ODISHA - 751022**
राष्ट्रीय शैक्षिक अनुसंधान और प्रशिक्षण परिषद्
(National Council of Educational Research and Training, New Delhi - 110016)
Advt. No.359 Date : 29.05.2019

**Admission Notice 2019-2020**

Online applications are invited for admission to **M.Phil in Education** course offered by the Regional Institute of Education (NCERT), Bhubaneswar for the session **2019-2020**.
For details regarding Eligibility Criteria, Mode of Selection, Determination of Home State, Reservation, Fees Structure, Entrance Test etc., please visit our website **www.riebbs.ac.in** or **www.riebbs.ori.nic.in**

PRINCIPAL



**ସାଙ୍କେତିକ ସୂଚନା**
**ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି**

ଏତଦ୍ୱାରା ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କେବଳ ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ଲାଇନ୍ (ଯାହାଙ୍କ ଜମି ତା.04.03.1999ରିଖ ପୂର୍ବରୁ ଅଧିଗ୍ରହଣ କରାଯାଇଛି) ରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅଧିସୂଚନା ସଂ.SBP/Land Loser/2019 ତା.22.05.2019ରିଖ ଜାରି କରାଯିବା ସହିତ ଏହା ତା.22.05.2019ରିଖରେ ବିଭିନ୍ନ ସମ୍ବାଦପତ୍ର ଅର୍ଥାତ୍ ଦି ଟାଇମ୍ସ ଅଫ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍, ନବ ଭାରତ, ଧରିତ୍ରୀ, ଦି ସମାଜରେ ପ୍ରକାଶ ପାଇଛି। ଏହି ଅଧିସୂଚନା ପୂର୍ବ ତଟ ରେଳପଥ ୱେବ୍‌ସାଇଟ (www.eastcoastrail.indianrailways.gov.in) ଲିଙ୍କ୍ "About us → Division → Sambalpur Division → Recruitment" ରେ ମଧ୍ୟ ଉପଲବ୍ଧ।

PR-123/K/19-20 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର

**ପୂର୍ବ ତଟ ରେଳପଥ**


### କେମିତି ରହିବ ଆଜିର ପାଗ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୬.୮ |
| ଚାନ୍ଦବାଲି | ୩୭.୮ | ୨୮.୮ |
| କଟକ | ୩୬.୦ | ୨୬.୫ |
| ପାରାଦ୍ୱୀପ | ୩୨.୫ | ୨୮.୪ |
| ଭୁବନେଶ୍ୱର | ୩୭.୦ | ୨୮.୨ |
| ଗୋପାଳପୁର | ୩୧.୮ | ୨୭.୬ |
| ପୁରୀ | ୩୩.୪ | ୨୮.୨ |
| ଅନୁଗୋଳ | ୪୧.୧ | ୨୨.୬ |
| ବାରିପଦା | ୩୭.୪ | ୨୮.୦ |
| ଝାରସୁଗୁଡ଼ା | ୪୩.୨ | ୨୭.୬ |
| କେନ୍ଦୁଝର | ୩୭.୧ | ୨୩.୬ |
| ସମ୍ବଲପୁର | ୪୨.୬ | ୨୮.୦ |
| ସୁନ୍ଦରଗଡ଼ | ୪୨.୦ | --- |
| ହୀରାକୁଦ | ୪୨.୧ | ୨୮.୧ |
| ତାଳଚେର | --- | ୨୬.୫ |
| ଭବାନୀପାଟଣା | ୪୨.୦ | ୨୯.୦ |
| ବଲାଙ୍ଗୀର | ୪୩.୫ | ୨୯.୪ |
| କୋରାପୁଟ | ୩୪.୮ | ୨୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୬ | ୨୫.୦ |
| ମାଲକାନଗିରି | ୩୯.୮ | ୨୨.୫ |
| ସୋନପୁର | ୪୨.୮ | ୨୪.୪ |
| ଦାରିଙ୍ଗିବାଡ଼ି | ୩୩.୫ | ୨୨.୫ |

ଡିଗ୍ରୀ ସେଲ୍‌ସିୟସ୍

### ଇତିହାସର ଆଇନାରେ | ଜୁନ୍ ୧ର ପ୍ରମୁଖ ଘଟଣା

୨୦୦୧ ଜୁନ୍ ୧ରେ ନେପାଳ ରାଜପରିବାରରେ ଗଣହତ୍ୟା ଘଟିଥିଲା। ରାଜପୁତ୍ର ଦୀପେନ୍ଦ୍ର ନିଜ ମାତାପିତାଙ୍କ ସମେତ ପରିବାରର ୧୦ ସଦସ୍ୟଙ୍କୁ ଗୁଳିମାରି ହତ୍ୟା କରିଥିଲେ। ନେପାଳର ରାଜା ବୀରେନ୍ଦ୍ର ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ମୃତ୍ୟୁପରେ ଦୀପେନ୍ଦ୍ରଙ୍କୁ କୋମା ଅବସ୍ଥାରେ ନେପାଳର ରାଜା ଘୋଷଣା କରାଯାଇଥିଲା। ୩ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା।

୨୦୦୯ ଜୁନ୍ ୧ରେ ଏୟାର ଫ୍ରାନ୍ସ ଫ୍ଲାଇଟ୍ ୪୪୭ ରିଓ ଡି' ଜେନିରୋରୁ ପ୍ୟାରିସ ଯାଉଥିବାବେଳେ ଆଟଲାଣ୍ଟିକ୍ ମହାସାଗରରେ ଖସିପଡିଥିଲା। ସମସ୍ତ ୨୨୮ ଯାତ୍ରୀ ଏବଂ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ। ଦୁର୍ଘଟଣାର ୫ ଦିନ ପରେ ବ୍ରାଜିଲ ନୌସେନା ବିମାନର ଏକ ବୃହତ୍ ଖଣ୍ଡ ଏବଂ ଦୁଇଟି ମୃତଦେହ ପାଇଥିଲା।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ଆର୍-୨୦୧୯-ଇ୫ ତାରିଖ: ୨୪।୦୫।୨୦୧୯, କାର୍ଯ୍ୟର ନାମ: "ରାୟପୁର ଡିଭିଜନର ବିପଦସଙ୍କୁଳ ସେକ୍ସନରେ କଣ୍ଟାକ୍ଟ ୱାୟାରର ଉଚ୍ଚତା ବଢ଼ାଇବା (୬ କିମି)"। ଟେଣ୍ଡର ମୂଲ୍ୟ: ₹୯୬୨୪୮୭୦.୫୬/-। ଇଏମ୍‌ଡି: ₹୧,୯୩,୨୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/- । ସମାପ୍ତି ଅବଧି: ୧୫୦ ଦିନ। ବିଡ଼ରମାନେ କେବଳ ତା୨୫।୦୬।୨୦୧୯ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ।
ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଟିଆର୍‌ଡି)
PR/R/(TRD)/PM/29 ଏସ୍‌ଇସି ରେଳପଥ/ରାୟପୁର
ସ୍ୱଚ୍ଛ ଭାରତ ଅଭିଯାନ



**ପୂର୍ବ ତଟ ରେଳପଥ**
**ଅସ୍ଥାୟୀ ଆଲୋକ ଏବଂ ସାଜସଜ୍ଜା ବ୍ୟବସ୍ଥା**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-07-19

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରଥଯାତ୍ରା-2019 ଏବଂ ଅନ୍ୟ ସ୍ୱତନ୍ତ୍ର ଅବସର (Special Occasion) ସମୟରେ ଗୁରୁତ୍ୱପୂର୍ଣ୍ଣ ସର୍ଭିସ୍ ବିଲ୍ଡିଂ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ୍, ମୋବାଇଲ୍ ଚାର୍ଜିଂ ପଏଣ୍ଟ, ଟାୱାର ଏସି, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଂ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ (Standby) ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹47,79,958.59, EMD (ଟଙ୍କାରେ) : ₹ 95,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 01 ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.17.06.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ),
PR-118/K/19-20 ଖୋର୍ଦ୍ଧା ରୋଡ୍



See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.BBS-EL-C-T-319ER, ତା.29.05.2019ରିଖ

**କାର୍ଯ୍ୟର ନାମ:** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସମ୍ବନ୍ଧୀୟ ସାଳଗାଁ ଠାରୁ ରାଜଆଠଗଡ଼ ସେକ୍ସନ ମଧ୍ୟସ୍ଥ ଷ୍ଟେସନ ଏବଂ ଲେଭେଲ କ୍ରସିଂ ଫାଟକଗୁଡ଼ିକ ଠାରେ ଅଗ୍‌ଜିଲିଆରି ଟ୍ରାନ୍ସଫର୍ମର (AT) ବ୍ୟବସ୍ଥା ସହିତ 25KV 50 Hz OHE ନିମନ୍ତେ ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ, ସେକ୍ସନିଂ ପୋଷ୍ଟଗୁଡ଼ିକର ଡିଜାଇନ୍ (Design), ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସଂପର୍କିତ ବିଦ୍ୟୁତ୍ ଯୋଗାଣ ସଂସ୍ଥାପନ କାର୍ଯ୍ୟ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 464.99 ଲକ୍ଷ, EMD (ଟଙ୍କାରେ): 3,82,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 06(ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.06.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/
PR-24/CC/19-20 ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.eT-HQ-WAT-17-2019, ତା.27.05.2019ରିଖ

**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ଇଷ୍ଟେଟ୍-I/ୱାଲ୍ଟିୟର ପରିସୀମା ଅଧୀନସ୍ଥ ବିଶାଖାପାଟଣା ରେଳ ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ.1 ଠାରେ ଦକ୍ଷିଣ ସୀମା ଫୁଟ୍ ଓଭର ବ୍ରିଜ୍ , ପ୍ଲାଟଫର୍ମ ନଂ.6 ଏବଂ 7 ଠାରେ ସେଣ୍ଟର ଫୁଟ୍ ଓଭର ବ୍ରିଜ୍ ଏବଂ ପ୍ଲାଟଫର୍ମ ନଂ.8 ଠାରେ ସେଣ୍ଟର ତଥା ଦକ୍ଷିଣ ସୀମା ଫୁଟ୍ ଓଭର ବ୍ରିଜ୍ ଠାରେ 4 ଗୋଟି ଏସ୍କାଲେଟର ନିମନ୍ତେ ପୂର୍ବ ଏବଂ ପରବର୍ତ୍ତୀ ଉତ୍ଥାପନ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,20,61,519.40, EMD(ଟଙ୍କାରେ): 2,10,300/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ): 5,900/-, କାର୍ଯ୍ୟ ଶେଷ ହେବା ଅବଧି: 06(ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.06.2019 ରିଖ 1330 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକ ସମ୍ବନ୍ଧରେ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ),
PR-122/K/19-20 ୱାଲ୍ଟିୟର



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2019-20/30, ତା. 28.05.2019

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।
ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in(Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills)ଜମା କରିବେ । RITES/ମାଲ ଗ୍ରହୀତା ଦ୍ୱାରା ଯାଞ୍ଚ ସହିତ ତା.01.05.2019 ରିଖ ଠାରୁ ମହଜୁଦ୍ ସାମଗ୍ରୀଗୁଡ଼ିକ ନିମନ୍ତେ ଷ୍ଟୋର୍ସ ଯୋଗାଣ ଆଦେଶ ଉପରେ ଯୋଗାଣ କରାଯାଇଥିବା ସାମଗ୍ରୀଗୁଡ଼ିକ ସନ୍ଦର୍ଭରେ ଅନ୍‌ଲାଇନ୍ ବିଲ୍ (Bills) ଜମା କରିବା ଅନିବାର୍ଯ୍ୟ ହେବ । ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇ ପାରିବ ।
ଏହି ସୁବିଧା ମାଲ ଗ୍ରହୀତା/RITES ଯାଞ୍ଚ ଧାରା ସହିତ ମହଜୁଦ୍ ସାମଗ୍ରୀଗୁଡ଼ିକ ନିମନ୍ତେ ଷ୍ଟୋର୍ସ ଯୋଗାଣ ଆଦେଶ ସନ୍ଦର୍ଭରେ ଯୋଗାଣ କରାଯାଇଥିବା ସାମଗ୍ରୀଗୁଡ଼ିକ ନିମିତ୍ତେ ଉପଲବ୍ଧ ହେବ । ପୂର୍ବ ତଟ ରେଳପଥ ସହିତ କାର୍ଯ୍ୟ କରୁଥିବା ବିକ୍ରେତାମାନଙ୍କୁ ଅନ୍‌ଲାଇନ୍ ବିଲ୍ ଦାଖଲ ପ୍ରକ୍ରିୟା ଜନିତ ପୂର୍ବ ଜ୍ଞାନ ପ୍ରାପ୍ତ ନିମନ୍ତେ ଲିଙ୍କ୍ 'User Manual for Vendors on Post Contract Activities Version-1.0' ସହିତ ଲର୍ଣ୍ଣିଙ୍ଗ୍ ସେଣ୍ଟର (Learning Centre)ରେ www.ireps.gov.in ରେ ଉପଲବ୍ଧ ୟୁଜର ମାନୁଆଲ ପଢ଼ିବାକୁ ପରାମର୍ଶ ଦିଆଯାଉଛି । 01 ମଇ-2019 ପରେ ମାଲ ଗ୍ରହୀତା/RITES ଯାଞ୍ଚ ସହିତ ମହଜୁଦ୍ ଥିବା ସାମଗ୍ରୀଗୁଡ଼ିକର କ୍ରୟ ଆଦେଶ ନିମନ୍ତେ କୌଣସି ମାନୁଆଲ ବିଲ୍ ଗ୍ରହଣଯୋଗ୍ୟ ହେବ ନାହିଁ ।

PR-120/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

# ଆଜି ବାଚସ୍ପତି ନିର୍ବାଚନ

- ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି
- ଶପଥ ନେଲେ ୧୪୧ ନୂଆ ବିଧାୟକ

ଭୁବନେଶ୍ୱର,୩୧।୫(ବ୍ୟୁରୋ)

ଷୋଡ଼ଶ ବିଧାନସଭା ପାଇଁ ଶନିବାର ପୂର୍ବାହ୍ନ ୧୧ଟାରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବିଜେଡି ପକ୍ଷରୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବାଚସ୍ପତି ପାଇଁ ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନାମ ବିଧାନସଭା ସଚିବ ଶିଶିର ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ କୌଣସି ଦଳ ପକ୍ଷରୁ ବାଚସ୍ପତି ପଦବୀ ପାଇଁ ପ୍ରସ୍ତାବ ଦିଆଯାଇ ନାହିଁ। କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବାଚସ୍ପତି ଭାବେ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। କେବଳ ଔପଚାରିକତା ଦୃଷ୍ଟିରୁ ବିଧାନସଭା ସଚିବାଳୟ ପକ୍ଷରୁ ବାଚସ୍ପତିଙ୍କ ନାମ ଘୋଷଣା କରାଯିବ। ବାଚସ୍ପତି ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କାମଚଳା ବାଚସ୍ପତି ଅମର ଶତପଥୀ ଦାୟିତ୍ୱ ତୁଲାଇବେ।

ଦୁଇଦିନ ଧରି ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୪୧ ବିଧାୟକ ଶପଥ ଗ୍ରହଣ କରି ସାରିଛନ୍ତି। ଗୁରୁବାର ୧୦୬ ବିଧାୟକ ଶପଥ ପାଠ କରିଥିବା ବେଳେ ଶୁକ୍ରବାର ୩୫ଜଣ ଶପଥ ନେଇଛନ୍ତି। ଅନ୍ୟ ୫ ବିଧାୟକ ଶନିବାର ଶପଥ ନେବେ ବୋଲି ଜଣାପଡ଼ିଛି।



ବିଧାନସଭାରେ ଅସ୍ଥାୟୀ ବାଚସ୍ପତି ଅମର ଶତପଥୀ ସୁନ୍ଦରଗଡ଼ ଭାଜପା ଏମ୍‌ଏଲ୍‌ଏ କୁସୁମ ଟେଟେଙ୍କୁ ଶପଥପାଠ କରାଉଛନ୍ତି।

## ସଂକ୍ଷେପରେ

### ଝଡ଼ରେ ଓଲଟିଲା କମାଣ୍ଡର, ୨୬ ଗୁରୁତର

**ସେମିଳିଗୁଡ଼ା, ୩୧।୫ (ସ୍ୱ.ପ୍ର.):** କାଳବୈଶାଖୀ ପ୍ରଭାବରେ ଶୁକ୍ରବାର କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ସାପଟାଆମ୍ବ ଘାଟିରେ ଏକ କମାଣ୍ଡର ଓଲଟି ୨୬ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଆଣ୍ଡ ମେଡିକାଲରେ ଚିକିତ୍ସା କରାଯାଉଛି। ଅପରାହ୍ନ ୪ଟାରେ ସେମିଳିଗୁଡ଼ାରୁ ବିଭିନ୍ନ କାମ ସାରି କାଣ୍ଟି ପଞ୍ଚାୟତର ଚିନ୍ତଲମରି, ବଡମରି, ସେପଟାଆମ୍ବର ଗ୍ରାମବାସୀ କମାଣ୍ଡରରେ ନିଜ ନିଜ ଗାଁକୁ ଫେରୁଥିଲେ। ସେପଟାଆମ୍ବ ଘାଟି ପାଖରେ ହଠାତ୍ କାଳବୈଶାଖୀ ସହ ଝଡ଼ତୋଫାନରେ କମାଣ୍ଡର ଓଲଟି ପଡ଼ିଥିଲା। ଗାଡ଼ିରେ ୨୬ରୁ ଅଧିକ ଯାତ୍ରୀ ଥିବାବେଳେ ସେମାନେ ଗୁରୁତର ହୋଇଥିଲେ। ୪ଟି ଅଟୋ ଯୋଗେ ସେମାନଙ୍କୁ ପ୍ରଥମେ ସୁନାବେଡ଼ା ସରକାରୀ ମେଡିକାଲ ଓ ପରେ ଆମ୍ବୁଲାନ୍ସ ଯୋଗେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେମିଳିଗୁଡ଼ା ଥାନା ଏସ୍‌ଆଇ ଭଗବାନ ମିଶ୍ର ଓ ସୁନାବେଡ଼ା ଥାନା ଏଏସ୍‌ଆଇ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଚକ୍ରଧର ହୋତା, ଏସ୍‌ଆଇ ବଙ୍କିମ ବୋବାଲି ଆହତମାନଙ୍କୁ ତୁରନ୍ତ ମେଡିକାଲ ପହଞ୍ଚାଇବାରେ ସହଯୋଗ କରିଥିଲେ। ଆହତଙ୍କ ମଧ୍ୟରେ ତାରା ପାଢ଼ୀ, ପୁଅ ବିକାଶ ପାଢ଼ୀ, ରୁମି ପାଙ୍ଗି, ଝୁନି ତାଡିଙ୍ଗି, ନମିତା ତାଡିଙ୍ଗି, ଜିତୁ ନାଗ, କାନ୍ଦୁ ତାଡିଙ୍ଗି, ଲବ ତାଡିଙ୍ଗି, ସୁଜାତା ପାଢ଼ୀ, ଯୋଶେଫ ତାଡିଙ୍ଗି, ହେମନ୍ତ ତାଡିଙ୍ଗି, ସମୀର ପାଙ୍ଗି, ଲତା ତାଡିଙ୍ଗି, ପାର୍ବତୀ ତାଡିଙ୍ଗି, ଅମର ଜାନି, ସୁନ୍ଦରାମ ଖୋସଲା, ଅମର ପାଙ୍ଗି, କୃଷ୍ଣ ପାଙ୍ଗି ଓ ପ୍ରଦୀପ ତାଡିଙ୍ଗି ରହିଛନ୍ତି।

### ବାଇକ ଧକ୍କାରେ ଜଣେ ମୃତ

**ତାଳଚେର/ବଣ୍ଡଁରପାଳ, ୩୧।୫:** ବାଇକ୍ ଧକ୍କାରେ ତାଳଚେର ବ୍ଲକ ଗୋପାଳପ୍ରସାଦର ମାଗତା ବାରିକ(୬୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ କଲିୟାରୀ ପୋଲିସ ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ବଣ୍ଡଁରପାଳ ଥାନା ବନ୍ଧା ନିକଟରେ ଶୁକ୍ରବାର ସକାଳେ ଅଶୋକ ପ୍ରଧାନ ନାମକ ଜଣେ ଯୁବକ ବାଇକ୍‌ରୁ ପଡି ଗୁରତର ହୋଇଛନ୍ତି।

# ଜିଡିପି ହାର ୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଲା





- ଚତୁର୍ଥ ତ୍ରୈମାସରେ ବିକାଶ ହାର ୫.୮%
- ୨୦୧୮-୧୯ର ସମ୍ପୂର୍ଣ୍ଣ ବର୍ଷ ପାଇଁ ଜିଡିପି ୬.୮%କୁ ହ୍ରାସ
- ପୂର୍ବାନୁମାନ ୭% ଥିଲା

**ନୂଆଦିଲ୍ଲୀ,୩୧।୫:** ମୋଦି ସରକାରଙ୍କୁ ଦାୟିତ୍ୱ ଗ୍ରହଣ କରିବା ଦିନରେ ଆର୍ଥିକ ଦୃଷ୍ଟିରୁ ଖରାପ ଖବର ମିଳିଛି। ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ର ଚତୁର୍ଥ ତ୍ରୈମାସରେ ଦେଶର ଆର୍ଥିକ ବିକାଶ(ଜିଡିପି) ହାର ୫ ବର୍ଷର ସର୍ବନିମ୍ନ ତଳକୁ ଖସି ୫.୮%ରେ ପହଞ୍ଚିଛି। ନିବେଶ ହ୍ରାସ, ବିନିର୍ମାଣ କ୍ଷେତ୍ର ଧିମା ପଡିଯିବା ଏବଂ ଦୁର୍ବଳ କୃଷି କ୍ଷେତ୍ର ଯୋଗୁ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷର ଜିଡିପି ହାର ୬.୮%କୁ ହ୍ରାସ ପାଇଛି। ନବନିଯୁକ୍ତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ପାଇଁ ଏହା ଚିନ୍ତା ବଢ଼ାଇବ। ସୂଚନାଯୋଗ୍ୟ ଯେ, ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ବିକାଶ ହାର ୭.୨% ରହିବ ବୋଲି ପୂର୍ବାନୁମାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ୭%କୁ ହ୍ରାସ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାଙ୍କର ଜୁନ୍ ମୁଦ୍ରାନୀତିରେ ରେପୋ ରେଟ୍ ହ୍ରାସ କରିବେ ବୋଲି ଅର୍ଥନୀତିଜ୍ଞମାନେ ଆଶା ରଖିଥିଲେ। ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ହାର ଧୀମା ହେବା କାରଣରୁ ଭାରତ ସର୍ବାଧିକ ଦ୍ରୁତ ଅର୍ଥନୀତି ଦେଶର ମାନ୍ୟତା ହରାଇଛି। ଭାରତ ବଦଳରେ ଚାଇନାକୁ ଏହି ମାନ୍ୟତା ମିଳିଛି।

ଦେଶ ଦ୍ରୁତ ବିକାଶ ପଥେ ଆଗଉଥିବାରୁ ୨୦୧୭-୧୮ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଜିଡିପି ହାର ୮.୧% ରହିଥିଲା ଏବଂ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଏହା ୭.୨%ରେ ପହଞ୍ଚିଥିଲା। ଏହାକୁ ତୁଳନା କଲେ ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସର ବିକାଶ ହାର ୨୦୧୭-୧୮ ବର୍ଷ ତୁଳନାରେ ୨.୩% କମିଛି। ସେହିପରି ୨୦୧୭-୧୮ର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ତୁଳନାରେ ୨୦୧୮-୧୯ରେ ଏହା ୦.୪% ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୫ ବର୍ଷ ଭିତରେ କୌଣସି ଗୋଟିଏ ହେଲେ ତ୍ରୈମାସରେ ଦେଶର ଜିଡିପି ହାର ୬%ରୁ କମ୍ ହୋଇ ନ ଥିଲା। ଏଥିସହିତ ୫.୮%ର ଅଭିବୃଦ୍ଧି ହାର ଗତ ୧୭ ତ୍ରୈମାସର ବିକାଶ ହାର ତୁଳନାରେ ସବୁଠାରୁ କମ୍। ଯାହା କି, ଗତ ୨ ବର୍ଷରେ ପ୍ରଥମ ଥର ଚାଇନାର ବିକାଶ ହାର ଠାରୁ କମିଛି। ଆର୍ଥିକ ବର୍ଷ ୨୦୧୮-୧୯ର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୮.୨%, ଦ୍ୱିତୀୟ ତ୍ରୈମାସରେ ୭.୧% ଏବଂ ତୃତୀୟ ତ୍ରୈମାସରେ ୬.୬% ରହିଥିଲା। ବାସ୍ତବରେ ଚତୁର୍ଥ ତ୍ରୈମାସରେ ବିଭିନ୍ନ କ୍ଷେତ୍ରର ଔଦ୍ୟୋଗିକ ଉତ୍ପାଦନ ହ୍ରାସ ପାଇବା ଏବଂ ସରକାରୀ ବ୍ୟୟ କମିବା କାରଣରୁ ଅଭିବୃଦ୍ଧି ହାରକୁ ଝଟକା ଲାଗିବ ବୋଲି ପୂର୍ବରୁ ଆଶଙ୍କାବ୍ୟକ୍ତ କରାଯାଇଥିଲା। ତେବେ ଜିଡିପି ୬%ରୁ କମ୍ ରହିବ, ଏହା କେହି ଆଶା କରି ନଥିଲେ।

# ପାଇଥିବା ମନ୍ତ୍ରଣାଳୟର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗରେ ବିଗତ ୫ବର୍ଷରେ କରାଯାଇଥିବା କାମକୁ ଦୁଇରୁ ତିନିଗୁଣା କରାଯିବ। ଷ୍କିଲ୍ ବିଭାଗରେ ଗତ ୫ବର୍ଷରେ ଅନେକଗୁଡିଏ ପଦକ୍ଷେପ ନିଆଯାଇ ଭଲ କାମ ଆରମ୍ଭ କରାଯାଇଛି। ସେହିଭଳି ଏହି ବିଭାଗର କାମକୁ ମଧ୍ୟ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ହରେକୃଷ୍ଣ ମହତାବଙ୍କ ଭଳି ବ୍ୟକ୍ତିତ୍ୱ କେନ୍ଦ୍ରରେ ଇସ୍ପାତ ବିଭାଗର ଦାୟିତ୍ୱ ନେଇଥିଲେ। ବର୍ତ୍ତମାନ ଆଉ ଜଣେ ଓଡିଆଭାବେ ଏହି ବିଭାଗର ଦାୟିତ୍ୱ ନେବା ଗୌରବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗରେ ଅନେକ ସୁଧାର ଆଣିଛନ୍ତି। ଏହି କ୍ଷେତ୍ରରେ ଅନେକଗୁଡିଏ ପ୍ରକଳ୍ପ କରାଯିବା ସହ ନୂଆ ନୂଆ ପଦକ୍ଷେପ ମଧ୍ୟ ନିଆଯାଇଛି। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ମୋଦି ସରକାରଙ୍କ ଉର୍ଜା ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ପ୍ରଥମ ୫ବର୍ଷ ସଫଳତାର ସହ କାର୍ଯ୍ୟ କରିଛି। ଫଳସ୍ୱରୂପ ଭାରତର ଜନସାଧାରଣ ମୋଦିଙ୍କୁ ପୁନର୍ବାର କାମ କରିବାର ଦାୟିତ୍ୱ ଦେଇଛନ୍ତି। ଏହି କ୍ଷେତ୍ରରେ ଗତ ୫ବର୍ଷରେ ଅନେକ ସଂସ୍କାର ଆସିଛି। ବର୍ତ୍ତମାନ ମୋଦିଙ୍କ ଦ୍ୱିତୀୟ ପାଳିର ସରକାରରେ ଏହି କ୍ଷେତ୍ରରେ ସାଧାରଣ ଭିତ୍ତିଭୂମି, ବଜାର ଭିତ୍ତିଭୂମିକୁ ପୂର୍ବପରି ଗୁରୁତ୍ୱ ଦିଆଯିବ। ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନାରେ କାମ ଦ୍ରୁତଗତିରେ ଚାଲୁଥିବାବେଳେ ଏହାକୁ ଆହୁରି ଗତିଶୀଳ କରାଯିବ। ଭାରତବର୍ଷର ୪ଶହ ଜିଲାରେ ସିଟି ଗ୍ୟାସ ନେଟୱର୍କ ବିସ୍ତାରିତ ହୋଇସାରିଥିବା ବେଳେ ଆଗାମୀ ଦିନରେ ଏହାର କ୍ରିୟାନ୍ୱୟନକୁ ସରଳୀକରଣ କରିବା ଦିଗରେ ଗୁରୁତ୍ୱାରୋପ କରାଯିବ। ପେଟ୍ରୋଲିୟମ ମନ୍ତ୍ରଣାଳୟର ଅଧିକାରୀମାନେ ପୂର୍ବାପେକ୍ଷା ଅଧିକ ପରିଶ୍ରମ କରିବେ। ତୈଳ ଓ ଗ୍ୟାସର ଉତ୍ପାଦନ ବୃଦ୍ଧିକୁ ପ୍ରାଥମିକତା ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦୃଷ୍ଟିରେ ଏହି ମନ୍ତ୍ରଣାଳୟ କାମ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଫନୀ ସହାୟତା ପ୍ରଦାନ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ଫନୀ କ୍ଷତିଗ୍ରସ୍ତଙ୍କ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ବ୍ୟକ୍ତିଙ୍କ ସହାୟତା ଜାରି ରହିଛି। ସେହିକ୍ରମରେ ଶୁକ୍ରବାର ମହେନ୍ଦ୍ରା ବ୍ରଦର୍ସ ଏକ୍ସପୋର୍ଟ ପ୍ରାଇଭେଟ ଲିଃ ପକ୍ଷରୁ ୨୫ ଲକ୍ଷ ଟଙ୍କା, ନବଭାରତ ଭେଞ୍ଚର୍ସ ଲିଃ ପକ୍ଷରୁ ୧୦ ଲକ୍ଷ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧,୦୭,୧୪୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୟୁନାଇଟେଡ୍ ବ୍ୟାଙ୍କ୍ ଅବସରପ୍ରାପ୍ତ ଅଫିସର ଆସୋସିଏଶନ୍, ଓଡ଼ିଶା ପକ୍ଷରୁ ୩୦,୦୦୦ ଟଙ୍କା, ତାରିଣୀ ଆଡ୍ ଏଜେନ୍ସି ପକ୍ଷରୁ ୧୦,୦୦୦ ଟଙ୍କା, କଂସାରୀ ଉନ୍ନୟନ ସମାଜ ପକ୍ଷରୁ ୧୦,୦୦୦ ଟଙ୍କା ଏବଂ ବଲାଙ୍ଗୀରର ଲଡ୍ଡୁ ଗୌଡ ୪୦,୦୦୦ ଟଙ୍କା, ସୁଜ୍ଞାନେନ୍ଦ୍ର ମିଶ୍ର ୩୦,୦୦୦ ଟଙ୍କା, ପଟେଲ ନର୍ସିଂ ହୋମ ୧୦,୦୦୦ ଟଙ୍କା ଓ ବେଣୁଧର ପାଣ୍ଡେ ୨୦,୦୦୦ ଟଙ୍କା ସିଏମ୍ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। ଏହିପରିଭାବେ ଶୁକ୍ରବାର ୧୦ଟି ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୩୭ ଲକ୍ଷ ୫୭ ହଜାର ୧୪୦ ଟଙ୍କା ପ୍ରଦାନ କରାଯାଇଛି।

# ନବୀନଙ୍କ କ୍ୟାବିନେଟ୍ ଅସାମ୍ବିଧାନିକ: ଶ୍ରୀକାନ୍ତ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଅସାମ୍ବିଧାନିକ। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସମ୍ବିଧାନ ପରାମର୍ଶଦାତାମାନେ ଉଚିତ ମାର୍ଗଦର୍ଶନ କରାଇନାହାନ୍ତି। ଯାହା ଫଳରେ ସମ୍ବିଧାନର ଅବମାନନା ହୋଇଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।ଶ୍ରୀକାନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଦିନ ତଳେ ଅସାମ୍ବିଧାନିକ ଭାବେ ଶପଥ ନେଇଛନ୍ତି। ମନ୍ତ୍ରିମଣ୍ଡଳ ଚୟନ ପୂର୍ବରୁ ଏକ ଗୁରୁତର ତ୍ରୁଟି କରାଯାଇଛି। ସମ୍ବିଧାନର ଧାରା ୧୬୪ ଅନୁଯାୟୀ ରାଜ୍ୟପାଳଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କୁ ନିଯୁକ୍ତି କରିପାରିବେ। ବିଶେଷ ନିୟମାନୁଯାୟୀ ଓଡ଼ିଶା, ବିହାର, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶ କ୍ଷେତ୍ରରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) କଲ୍ୟାଣ ଦାୟିତ୍ୱ ଦିଆଯିବା କଥା। ଏମିତି କି ଜଣେ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ଏହାର ଅତିରିକ୍ତ ଦାୟିତ୍ୱରେ ରହିପାରିବେ। ହେଲେ ନବୀନଙ୍କ ନେତୃତ୍ୱାଧୀନ ସରକାର ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ଭଳି ବିଭାଗକୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଏହି ଅସମ୍ବିଧାନିକ କାର୍ଯ୍ୟକୁ ଠିକ୍ କରାଯାଉ। ନଚେତ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇ ପୁନଃ ଶପଥପାଠ କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି।

ଓଡ଼ିଶାରେ ଏସ୍‌ସି(୧୬.୫%), ଏସ୍‌ଟି(୨୨.୧%) ଏବଂ ଓବିସି(୫୨%) ଅର୍ଥାତ ମୋଟ ଜନସଂଖ୍ୟାର ପ୍ରାୟ ୯୧% ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗକୁ କ୍ୟାବିନେଟ୍‌ରେ ସ୍ଥାନ ନ ମିଳିବା ଦୁର୍ଭାଗ୍ୟଜନକ। ଏହା ପରୋକ୍ଷରେ ସେହି ବର୍ଗର ଲୋକମାନଙ୍କ ପାଇଁ ଅପମାନ। ତେଣୁ ଜଣେ କ୍ୟାବିନେଟ୍ ମନ୍ତ୍ରୀ ସେହି ଦାୟିତ୍ୱରେ ରୁହନ୍ତୁ ଅଥବା ବର୍ତ୍ତମାନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ପାହ୍ୟା) ଇସ୍ତଫା ଦେଇ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିବାକୁ ଶ୍ରୀକାନ୍ତ ପରାମର୍ଶ ଦେଇଛନ୍ତି। ଏପରିକି ରାଜ୍ୟ ସରକାର ଯଦି ଏହି ସାମ୍ବିଧାନିକ ତ୍ରୁଟି ନ ସଜାଡନ୍ତି, ତେବେ ସେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଶ୍ରୀକାନ୍ତ କହିଛନ୍ତି। ଗତ ମେ ୨୯ରେ ବିଷମ କଟକ ବିଧାୟକ ଜଗନ୍ନାଥ ସାରକା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)ଭାବେ ଶପଥ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଶ୍ରୀକାନ୍ତଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ପାଇଁ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା।

# ଦଳରୁ ଉର୍ଦ୍ଧ୍ୱରେ ରହି ସବୁବର୍ଗଙ୍କ ପାଇଁ କାମ କରିବି: ପ୍ରତାପ

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଏନ୍‌ଡିଏ ସରକାରର ଦ୍ୱିତୀୟ ପାଳିରେ ଓଡିଶାର ବାଲେଶ୍ୱର ଲୋକ ସଭା ଆସନରୁ ବିଜୟୀ ହୋଇଥିବା ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦିଆଯାଇଛି। ମନ୍ତ୍ରୀପଦ ପାଇବା ପରେ ପ୍ରତାପ ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ କହିଛନ୍ତି ଯେ, ଦଳଠାରୁ ଉର୍ଦ୍ଧ୍ୱରେ ରହି ସବୁ ବର୍ଗଙ୍କ ପାଇଁ କାର୍ଯ୍ୟ କରିବି। ପ୍ରଥମଥର ଏମ୍‌ପିଭାବେ ନିର୍ବାଚିତ ହେବା ଏବଂ କେନ୍ଦ୍ରରେ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ମିଳିବାପରେ କେଉଁ ଦିଗ ପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଏ କ୍ଷେତ୍ରରେ ମୋର କୌଣସି ଅଭିଜ୍ଞତା କିମ୍ବା ଜ୍ଞାନ ମଧ୍ୟ ନାହିଁ। ପ୍ରଥମେ ବିଭାଗ ବିଷୟରେ ଜ୍ଞାନ ଆହରଣ କରିବି। ଏହାପରେ କୌଣସି ମତ ଦେଇପାରିବି। ଏହି ବିଭାଗ ବେକାରି ଯୁବତୀ, ଯୁବକଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା କ୍ଷେତ୍ରରେ ସହାୟକ ହୋଇପାରିବ। ଏଥିଯୋଗୁ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିବ। ଦେଶର ବିକାଶ ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପଡିବ। ଦଳରୁ ଉପରକୁ ଯାଇ ବିଭିନ୍ନ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ହେବ। ପ୍ରଥମେ ଦେଶ, ଦ୍ୱିତୀୟରେ ଦଳ ଏବଂ ଶେଷରେ ବ୍ୟକ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ଲୋଗାନ ସବ୍‌କା ସାଥ୍ ସବ୍‌କା ବିକାଶ ମନ୍ତ୍ରକୁ ନେଇ ସମସ୍ତଙ୍କ ବିଶ୍ୱାସକୁ ମଧ୍ୟ ହାସଲ କରିବାକୁ ପଡିବ ବୋଲି ଷଡଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମନ୍ତ୍ରୀପଦ ମିଳିବାପରେ ନିଜ ନିର୍ବାଚନମଣ୍ଡଳୀ ଲୋକମାନଙ୍କ ପାଇଁ ଅଧିକ ସମୟ ଦେବା ସମ୍ଭବ ହୋଇ ନ ପାରେ। ଏଥିପାଇଁ ଚିନ୍ତିତ ରହୁଛି। ଏହାସତ୍ତ୍ୱେ ଉଭୟ ଦିଗରେ କିଭଳି ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଇପାରିବ ସେ ନେଇ ପ୍ରୟାସ କରିବି ବୋଲି ପ୍ରତାପ କହିଛନ୍ତି।



କଣ୍ଟାବାଞ୍ଜି ବିଧାନସଭା ଫଳାଫଳକୁ ନେଇ ହାଇକୋର୍ଟରେ ମାମଲା

# ପୋଲିଂଠାରୁ ଇଭିଏମ୍‌ରୁ ବାହାରିଛି ଅଧିକ ଭୋଟ

କଟକ ଅଫିସ, ୩୧।୫

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ପୁଣି ପ୍ରଶ୍ନବାଚୀ। ପୋଲିଂଠାରୁ ୮,୬୬୬ ଖଣ୍ଡ ଅଧିକ ଭୋଟ ଇଭିଏମ୍‌ରୁ ବାହାରିଛି। ଇଭିଏମ୍‌କୁ ନେଇ ଯେଉଁ ବିବାଦ ଲାଗି ରହିଛି ସେଥିରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଯାଇଛି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ଆସନର ଫଳାଫଳକୁ ନେଇ। ଉକ୍ତ ନିର୍ବାଚନମଣ୍ଡଳୀର ଭୋଟର ଭୁବନାନନ୍ଦ ମହାନ୍ତ ଓ ରୂପେଶ କୁମାର ବେହେରା କଣ୍ଟାବାଞ୍ଜି ଆସନର ଫଳାଫଳକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ପିଟିଶନରେ କୋର୍ଟଙ୍କୁ ନିବେଦନ କରିଛନ୍ତି। ପିଟିଶନରେ ସେମାନେ ଦର୍ଶାଇଛନ୍ତି, କଣ୍ଟାବାଞ୍ଜି ଆସନରେ ମୋଟ ୧ ଲକ୍ଷ ୮୨ହଜାର ୪୧୧ ଖଣ୍ଡ ଭୋଟ ପୋଲିଂ ହୋଇଥିଲା। କିନ୍ତୁ ଭୋଟ ଗଣତିରୁ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୭୭ ଖଣ୍ଡ ଭୋଟ ବାହାରିଛି। ସମୁଦାୟ ପୋଲିଂ ଓ ଗଣତିରୁ ଯେଉଁ ଭୋଟ ବାହାରିଛି ସେଥିରେ ତାଳମେଳ ରହୁନାହିଁ। ତେଣୁ ପୋଲିଂଠାରୁ ଅଧିକ ୮,୬୬୬ ଭୋଟ ଇଭିଏମ୍ ଟାମ୍ପରିଂ କରାଯାଇ ଦିଆଯାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଥିଲେ। ଏପରି କି ଏହାର ସିବିଆଇ ଯାଞ୍ଚ ପାଇଁ ମଧ୍ୟ ସେମାନେ ନିବେଦନ କରିଛନ୍ତି। ମାମଲାରେ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସ୍ଥାନୀୟ ରିଟର୍ନିଂ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଥାଉ କି, କଣ୍ଟାବାଞ୍ଜି ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମାତ୍ର ୧୨୮ ଖଣ୍ଡ ଭୋଟରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।

# କେନ୍ଦୁପତ୍ର ଗୋଦାମ ପୋଡ଼ିଲେ ମାଓବାଦୀ

ଚନ୍ଦାହାଣ୍ଡି, ୩୧।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦେଓବନ୍ଧସ୍ଥିତ କେନ୍ଦୁପତ୍ର ଗୋଦାମକୁ ଗୁରୁବାର ବିଳମ୍ବିତ ରାତିରେ ମାଓବାଦୀମାନେ ନିଆଁ ଲଗାଇ ଦେଇଛନ୍ତି। ଏଥିଯୋଗୁ ପ୍ରାୟ ୨ କୋଟି ଟଙ୍କାର କେନ୍ଦୁପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଜିଲା କେନ୍ଦୁପତ୍ର ବିଭାଗ ତରଫରୁ ଏହି ସୂଚନା ଦିଆଯାଇଛି।

**ପ୍ରାୟ ୨ କୋଟି ଟଙ୍କାର ପତ୍ର ନଷ୍ଟ**

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ୩୦ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଦେଓବନ୍ଧ କେନ୍ଦୁପତ୍ର ଗୋଦାମକୁ ଯାଇଥିଲେ। ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ମାଓବାଦୀ କେନ୍ଦୁପତ୍ର ଗୋଦାମ ପାଚେରି ଚତୁଃପାର୍ଶ୍ୱରେ ଜଗି ରହିଥିବା ବେଳେ ୧୦ ମାଓବାଦୀ ଗୋଦାମ ଭିତରେ ପ୍ରବେଶ କରିଥିଲେ। ଗୋଦାମ ସମ୍ମୁଖରେ ଥିବା କାର୍ଯ୍ୟାଳୟରେ ପହଞ୍ଚି କବାଟ ବାଡେଇଥିଲେ। ଚନ୍ଦାହାଣ୍ଡି କେନ୍ଦୁପତ୍ର ବିଭାଗର ଗାର୍ଡ କୃଷ୍ଣ ଚନ୍ଦ୍ର ପୂଜାରୀ, ଦଣ୍ଡାମୁଣ୍ଡା ଫରେଷ୍ଟର ସନ୍ତୋଷ କୁମାର ଶିରା ଓ ରାତ୍ର ଜଗୁଆଳି ଘାସିରାମ ପୁର୍ତ୍ତି ବାହାରକୁ ଆସିଥିଲେ। ମାଓବାଦୀମାନେ ସେମାନଙ୍କୁ ଦୂରକୁ ଡାକିନେଇ ହିନ୍ଦୀ ଭାଷାରେ କଥା ହୋଇଥିଲେ। ଆମ୍ଭେ ତୁମ୍ଭମାନଙ୍କର କିଛି କରିବୁ ନାହିଁ, ତୁମର ଠିକାଦାର କିଏ ଓ କେଉଁଠି ରହୁଛି ବୋଲି ପଚାରିଥିଲେ। ଠିକାଦାର ଏଠି ରହୁ ନାହାନ୍ତି କହିବାରୁ ସେମାନେ କେନ୍ଦୁପତ୍ର ଗୋଦାମର ଚାବି ମାଗିଥିଲେ। ଚାବି ଆମପାଖରେ ନାହିଁ ବୋଲି ସଂପୃକ୍ତ କର୍ମଚାରୀମାନେ କହିଥିଲେ। ଏହା ପରେ ମାଓବାଦୀମାନେ ଗୋଦାମର ତାଲା ଭାଙ୍ଗି ନିଆଁ ଲଗାଇଦେଇଥିବା ଉକ୍ତ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ମାଓବାଦୀମାନେ ଚାଲିଯିବା ପରେ କର୍ମଚାରୀମାନେ ରେଞ୍ଜର ଚକ୍ରଧର ରାଜୁଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେ ପୋଲିସ ଏବଂ ବିଏସ୍‌ଏଫ୍‌ଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ରାତି ପ୍ରାୟ ୨ଟାରୁ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ନିଆଁ ଲିଭା ଚାଲିଥିଲା। ଉକ୍ତ ଗୋଦାମର ୯ଟି ଗୃହରେ ୨୦୧୭ ମସିହାର ୧୫୭୫ ବସ୍ତା ପତ୍ର ରହିଥିଲା। ଚଳିତ ବର୍ଷର କେନ୍ଦୁପତ୍ର ମିଶି ମୋଟ ୧ କୋଟି ୯୧ ଲକ୍ଷ ୧୫ ହଜାର ଟଙ୍କାର ପତ୍ର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହେଇଯାଇଛି। ଚନ୍ଦାହାଣ୍ଡି ଥାନା ଅଧିକାରୀ ବି.ଏମ୍. ସେଠୀ ଓ ବିଏସ୍‌ଏଫ୍ ଯବାନ ଘଟଣାର ତଦନ୍ତ କରୁଛନ୍ତି। ସନ୍ତୋଷ କୁମାର ଶୀରା ଏ ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ଥାନାରେ ନଂ. ୪୬/୧୯ରେ ମାମଲା ରୁଜୁ ହୋଇଛି। ଇନ୍ଦାଗାଁଓ ମାଓବାଦୀ ଏରିଆ କମିଟି ମୁଖ୍ୟ ଲଳିତା ଓ ତାଙ୍କ ସହକର୍ମୀମାନେ ଏହା କରିଥିବା ଉମରକୋଟ ଏସ୍‌ଡିପିଓ ହରେକୃଷ୍ଣ ପାଢୀ ସୂଚନା ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ଘଟଣାଟି ପ୍ରଥମ ଥର ପାଇଁ ହୋଇଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।



ଗୋଦାମରେ ଲାଗିଥିବା ନିଆଁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଜୁନ୍, ୨୦୧୯



## ସଂକ୍ଷେପରେ

### ଫନୀ ପାଇଁ ସଚିବାଳୟ ବ୍ୟକ୍ତିଗତ ସହାୟକ ସଂଘ ଦେଲା ୫୦ ହଜାର

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ବାତ୍ୟା ଫନୀରେ ପୁରୀ ଓ ଭୁବନେଶ୍ୱର ଛାରଖାର ହୋଇ ଯାଇଛି। ପୁନଃରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ରାଜ୍ୟ ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଗୁରୁବାର ଅପରାହ୍ନରେ ସଂଘର ସଭାପତି ଲିଙ୍ଗରାଜ ସାହୁ ଏବଂ ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଗୁଣିଗାରେଡ଼ି ସନ୍ଦେହରେ ଦାଆରେ କାଟି ହତ୍ୟା ପାଲଟା ଆକ୍ରମଣରେ ଅଭିଯୁକ୍ତ ଗୁରୁତର

**ଠାକୁରମୁଣ୍ଡା,୩୧।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ଅଁଳାକୁଟା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗୁଣିଗାରେଡି ସନ୍ଦେହରେ ଗ୍ରାମର ଧନେଶ୍ୱର ଲୋହାର(୫୦) ଏକ ଦାଆରେ କାଟି ସେହି ଗ୍ରାମର ଗହ୍ମା ବାନରା(୫୫)ଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ସେହିପରି ମୃତ ଗହ୍ମାଙ୍କ ଆକ୍ରମଣରେ ଧନେଶ୍ୱର ଗୁରୁତର ଆହତ ହୋଇ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍ଗୀନ ଥିବା ହସପିଟାଲ ସୂତ୍ରରୁ ଜଣାପଡିଛି। ଶୁକ୍ରବାର ଘଟଣା ଜଣାପଡିବା ପରେ କରଞ୍ଜିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରତି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଧନେଶ୍ୱରଙ୍କୁ ପୋଲିସ ହସପିଟାଲରେ ଜଗି ରହିଛି। ଏହି ହତ୍ୟାକାଣ୍ଡ ଗୁଣିଗାରେଡି ସନ୍ଦେହରେ କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଆକାଶବାଣୀ ସମାଚାର ବିଭାଗ ମୁଖ୍ୟଙ୍କ ଅବସର ଗ୍ରହଣ



**କଟକ ଅଫିସ,୩୧।୫:** ଆକାଶବାଣୀ କଟକ ଆଞ୍ଚଳିକ ସମାଚାର ବିଭାଗର ମୁଖ୍ୟ ଉପ ନିର୍ଦ୍ଦେଶକ ତଥା ଭାରତୀୟ ସୂଚନା ସେବା ଅଧିକାରୀ କେ.ପି. ରାଜୀବନ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଟକ ଆକାଶବାଣୀ ପରିସରରେ ଏକ ବିଦାୟକାଳୀନ ସଭା କେନ୍ଦ୍ର ନିର୍ଦ୍ଦେଶକ ସୁହାସ ମହାନ୍ତି ଓ କେନ୍ଦ୍ର ମୁଖ୍ୟ ପି.କେ. ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେହିଭଳି ସମ୍ବାଦ ବିଭାଗ ପକ୍ଷରୁ ମଧ୍ୟ କେନ୍ଦ୍ର ପରିସରରେ ଥିବା ଆଞ୍ଚଳିକ ସମାଚାର ବିଭାଗରେ ଏକ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା। ଏଥିରେ ସମାଚାର ସମ୍ପାଦକ ତପନ କୁମାର ମହାରଣା ଓ ପାର୍ଥସାରଥି ମଲ୍ଲିକ, ସମାଚାର ପାଠକ ବିରଞ୍ଚି ନାରାୟଣ ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଞ୍ଚଳିକ ସମାଚାର ବିଭାଗର ସମ୍ବାଦ ପାଠିକା ଓ ପାଠକଙ୍କ ପକ୍ଷରୁ ରାଜୀବନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କେରଳ ବାସିନ୍ଦା ରାଜୀବନ ୧୯୯୨ରେ ଭାରତୀୟ ସୂଚନା ସେବାରେ ଯୋଗ ଦେଇଥିଲେ। ସେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ତାଙ୍କର ଶେଷ ଚାକିରି ଜୀବନ କଟକ ଆକାଶବାଣୀରେ କଟିଥିବାରୁ ସେ ବେଶ୍ ଖୁସିଥିବା ପ୍ରକାଶ କରିଛନ୍ତି।

# ୫୧ କେନ୍ଦ୍ରମନ୍ତ୍ରୀ କୋଟିପତି

**ନୂଆଦିଲ୍ଲୀ, ୩୧।୫(ଆଇଏଏନ୍ଏସ୍)**



ପୀୟୂଷ ଗୋୟଲ



ହର୍‌ସିମ୍ରତ୍ କୌର ବାଦଲ

**ଏଡିଆର୍ ରିପୋର୍ଟ**
- ହର୍‌ସିମ୍ରତ୍ ସବୁଠୁ ଧନୀ ମନ୍ତ୍ରୀ
- ଗୋୟଲ ୯୫, ଶାହ ୪୦ କୋଟିର ମାଲିକ
- ତାଲିକାର ୪୬ତମ ସ୍ଥାନରେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି କ୍ୟାବିନେଟରେ ସାମିଲ ହୋଇଥିବା ୫୬ ମନ୍ତ୍ରୀଙ୍କ ମଧ୍ୟରୁ ୫୧ ଜଣ କୋଟିପତି। ସେମାନଙ୍କ ମଧ୍ୟରୁ ପଞ୍ଜାବସ୍ଥିତ ଭଟିଣ୍ଡା ଆସନର ଶିରୋମଣି ଅକାଳୀ ଦଳ (ଏସ୍ଏଡି) ଏମ୍‌ପି ହର୍‌ସିମ୍ରତ୍ କୌର ବାଦଲ ସବୁଠୁ ଧନୀ ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଶୁକ୍ରବାର କୁହାଯାଇଛି।

ଏଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ହର୍‌ସିମ୍ରତ୍‌ଙ୍କ ସମ୍ପତ୍ତି ସର୍ବାଧିକ ୨୧୭ କୋଟି ଟଙ୍କା। ତାଙ୍କ ତଳକୁ ଅଛନ୍ତି ରାଜ୍ୟ ସଭା ସଦସ୍ୟ ପୀୟୂଷ ଗୋୟଲ, ଯାହାଙ୍କ ସମ୍ପତ୍ତିର ମୂଲ୍ୟ ହେଉଛି ୯୫ କୋଟି ଟଙ୍କା। ଗୁରୁଗ୍ରାମ ଏମ୍‌ପି ରାଓ ଇନ୍ଦ୍ରଜିତ୍ ତୃତୀୟ ଧନୀ କେନ୍ଦ୍ରମନ୍ତ୍ରୀ। ସେ ୪୨ କୋଟି ଟଙ୍କା ସମ୍ପତ୍ତିର ମାଲିକ। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଗାନ୍ଧୀନଗର ଏମ୍‌ପି ଅମିତ୍ ଶାହଙ୍କ ସମ୍ପତ୍ତି ୪୦ କୋଟି ବୋଲି ସେ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନୀ ମନ୍ତ୍ରୀଙ୍କ ତାଲିକାର ୪୬ତମ ସ୍ଥାନରେ ଅଛନ୍ତି। ମୋଦିଙ୍କ ସମ୍ପତ୍ତିର ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ତାଙ୍କ ସତ୍ୟପାଠରୁ ଜଣାପଡ଼ିଛି। କ୍ୟାବିନେଟର ୧୦ ସଦସ୍ୟ ସେମାନଙ୍କ ସମ୍ପତ୍ତି ମୋଦିଙ୍କଠାରୁ କମ୍ ବୋଲି ଦର୍ଶାଇଛନ୍ତି। ଅର୍ଜୁନରାମ ମେଘୱାଲ (ବିକାନେର) ଓ ନରେନ୍ଦ୍ର ସିଂ ତୋମର (ମୋରେନା)ଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨ କୋଟି ବୋଲି ଜଣାପଡ଼ିଛି। ସଞ୍ଜୀବ କୁମାର ବାଲ୍ୟାନ୍ (ମୁଜାଫରନଗର), କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ) ଓ ସାଧ୍ୱୀ ନିରଞ୍ଜନା ଜ୍ୟୋତି (ଫତେପୁର) ସେମାନଙ୍କ ସମ୍ପତ୍ତି ୧ କୋଟି ଟଙ୍କା ବୋଲି ଘୋଷଣା କରିଛନ୍ତି। ସେହିପରି କୋଟିଏ ଟଙ୍କାରୁ କମ୍ ମୂଲ୍ୟ ସମ୍ପତ୍ତିର ଅଧିକାରୀ ଥିବା ୫ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ଦେବଶ୍ରୀ ଚୌଧୁରୀ (ରାଣୀଗଞ୍ଜ) ୬୧ ଲକ୍ଷ, ରାମେଶ୍ୱର ତେଲି (ଡିବ୍ରୁଗଡ଼) ୪୩ ଲକ୍ଷ, ଭି. ମୁରଲୀଧରନ୍ (କେରଳ) ୨୭ ଲକ୍ଷ, କୈଳାସ ଚୌଧରୀ (ବାର୍‌ମେର) ୨୪ ଲକ୍ଷ ଏବଂ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ (ବାଲେଶ୍ୱର) ୧୩ ଲକ୍ଷ ଟଙ୍କା ସମ୍ପତ୍ତିର ମାଲିକ।

- ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀମୃତ୍ୟୁ ଘଟଣା

# ନିଲମ୍ବିତ ହେଲେ ଫରେଷ୍ଟର, ଫରେଷ୍ଟଗାର୍ଡ

**ନୟାଗଡ଼ ଅଫିସ,୩୧।୫**

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀମୃତ୍ୟୁ ଘଟଣାରେ ଦୁଇଜଣ ବନବିଭାଗ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ପଞ୍ଚରିଡ଼ା ଫରେଷ୍ଟର କୈଳାସ ପ୍ରଧାନ ଓ ଗୋଛା ବିଟ୍ ହାଉସର ଫରେଷ୍ଟଗାର୍ଡ ବିଶ୍ୱଜିତ ସାମନ୍ତରାୟ। ବିଶ୍ୱଜିତ କୁଟୁରୀ ବିଟ୍ ହାଉସର ଫରେଷ୍ଟ ଗାର୍ଡ ଥିବା ବେଳେ ଗୋଛାରେ ଅତିରିକ୍ତ ଦାୟିତ୍ୱରେ ଥିଲେ। କର୍ତ୍ତବ୍ୟରେ ଅବହେଳା ତଥା ହାତୀ ମୃତ୍ୟୁ ନେଇ ଠିକ୍ ସମୟରେ ବିଭାଗକୁ ସୂଚନା ନ ଦେବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଥିବା ନୟାଗଡ଼ ଏସିଏଫ ଅରବିନ୍ଦ ମହାନ୍ତି ସୂଚନା ଦେଇଛନ୍ତି।

ଗତ ସୋମବାର ସନ୍ଧ୍ୟାରେ ଗୋଛା ଜଙ୍ଗଲ ଦେଇ ଯାଇଥିବା ଦୁଆଣ୍ଟ ନାଳ ନିକଟରେ ଏକ ହାତୀର ମୃତଦେହ ପଡ଼ିଥିବା ନେଇ ବନ ବିଭାଗ ସୂଚନା ପାଇଥିଲା। ମଙ୍ଗଳବାର ହାତୀର ଗଳିତ ମୃତଦେହକୁ ଉଦ୍ଧାର କରାଯିବା ସହିତ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ମୃତ ହାତୀର ବୟସ ୪ରୁ ୫ ବର୍ଷ। ସେ ଅଣ୍ଡିରା ହାତୀ ହୋଇଥିବା ବେଳେ ଅଂଶୁଘାତରେ ତା'ର ମୃତ୍ୟୁ ହୋଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛିଦିନ ତଳେ ଦଶପଲ୍ଲା ଜଙ୍ଗଲରୁ ୭ଟିକିଆ ହାତୀପଲ ଆସି ଗୋଛା ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଥିଲେ। ସେଥିରୁ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀଟି ଦନ୍ତା ହୋଇଥିବା ବେଳେ ତା'ର ବାମ ଦାନ୍ତ ନ ଥିଲା। କେହି ତାକୁ ଶିକାର କରି ବାମ ଦାନ୍ତଟିକୁ ନେଇ ଯାଇଥିବା ଆଲୋଚନା ହେଉଥିଲା। ବ୍ୟବଚ୍ଛେଦ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଆସି ନ ଥିବା ପଞ୍ଚରିଡ଼ା ରେଞ୍ଜର ଧନେଶ୍ୱର ରଥ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଥିଲେ।

# ପୂର୍ବତଟ ରେଳପଥର ୧୦ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୩୧-୫**



- ଯାତ୍ରୀ ଭିଡକୁ ଏଡାଇବାକୁ ପଦକ୍ଷେପ
- ପୂର୍ବତଟ ପରିସର ଦେଇ ୭ ସ୍ୱତନ୍ତ୍ର ଟ୍ରେନ
- ନିର୍ଦ୍ଧାରିତ ଟ୍ରେନ ଜୁନ ଶେଷ ଯାଏ ଚଳାଚଳ କରିବ

ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ୫ ଯୋଡା ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯାଉଛି। ଏହା ବାଦ ପୂର୍ବତଟ ରେଳପଥ ମଧ୍ୟ ଦେଇ ଆଉ ୭ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏହି ଟ୍ରେନଗୁଡିକ ଜୁନ ମାସ ଶେଷ ପର୍ଯ୍ୟନ୍ତ ଚଳାଚଳ କରିବ। ଟ୍ରେନଗୁଡିକ ମଧ୍ୟରେ ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସାପ୍ତାହିକ ଏକ୍ସପ୍ରେସ, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ, ପୁରୀ-ସାନ୍ତ୍ରାଗାଛି-ପୁରୀ ସାପ୍ତାହିକ, କାଚେଗୁଡା-ଟାଟା-କାଚେଗୁଡା ସ୍ୱତନ୍ତ୍ର ଭାୟା କେନ୍ଦୁଝରଗଡ, କାଚେଗୁଡା-ବିଶାଖାପାଟଣା ଏବଂ ବିଶାଖାପାଟଣା-ତିରୁପତି ସ୍ୱତନ୍ତ୍ର, ହବିବଗଞ୍ଜ-ପୁରୀ-ହବିବଗଞ୍ଜ ଏକ୍ସପ୍ରେସ ଭଳି ଟ୍ରେନ ରହିଛି। ସେହିଭଳି ଅନ୍ୟ ଟ୍ରେନଗୁଡିକ ମଧ୍ୟରେ ଭାୟା ଅନୁଗୋଳ ଏବଂ ଭଦ୍ରକ ଦେଇ ସାଲିମାର-ସମ୍ବଲପୁର-ସାଲିମାର ତ୍ରିସାପ୍ତାହିକ, ସମ୍ବଲପୁର-ବନସୱାଡି-ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର, ରାଇଗଡ-ସମ୍ବଲପୁର-ରାଇଗଡ ସ୍ୱତନ୍ତ୍ର, ଚେନ୍ନାଇ ସେଣ୍ଟ୍ରାଲ-ସାନ୍ତ୍ରାଗାଛି-ଚେନ୍ନାଇ ସେଣ୍ଟ୍ରାଲ, ପୁଡୁଚେରୀ-ସାନ୍ତ୍ରାଗାଛି-ପୁଡୁଚେରୀ ଏବଂ ଭୁବନେଶ୍ୱର-ସକିନ୍ଦରାବାଦ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ସାମିଲ ରହିଛି। ଗ୍ରୀଷ୍ମ ସମୟରେ ଭିଡ ଯୋଗୁ ଯାତ୍ରୀମାନେ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ସେ ଦିଗରେ ରେଲୱେ ଯତ୍ନବାନ ହେବା ସହ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।



ରମ୍‌ଜାନ୍ ମାସ ଶେଷ ଶୁକ୍ରବାରରେ ଭୁବନେଶ୍ୱର ୟୁନିଟ-୪ ସ୍ଥିତ ମସ୍‌ଜିଦ୍‌ରେ ମୁସଲମାନ ଭାଇମାନେ ସମୂହ ନମାଜ୍ ପାଠ କରୁଛନ୍ତି।

**କାଳ ସାଜିଲା କାଳବୈଶାଖୀ**

# ଗଛ ପଡ଼ି ମହିଳା ମୃତ

**ଅନୁଗୋଳ ଅଫିସ/ କଣିହାଁ, ୩୧।୫ (ଡି.ଏନ.ଏ.)**



ବଅଁରପାଳ ଅଞ୍ଚଳରେ ଏକ କାର ଉପରେ ଗଛ ଭାଙ୍ଗିପଡିଛି।

ଅନୁଗୋଳ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ବେଶ୍ କ୍ଷୟକ୍ଷତି ଘଟାଇଛି। କଣିହାଁ, ଛେଣ୍ଡିପଦା ଓ ବଅଁରପାଳ ଅଞ୍ଚଳରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିବା ସହ ଇଲେକ୍ଟ୍ରି ଖୁଣ୍ଟ ଉପୁଡ଼ି ପଡ଼ିଛି। ବହୁ ରାସ୍ତାରେ ଗଛ ଡାଳ ପଡ଼ି ରହିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ସେବା ମଧ୍ୟ ବିଚ୍ଛିନ୍ନ ହୋଇଯାଇଛି। ଚାଳ ଓ ଆଜବେଷ୍ଟସ ଛପର ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସ୍କୁଲ, କଲେଜ ଗୃହ ଓ ଦୋକାନ ଘରର ଆଜବେଷ୍ଟସ ଉଡ଼ାଇ ନେଇଛି। କେତେକ ସ୍ଥାନରେ ଗଛ ଉପୁଡ଼ି ଘର ମଧ୍ୟ ଭାଙ୍ଗି ଯାଇଥିବା ଖବର ମିଳିଛି। ତେବେ କଣିହାଁ ଅଞ୍ଚଳରେ କାଳବୈଶାଖୀ ବେଳେ ଗଛ ଭାଙ୍ଗି ଜଣେ ମହିଳାଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ମୃତ ମହିଳା ହେଲେ କଣିହାଁ ଥାନା ଖଜୁରିଆ ଗ୍ରାମର ତେଲୁ ସାହୁଙ୍କ ସ୍ତ୍ରୀ ଚଞ୍ଚଳା ସାହୁ। ଘର ନିକଟ ରାସ୍ତାପାର୍ଶ୍ୱରେ ଥିବା ଅଶ୍ୱତଥ୍ ଓ ତାଳ ଗଛ ତାଙ୍କ ଘର ଉପରେ ଭାଙ୍ଗି ପଡ଼ିବାରୁ ସେ ଚାପି ହୋଇ ପ୍ରାଣ ହରାଇଥିବା ମୃତ ମହିଳାଙ୍କ ପୁଅ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରାଯିବ ବୋଲି ପୋଲିସ କହିଛି। ସେହିପରି ବଅଁରପାଳ ଅଞ୍ଚଳରେ ଥିବା ନାଲ୍‌କୋର ଜଣେ କର୍ମଚାରୀଙ୍କ କାର୍ ଉପରେ ଗଛ ଡାଳ ଭାଙ୍ଗି ପଡ଼ିବାରୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ତରଭା,୩୧।୫(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ମନହିରା ଗ୍ରାମର ଦେବରାଜ ସରଭଙ୍ଗଙ୍କ ପୁଅ ଦୀପକ(୧୭)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ଦୀପକ ଘରେ ଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ସୁଲଗ୍ନା ନେଗୀ ତାଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯)ରୁଜୁ ହୋଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଥାନାର ଏଏସଆଇ ଘଟଣାର ତଦନ୍ତ କରୁଥିବା ବେଳେ ବିଦ୍ୟୁତ୍ ଆଘାତରୁ ଦୀପକଙ୍କ ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ଡୋଲାମଣି ଭୋଇ ସୂଚନା ଦେଇଛନ୍ତି।

# ଶିଳ୍ପ, କ୍ରୀଡ଼ା ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ନୂଆ ମନ୍ତ୍ରୀମାନେ ବିଭାଗୱାରୀ ସମୀକ୍ଷା ଆରମ୍ଭ କରିଛନ୍ତି। ସେହିକ୍ରମରେ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଏମ୍ଏସ୍ଏମ୍ଇ ଏବଂ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସମୀକ୍ଷା କରାଯାଇଛି। ନୂଆ କରି ଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗ ଦାୟିତ୍ୱ ନେଇଥିବା କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସଚିବାଳୟସ୍ଥିତ ଶିଳ୍ପ ବିଭାଗ ପରିଦର୍ଶନ କରିଛନ୍ତି। ଆଗାମୀ ୫ ବର୍ଷ ପାଇଁ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନା ସମ୍ପର୍କରେ ମନ୍ତ୍ରୀ ଅବଗତ ହୋଇଛନ୍ତି। ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ରାଜ୍ୟରେ ପୁଞ୍ଜିନିବେଶ, ରୋଜଗାର ସୃଷ୍ଟିର ଦିଗ, ରାଜ୍ୟକୁ ଶିଳ୍ପକୁ ନେଇଥିବା ସମ୍ଭାବନା ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମନ୍ତ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁରୂପଭାବେ ନୂଆକରି କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଦାୟିତ୍ୱ ନେଇଥିବା ତୁଷାରକାନ୍ତି ବେହେରା ସଚିବାଳୟସ୍ଥିତ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ମେ'୩ରେ ସାମୁଦ୍ରିକ ଝଡ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କ୍ରୀଡା ଭିତ୍ତିଭୂମିର ପୁନରୁଦ୍ଧାର ସରକାରଙ୍କ ପ୍ରାଥମିକତା ହେବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟର ଗ୍ରାମାଞ୍ଚଳରେ ବହୁତ କ୍ରୀଡା ପ୍ରତିଭା ଅଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ଦିଗରେ ସରକାର ଦୃଷ୍ଟି ଦେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# କୁଟୁରା ଶାବକ ଉଦ୍ଧାର

**ଗଣିଆ,୩୧।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ବନ୍ୟଜନ୍ତୁମାନେ ପିଇବା ପାଣି ପାଇଁ ଜନବସତି ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ସେମାନେ ବୁଲାକୁକୁର ଓ ଶିକାରୀମାନଙ୍କ ହାବୁଡରେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। କେତେକ କ୍ଷେତ୍ରରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରୁଛନ୍ତି। ଶୁକ୍ରବାର ସକାଳୁ ଗଣିଆ ବନାଞ୍ଚଳର ସିଲିଗାଡି ଗ୍ରାମବାସୀ ଏକ କୁଟୁରା ଶାବକ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଗଣିଆ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, କୁଟୁରା ଶାବକଟି ଗୁରୁବାର ରାତିରେ ପାଣି ପିଇବା ପାଇଁ ସିଲିଗାଡି ଗ୍ରାମ ନିକଟକୁ ଚାଲିଆସିଥିଲା। କିନ୍ତୁ ପରେ ଜଙ୍ଗଲକୁ ଫେରି ନ ପାରି ଗ୍ରାମବାସୀଙ୍କ ହାବୁଡରେ ପଡିଥିଲା। ଗାଁ ଲୋକଙ୍କଠାରୁ ଖବରପାଇ ବନାଞ୍ଚଳ ଅଧିକାରୀଙ୍କ ସମେତ ଫରେଷ୍ଟର ଅଶୋକ କୁମାର ସାହୁ ଓ ଫରେଷ୍ଟଗାର୍ଡ ଦୁଃଖିଶ୍ୟାମ ପ୍ରଧାନ ପହଞ୍ଚି କୁଟୁରାଟିକୁ ଗଣିଆ ଆଣିଥିଲେ। ଗଣିଆ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଶାବକଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବଙ୍କାମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଛାଡିଦିଆଯାଇଥିଲା।



ଉଦ୍ଧାର ହୋଇଥିବା କୁଟୁରା ଶାବକ।

- ବିଜେପୁର ଲାଗି ସ୍ୱତନ୍ତ୍ର ପ୍ୟାକେଜ

# ବିରୋଧୀ କହିଲେ ଉପନିର୍ବାଚନ ପ୍ରସ୍ତୁତି

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ବରଗଡ଼ ଜିଲା ବିଜେପୁର ଆସନକୁ ନେଇ ପୁଣି ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଏହି ଆସନରେ ଆଉଥରେ ଉପନିର୍ବାଚନ ହୋଇପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାପରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ଏହି ଆସନରେ ଉପନିର୍ବାଚନ ହୋଇଥିଲା। ସୁବଳଙ୍କ ସ୍ତ୍ରୀ ରୀତା ସାହୁ ବିଜେଡିରୁ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ଏହି ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଡାକି ଏହି ଅଞ୍ଚଳ ଲାଗି ୧୨୬୪ କୋଟି ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁର କରିଥିଲେ। ଏବେ ମଧ୍ୟ ସେହିଭଳି ଏକ ବଡ ଧରଣର ପ୍ୟାକେଜ ବିଜେପୁର ପାଇଁ ଘୋଷଣା ହେବାପରେ ବିରୋଧୀ କଡା ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଏଥର ଉପନିର୍ବାଚନ ହେଲେ ବିଜେପୁରବାସୀ ଉଚିତ ଜବାବ୍ ବିଜେଡିକୁ ଦେବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ନିରଞ୍ଜନ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜେପୁର ପାଇଁ ଏକାଧିକ ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ସେ କେବଳ ବିଜେପୁର ବିଧାୟକ ନୁହନ୍ତି ବରଂ ଓଡିଶାର ମୁଖ୍ୟମନ୍ତ୍ରୀ। ବିଜେପୁର ପରି ଅନ୍ୟାନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନତି ଓ ବିକାଶ ଦିଗରେ ସ୍ୱତନ୍ତ୍ର ପ୍ରକଳ୍ପ କରିବାକୁ ଆର୍ଥିକ ପ୍ୟାକେଜ୍ ଘୋଷଣା କରିବା ଜରୁରୀ। ମାତ୍ର ବିଜେପୁର ବ୍ୟତୀତ ଅନ୍ୟ ନିର୍ବାଚନମଣ୍ଡଳୀଗୁଡିକୁ ଦୃଷ୍ଟି ନ ଦେବା ଅତ୍ୟନ୍ତ କ୍ଷୋଭର ବିଷୟ। ୨ଟି ଆସନରୁ ନବୀନବାବୁ ବିଜୟୀ ହୋଇଛନ୍ତି। ବିଜେପୁର ବିଧାୟକ ପଦରୁ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀ ମନ ସ୍ଥିର କରି ସ୍ୱତନ୍ତ୍ର ପ୍ରକଳ୍ପ ନିମନ୍ତେ ଏପରି ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ସରକାରୀ ଅର୍ଥରେ ଆସନ୍ନ ଉପନିର୍ବାଚନ ପାର ହେବାର ଚିନ୍ତା କରିଥାଇପାରନ୍ତି। ମାତ୍ର ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଅତୀତରେ ଏପରି ବହୁ ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାର ଦୃଷ୍ଟାନ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେଖାଇ ସାରିଛନ୍ତି। ୨୦୧୭ ବିଜେପୁର ଉପନିର୍ବାଚନ ସମୟରେ ସେହି ଅଞ୍ଚଳ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ପ୍ରକଳ୍ପ ଲାଗି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। କିନ୍ତୁ ପ୍ରକଳ୍ପଗୁଡିକର ବର୍ତ୍ତମାନ ରୂପରେଖ, ସ୍ଥିତି କ'ଣ ରହିଛି ଏହା ସହଜରେ ଅନୁମେୟ କରାଯାଇପାରେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବିଜେପୁରବାସୀଙ୍କ ପାଇଁ ଲଲିପପ୍ ଛଡା ଆଉ କିଛି ନୁହେଁ। ଆଗାମୀ ଦିନରେ ବିଜେପୁରରେ ଉପନିର୍ବାଚନ ହେଲେ ସ୍ଥାନୀୟ ଭୋଟ ଦୃଢ ଜବାବ ଦେବେ ବୋଲି ନିରଞ୍ଜନ କହିଛନ୍ତି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଗତ ଦିନରେ ଓଡିଶାକୁ କେନ୍ଦ୍ର ସରକାର ଯେତେ ଅର୍ଥ ଦେଇଛନ୍ତି ରାଜ୍ୟ ସରକାର ସେଥିରୁ କେତେ ଖର୍ଚ୍ଚ କରିଛନ୍ତି। ଓଡ଼ିଶାକୁ କେବେହେଲେ ଅବହେଳା କରାଯାଇନାହିଁ। ଓଡିଶାରୁ କେତେଜଣଙ୍କୁ ମନ୍ତ୍ରୀପଦ ମିଳିଲା ତାହା ମୁଖ୍ୟ ପ୍ରସଙ୍ଗ ନୁହେଁ। ଆମେ ଓଡିଶା ପାଇଁ କ'ଣ କରିପାରିବୁ ତାହା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ପାଇଁ ଯେତେ ଅର୍ଥ ଆବଶ୍ୟକ ପଡିବ ଆମେ ଆଣିବୁ। ନିଜ ନିର୍ବାଚନମଣ୍ଡଳୀ ତଥା ଅନ୍ୟ ଅଞ୍ଚଳର ବିକାଶ ଲାଗି ଅର୍ଥ ଆଣିବୁ। ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ପଶ୍ଚିମ ଓଡିଶାରୁ ଯେତେଜଣ ମନ୍ତ୍ରୀ ହୋଇଛନ୍ତି ସେମାନେ କୋଉ କାମକୁ ନୁହନ୍ତି ବୋଲି ଜୟନାରାୟଣ କହିଛନ୍ତି।



ଯେଉଁ କାର୍ଯ୍ୟ ଧୀର ସୁସ୍ଥେ ଚଳିବ ତାକୁ ଯଥେଷ୍ଟ ବିଚାର କର। କିନ୍ତୁ ଯାହା ତୁରନ୍ତ କରିବା କଥା ତାକୁ ତୁରନ୍ତ କର।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ତୋଷାଳୀ ତରଫରୁ ସାମୂହିକ ପଦଯାତ୍ରା, ମାଷ୍ଟରକ୍ୟାଣ୍ଟିନ, ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା।
- ଇଟିକିଲି ମିଟିକିଲିର ଦ୍ୱି-ଦିବସୀୟ ମୁକ୍ତମଞ୍ଚ କାର୍ଯ୍ୟକ୍ରମ, ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସକାଳ ୯ଟା।
- ପ୍ରିଲ୍ୟୁଡ ନୋଭାଲ ଭେନଚରସ୍ ପ୍ରା.ଲି. ପକ୍ଷରୁ ମ୍ୟୁଜିକ ଆଣ୍ଡ ମୋର୍ କାର୍ଯ୍ୟକ୍ରମ, ବିଓସିସିଏ କାଫେ, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ବଡ଼ଗଡ଼ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ପାଳନ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା ୩୦।
- ହିନ୍ଦୁସ୍ତାନ ସଙ୍ଗୀତ ସଭା ପକ୍ଷରୁ ହିନ୍ଦୁସ୍ତାନୀ ମ୍ୟୁଜିକ ଉତ୍ସବ, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସନ୍ଧ୍ୟା ୬ଟା।
- ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ତ୍ରିଧାରା ପକ୍ଷରୁ ଦେବସ୍ମୃତି-୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଷ୍ଟାର କଲ୍‌ଚରାଲ ଫେଷ୍ଟିଭାଲ ପକ୍ଷରୁ ତୃତୀୟ ମହୋତ୍ସବ, ଅନ୍ନପୂର୍ଣ୍ଣା ଥିଏଟର 'ବି' ପରିସର, ବାରପଥର, ବକ୍ସିବଜାର, ପୂର୍ବାହ୍ନ ୯ଟା।
- ରେଳ ଡାକ ସେବା 'ଏନ୍' ମଣ୍ଡଳର ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତର ବିରୋଧରେ ଧାରଣା ଓ ପ୍ରତିବାଦ ସଭା, ଆର୍‌ଏମ୍‌ଏସ୍ ଅଫିସ ସାମ୍ନା, ମାଛୁଆବଜାର, ପୂର୍ବାହ୍ନ ୧୦ଟା।
- କଟକ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନ, ଆନେକ୍ସ-୧, ୱିଜ୍‌ଡମ ଅଫ ସେଭେନପିଲାର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୧୪ତମ ମହାନଦୀ ଫେଷ୍ଟିଭାଲର ସପ୍ତମ ସନ୍ଧ୍ୟା, ନେତାଜୀ ପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ପୁରୀ ପରିବେଶ ସୁରକ୍ଷା ପରିଷଦ ପକ୍ଷରୁ ଆଲୋଚନାଚକ୍ର, ଶ୍ରୀହରି ସହଦେବ ମନ୍ଦିର, ବ୍ରହ୍ମଗିରି, ପୂର୍ବାହ୍ନ ୧୦ଟା ।
- ଶାନ୍ତି ଅନୁଷ୍ଠାନ ପକ୍ଷରୁ ଶୀତଳ ବା ସେବା ଓ ଟଙ୍କତୋରାଣୀ ବଣ୍ଟନ, ପୌର ସଦନ ଛକ, ପୂର୍ବାହ୍ନ,୧୦ଟା।

# ଅଣ୍ଟା ସଳଖୁଛି ହୋଟେଲ ଶିଳ୍ପ

**୭୦ ପ୍ରତିଶତ ହୋଟେଲରେ ପହଞ୍ଚିଲାଣି ବିଦ୍ୟୁତ୍**

**୨୦୦ରୁ ଊର୍ଦ୍ଧ୍ୱ ହୋଟେଲ ସେବା ଯୋଗାଇଲେଣି**

ହେମନ୍ତ କୁମାର ନାୟକ
ପୁରୀ ଅଫିସ, ୩୧।୫







ଫନୀ ମାଡ଼ରେ ଦୋହଲିଯାଇଛି ପୁରୀ ହୋଟେଲ ଶିଳ୍ପର ଭିତ୍ତିଭୂମି। ଅଳ୍ପବହୁତେ ପ୍ରାୟ ସବୁ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। ଇତିମଧ୍ୟରେ ବାତ୍ୟାକୁ ୨୯ ଦିନ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଛିଡା ହୋଇପାରି ନାହିଁ ହୋଟେଲ ଶିଳ୍ପ। ଧୀରେ ଧୀରେ ଅଣ୍ଟା ସଳଖୁଛି। ଏବେ ବି କେତେକ ହୋଟେଲରେ ବାତ୍ୟାର କ୍ଷତ ବାରି ହୋଇପଡୁଛି। ଯୁଦ୍ଧକାଳୀନଭିତ୍ତିରେ ଅନେକ ହୋଟେଲର ମରାମତି ଚାଲିଛି। ଅନ୍ୟପଟେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା କିଛି ହୋଟେଲ ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ମଧ୍ୟ ଆରମ୍ଭ କରିଦେଲେଣି। ପାଣି ସୁବିଧା ଉପଲବ୍ଧ ହୋଇଥିଲେ ମଧ୍ୟ କେତେକ ହୋଟେଲକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ।

ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମି ହେଉଛି ହୋଟେଲ। ହୋଟେଲ ଶିଳ୍ପ ଯୋଗୁ ହିଁ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇଥାଏ। ଦେଶ ବିଦେଶର ପର୍ଯ୍ୟଟକ ରାଜ୍ୟକୁ ଆସିଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଅନେକ ଲୋକ ସ୍ୱାବଲମ୍ବୀ ହୋଇଥାନ୍ତି। ହେଲେ ବାତ୍ୟାରେ ପ୍ରମୁଖ ସହର ପୁରୀ, ଭୁବନେଶ୍ୱର ଏବଂ କଟକରେ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି। ଖୁବ୍‌ଶୀଘ୍ର ହୋଟେଲଗୁଡ଼ିକ ପୂର୍ବାବସ୍ଥାକୁ ଫେରି ପୁରୀ ପର୍ଯ୍ୟଟନକୁ ଆଗେଇ ନେବାରେ ସହଯୋଗ କରିବ ବୋଲି ପୁରୀ ହୋଟେଲ ସଂଘ ପକ୍ଷରୁ କୁହାଯାଇଛି।

ପୁରୀ ହୋଟେଲ ଆସୋସିଏଶନର ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି, ବାତ୍ୟାରେ ପୁରୀ ସହରର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ହୋଟେଲ, ଲଜ୍ଂ ଆଦି ପ୍ରଭାବିତ ହୋଇଛି। ହୋଟେଲ ଶିଳ୍ପର ପ୍ରାୟ ୫୦୦ କୋଟି ଟଙ୍କା କ୍ଷତି ହୋଇଛି। ପର୍ଯ୍ୟଟନ ଶିଳ୍ପର ପ୍ରମୁଖ ଅଂଶ ହେଉଛି ହୋଟେଲ। କିନ୍ତୁ ପ୍ରାୟ ୧ ମାସ ହେବ ହୋଟେଲଗୁଡ଼ିକର ଭିତ୍ତିଭୂମି ଠିକ୍ ନ ଥିବାରୁ ଖାଁ ଖାଁ ରହିଛି। ବାତ୍ୟା ପରେ ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ପୁରୀକୁ ପର୍ଯ୍ୟଟକ ଆସି ନ ଥିଲେ। ଏବେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସବୁ ହୋଟେଲ ସେବା ଯୋଗାଇବାକୁ ସକ୍ଷମ ହୋଇନାହାନ୍ତି। ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଅର୍ଥାତ୍ ୨୦୦ରୁ ଊର୍ଦ୍ଧ୍ୱ ହୋଟେଲ ଖୋଲିଗଲାଣି। ୨ ତାରିଖ ସୁଦ୍ଧା ୭୦ ପ୍ରତିଶତ ଏବଂ ରଥଯାତ୍ରା ପୂର୍ବରୁ ସବୁ ହୋଟେଲ ଖୋଲିଯିବ ବୋଲି ସମ୍ପାଦକ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ୬୦ରୁ ୭୦ ପ୍ରତିଶତ ହୋଟେଲକୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଆସନ୍ତା ୩ ତାରିଖ ମଧ୍ୟରେ ପୁରୀର ସବୁ ହୋଟେଲକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେସୁ ପୁରୀ ଡିଭିଜନ ପକ୍ଷରୁ କୁହାଯାଇଥିବା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି।

ସେହିପରି ହୋଟେଲ ସଂଘ ସରକାରଙ୍କ ପାଖରେ କେତେକ ଦାବି ରଖିଛି। ଯୁଦ୍ଧକାଳୀନଭିତ୍ତିରେ ହୋଟଲଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ, ଋଣ ପରିଶୋଧ ସମୟସୀମାର ଅବଧି ବୃଦ୍ଧି ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭ୍‌ରେଜ, ଭିଡିଓ ଫିଲ୍ମ ପ୍ରଭୃତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ସଂଘ ଅନୁରୋଧ କରିଛି। ଏହାଦ୍ୱାରା ପୁରୀକୁ ପୁଣି ପୂର୍ବପରି ପର୍ଯ୍ୟଟକମାନେ ଆସିପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପର୍ଯ୍ୟଟନ ଶିଳ୍ପକୁ ଆଗେଇ ନେବାକୁ ହେଲେ ହୋଟେଲ ଶିଳ୍ପକୁ ପୁଣି ଠିଆ ହେବାକୁ ପଡିବ। ପୁରୀକୁ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ହେଲାଣି। ଆଗକୁ ରଥଯାତ୍ରା ଏବଂ ପର୍ଯ୍ୟଟନ ଋତୁ ବି ଆସୁଛି। ତେଣୁ ହୋଟେଲ ଭିତ୍ତିଭୂମିକୁ ସଜାଡିବାରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଜେନା କହିଛନ୍ତି।

ସହରର କେତେକ ପ୍ରମୁଖ ହୋଟେଲକୁ ଦେଖିଲେ ମେ' ଫେୟାର ବାତ୍ୟା ପରେ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ସେବା ଦେଇପାରି ନାହିଁ। ୬/୭ ଦିନ ପୂର୍ବରୁ ହୋଟେଲକୁ ବିଦ୍ୟୁତ୍ ଆସିଯାଇଛି। ହୋଟେଲର ରେଷ୍ଟୁରାଣ୍ଟ ଖୋଲା ରହିଥିବା ବେଳେ ମରାମତି କାମ ଚାଲିଥିଲା। ଏବେ ମରାମତି ପ୍ରାୟ ସରିଯାଇଛି, ଶନିବାରଠାରୁ ପର୍ଯ୍ୟଟକମାନେ ରହିପାରିବେ ବୋଲି ହୋଟେଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହୋଟେଲ ହଲିଡେ ରିସର୍ଟର ୯୨ଟି ରୁମ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ଟି ରୁମ୍ ପର୍ଯ୍ୟଟକଙ୍କ ପାଇଁ ପ୍ରସ୍ତୁତ ହୋଇଯାଇଛି। ଅଳ୍ପ କେତେଜଣ ପର୍ଯ୍ୟଟକ ବି ହୋଟେଲରେ ରହିଛନ୍ତି। ସେମାନଙ୍କୁ ପୂର୍ବଭଳି ସେବା ଯୋଗାଇ ଦିଆଯାଉଛି। ଜୁନ୍ ୨ ତାରିଖ ସୁଦ୍ଧା ସବୁ ରୁମ୍ ଠିକ୍ ହୋଇଯିବ। ତେବେ କ୍ଷତିଗ୍ରସ୍ତ ରୁମ୍‌ଗୁଡ଼ିକର ମରାମତି କାମ ଯୁଦ୍ଧକାଳୀନଭିତ୍ତିରେ ଚାଲିଥିବା ହୋଟେଲର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରାଜକିଶୋର ପାତ୍ର କହିଛନ୍ତି। ହୋଟେଲ ପ୍ରମୋଦକୁ ଗତ ୧୮ ତାରିଖରୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ଏଠାରେ ଥିବା ୩୦ଟି ଯାକ ରୁମ୍ ପ୍ରସ୍ତୁତ ହୋଇଯାଇଛି। ଏବେ ବି କେତେକ ପର୍ଯ୍ୟଟକ ରହୁଛନ୍ତି ବୋଲି ଏଚ୍‌ଆର ମ୍ୟାନେଜର ସୁବୋଧ ଚନ୍ଦ୍ର ମିଶ୍ର କହିଛନ୍ତି। ସିଟି ରୋଡର ଅନ୍ୟତମ ହୋଟେଲ ସାଗର ତରଙ୍ଗ କିନ୍ତୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ପାରିନାହିଁ। ବାତ୍ୟାରେ ହୋଇଥିବା ଭଙ୍ଗାରୁଜା ମରାମତି ସରି ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ମଧ୍ୟ ଦିଆଯାଇ ନାହିଁ। ସେହିପରି ଅନନ୍ୟା ହୋଟେଲ, ଗୋଲ୍‌ଡେନ ପ୍ୟାଲେସ୍ ପ୍ରଭୃତି ହୋଟେଲ ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ଆରମ୍ଭ କରିଦେଇଛନ୍ତି। ତେବେ ପୁରୀକୁ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଆଗମନ ପୂର୍ବଭଳି ସ୍ୱାଭାବିକ ହୋଇପାରି ନ ଥିବାରୁ ହୋଟେଲଗୁଡ଼ିକରେ ଗହଳି ଚହଳି ନାହିଁ।

## ଏସ୍‌ସିବି: ଡାକ୍ତର ଶୂନ୍ୟ ଟ୍ରମା ଆଇସିୟୁ

**୪ ଜଣ ଇସ୍ତଫା ଦେଇ ଚାଲିଗଲେ**



କଟକ ଅଫିସ, ୩୧।୫

ଏସ୍‌ସିବି ଟ୍ରମା ଆଇସିୟୁ ଏବେ ଡାକ୍ତର ଶୂନ୍ୟ। ଟ୍ରମା ଆଇସିୟୁ ପାଇଁ ନିଯୁକ୍ତ ୪ ଜଣ ଠିକା ଡାକ୍ତର ଚାକିରିରୁ ଇସ୍ତଫା ଦେଇ ପଳାଇଛନ୍ତି। ଫଳରେ ଟ୍ରମା ଆଇସିୟୁକୁ ନେଇ ଅଡୁଆ ପରିସ୍ଥିତି ଉପୁଜିଛି। ମେଡିକାଲର ଅନ୍ୟ ଡାକ୍ତରଙ୍କ ଦ୍ୱାରା ଏହାକୁ ପରିଚାଳନା କରାଯାଉଛି। ଖୁବ୍‌ଶୀଘ୍ର ଟ୍ରମା ଆଇସିୟୁ ପାଇଁ ଡାକ୍ତର ନିଯୁକ୍ତି ହେବେ ବୋଲି ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି। ସୂଚନାଥାଉ କି, ୨୦୧୧ରେ କେନ୍ଦ୍ରୀୟ ଅନୁଦାନରେ ଏସ୍‌ସିବିରେ ଟ୍ରମା କେୟାର ସେଣ୍ଟର ଖୋଲିଥିଲା। ଦୁର୍ଘଟଣାର ଶିକାର ହୋଇଆସୁଥିବା ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବା ନିମନ୍ତେ କେନ୍ଦ୍ର ସରକାର ଏହି ୟୁନିଟ୍ ଖୋଲିଥିଲେ। ପ୍ରଥମ ୫ ବର୍ଷ କେନ୍ଦ୍ର ସରକାରଙ୍କ ଅନୁଦାନରେ ଏହି ୟୁନିଟ୍ ଚାଲିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଏହା ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲିବ ବୋଲି ବ୍ୟବସ୍ଥା ହୋଇଥିଲା। ସମ୍ପ୍ରତି ୪୪ଟି ସାଧାରଣ ବେଡ୍ ଓ ୧୪ଟି ଆଇସିୟୁ ବେଡ୍‌କୁ ନେଇ ଟ୍ରମା କେୟାର ୟୁନିଟ୍ କାର୍ଯ୍ୟ କରୁଛି। ଗତବର୍ଷ ଟ୍ରମା କେୟାର ୟୁନିଟ୍ ପାଇଁ ୮ ଜଣ ଡାକ୍ତରଙ୍କୁ ଠିକା ଭିତ୍ତିରେ ନିଯୁକ୍ତି ଦିଆଯାଇଥିବା ବେଳେ ସେଥିରୁ ୪ ଜଣ କାର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ସମ୍ପ୍ରତି ପବ୍ଲିକ ସର୍ଭିସ କମିଶନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୪ ଜଣ ଯାକ ଡାକ୍ତର ଚାକିରି ଛାଡ଼ି ଚାଲି ଯାଇଥିବା ଜଣାପଡ଼ିଛି।

## ଅସ୍ତରଙ୍ଗ ଗ୍ରାମରୁ ହରିଣ ଉଦ୍ଧାର

**କାକଟପୁର,୩୧।୫(ଡି.ଏନ୍.ଏ.):** ବାତ୍ୟା ପରେ ଉପକୂଳବର୍ତ୍ତୀ ଅସ୍ତରଙ୍ଗ, କାକଟପୁର ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅପରପକ୍ଷରେ ଫନୀ ଅସ୍ତରଙ୍ଗ ଉପକୂଳରେ ଥିବା ଘଞ୍ଚ ଝାଉଁ ଜଙ୍ଗଲକୁ ଧ୍ୱଂସବିଧ୍ୱସ୍ତ କରିଦେଇଥିବାରୁ ସେଠାରେ ରହିଆସୁଥିବା ହରିଣମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେମାନଙ୍କ ପାଇଁ ବନ ବିଭାଗ ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା କରୁ ନ ଥିବାରୁ ହରିଣମାନେ ଏଣେତେଣେ ଘୂରି ବୁଲୁଥିବାବେଳେ



ଗାଁମୁହାଁ ହେଉଛନ୍ତି। ଶୁକ୍ରବାର ୩ଟି ହରିଣ ଅସ୍ତରଙ୍ଗ ଗାଁ ଭିତରକୁ ପଶି ଆସିଥିଲେ। ସେମାନଙ୍କୁ କୁକୁରମାନେ କାମୁଡିବାକୁ ଗୋଡାଇବାରୁ ୨ଟି ହରିଣ ଗାଁରୁ ଜଙ୍ଗଲକୁ ଦୌଡି ପଳାଇଥିଲେ। କିନ୍ତୁ ଅନ୍ୟ ଗୋଟିଏ ଗାଁର ମହାବୀର ମନ୍ଦିର ନିକଟରେ ରହିଯାଇଥିଲା। ପରେ ଗ୍ରାମବାସୀ ହରିଣଟିକୁ ଉଦ୍ଧାର କରି ଅସ୍ତରଙ୍ଗ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ସ୍ୱପ୍ନେଶ୍ୱର ଜାଲ ସଦଳବଳେ ଗାଁରେ ପହଞ୍ଚି ଉଦ୍ଧାର ହରିଣଟିକୁ ଆଣି ମୁହାଁଣ ମୁହଁ ଜଙ୍ଗଲରେ ଛାଡିଥିଲେ ବୋଲି ଅସ୍ତରଙ୍ଗ ରେଞ୍ଜର ଯୋଗେନ୍ଦ୍ର ପାତ୍ର କହିଛନ୍ତି। ପ୍ରାୟତଃ ବାତ୍ୟା ପରଠାରୁ ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ହରିଣମାନେ ଗାଁ ମୁହାଁ ହେଉଥିବାବେଳେ ଗ୍ରାମବାସୀ ଉଦ୍ଧାର କରି ଜଙ୍ଗଲକୁ ଛାଡିଦିଅନ୍ତି। ତେଣୁ ଅସ୍ତରଙ୍ଗ ଉପକୂଳ ଜଙ୍ଗଲରେ ହରିଣମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ସାମାଜିକ କର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳ ଦାବି କରିଛନ୍ତି।




ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଅଟୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କଣ୍ଟାପଡ଼ା,୩୧।୫(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର ଇଛାପୁର ନିକଟରେ ଶୁକ୍ରବାର ଅଟୋ ସହ ଏକ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ଓଲଟପୁର ଥାନା ଅନ୍ତର୍ଗତ ଅଲାରପୁର(ଲଟାଉପର) ଗ୍ରାମର ଟିକିନା ପାତ୍ର। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ବେଳେ ଟିକିନା ବାଇକ୍‌ରେ ଘରକୁ ଫେରୁଥିଲେ। ଇଛାପୁର ନିକଟରେ ସେ ଏକ ଅଟୋକୁ ଓଭରଟେକ କରିବାକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଅଟୋକୁ ଜବତ କରିଛି।

## ରଥଖଳାରୁ...

## ୨୭ ଚକ ନିର୍ମାଣ ଶେଷ



ପୁରୀ ଅଫିସ, ୩୧।୫

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ତୁମ୍ବ କାମ ସରିବା ପରେ ଚକ ନିର୍ମାଣ ଚାଲିଛି। ଶୁକ୍ରବାର ସୁଦ୍ଧା ୨୭ ଚକ ନିର୍ମାଣ ଶେଷ ହୋଇଛି। ତିନିରଥ ଲାଗି ମୋଟ ୪୨ଟି ଚକ ତିଆରି ହେବ। ସେଥିମଧ୍ୟରୁ ନନ୍ଦିଘୋଷ ଲାଗି ୧୬ଟି, ତାଳଧ୍ୱଜର ୧୪ଟି ଏବଂ ଦର୍ପଦଳନ ରଥ ଲାଗି ୧୨ଟି ଚକ ତିଆରି କରାଯିବ। ଭଉଁରୀ ଦିନ ତିନି ରଥର ଦୁଇଟି ଲେଖାଏଁ ଚକାଡେରା ନୀତି ସମ୍ପନ୍ନ ହୋଇଛି। ଏହା ପର ଠାରୁ ଚକ ନିର୍ମାଣ କାମ ଯୋରସୋରରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ନନ୍ଦିଘୋଷ ରଥର ୧୦, ତାଳଧ୍ୱଜର ୯ ଏବଂ ଦର୍ପଦଳନ ରଥର ୮ଟି ଚକ ତିଆରି ସରିଛି। ରଥଖଳାରେ ମୁହାଁଟ, ପାର୍ଶ୍ୱ ମୁହାଁଟ ହଣାଯାଇ ସାଇତି ରଖାଯାଇଛି। ତିନି ରଥର ୨ଟି ଲେଖାଏଁ ଚଉତା କାଠ ପଡିଛି। ଜନ୍ତାଗାଢରେ ସିଙ୍ଗଡା ବାଡିଆ ଚାଲିଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକ ମାନେ ଲୁହା କଣ୍ଟା ପ୍ରସ୍ତୁତ କରୁଛନ୍ତି। ନୃସିଂହ ଚତୁର୍ଦ୍ଦଶୀଠାରୁ ରୂପକାର ସେବକ ରଥଖଳାରେ ଯୋଗଦାନ କରିଛନ୍ତି। ରୂପକାର ସେବକ କଣଗୁଜ କରୁଛନ୍ତି।

## ୧୨ ଚୋରା ବାଇକ୍ ଜବତ: ୨ ଗିରଫ





କଟକ ରୋଡ,୩୧।୫(ଡି.ଏନ୍.ଏ.)

ରାଜଧାନୀରେ ରୋଡ ଚ୍ଲକିଂ ଚାଲିଥିବା ବେଳେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ସଦସ୍ୟଙ୍କୁ ବଡ଼ଗଡ଼ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ପିଣ୍ଟୁ ବେହେରା ଓ କଟକ ଜିଲା ବୈଦେଶ୍ୱର ଥାନା ଅଧୀନ ଖଜୁରିଆପଡ଼ା ଗ୍ରାମର ଗଦାଧର ବଳିଆରସିଂହ। ଏମାନଙ୍କ ନିକଟରୁ ପୋଲିସ ୧୨ଟି ଚୋରା ବାଇକ୍ ଜବତ କରିଛି। ଏନେଇ ବଡ଼ଗଡ଼ ଥାନାରେ ଏକ ମାମଲା(ନଂ. ୧୨୪/୧୯)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ କମିଶନରେଟ ପୋଲିସର ଏକ ଟିମ୍ ବଡ଼ଗଡ଼ ହାଇସ୍କୁଲ ଛକ ନିକଟରେ ଚ୍ଲକିଂ ସହ ଯାନବାହନ କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ କଳ୍ପନା ସିନେମା ହଲ ଛକ ପଟରୁ ଗଦାଧର ଓ ପିଣ୍ଟୁ ଏକ ବାଇକ୍(ଓଡି ୧୩ଡି ୧୫୨୨)ରେ ଆସୁଥିବା ବେଳେ ସେମାନଙ୍କୁ ଅଟକାଯାଇଥିଲା। ପୋଲିସ ବାଇକ୍‌ର କାଗଜପତ୍ର ମାଗିବା ପରେ ସେମାନେ ଦେଖାଇପାରି ନ ଥିଲେ। ପଚରାଉଚରା ସମୟରେ ବାଇକ୍ ଛାଡି ଅଭିଯୁକ୍ତଦ୍ୱୟ ଫେରାର ହେବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଉଭୟଙ୍କୁ ଥାନାକୁ ନେଇ ଅଧିକ ଜେରା ପରେ ଲକ୍ଷ୍ମୀସାଗର ଥାନା କଟକ ରୋଡ ଓ ଜୟଦୁର୍ଗା ନଗର ଅଞ୍ଚଳରେ ଘଟିଥିବା ଏକାଧିକ ବାଇକ୍ ଚୋରିରେ ସେମାନଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ ଦିନ ରାତିରେ ପୋଲିସ ଗଦାଧର ଝାରପଡାରେ ରହୁଥିବା ଏକ ଭଡାଘରେ ଚଢ଼ାଉ କରି ସେଠାରେ ଲୁଚାଇ ରଖିଥିବା ସମସ୍ତ ବାଇକ୍‌କୁ ଜବତ କରିଥିଲା।

## ଫଟୋରେ ଖବର



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଭାରତୀୟ ବିଦ୍ୟାଭବନରେ ହିନ୍ଦୁସ୍ଥାନୀ ସଙ୍ଗୀତ ସଭା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହିନ୍ଦୁସ୍ତାନୀ ମ୍ୟୁଜିକ୍ ଉତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ କାର୍ଯ୍ୟକ୍ରମ।



ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲେଖକ ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ମାଇଁ ଡ୍ରିମ୍ ଓୟୁଏଟି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ
- ସେନେକା



## ସଂକ୍ଷେପରେ

### ଦୁଇ ଚୋରି ମୋବାଇଲ ଜବତ: ୩ ଗିରଫ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):**ନୟାପଲ୍ଲୀ ଥାନା ଅଧୀନ ରେଣ୍ଟାଲ କଲୋନୀ ଅଞ୍ଚଳର ଏକ ଘରୁ ଚୋରି ହୋଇଥିବା ୨ଟି ମୋବାଇଲ ଫୋନ୍‌କୁ ପୋଲିସ ଜବତ କରିବା ସହ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ରେଣ୍ଟାଲ କଲୋନୀ ଅଞ୍ଚଳର କୁନା ପ୍ରଧାନ, ରଙ୍କନିଧି ବେହେରା ଏବଂ ସାଲିଆସାହି ଅଞ୍ଚଳର ହାପି ଦାସ। ସୂଚନା ମୁତାବକ, ରେଣ୍ଟାଲ କଲୋନୀ ଅଞ୍ଚଳରେ ସୁବ୍ରତ କୁମାର ପ୍ରଧାନ ରୁହନ୍ତି। ଗତ ବୁଧବାର ତାଙ୍କ ଘରୁ ୨ଟି ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୫୮/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଚୋରି ମୋବାଇଲକୁ ଟ୍ରାକ୍ କରି ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ଚୋରି ମୋବଇଲ ଫୋନ ଜବତ କରାଯାଇଛି।

### ଟଙ୍କା ହଡ଼ପ ସହ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):**ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ମାଛ ବ୍ୟବସାୟୀ ଓ ତାଙ୍କ ପରିବାର ଲୋକେ ମାନବିକତା ଭୁଲି ଜଣେ ବୃଦ୍ଧଙ୍କ ଟଙ୍କା ହଡପ କରିନେବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବୃଦ୍ଧ ଜଣଙ୍କ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ପଦ୍ମପୋଖରୀ ସାହିର ପ୍ରତାପ ରାଜ(୭୧)। ସୂଚନା ଅନୁଯାୟୀ, ପ୍ରତାପ ଜଣେ ଦିନମଜୁରିଆ। ଶୁକ୍ରବାର ମଧାହ୍ନରେ ସେ କାମ ସାରି ଘରକୁ ଫେରିବାବେଳେ ମାଛ କିଣିଥିଲେ। ତେବେ ଭୁଲବଶତଃ ନିଜ ଗାମୁଛାକୁ ସମ୍ପୃକ୍ତ ଦୋକାନରେ ଛାଡ଼ି ଚାଲିଆସିଥିଲେ। ସେଥିରେ ନିଜ ପାରିଶ୍ରମିକ ୨ହଜାର ଟଙ୍କା ରହିଥିଲା। ସେ ଘରେ ପହଞ୍ଚି ଗାମୁଛା ନ ଥିବା କଥା ଜାଣିବାକୁ ପାଇଥିଲେ। ଏହାପରେ ସଙ୍ଗେସଙ୍ଗେ ସମ୍ପୃକ୍ତ ଦୋକାନକୁ ଯାଇ ଗାମୁଛା ମାଗିବାରୁ ବ୍ୟବସାୟୀ ଜଣଙ୍କ ଖାଲି ଗାମୁଛା ଫେରାଇ ଦେଇଥିଲେ। ତେବେ ପ୍ରତାପ ୨ହଜାର ଟଙ୍କା ଗାମୁଛାରେ ବନ୍ଧା ହୋଇଥିବା କଥା କହି ଟଙ୍କା ପାଇଁ ଜିଦ୍ ଧରିଥିଲେ। ଏଥିରେ ମାଛ ବ୍ୟବସାୟୀ ଓ ତାଙ୍କ ପରିବାର ଲୋକେ ଉତ୍କ୍ଷିପ୍ତ ହୋଇ ପ୍ରତାପଙ୍କୁ ତଳେ ପକାଇ ଘୋଷାରି ମାଡ଼ ମାରିବା ସହ ପଥରରେ ମୁଣ୍ଡ ଓ ନାକକୁ ଛେଚି ରକ୍ତାକ୍ତ କରି ଦେଇଥିଲେ। ଖବର ପାଇ ପ୍ରତାପଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଉ ବୋଲି ପ୍ରତାପଙ୍କ ପରିବାରବର୍ଗ ଦାବି କରିଛନ୍ତି।

### ବିନା ଆଲୁଅରେ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):**ବିନା ଆଲୁଅ ଓ ବିନା ସାଉଣ୍ଡରେ ଅନୁଷ୍ଠିତ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଜଗନ୍ନାଥାୟନ' ଥିଲା। ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ଦର୍ପ ନାରାୟଣ ସେଠୀଙ୍କ ନିର୍ଦ୍ଦେଶିକ ନାଟକ 'ବାଇଶି ପାହାଚ' ମଞ୍ଚସ୍ଥ ହେଉଥିଲା। ହେଲେ ଗୋଟିଏ ଦୃଶ୍ୟ ମଞ୍ଚସ୍ଥ ହେବା ପରେ ପରେ କାଳବୈଶାଖୀ ବର୍ଷା ଯୋଗୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଆୟୋଜକ ଅଭିଯୋଗ କରିବାରୁ ଜେନେରେଟରରୁ ତେଲ ସରିଯାଇଥିବା କର୍ତ୍ତୃପକ୍ଷ କହିଥିଲେ। ବ୍ୟାଟେରି ମଧ କାମ କରୁ ନଥିବା ଜଣାପଡ଼ିଥିଲା। ଦେଢ ବର୍ଷ ହେଲା ବ୍ୟାଟେରି ଖରାପ ହୋଇଛି ବୋଲି ସେମାନେ କହିଥିଲେ। ଏପଟେ ପ୍ରେକ୍ଷାଳୟରେ ବସିଥିବା ଦର୍ଶକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ବିନା ଲାଇଟ୍ ଓ ବିନା ସାଉଣ୍ଡ ସିଷ୍ଟମରେ ନାଟକ ପରିବେଷଣ ପାଇଁ ଆୟୋଜକ ବାଧ ହୋଇଥିଲେ।

### ବିଶ୍ୱ ତମାଖୁ ବର୍ଜନ ଦିବସ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** କମିଶନରେଟ ମୁଖ୍ୟାଳୟରେ ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ ସାଇନ୍ସ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇପିଏସ୍ ପଦ୍ମିନୀ ସାହୁ ଅଧକ୍ଷତା କରିଥିଲେ। ପୋଲିସ କୋଟପା ଆଇନ ବଳରେ ଚଢାଉ କରି ତମାଖୁ ଜବତ କରିବା ସହ ଫାଇନ ଆଦାୟ୍ କରୁଥିଲେ ମଧ ଏହାକୁ ରୋକି ହେଉନି। ଲୋକେ ସଚେତନ ହେଲେ ଏହାକୁ କିଛି ମାତ୍ରାରେ ରୋକି ହେବ। ୨୦୧୯ ମାର୍ଚ୍ଚ ସୁଦ୍ଧା ପୋଲିସ ୧ଲକ୍ଷ ୪୬ ହଜାର ୭୫୦ ଟଙ୍କା ଜରିମାନା ଆଦାୟ୍ କରିଛି। ଯାହାକି ଗତବର୍ଷ ତୁଳନାରେ ୧୮ପ୍ରତିଶତ ଅଧିକ ବୋଲି ସାହୁ କହିଥିଲେ।

## ■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ୭ଦିନ ମଧ୍ୟରେ ଦାଖଲ ହେବ କଣ୍ଟିଜେଣ୍ଟ ପ୍ଲାନ୍

**ଖୋର୍ଦ୍ଧା ଅଫିସ,୩୧।୫**

ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଶୁକ୍ରବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ବାତ୍ୟା ଫନୀରେ ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ସମେତ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ ଓ ସମନ୍ୱୟ ନିହାତି ଆବଶ୍ୟକ ବୋଲି ବିଧାୟକମାନେ ମତ ରଖିଥିଲେ। ତେବେ ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧଗୁଡିକର ଯୁଗ୍ମ ତଦନ୍ତ ଜଳସେଚନ ବିଭାଗ ଓ ସ୍ଥାନୀୟ ତହସିଲଦାରମାନେ ଜୁନ ୧୦ ତାରିଖ ସୁଦ୍ଧା କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧଗୁଡ଼ିକର ମରାମତି କାର୍ଯ୍ୟ ମୌସୁମୀ ଆସିବା ପୂର୍ବରୁ ଶେଷ କରିବାକୁ ଅନୁରୂପ ନିର୍ଦ୍ଦେଶ ରହିଛି। ପୁଣି ନଦୀ, ଜଳ ନିଷ୍କାସନ ନାଳ ଓ କେନାଲଗୁଡିକରୁ ଦଳ ସଫା କରିବାକୁ କୁହାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଓ ଅନ୍ୟ ସହରାଞ୍ଚଳରୁ ଜମି ରହିଥିବା ବର୍ଷାଜଳକୁ ତୁରନ୍ତ ନିଷ୍କାସନ କରିବାକୁ ଡ୍ରେନେଜ ବିଭାଗକୁ ନିର୍ଦ୍ଦେଶ ରହିଛି। ବିଡିଓ, ପୌର ସଂସ୍ଥାର ନିର୍ବାହୀ ଅଧିକାରୀ, ସିଡିଏମ୍‌ଓ, ସିଡିଭିଓ, କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମେତ ଇଞ୍ଜିନିୟରିଂ ବିଭାଗଗୁଡିକ ବାତ୍ୟା ଓ ବନ୍ୟାର ପ୍ରତିକାର ଉଦ୍ଦେଶ୍ୟରେ କଣ୍ଟିଜେଣ୍ଟ ପ୍ଲାନ ୭ ଦିନ ମଧ୍ୟରେ କରିବାକୁ ପରାମର୍ଶ ରହିଛି। ବାତ୍ୟା ଓ ବନ୍ୟା ସମୟରେ ଡଙ୍ଗା ମୁତୟନ କରିବା ନିମନ୍ତେ ଚିଲିକା ଡଙ୍ଗା ମାଲିକମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ସହଯୋଗ କରିବାକୁ ଆବଶ୍ୟକ ଖାଦ୍ୟ ପଦାର୍ଥ ଗଚ୍ଛିତ କରି ରଖିବାକୁ କୁହାଯାଇଛି। ଆରଡବ୍ଲ୍ୟୁଏସଏସ୍, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଓ ପ୍ରାଣୀ ବିଭାଗ ମଧ ତତ୍ପର ରହି ଅନୁରୂପ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ପାଇଁ ବ୍ଲକ, ବିଜ୍ଞାପିତ ଅଞ୍ଚଳ ଓ ପୌରାଞ୍ଚଳକୁ ଗୋଟିଏ ଲେଖାଏ ସର୍କଲରେ ବିଭକ୍ତ କରାଯାଇଛି। ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ସରକାରୀ ଓ ଅଣ ଆନୁଷ୍ଠାନିକ ସଂସ୍ଥାର କର୍ମକର୍ତ୍ତାମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ରିଲିଫ୍ ଦଳ ଗଠନ କରିବାକୁ ନିର୍ଦ୍ଦେଶ ରହିଛି। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସରବରାହ ଓ ଟେଲିଫୋନ ସେବାକୁ ଚାଲୁ ରଖିବା ଉଦ୍ଦେଶ୍ୟରେ ପଦକ୍ଷେପ ନେବାକୁ ଅନୁରୂପ ନିର୍ଦ୍ଦେଶ ରହିଛି। ପୁଣି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଉଦ୍ଦେଶ୍ୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଜୁନ ୧ରୁ ନଭେମ୍ବର ପର୍ଯ୍ୟନ୍ତ କାମ କରିବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏସ୍‌ପି, ପିଡି ଡିଆରଡିଏ, ଖୋର୍ଦ୍ଧା ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

## ■ ଶ୍ରୀଲିଙ୍ଗରାଜଙ୍କ ଟ୍ରଷ୍ଟ ବୋର୍ଡରେ ନିଯୁକ୍ତି ପ୍ରସଙ୍ଗ

# ଘୁଞ୍ଚୁଛି ଦିନ: ଆଶା ଆଶଙ୍କାରେ ଆବେଦନକାରୀ

**ପୁରୁଣାଭୁବନେଶ୍ୱର,୩୧।୫(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପରିଚାଳନା ପାଇଁ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ରହିଛି। ତେବେ ଅନେକ ସମୟରେ ବୋର୍ଡ଼ର ବେପରୁଆ କାର୍ଯ୍ୟକଳାପ ପାଇଁ ଠାକୁରଙ୍କ ତହବିଲରୁ ଅଯଥା ଅର୍ଥ ବ୍ୟୟ ହେଉଛି। ଶ୍ରୀଲିଙ୍ଗରାଜଙ୍କ ଟ୍ରଷ୍ଟବୋର୍ଡରେ ନିଯୁକ୍ତି ଲାଗି ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ହେଲେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ନ ହେବାରୁ ଆଶା ଆଶଙ୍କାରେ ଆବେଦନକାରୀ ରହିଛନ୍ତି।

ତରବରିଆ ଭାବେ ନିର୍ଦ୍ଦିଷ୍ଟ ସ୍ୱାର୍ଥ ରଖି ସ୍ଥିର କରୁଥିବା ବିଭିନ୍ନ ଯୋଜନା ଅଧାପନ୍ତରିଆ ହୋଇ ପଡ଼ିରହିଥିବାବେଳେ ବୋର୍ଡ଼ ଏଥିପାଇଁ ହଜାର ହଜାର ଟଙ୍କା କ୍ଷତି ସହୁଛି। ଏଭଳି ଏକ ଉଦାହରଣ ହେଉଛି ଦେଢବର୍ଷ ତଳେ କାର୍ଯ୍ୟାଳୟରେ ନୂତନ ପଦବୀ ନିଯୁକ୍ତ ପାଇଁ ଟ୍ରଷ୍ଟ ବୋର୍ଡ଼ରେ ସ୍ଥିର ହୋଇଥିଲା। ଏଥିପାଇଁ ଖବରକାଗଜରେ ହଜାର ହଜାର ଟଙ୍କା ବ୍ୟୟରେ ବିଜ୍ଞାପନ ମଧ ପ୍ରକାଶିତ କରିଥିଲା। ସମସ୍ତ ପଦବୀ ପାଇଁ ଆବେଦନକାରୀମାନେ ଆବେଦନ କରିଥିଲେ। ଏହାର ଦେଢବର୍ଷ ପରେ ମଧ ନୂତନ ନିଯୁକ୍ତି ଦିଆଯାଇ ନ ଥିବାରୁ ବିଭିନ୍ନ ମହଲରେ ବୋର୍ଡ଼ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଆବେଦନ କରୁଥିବା ଆବେଦନକାରୀମାନେ ନିଜର ନିଯୁକ୍ତି ନେଇ ଆଶଙ୍କାରେ ରହିଛନ୍ତି। କ'ଣ ପାଇଁ ନିଯୁକ୍ତି ଦିନ ଘୁଞ୍ଚୁଛି ଏବଂ କାହାର ପ୍ରରୋଚନାରେ ବୋର୍ଡ଼ ଏଥିପ୍ରତି ନୀରବ ରହୁଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ ବିଭାଗରେ କାର୍ଯ୍ୟ ଚଳାଇଛନ୍ତି। ଏ ନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି, ଟ୍ରଷ୍ଟବୋର୍ଡ଼ରେ ସ୍ଥିର ହୋଇ ନୂତନ ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇଥିଲା। ହେଲେ ଏହାର ପ୍ରକୃତ ନିଯୁକ୍ତି ପଦ୍ଧତି ଉପରେ ଆକଳନ ହୋଇ ପାରି ନ ଥିଲା। ଏ ନେଇ ସମସ୍ତ କାଗଜପତ୍ର ଜିଲାପାଳଙ୍କ ନିକଟରେ ପୈଠ କରାଯାଇଛି। ସେଠାରୁ ନିଯୁକ୍ତି ପଦ୍ଧତି ଆସିଲେ ବୋର୍ଡ଼ ତାହା କାର୍ଯ୍ୟକାରୀ କରିବ।

## ■ ମେଧାବୀଙ୍କୁ ଶିକ୍ଷା ବିକାଶ ସମିତିର ସମ୍ବର୍ଦ୍ଧନା

# ନିଜ ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କର



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

୨୦୧୯ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ଶିକ୍ଷା ବିକାଶ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ଓୟୁଏଟି ଆସେମ୍ବ୍ଲି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଧମିକ ଶିକ୍ଷା ପରିଷଦର ସଭାପତି ଡ. ଜାହାନ୍ ଆରା ବେଗମ କହିଥିଲେ, ଅନ୍ୟମାନେ ଯାଉଥିବା ରାସ୍ତାରେ ଛାତ୍ରୀଛାତ୍ରମାନେ ନ ଯାଇ ସୁଦୃଢ ଭବିଷ୍ୟତ ଲାଗି ନିଜ ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କରିବା ଆବଶ୍ୟକ। ଜୀବନକୁ ଗୋଟିଏ କାହାଣୀ ମନେ କରି କାର୍ଯ୍ୟ କର। ଏହାକୁ ବଡ଼ କରିବା ଆବଶ୍ୟକ ନାହିଁ। ବରଂ ଏହାକୁ ସୁନ୍ଦର କରି ଗଢି ତୋଳିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ବିଦ୍ୟାଭାରତୀ ରାଷ୍ଟ୍ରୀୟ ମନ୍ତ୍ରୀ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇଥିବାବେଳେ ଶିକ୍ଷା ବିକାଶ ସମିତିର ସଭାପତି ଡ. ବିନାୟକ ଦାଶ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ୬୮ଜଣ ମେଧାବୀ ଛାତ୍ରୀଛାତ୍ର, ସେମାନଙ୍କ ମାତାପିତା ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଭାରତୀର ରାଷ୍ଟ୍ରୀୟ ସହସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ମହାରଣା, ସଙ୍ଗଠନ ସମ୍ପାଦକ ରମାକାନ୍ତ ମହାନ୍ତଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ମେଡ୍ ସର୍ଭିସ ହାୟର ଅନ୍ ଆୱାର ଶୁଭାରମ୍ଭ

**ଭୁବନେଶ୍ୱର,୩୧।୫:**ଇଲାସବତି ସର୍ଭିସେସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ମେଡ୍ ସର୍ଭିସ 'ହାୟର ଅନ୍ ଆୱାର' ଶୁଭାରମ୍ଭ ହୋଇଛି। କମ୍ପାନୀର ଏମ୍‌ଡି ସଞ୍ଜୟ କୁମାର ପାତ୍ର ଏବଂ ନିର୍ଦ୍ଦେଶକ ଧର୍ମାବ୍ରତା ପୃଷ୍ଟି ଏହି ସେବାକୁ ଶୁଭାରମ୍ଭ କରିଥିଲେ। ଗ୍ରାହକମାନେ ଘରୋଇ କାର୍ଯ୍ୟ ଲାଗି ସହାୟକ ଭାବେ ଲୋକମାନଙ୍କୁ ହାୟର ଅନ୍ ଆୱାରରୁ ଅନଲାଇନ ଏବଂ ଫୋନ କଲ୍ କରି ସେବା ନେଇ ପାରିବେ। ଗୋଟିଏ ଘଣ୍ଟାର ସେବା ଲାଗି ଚାର୍ଜ ୧୬୨ ଟଙ୍କା ରହିଛି। ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ କଟକର ସିଡିଏରେ ଆରମ୍ଭ କରାଯାଇଛି। କମ୍ପାନୀ ନିକଟରେ ୧୩୦ ଜଣିଆ ଏକ ଟିମ୍ ରହିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ମେଡ ଷ୍ଟାଫ ରହିଛନ୍ତି। ଏହି ଲୋକମାନେ କାର ସଫା, ହୋମ ଡିପ୍ କ୍ଲିନିଂ, ବାସନ ସଫା, ପାର୍ଟି ହେଲପର, ବେସିକ ପ୍ଲାଣ୍ଟ କେୟାର, କିଚେନ ହେଲପର, ଚାଇଲ୍ଡ କେୟାର ଭଳି ବିଭିନ୍ନ ସେବା ଯୋଗାଇ ଦେବେ। କମ୍ପାନୀ ଏକ ଷ୍ଟାର୍ଟଅପ ହୋଇଥିବା ବେଳେ ଏହାକୁ ରାଜ୍ୟ ସରକାରଙ୍କ ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମରେ ସ୍ୱୀକୃତି ମିଳିଛି।

## ■ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ

# ନିଶାସକ୍ତଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟା ଲୋଡ଼ା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍ କର୍କଟ ଏବଂ ହୃଦଘାତଜନିତ ସମସ୍ୟା ବହୁଳଭାବେ ଦେଖାଯାଇଥାଏ। ଏଥିସହ ମଧୁମେହ, ଲିଭର କ୍ୟାନସର୍, ଦୃଷ୍ଟିଶକ୍ତି ହ୍ରାସ, ମଳାଶୟ କର୍କଟ ଏବଂ ଷ୍ଟ୍ରୋକ୍ ଆଦି ହେବାର ସମ୍ଭାବନା ମଧ ବୃଦ୍ଧି ପାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ଅନୁଯାୟୀ ତମାଖୁ ସେବନର କୁପରିଣାମ ଯଥେଷ୍ଟ ମାତ୍ରାରେ ଭୋଗିବାକୁ ପଡ଼ିଥାଏ। ଏଭଳିସ୍ଥଳେ ଲୋକଙ୍କ ମଧରେ ତମାଖୁ ସେବନର କୁପରିଣତି ବିଷୟରେ ସଚେତନତା ସୃଷ୍ଟି ସହ ତମାଖୁ ବ୍ୟବହାର କମାଇବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ନିଶାଖୋରମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଉଦ୍ଦେଶ୍ୟରେ ଓଡ଼ିଶାର ୨୯ଟି ଜିଲାରେ ଏବେ ୩୪ଟି ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି। ତେବେ ଏଥିପାଇଁ ସାମୂହିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହି ମତ ରଖିଛନ୍ତି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ଏସ୍‌ଇପିଡ଼ି, ବିଜ୍ଞାନ ଓ କାରିଗରୀ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଏସ୍‌ଏସ୍‌ଇପିଡି ବିଭାଗର ପରିସୀମା ବହୁ ବ୍ୟାପକ। ଏହା ସାଧାରଣ ଜନଜୀବନକୁ ସୁସଂହତ କରିବାରେ ଗଠନମୂଳକ ଭୂମିକା ଗ୍ରହଣ କରିଥାଏ। ଦିବ୍ୟାଙ୍ଗ, ବୟସ୍କ, ତୃତୀୟ ଲିଙ୍ଗମାନଙ୍କ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ନୀତିନ୍ ଚନ୍ଦ୍ର କହିଥିଲେ, ମାଦକ ଦ୍ରବ୍ୟର ବ୍ୟବହାର ରୋକିବାକୁ ହେଲେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନିଶାଖୋରମାନେ ମାନସିକ ସ୍ତରରେ ଅସୁସ୍ଥ ହୋଇଥିବା ଯୋଗୁଁ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଏ ଦିଗରେ ଆର୍ଟ ଅଫ୍ ଲିଭିଙ୍ଗ୍, ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଜୟ କୁମାର ସ୍ୱାଇଁ, ବିଭାଗୀୟ ଯୁଗ୍ମ ସଚିବ ପି.କେ. ମହାପାତ୍ର ଓ ଯଦୁମଣି ମହଲା, ଉପ-ଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ମାଦକ ଦ୍ରବ୍ୟ ଅପବ୍ୟବହାର ପ୍ରତିହତ' ଶୀର୍ଷକ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଆର୍‌ଆର୍‌ଟିସି ଓ ଆଇଆର୍‌ସିଏରୁ ୨୦୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବିଶେଷଜ୍ଞମାନେ ତମାଖୁ ବ୍ୟବହାର କମ୍ କରିବା ଦିଗରେ ସ୍ୱାସ୍ଥ୍ୟ ଓ ଚିକିତ୍ସାଗତ ଦୃଷ୍ଟିକୋଣ ଏବଂ ଗୋଷ୍ଠୀଭିତ୍ତିକ ହସ୍ତକ୍ଷେପ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିଥିଲେ। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ନାଟକ ମାଧମରେ ସଚେତନତା ସୃଷ୍ଟି କରିଥିଲେ। ଶେଷରେ ଆଦୃତ ଶିଶୁ ଗୃହରୁ ଆସିଥିବା ପ୍ରତିଭାଗୀମାନେ ସମବେତ ନୃତ୍ୟ ପରିବେଷଣ କରିଥିଲେ।

# ବେଆଇନ ମଦ କାରବାର ରୋକିବାକୁ ମହିଳାଙ୍କ ପହରା

**ବେଗୁନିଆ,୩୧।୫ (ଡି.ଏନ.ଏ.)**

ବେଗୁନିଆ ଥାନା ଅଧୀନ ଅଞ୍ଚଳରେ ଏବେ ପ୍ରଚୁର ପରିମାଣରେ ପୋଚ, ଦେଶୀ ରନ୍ଧା ମଦ ସହ ବିଦେଶୀ ବେଆଇନ ମଦ କାରବାର ସୀମା ଟପିଛି। ବିଶେଷକରି ଗାଁ ଗଣ୍ଡାରେ ଏହି କାରବାର ବ୍ୟାପକ ହୋଇଛି। ଏଥିଯୋଗୁ ପାରିବାରିକ ବିଶୃଙ୍ଖଳା ବଢୁଛି। ରାସ୍ତାଘାଟରେ ନାରୀ ନିର୍ଯାତନା ଏବଂ ଘରେ ପଶି ଚୋରି ଆଦି ଘଟଣା ବଢି ଚାଲିଛି। ଏଥିଯୋଗୁ ମଧ ଗାଁ ଗହଳିରେ ବସବାସ କରୁଥିବା ଗରିବ ଲୋକମାନଙ୍କର ପରିବାରରେ ଦୈନନ୍ଦିନ ବିଶୃଙ୍ଖଳା ଦେଖାଦେଉଛି ବୋଲି ମହିଳାମାନଙ୍କ ପକ୍ଷରୁ ଆଭାସ ମିଳୁଛି। ଏବେ ସଚେତନ ହେବାର ବେଳ ଆସିଛି କହି ଆସ ଭଉଣୀମାନେ ସମସ୍ତେ ଏକ ହେବା ବୋଲି ଡାକରା ଦିଆଯାଉଛି। ବେଆଇନ ମଦ କାରବାର ରୋକିବାକୁ ମହିଳାମାନଙ୍କ ପକ୍ଷରୁ କଡା ପହରା ଡେଙ୍ଗା ଧରି ଦିଆଯାଉଛି। ହାତଗୁଞ୍ଜା ନେଇ ପୋଲିସ ବେପାରୀଙ୍କୁ ଅନୁକମ୍ପା ଦେଖାଉଛି। ତେବେ ଆମେ ପୋଲିସର କାମ କରି ଏହି ମଦ କାରବାରକୁ ସ୍ଥାନୀୟ ଅଞ୍ଚଳରୁ ହଟେଇ ଦେବା। ଏଭଳି ଏକ ମହତ ସଚେତନତା ବାର୍ତ୍ତା ନେଇ ବୁଲୁଛନ୍ତି କଣ୍ଟାବାଡ ଅଞ୍ଚଳର ମହିଳାମାନେ।

ଗତ ୫ ଦିନ ହେଲା ସେମାନେ ଏହି କାରବାରକୁ ରୋକିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଏହି ଘଟଣାରେ ମଧ ଜଣେ ବ୍ୟବସାୟୀଙ୍କୁ ଧରିବା ସହ ତାଙ୍କଠାରୁ ୫୦ ଲିଟର ଦେଶୀ ମଦ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏଥିସହ ପାଳି କରି ମହିଳାମାନେ ମଦ ବେପାରୀ ଓ ସେବନ କରୁଥିବା ଯୁବପିଢିଙ୍କୁ ପାନେ ଦେବାକୁ ସନ୍ଧ୍ୟା ନଇଁଲେ ଠେଙ୍ଗା ଧରି ବିଳମ୍ବିତ ରାତି ପର୍ଯ୍ୟନ୍ତ କଡା ପହରା ଦେଉଛନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବେପାରୀମାନଙ୍କ ମହଲରେ ଭୟ ସଞ୍ଚାର ହୋଇଛି।

### ରାଜ୍ୟସ୍ତରୀୟ ସନ୍ତରଣରେ ପୁରୀରୁ ୧୦ଖେଳାଳି

**ପୁରୀ ଅଫିସ,୩୧।୫:** ଜୁନ ୧ ଓ ୨ ତାରିଖରେ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମ ସନ୍ତରଣାଗାରରେ ୬୦ତମ ଓଡ଼ିଶା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ପକ୍ଷରୁ ୧୦ଜଣ ଖେଳାଳି ଭାଗ ନେବେ। ଜୁନିୟର ବିଭାଗରେ ଶକ୍ତିମାନ ନାୟକ, ଅପୂର୍ବ ଭୁକ୍ତା, ସମ୍ବିତ ଜେନା, ସିନିୟର ବିଭାଗରେ ସୂର୍ଯ୍ୟକାନ୍ତ ସାହୁ, ଜୟନ୍ତ ଜାଲି, ହେମନ୍ତ ବେହେରା, ସମର ସାହୁ, ଆକାଶ ନାୟକ, ଶିଶିର ସାହୁ, ସମୀର କୁମାର ସାହୁ ଭାଗ ନେବେ।

# ଓଏଚ୍‌ଓଏସ୍‌ଏର ବାର୍ଷିକ ସାଧାରଣ ସଭା




**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସେବା ସଂଘ (ଓଏଚ୍‌ଓଏସଏ)ର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ) ସଭାଗୃହରେ ଆୟୋଜିତ ଏହି ସଭାରେ ଉଦ୍ୟାନ କୃଷି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ନୂତନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ କୃଷକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ଉଦ୍ୟାନ କୃଷି ବିଭାଗର ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଯୋଗଦେଇ ଉଦ୍ୟାନ କୃଷି ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେଉଛି ବୋଲି କହିଥିଲେ। ଏଥିସହ ସମସ୍ୟାଗୁଡ଼ିକୁ ଖୁବ୍ ଶୀଘ୍ର ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉଦ୍ୟାନ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଯୋଗଦେଇଥିଲେ। ବିଭିନ୍ନ ଜିଲାରୁ ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଏବ ଉପ ଉଦ୍ୟାନ ନିର୍ଦ୍ଦେଶକମାନଙ୍କ ସହ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

## ■ ବିଭାଗୀୟ୍ କାର୍ଯ୍ୟର ସମୀକ୍ଷା କଲେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ

# ଫନୀ ବିପନ୍ନଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନୂତନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପଦ୍ମିନୀ ଦିଆନ ଶୁକ୍ରବାର ବିଭାଗ ପରିଦର୍ଶନ କରିବା ସହ ବିଭାଗୀୟ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ଆଗାମୀ ଦିନରେ ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ଜୀବନ ଜୀବିକାର ଉନ୍ନତି ସହ ସେମାନଙ୍କ ଅର୍ଥନୈତିକ ଅବସ୍ଥାରେ କିଭଳି ସୁଧାର ଆସିପାରିବ ତା' ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ମନ୍ତ୍ରୀଙ୍କୁ ବିଭାଗ ତରଫରୁ ସ୍ୱାଗତ କରାଯିବା ପରେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବୁଣାକାର ଓ କାରିଗରଙ୍କ ଜୀବନଜୀବିକା ଏବଂ ସାମାଜିକ ସଶକ୍ତୀକରଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୁଣାକାର ଏବଂ କାରିଗରମାନେ ହେଉଛନ୍ତି ଆମ ରାଜ୍ୟର ଗର୍ବ ଓ ଗୌରବ। ସେମାନଙ୍କ ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତି ସମଗ୍ର ବିଶ୍ୱରେ ପରିଚିତ ଓ ପ୍ରଶଂସିତ ହୋଇଛି। ତେଣୁ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଆମର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ବୁଣାକାର ଓ କାରିଗରଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଦିଆନ ପରାମର୍ଶ ଦେଇଛନ୍ତି। ବାତ୍ୟା ଫନୀ କ୍ଷତିଗ୍ରସ୍ତ ବୁଣାକାର ଓ କାରିଗରଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ତ୍ୱରିତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୋଟପାଡ଼ ହସ୍ତତନ୍ତ ବସ୍ତ୍ରର ସମଗ୍ର ଦେଶରେ ବିଶେଷ ଚାହିଦା ଓ ଆକର୍ଷଣ ରହିଥିବାରୁ ଏହି ଅଞ୍ଚଳର ବିକାଶ ଉପରେ ଅଧିକ ଧ୍ୟାନ ଦେବାକୁ ସେ କହିଥିଲେ। କୋଟପାଡ଼ର ବୁଣାକାରମାନଙ୍କ ନିକଟରେ ଯେପରି ସହଜରେ କଞ୍ଚାମାଲ ଉପଲବ୍ଧ ହେବ ସେଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ସମୟରେ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ଯୁଗ୍ମ ସଚିବ ବୃନ୍ଦାବନ ବେହେରା ଏବଂ ଅଞ୍ଜନା ପଣ୍ଡା, ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ବାରିକ, ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ ଦାସ ତଥା ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ବିଭାଗୀୟ ଅଧିକାରୀମାନେ।



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



# ତମାଖୁ ଛାଡ଼, ବଞ୍ଚିବା ଶିଖ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

କମଳା ନେହେରୁ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ୟୁକ୍ତଦୁଇ ଶିକ୍ଷା ପରିଷଦ, ଜାତୀୟ ସେବା ଯୋଜନା, ସଲାମ ଜୀବନ, ପ୍ରୋଜେକ୍ଟ ପଏଣ୍ଟ ଏବଂ କମଳା ନେହେରୁ ମହାବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର କ୍ୟାନସର ରୋଗ ବିଶେଷଜ୍ଞ ଡା. ଦିଲ୍ଲୀପ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତମାଖୁ ଦ୍ୱାରା ହେଉଥିବା ବିଭିନ୍ନ କର୍କଟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହ ତମାଖୁ ଛାଡ଼ି ବଞ୍ଚିବା ଶିଖ ବୋଲି ସେ ଆହ୍ୱାନ ଦେଇଥିଲେ। ମନସ୍ତତ୍ତ୍ୱବିତ୍ ସମ୍ବିତ୍ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ତମାଖୁ ଖାଇ କର୍କଟ ରୋଗରେ ପୀଡ଼ିତ ହୋଇ ବର୍ତ୍ତମାନ ସୁସ୍ଥ ହୋଇଥିବା ସ୍ୱରଜିତ୍ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ମିଶ୍ର, ଅଧ୍ୟାପକ ସୁଶାନ୍ତ କୁମାର ପଟ୍ଟନାୟକ, ଭାନୁପ୍ରିୟା ଦାସ, ସଂଗ୍ରାମ କେଶରୀ ସାମନ୍ତରାୟ, ରମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଯୁବପୀଢ଼ିଙ୍କୁ ନିଶା ଓ ତମାଖୁ କବଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କର୍କଟ ରୋଗୀଙ୍କୁ ଉତ୍ତମ ସେବା ଯୋଗାଉଥିବାରୁ ସପନ ଜେନାଙ୍କୁ




ସମ୍ବର୍ଦ୍ଧିତ କରାଯାଇଥିଲା। ତମାଖୁ ବର୍ଜନ ନେଇ ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ନାଟକରେ ସ୍ୱେଚ୍ଛାସେବୀ ଚିନ୍ମୟ, ପ୍ରଭୁ, ଟ୍ୱିଙ୍କିଲ, ସୁନିତା, ପ୍ରିୟଙ୍କା, ଅଟଳ, ଚନ୍ଦ୍ରମୋହନ, ସ୍ମୃତି ଓ ଲକ୍ଷ୍ମୀ ପ୍ରମୁଖ ଅଭିନୟ କରିଥିଲେ। ମହମ୍ମଦ ଇମ୍ରାନ ଅଲ୍ଲୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସୋନାଲି ସ୍ୱାଇଁ, ନିଶିପଦ୍ମା ରଥ, ରୁବି ସାହୁ, ରଶ୍ମିତା ପାତ୍ର, ଶ୍ରଦ୍ଧା ସୁଚିସ୍ମିତା ପରିଚାଳନା କରିଥିଲେ। କଲେଜ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଲାଞ୍ଚ ମାମଲା ଗୋପ ଥାନା ଅଧିକାରୀ ନିଲମ୍ବିତ

**କଟକ ଅଫିସ, ୩୧।୫:** ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପୁରୀ ଜିଲା ଗୋପ ଥାନା ଅଧିକାରୀ ସୌମ୍ୟଚିତ ମିଶ୍ରଙ୍କୁ ଶୁକ୍ରବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ନିଲମ୍ବିତ କରିଛନ୍ତି। ଉକ୍ତ ଘଟଣାର ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଏହି ନିଲମ୍ବନ ନିର୍ଦ୍ଦେଶ ତାଙ୍କ ଉପରେ ଲାଗୁ ରହିବ। ତେବେ ଏହି ସମୟ ମଧ୍ୟରେ ସୌମ୍ୟଚିତ ସେଣ୍ଟ୍ରାଲ ଆଇଜି ଏସ୍.କେ. ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ଉକ୍ତ ଥାନା ଅନ୍ତର୍ଗତ ନଇରା ଶାସନ ଗାଁର ଶିବପ୍ରସାଦ ଜେନାଙ୍କୁ କେତେଜଣ ଲୋକ ମାଡ଼ ମାରିଥିଲେ। ଏ ନେଇ ଶିବପ୍ରସାଦଙ୍କ ଭାଇ ଅକ୍ଷୟ ଥାନାରେ ଏତଲା ଦାୟର କରିଥିଲେ। ମାତ୍ର ମାମଲା ରୁଜୁ କରିବା ପାଇଁ ଥାନା ଅଧିକାରୀ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମୂଲଚାଲ ପରେ ୫ହଜାର ଟଙ୍କା ୩ହଜାରରେ ଛିଡ଼ିଥିଲା। ତଦନୁଯାୟୀ, ଗତ ସୋମବାର ଶିବପ୍ରସାଦ ଲାଞ୍ଚ ଟଙ୍କା ଧରି ଥାନାକୁ ଆସିଥିଲେ। ସୌମ୍ୟଚିତଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଟଙ୍କାକୁ ଶିବପ୍ରସାଦ ଆଇଆଇସିଙ୍କ ଟେବୁଲ ଉପରେ ରଖିଥିଲେ। ଏହି ସମୟରେ ଚଢାଉ କରି ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଟେବୁଲ ଉପରୁ ଟଙ୍କା ଜବତ କରିବା ସହ ସୌମ୍ୟଚିତଙ୍କୁ ଗିରଫ କରିଥିଲେ। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୪/୧୯) ରୁଜୁ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଉଦ୍‌ବେଗଜନକ ସ୍ଥିତିରେ ସଡ଼କ ଦୁର୍ଘଟଣା

# ୨୦୧୮ରେ ୫୩୧୫ଙ୍କର ମୃତ୍ୟୁ

### ପୂର୍ବବର୍ଷ ତୁଳନାରେ ୧୦.୬ ପ୍ରତିଶତ ବୃଦ୍ଧି

**କଟକ ଅଫିସ, ୩୧।୫**

ରାଜ୍ୟରେ ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ୨୦୧୮ରେ ରାଜ୍ୟରେ ମୋଟ୍ ୧୧,୭୬୨ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସେଥିମଧ୍ୟରେ ୫୩୧୫ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ୧୭,୧୦୯ ଆହତ ହୋଇଥିବା ବେଳେ ମୃତ୍ୟୁ ହାର ୨୦୧୭ ତୁଳନାରେ ୧୦.୦୬ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ସଡ଼କ ଦୁର୍ଘଟଣାକୁ ନେଇ କରାଯାଇଥିବା ଏକ ଅନୁଶୀଳନରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି।

ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ୩୬.୪୪ ପ୍ରତିଶତ ସଡ଼କ ଦୁର୍ଘଟଣା ଘଟିଥିବା ଦର୍ଶାଯାଇଛି। ମୁଖ୍ୟତଃ ଡିସେମ୍ବରରେ ସର୍ବାଧିକ ୧୦୭୨ଟି ଦୁର୍ଘଟଣା ଘଟିଥିବା ବେଳେ ୫୩୨ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ହାର ଅଧିକ ଥିବା ଦେଖାଯାଇଛି। କାରଣ ସମୁଦାୟ ଦୁର୍ଘଟଣାର ୬୬.୯୧ ପ୍ରତିଶତ ଗ୍ରାମାଞ୍ଚଳରେ ଘଟିଥିବାବେଳେ ୩୩.୦୮ ପ୍ରତିଶତ ସହରାଞ୍ଚଳରେ ଘଟିଛି। ସେହିପରି ଗ୍ରାମାଞ୍ଚଳରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ୬୯.୯୫ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହି ହାର ୩୦.୦୪ ଥିବା ଦେଖାଯାଇଛି। ଅନୁଶୀଳନରେ ଦୁର୍ଘଟଣାର ସମୟ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ସମୁଦାୟ ଦୁର୍ଘଟଣାର ୩୭.୦୯ ପ୍ରତିଶତ ରାତି ୯ଟାରୁ ସକାଳ ୬ଟା ମଧ୍ୟରେ ଘଟିଥିବା ବେଳେ ଏଥିରେ ୩୧.୬୦ ପ୍ରତିଶତ ମୃତ୍ୟୁ ଘଟିଥିବା କୁହାଯାଇଛି। ସେହିପରି ସନ୍ଧ୍ୟା ୬ଟାରୁ ରାତି ୯ଟା ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଘଟିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ମୋଟ୍ ୨୧୪୫ଟି ଦୁର୍ଘଟଣା ଘଟିଥିବାବେଳେ ୧୦୫୨ ଜଣଙ୍କର ମୃତ୍ୟୁ ଘଟିଥିବା ଦର୍ଶାଯାଇଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ କରାଯାଇଥିବା ଅନୁଶୀଳନରେ କୁହାଯାଇଛି, ୫୧.୮୫ ପ୍ରତିଶତ ସଡ଼କ ଦୁର୍ଘଟଣା ପରିଷ୍କାର ପାଗରେ ଘଟିଛି। ଅର୍ଥାତ୍ ଖରାଟିଆ ପାଗରେ ଘଟିଥିବା ଏହି ଦୁର୍ଘଟଣାରେ ୫୧.୦୬ ପ୍ରତିଶତ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ଷା ପାଗରେ ମାତ୍ର ୧୭.୫୨ ପ୍ରତିଶତ ଦୁର୍ଘଟଣା ଘଟି ୧୭.୪୦ ପ୍ରତିଶତଙ୍କର ମୃତ୍ୟୁ ଘଟିଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ୩୬.୯୮ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥ ଉପରେ ଓ ୨୭.୫୬ ପ୍ରତିଶତ ରାଜ୍ୟ ରାଜପଥରେ ଘଟିଛି। ଜାତୀୟ ରାଜପଥ ଉପରେ ଘଟିଥିବା ଦୁର୍ଘଟଣାରେ ୩୭.୧୪ ପ୍ରତିଶତ ମୃତ୍ୟୁ ହାର ଥିବାବେଳେ ୨୭.୭୫ ପ୍ରତିଶତ ମୃତ୍ୟୁହାର ରାଜ୍ୟ ରାଜପଥରେ ରହିଛି। ଏପରି କି ୪୩.୬୮ ପ୍ରତିଶତ ଦୁର୍ଘଟଣା ଖୋଲା ଅଞ୍ଚଳରେ ଘଟିଥିବାବେଳେ ଏଥିରେ ମୃତ୍ୟୁ ହାର ୪୬.୯୬ ପ୍ରତିଶତ ରହିଥିବା କୁହାଯାଇଛି। ସେହିପରି ଅନୁଶୀଳନରୁ ଜଣାପଡ଼ିଛି ଯେ, ୫୦.୯୯ ପ୍ରତିଶତ ଦୁର୍ଘଟଣା ସିଧା ରାସ୍ତାରେ ଘଟି ୫୧.୭୫ ପ୍ରତିଶତଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ୧୯.୩୧ ପ୍ରତିଶତ ଦୁର୍ଘଟଣା ବଙ୍କାଣୀ ରାସ୍ତାରେ ଘଟି ୧୮.୨୩ ପ୍ରତିଶତଙ୍କର ମୃତ୍ୟୁ ଘଟିଛି। ମୁଖ୍ୟତଃ ଅନିୟନ୍ତ୍ରିତ ଟ୍ରାଫିକ ଯୋଗୁ ରାଜ୍ୟରେ ୨୩.୬୧ ପ୍ରତିଶତ ଦୁର୍ଘଟଣା ଘଟୁଥିବା କୁହାଯାଇଛି। ଯେଉଁଥିରେ ମୃତ୍ୟୁହାର ୨୭.୨୬ ପ୍ରତିଶତ ରହିଛି। ଫୁଟ୍‌ପାଥ୍‌ରେ ଯାଉଥିବା ପଦଚାରୀଙ୍କ ମୃତ୍ୟୁହାର ୬୫.୧୩ ପ୍ରତିଶତ ରହିଛି। ଫୁଟ୍‌ପାଥ୍‌ରେ ୫୯.୩୫ ପ୍ରତିଶତ ଦୁର୍ଘଟଣା ଘଟିଥିବା ତଥ୍ୟରୁ ଜଣାପଡ଼ିଛି।

ରାଜ୍ୟରେ ଯେତେ ଦୁର୍ଘଟଣା ଘଟୁଛି ସେଥିରେ ୩୯.୧୮ ପ୍ରତିଶତ ଦୁଇଚକିଆ ଗାଡ଼ି ଥିବାବେଳେ ୧୭.୬୨ ପ୍ରତିଶତ ଭାରିଯାନ (ଟ୍ରକ, ଲରି), ୧୭.୦୬ ପ୍ରତିଶତ ହାଲୁକା ଯାନ (କାର୍, ଜିପ୍ ଇତ୍ୟାଦି) ଓ ୨.୮୦ ପ୍ରତିଶତ ବସ୍ ରହିଛି। ମୃତ୍ୟୁହାରକୁ ଦେଖିଲେ ଦୁଇ ଚକିଆ ଦୁର୍ଘଟଣାରେ ଏହି ହାର ୪୦.୮୮ ପ୍ରତିଶତ ଥିବା କୁହାଯାଇଛି। ଗାଡ଼ି ଚଳାଚଳର ଅବଧିକୁ ଦେଖିଲେ ୩୩ ପ୍ରତିଶତ ଦୁର୍ଘଟଣା ଘଟାଉଥିବା ଗାଡ଼ିର ଅବଧି ୫ ବର୍ଷରୁ କମ୍ ଏବଂ ୯.୯୦ ପ୍ରତିଶତ ଗାଡ଼ିର ଅବଧି ୧୫ ବର୍ଷରୁ ଅଧିକ।

ଅନୁଶୀଳନରେ କୁହାଯାଇଛି ଯେ, ୧୯.୩୮ ପ୍ରତିଶତ ଦୁର୍ଘଟଣା ହିଟ୍ ଆଣ୍ଡ ରନ୍ ଯୋଗୁ ହେଉଥିବାବେଳେ ୧୪.୦୩ ପ୍ରତିଶତ ପଛପଟୁ ଧକ୍କା ଯୋଗୁ ଘଟିଛି। ହିଟ୍ ଆଣ୍ଡ ରନ୍ ଯୋଗୁ ମୃତ୍ୟୁ ହାର ୨୦.୮୪ ପ୍ରତିଶତ ଥିବା କୁହାଯାଇଛି। ସେହିପରି ୬୬.୩୬ ପ୍ରତିଶତ ଦୁର୍ଘଟଣା ଅଧିକ ବେଗ ଯୋଗୁ ଘଟୁଛି। ଅନ୍ୟପକ୍ଷରେ ୧୦.୮୩ ପ୍ରତିଶତ ମଦ୍ୟପାନଜନିତ ହୋଇଥିବା ବେଳେ ୮.୮୯ ପ୍ରତିଶତ ରଂରୁଟ୍‌ରେ ଯାଉଥିବାରୁ ଘଟିଛି। ଦ୍ରୁତଗତି ଯୋଗୁ ମୃତ୍ୟୁ ହାର ୬୮.୫୬ ପ୍ରତିଶତ ରହିଛି।

ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କ ମଧ୍ୟରେ ୭୯.୪୫ ପ୍ରତିଶତଙ୍କ ବୟସ ୪୫ ବର୍ଷ ମଧ୍ୟରେ ରହିଛି। ହେଲ୍‌ମେଟ ନ ପିନ୍ଧିଥିବା ଯୋଗୁ ମୃତ୍ୟୁ ହାର ୬୭.୭୧ ପ୍ରତିଶତ ଥିବାବେଳେ ସିଟ୍ ବେଲ୍ଟ ପିନ୍ଧି ନ ଥିବା ଯୋଗୁ ଏହି ହାର ୪୪. ୫୭ ପ୍ରତିଶତ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇଥିବା ଡ୍ରାଇଭରମାନଙ୍କ ହାର ୧୫.୭୬ ପ୍ରତିଶତ ରହିଛି।

ଫୋରମ୍ ଫର୍ ପ୍ରିଭେନଶନ ଅଫ୍ ରୋଡ୍ ଆକ୍ସିଡେଣ୍ଟ ସଂସ୍ଥାର ସମ୍ପାଦକ ବିକାଶ ମହାପାତ୍ର କୁହନ୍ତି, ରାଜନୈତିକ ଇଚ୍ଛାଶକ୍ତି ନ ଥିଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ସଡ଼କ ଦୁର୍ଘଟଣାକୁ ରୋକିବା ନିମନ୍ତେ ଅନେକ ଆଇନ ରହିଛି। ମାତ୍ର ଏହାକୁ ଅନୁପାଳନ କରାଯାଉନାହିଁ। ଉଦାହରଣ ଦେଇ ସେ କହିଛନ୍ତି, ମୋଟରଯାନ ଆଇନ-୧୯୮୮ ଅନୁଯାୟୀ, ସଡ଼କ ସୁରକ୍ଷା ନିମନ୍ତେ ଅନେକ ନିୟମ କାନୁନ ବ୍ୟବସ୍ଥା ରହିଛି। ଆଶ୍ଚର୍ଯ୍ୟଜନକ ଭାବେ ୩୧ ବର୍ଷ ପରେ ମଧ୍ୟ ଏହି ଆଇନରେ ସଂଶୋଧନ କରାଯାଇନାହିଁ। ୩୧ ବର୍ଷ ତଳେ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ପାଇଁ ମାତ୍ର ୧୦୦ ଟଙ୍କା ଜରିମାନା ବ୍ୟବସ୍ଥା କରାଯାଇଛି। ଯାହା ଆଜିକା ଦିନରେ ଅତ୍ୟନ୍ତ ନଗଣ୍ୟ। ଯାହାର ପ୍ରଭାବ ଖିଲାପକାରୀଙ୍କ ଉପରେ ପଡୁନାହିଁ। ଏନ୍‌ଫୋର୍ସମେଣ୍ଟ ମଧ୍ୟ ଠିକ୍ ଭାବେ ହେଉ ନ ଥିବା ଏହାର ଅନ୍ୟଏକ କାରଣ ବୋଲି ମହାପାତ୍ର କହିଛନ୍ତି। କଟକ ମୋଟରଯାନ ନିରୀକ୍ଷକ ରଶ୍ମିରଞ୍ଜିତ ଦଳବେହେରାଙ୍କ ମତରେ ସଚେତନତା ସହିତ ଚାଳକମାନେ ଗାଡ଼ି ଚାଳନା ସମୟରେ ରାସ୍ତାର ନିୟମକୁ ଯଦି ଠିକ୍ ଭାବେ ଅନୁପାଳନ କରିବେ ତେବେ ଦୁର୍ଘଟଣାକୁ ଅନେକ ମାତ୍ରାରେ ରୋକିହେବ। କିନ୍ତୁ ଅନେକ ସମୟରେ ଚାଳକମାନେ ନିୟମକୁ ନ ମାନି ନିଜ ମନଇଚ୍ଛା ଗାଡ଼ି ଚାଳନା କରୁଥିବାରୁ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ବିପଦରେ ପକାଉଛନ୍ତି।

## ଏକାମ୍ର ନୃତ୍ୟ ଉତ୍ସବ ଉଦ୍‌ଯାପିତ

# ମନ ମୋହିଲା ଏକକ ଓଡ଼ିଶୀ ନୃତ୍ୟ



ଶତରୂପା ମିଶ୍ର

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ସାଂସ୍କୃତିକ ଅନୁଷ୍ଠାନ 'ସୁରଭି' ପକ୍ଷରୁ ସୂଚନା ଭବନ ପ୍ରେକ୍ଷାଳୟରେ ଗତ ୪ଦିନ ଧରି ଚାଲିଥିବା ଏକାମ୍ର ନୃତ୍ୟ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିବାବେଳେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ଶତରୂପା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଶତରୂପା ମିଶ୍ର, ଅଞ୍ଜଳି, ମୀରାବାଳା ସାମନ୍ତରାୟ, ଦେବସ୍ମିତା ନାୟକ ଓ ଶଗୁନ ଅଗ୍ରୱାଲ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଈଶ୍ୱରଙ୍କ ବନ୍ଦନା ସହ ପାଶ୍ଚାତ୍ୟ ସଙ୍ଗୀତର ତାଳେ ତାଳେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଦିବ୍ୟଶ୍ରୀ ପଣ୍ଡା ଏବଂ ଅର୍ପିତା ପାଣି ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ସୁରଭି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ କଳାକାରଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିନେଇଥିଲା।

# 'ରାଇଜିଂ ଷ୍ଟାର' ଟପ୍ ୬ରେ ଅନନ୍ୟା

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ପୁଣି ଜାତୀୟ ସ୍ତରରେ କମାଲ ଦେଖାଇଛନ୍ତି କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ। ୨୦୧୫ରେ ଇଣ୍ଡିଆନ ଆଇଡଲ ଜୁନିୟର ଟାଇଟଲ ଜିତିବା ପରେ ସେ କେବଳ ଓଡ଼ିଶା ନୁହେଁ ସାରା ଭାରତରେ ପ୍ରତିଷ୍ଠିତ ହୋଇପାରିଥିଲେ। ଏହାପରେ ସେ ଅନେକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି। ବର୍ତ୍ତମାନ ସେ ଆଉ ଏକ ମାଇଲଖୁଣ୍ଟ ଛୁଇଁବାକୁ ଯାଉଛନ୍ତି। ଜାତୀୟ ଚ୍ୟାନେଲ କଲର୍ସରେ ପ୍ରସାରିତ ରିଏଲିଟି ଶୋ' 'ରାଇଜିଂ ଷ୍ଟାର' ସିଜନ୍-୩ରେ ଅଂଶଗ୍ରହଣ କରିଛନ୍ତି। ନିଜର ସୁମଧୁର କଣ୍ଠ ସଙ୍ଗୀତ ଦ୍ୱାରା ବିଚାରକଙ୍କ ମନ ଜିଣିବା ସହ ଦର୍ଶକଙ୍କ ଭୋଟ୍ ମଧ୍ୟ ହାସଲ କରୁଛନ୍ତି। ଏବେ ଅନନ୍ୟା ଟପ୍ ୬ରେ ପହଞ୍ଚିଛନ୍ତି। ତେଣୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ତାଙ୍କୁ ଟାଇଟଲ ଜିତାଇବାକୁ ଓଡ଼ିଶାବାସୀଙ୍କୁ ଅନନ୍ୟା ନିବେଦନ କରିଛନ୍ତି। ଆସନ୍ତା ଶନିବାର ଟପ୍-୫, ରବିବାର ଟପ୍-୪ ଏବଂ ୮ତାରିଖରେ ଫାଇନାଲ ଏପିସୋଡ୍ ପ୍ରସାରଣ ହେବାକୁ ଯାଉଛି। ଏହି ଶୋ'ରେ ଲାଇଭ୍ ଭୋଟ୍ ଦେବାକୁ ପଡ଼ିଥାଏ। ତେଣୁ ଅନନ୍ୟାଙ୍କୁ ଲାଇଭ୍ ଭୋଟ୍ ଦେବା ପାଇଁ ସ୍ୱରାଭିଷେକ ପକ୍ଷରୁ ଅନୁରୋଧ କରାଯାଇଛି। ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ଗୋଦାବରୀଶ ସାହିତ୍ୟ ସଂସଦରେ ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ବର୍ତ୍ତମାନ ଅନନ୍ୟା ଭୋଟ୍ ଦ୍ୱାରା ହିଁ ଆଗକୁ ଯାଇପାରିବେ ତେଣୁ ପ୍ରତିଟି ମୋବାଇଲ ଫୋନ୍‌ରୁ ଗୋଟିଏ ଭୋଟ୍ ଦେଇ ବିପୁଳ ସଂଖ୍ୟାରେ ଭୋଟିଂ କରି ତାଙ୍କୁ ବିଜୟୀ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାବାସୀଙ୍କୁ ଅନୁରୋଧ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ସମ୍ପାଦିକା ହରପ୍ରିୟା ପତି, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

- ପୁଣି ଜାତୀୟ ସ୍ତରରେ କମାଲ ଦେଖାଇଲେ
- ଭୋଟ ଦେଇ ଟାଇଟଲ ଜିତାଇବାକୁ ନିବେଦନ



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିଦ୍ୟୁତ୍



ଦିପୁ



ସୌମ୍ୟ



ଭାଗବତ



ସୌମ୍ୟକାନ୍ତ



ପ୍ରକାଶ

# ଡିଜାଷ୍ଟର ମ୍ୟାନେଜମେଣ୍ଟ

ଆଜିକାଲି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ କ୍ୟାରିୟର କରିବାର ଅନେକ ସୁଯୋଗ ରହିଛି। ଯଦି ଆପଣ ସମାଜ କଲ୍ୟାଣ ତଥା ପୀଡ଼ିତ ବ୍ୟକ୍ତିଙ୍କ ସହାୟତା କରିବାକୁ ଚାହାନ୍ତି, ତେବେ ପ୍ରାକୃତିକ ବିପର୍ଯ୍ୟୟ ଆପଣଙ୍କ ପାଇଁ ଏକ ବଢ଼ିଆ କ୍ୟାରିୟର ଅପ୍ସନ ହେବ। ସାଧାରଣତଃ ପ୍ରାକୃତିକ ବିପର୍ଯ୍ୟୟ ବେଳେ ପୀଡ଼ିତଙ୍କୁ ଉଦ୍ଧାର କରିବା, ରିଲିଫ ବାଣ୍ଟିବା, ସମାଜକୁ ମୂଳ ଜୀବନରେ ଫେରାଇ ଆଣିବା ଭଳି କାମ ପ୍ରାକୃତିକ ବିପର୍ଯ୍ୟୟ ପେସାଦାରଙ୍କ କାର୍ଯ୍ୟ ପରିସର ଭିତରେ ସୀମିତ ହୋଇ ରହିନାହିଁ। ସେମାନେ ଆଗାମୀ ବିପର୍ଯ୍ୟୟ ପାଇଁ ଲୋକଙ୍କୁ ସଚେତନ



କରିବା, ହେବାକୁ ଥିବା କ୍ଷୟକ୍ଷତିକୁ ଯଥାସମ୍ଭବ କମାଇବା ଭଳି କାର୍ଯ୍ୟ କରିବା ଏଭଳି ପେସାଦାରଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଉଠିଛି। ନିକଟରେ ଫନୀ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ବେଳେ ଡିଜାଷ୍ଟର ମ୍ୟାନେଜମେଣ୍ଟର ପ୍ରଫେଶନାଲଙ୍କ କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି। ଏନ୍‌ଡିଆର୍‌ଏଫ୍ ଓ ଓସ୍‌ଡମାର ପେସାଦାରମାନେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ପୀଡ଼ିତଙ୍କ ଖାଦ୍ୟପେୟ, ସୁରକ୍ଷା ପ୍ରତି ଧ୍ୟାନ ଦେବା କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

## ଏମାନଙ୍କ କାମ କ'ଣ

ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଶିକ୍ଷଣ ନେଇଥିବା ଲୋକେ ବିପର୍ଯ୍ୟୟ ବେଳେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି। ବିପରିତ ପରିସ୍ଥିତିରେ ସେମାନେ ସଂଘର୍ଷ କରି ଲୋକଙ୍କ ଜୀବନକୁ ବଞ୍ଚାଇବା ସହ ସେମାନଙ୍କ ଜୀବନକୁ ପୁନର୍ବାର ମୁଖ୍ୟ ଧାରାକୁ ଫେରାଇ ଆଣିବାରେ ସହାୟତା କରନ୍ତି। ପୀଡିତଙ୍କ ନିକଟରେ ଯେତେଶୀଘ୍ର ସମ୍ଭବ ପହଞ୍ଚି ସେମାନଙ୍କ ଜୀବନ ବଞ୍ଚାଇବା, ସହାୟତା ଦେବା, ଲୋକଙ୍କ ତାତ୍କାଳିକ ଆବଶ୍ୟକତା ପୂରଣ କରିବା। ଆଦି କାର୍ଯ୍ୟ ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲଙ୍କୁ ପ୍ରଶିକ୍ଷଣ ଦିଆଯାଇଥାଏ। ଏହାଛଡ଼ା ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇବା ଦାୟିତ୍ୱ ମଧ୍ୟ ସେମାନଙ୍କୁ ଉଠାଇବାକୁ ପଡିଥାଏ।

> ଆଜିର ସମୟରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ପ୍ରାୟ ପ୍ରତିବର୍ଷ କୌଣସି ପ୍ରାକୃତିକ ଅଥବା ମାନବାକୃତ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଯେଉଁଥିରେ ବନ୍ୟା, ଭୂମିକମ୍ପ, କୁଆପଥର ବୃଷ୍ଟି, ବାଦଲ ଫଟା ବର୍ଷା, ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ, ଅଗ୍ନିକାଣ୍ଡ ଭଳି ଘଟଣା ଘଟିଥାଏ। ସାଧାରଣତଃ ମଣିଷ ନିଜ ସ୍ୱାର୍ଥରେ ପ୍ରକୃତିର ଅପବ୍ୟବହାର କରିଚାଲିଛି। ଫଳରେ ଏହାର ସମତୁଲତା ବିଗିଡି ଯାଇଛି, ଯାହାର ଫଳସ୍ୱରୂପ ଏବେ ଦେଶ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ବାଧ ହେଉଛି। ଏହାର ମୁକାବିଲା ତଥା ଜୀବନକୁ ପୁଣିଥରେ ଠିକ୍ ମାର୍ଗରେ ଫେରାଇ ଆଣିବା ଲାଗି ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲଙ୍କ ଆବଶ୍ୟକତା ପଡିଥାଏ। ସେମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ମିଳିଥାଏ ଖାସ୍ ପ୍ରଶିକ୍ଷଣ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ ରକ୍ଷା କରି ନୂଆ ଜୀବନ ପ୍ରଦାନ କରିଥାନ୍ତି।

## କେବେଠାରୁ ଆରମ୍ଭ ହୋଇଥିଲା

ମାନବ ସମ୍ବଳ ମନ୍ତ୍ରଣାଳୟ ଦଶମ ପଞ୍ଚବାର୍ଷିକ ଯୋଜନାରେ ଡିଜାଷ୍ଟର ମ୍ୟାନେଜମେଣ୍ଟକୁ ସ୍କୁଲ ଏବଂ ପ୍ରଫେଶନାଲ ଏଜୁକେଶନରେ ସାମିଲ କରିଥିଲା। ୨୦୦୩ରେ ପ୍ରଥମ ଥର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୮ମ ଶ୍ରେଣୀର ସୋସିଆଲ ସାଇନ୍ସ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଶ୍ରେଣୀରେ ଏବଂ ଘରୋଇ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଡିଜାଷ୍ଟର ମ୍ୟାନେଜମେଣ୍ଟ କୋର୍ସ ଆରମ୍ଭ କରାଯାଇଛି।

## ବିଭିନ୍ନ କୋର୍ସ ସମୂହ

ଦେଶର ଅନେକ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ସାର୍ଟିଫିକେଟରୁ ଆରମ୍ଭ କରି ପିଜି ଡିପ୍ଲୋମା ସ୍ତର ପର୍ଯ୍ୟନ୍ତ କୋର୍ସ କରୁଛନ୍ତି। ସେହିପରି କେତେକ ବିଶ୍ୱବିଦ୍ୟାଳୟରେ ମଧ୍ୟ ଡିଗ୍ରୀ ଲେଭେଲ କୋର୍ସ କରାଯାଉଛି।

## ଯୋଗ୍ୟତା

ସାର୍ଟିଫିକେଟ କୋର୍ସ ଲାଗି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାକୁ ପଡିବ। ଅନ୍ୟପକ୍ଷରେ ମାଷ୍ଟର ଅଥବା ପିଜି ଡିପ୍ଲୋମା କୋର୍ସ ଲାଗି ଅନ୍ତତଃପକ୍ଷେ ଗ୍ରାଜୁଏଟ ହେବା ଜରୁରୀ। କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ, ଏହା ସାହସ ଏବଂ ଭାବାବେଗ ସହ ଜଡ଼ିତ ଏକ ପାଠ୍ୟକ୍ରମ। ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲ ନିଶ୍ଚିତଭାବେ ସାହସୀ ହେବା ଆବଶ୍ୟକ। ଏହାଛଡ଼ା ତାଙ୍କ ନିକଟରେ ଉପସ୍ଥିତ ବୁଦ୍ଧି ରହିଥିବା ଜରୁରୀ।

## ଚାକିରି ସୁଯୋଗ

ଡିଜାଷ୍ଟର ମ୍ୟାନେଜମେଣ୍ଟ କ୍ଷେତ୍ରରେ ଜଣେ ପେସାଦାର ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ମିଳିପାରିବ। ଏହାଛଡ଼ା ଘରୋଇ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ସେବା, ଆଇନଶୃଙ୍ଖଳା ରକ୍ଷା, ସ୍ଥାନୀୟ କର୍ତ୍ତୃପକ୍ଷ, ରିଲିଫ୍ ଏଜେନ୍ସି, ଘରୋଇ ଏଜେନ୍ସି ତଥା ଜାତିସଂଘ ଭଳି ଅନ୍ତଃରାଷ୍ଟ୍ରୀୟ ଏଜେନ୍ସିରେ ଚାକିରି ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

## ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ, ନୂଆଦିଲ୍ଲୀ, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଇଗ୍ନୁ), ନୂଆଦିଲ୍ଲୀ, ନର୍ଥ ବେଙ୍ଗଲ ୟୁନିଭର୍ସିଟି, ଦାର୍ଜିଲିଂ ଏବଂ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ମାଡ୍ରାସ ୟୁନିଭର୍ସିଟି।

# ଆତ୍ମବିଶ୍ୱାସ ବଢ଼ାଇବାର ଉପାୟ

ଜୀବନରେ ସଫଳତା ପାଇବାକୁ ହେଲେ ଆତ୍ମବିଶ୍ୱାସୀ ହେବା ବହୁତ ଜରୁରୀ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜକୁ ପ୍ରଥମେ ବିଶ୍ୱାସ କରିବା। ଆତ୍ମବିଶ୍ୱାସ ବିନା ଜୀବନ ଏକ ଗନ୍ଧହୀନ ଫୁଲ ପରି। ଆତ୍ମବିଶ୍ୱାସ ବିନା ଏପରି ଜଣେ ବ୍ୟକ୍ତି ମହଙ୍ଗା କାର୍ ଭଳି ଯେଉଁଥିରେ ପେଟ୍ରୋଲ ନାହିଁ। ଏହା ସତ ଯେ, କୌଣସି ବ୍ୟକ୍ତି ଯେତେ ବୁଦ୍ଧିମାନ, ଚତୁର ହେଉ ନା କାହିଁକି, ଆତ୍ମବିଶ୍ୱାସ ବିନା ସେ ସଫଳ ହୋଇପାରିବ ନାହିଁ। ନିଜ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବାକୁ ହେଲେ ନିମ୍ନରେ ଦିଆଯାଇଥିବା କେତେକ ଉପଦେଶ ପାଳନ କରନ୍ତୁ। ନିଶ୍ଚିତ ଭାବେ ଆତ୍ମବିଶ୍ୱାସ ଫେରି ଆସିବ।

### ପ୍ରଥମେ ଛୋଟ ଲକ୍ଷ୍ୟ ରଖନ୍ତୁ

ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହୁଁଥିଲେ ବଡ଼ ଲକ୍ଷ୍ୟକୁ ପ୍ରଥମେ ଛୋଟ ଛୋଟ ଲକ୍ଷ୍ୟରେ ବିଭାଜିତ କରନ୍ତୁ। ଏଭଳି ଉପାୟ ଦ୍ୱାରା କୌଣସି ଛୋଟ ଲକ୍ଷ୍ୟ ପୂରଣ ହେବା ମାତ୍ରେ ଆପଣଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ। ଆପଣ ପରବର୍ତ୍ତୀ ଛୋଟ ଲକ୍ଷ୍ୟକୁ ପୂରଣ କରିବାକୁ ପ୍ରୋତ୍ସାହିତ ହେବେ। ଏଭଳି ଭାବେ ଧୀରେ ଧୀରେ ଆପଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବାକୁ ଲାଗିବ।

### ନିଜର ଡ୍ରେସିଂ ସେନ୍ସ ବଦଳାନ୍ତୁ

ଯଦି ଆପଣ ନିଜର ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହୁଁଛନ୍ତି,ତେବେ ନିଜେ ପିନ୍ଧୁଥିବା ଡ୍ରେସ୍ ବଦଳାଇବା ଦରକାର। ଏଭଳି ଡ୍ରେସ ପିନ୍ଧନ୍ତୁ, ଯାହାଦ୍ୱାରା ନିଜେ ସୁନ୍ଦର ଦିଶିବେ। ସମସ୍ତେ ଡ୍ରେସ ପିନ୍ଧନ୍ତି। ସମସ୍ତଙ୍କୁ ଏହା ପିନ୍ଧିବାର କଳା ଜଣାନାହିଁ। ନିଜର ପର୍ସନାଲିଟି ହିସାବରେ ଡ୍ରେସ ପିନ୍ଧନ୍ତୁ, ଯାହା ଆପଣଙ୍କୁ ଠିକ୍ ଲାଗିବ। ଏହା ହେଲେ ସମସ୍ତେ ଆପଣଙ୍କ ଡ୍ରେସ୍‌କୁ ତାରିଫ କରିବେ। ଏହାଦ୍ୱାରା ଆପଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

### ଆଖିକୁ ଆଖି ମିଶାଇ କଥା ହୁଅନ୍ତୁ

ସାଧାରଣତଃ ଦେଖାଯାଏ ଅନେକ ବ୍ୟକ୍ତି ଅଛନ୍ତି, ଯିଏ ଅନ୍ୟ ଆଡେ ମୁହଁ କରି ଅବା ଇଆଡେ ସିଆଡେ ଅନାଇ କଥା ହୁଅନ୍ତି। ତେବେ ପାରୁଛନ୍ତି ତ ଆପଣ ସାମ୍ନାରେ ଥିବା ବ୍ୟକ୍ତିର ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହାଦ୍ୱାରା ଆପଣଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ିଥାଏ। ସାମ୍ନାରେ ଥିବା ବ୍ୟକ୍ତି ମଧ୍ୟ ଅନୁଭବ କରେ ଯେ, ଆପଣ ତାଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି।

### ଅତୀତର ଉପଲବ୍ଧି ମନେପକାନ୍ତୁ

ଆତ୍ମବିଶ୍ୱାସ ବଢ଼ାଇବାର ଏହା ଅତ୍ୟନ୍ତ ସଫଳ ଉପାୟ। ଆପଣ ଅତୀତରେ କରିଥିବା ଗୋଟିଏ ଭଲ କାମ ଅଥବା ସଫଳତାକୁ ମନେ ପକାନ୍ତୁ। ଏହାଦ୍ୱାରା ଆପଣଙ୍କ ଆତ୍ମବିଶ୍ୱାସ ବଢ଼ିବ।

### ଭୁଲ୍‌କୁ ନେଇ ଡରନ୍ତୁ ନାହିଁ

ଅନେକ ଲୋକ ଅଛନ୍ତି ଭୁଲ୍ କରି ଦେବା ପରେ ଡରନ୍ତି। ଏକ ସଫଳ ଜୀବନ ଅତିବାହିତ କରିବା ଲାଗି ଏପରି ଭୟ କରିବା ଆଦୌ ସମୀଚୀନ ନୁହେଁ। ଦୁନିଆରେ ଏଭଳି କୌଣସି ସଫଳ ବ୍ୟକ୍ତି ନାହାନ୍ତି, ଯିଏ କି କେବେ ଭୁଲ କରିନାହାନ୍ତି। ତେବେ ନିଜ ଭୁଲ୍‌ରୁ ଶିଖିବା ସଫଳତାର ଚାବିକାଠି। ଭୁଲ୍‌ରୁ ଶିଖିବା ଆରମ୍ଭ କଲେ ଆଉ ଭୟ ଲାଗିବ ନାହିଁ।

### ଆହ୍ୱାନ ନେବାକୁ ପଛଘୁଞ୍ଚା ଦିଅନ୍ତୁ ନାହିଁ

ଯିଏ ଯେତେ ରିସ୍କ(ଆହ୍ୱାନ) ନେଇପାରେ ସେ ସେତେ ସଫଳ ହୁଏ। ସଫଳତା ପାଇବାକୁ ହେଲେ ଆହ୍ୱାନର ସମ୍ମୁଖୀନ ହେବା ଜରୁରୀ। ଆହ୍ୱାନରୁ ଯାହା କିଛି ଶିକ୍ଷାଲାଭ କରାଯାଏ, ସଫଳତା ପାଇବାରେ ଏହା ଯଥେଷ୍ଟ ହୋଇଥାଏ। ଯେତେ ବଡ଼ ଆହ୍ୱାନ, ସଫଳତା ହାର ସେତେ ଅଧିକ।

# ନିଯୁକ୍ତି ମିଳିବା ହେବ ସହଜ

ବେରୋଜଗାରି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏପରି ସମୟରେ ନିଯୁକ୍ତି ମିଳିବା ନେଇ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡୁଛି। ଗୋଟିଏ ଭଲ ଚାକିରି ଖୋଜି ପାଇବା ଯେତିକି କଷ୍ଟ ନିଜକୁ ଚାକିରି ଉପଯୋଗୀ କରିବା ତା'ଠାରୁ ଆହୁରି କଷ୍ଟକର କାମ। ଚାକିରିକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ଅନେକେ ଚିନ୍ତାଗ୍ରସ୍ତ ଥାନ୍ତି। କେମିତି ଭଲ ଚାକିରିଟିଏ କରି ଆଗକୁ ବଢିବେ ତାକୁ ନେଇ ଅନେକେ ନିଜକୁ ଗଢିବାରେ ଲାଗି ପଡନ୍ତି। ଏଠାରେ କିଛି ଟିପ୍ସ ରହିଛି ଯାହା ନିଯୁକ୍ତି ମିଳିବା ଦିଗରେ ପ୍ରାର୍ଥୀଙ୍କୁ ସହାୟକ ହୋଇ ପାରିବ।

→ ସମୟ ବଦଳିବା ସହ ଚାକିରି ଖୋଜିବାର ତରିକା ମଧ୍ୟ ବଦଳିଛି। ବିଭିନ୍ନ ଅଫିସ ଯାଇ ଚାକିରି ପାଇଁ ରିଜ୍ୟୁମ ଦେବା ସମୟ ବଦଳିଛି। ସହଜରେ ଚାକିରି ଖୋଜିବା ଲାଗି ଅନ୍‌ଲାଇନ ଜବ ପୋର୍ଟାଲଗୁଡିକର ସହାୟତା ନେଇ ପାରିବେ। ଏହା ନିଯୁକ୍ତି ଖୋଜିବାର ଚିନ୍ତାକୁ କମ୍ କରିବ। କିନ୍ତୁ ଥରେ ମାତ୍ର ପୋର୍ଟାଲକୁ ଯାଇ ନିଜର ରିଜ୍ୟୁମ ଅପ୍‌ଲୋଡ କରି ଦେଲେ କାମ ସରେ ନାହିଁ। ସମୟ ସମୟରେ ଏହାକୁ ଅପ୍‌ଡେଟ କରିବା ବୁଦ୍ଧିମାନ କାମ ହେବ। ସେହିଭଳି ପ୍ରଫେଶନାଲ ନେଟ୍‌ୱର୍କିଂ ସାଇଟ୍‌ରେ ସକ୍ରିୟ ରହିଲେ ଏହା କ୍ୟାରିୟର ପାଇଁ ଭଲ।

→ ଏମିତି ହୁଏ ଆମେ କୌଣସି ନିଯୁକ୍ତି ଭରସାରେ ସବୁଦିନ ଲାଗି ବସି ପଡୁ। ଏପରି ମଧ୍ୟ ଅନେକଙ୍କ କ୍ଷେତ୍ରରେ ହୁଏ ଯେତେବେଳେ ଗୋଟିଏ ଚାକିରି ଆବେଦନ କରି ତାହା ମିଳିବ ବୋଲି ମଧ୍ୟ ନିଶ୍ଚିତ ହୋଇ ବସୁ ପଡୁ। ଯେତେବେଳେ କି ଏହା ହେବ କି ନ ହେବ ତାହାର କୌଣସି ନିଶ୍ଚିତତା ନ ଥାଏ। ଚେଷ୍ଟାକୁ ବଜାୟ ରଖିବା ଭଲ ହେବ। ବିଭିନ୍ନ ଚାକିରି ପାଇଁ ଆବେଦନ କରିଲେ ଜାଣି ପାରିବେ ଜବ ମାର୍କେଟରେ ଚାହିଦା କ'ଣ ରହିଛି। ସେହି ମୁତାବକ ନିଜକୁ ପ୍ରସ୍ତୁତ କରିବା ସହଜ ହେବ।

→ କେବଳ ନିଯୁକ୍ତି ଲାଗି ଆବେଦନ କରିଦେଲେ ସବୁ କିଛି ଶେଷ ହୋଇଯିବ। ତାହା ଆପଣଙ୍କୁ ମିଳିଯିବ ଭାବି ବସନ୍ତୁ ନାହିଁ। ଏହି କ୍ଷେତ୍ରରେ ଆବେଦନର କିଛି ସମୟ ବ୍ୟବଧାନରେ ଫଲୋଅପ୍ କରିବା ଆବଶ୍ୟକ। ମାତ୍ର ତରତର ନ ହୋଇ ଏହାକୁ ଧୈର୍ଯ୍ୟ ସହ କରିବା ଉଚିତ। ଏହା ବାରମ୍ବାର କରିଲେ ନିଯୁକ୍ତିଦାତାଙ୍କ ଆପଣଙ୍କ ପ୍ରତି ଇମ୍ପ୍ରେସନ ବିଗିଡି ଯିବାର ସମ୍ଭାବନା ରହିଛି।

→ କିଛି ବ୍ୟକ୍ତି କଭର ଲେଟରର ଭୂମିକାକୁ ବୁଝିପାରନ୍ତି ନାହିଁ। କୌଣସି ସ୍ଥାନକୁ ଯାଇ ରିଜ୍ୟୁମ ଦେଇ ଆସିଲେ କାମ ଶେଷ ହୋଇ ଯାଏନି। ନିଜର ସାମର୍ଥ୍ୟ ଯେମିତି କି କେଉଁ ବିଷୟରେ ଆପଣ ଦକ୍ଷ, କ'ଣ କାମ ଜାଣିଛନ୍ତି, କେଉଁ କେଉଁ ବିଭାଗରେ ଅଭିଜ୍ଞତା ରହିଛି ତାହା ମଧ୍ୟ ଜଣାଇବା ଆବଶ୍ୟକ। ଏହାକୁ ନିଯୁକ୍ତିଦାତା ଜାଣିବା ଆବଶ୍ୟକ। ଏହା ହେଲେ ହିଁ ଆପଣଙ୍କୁ ନେଇ ସେ ନିଶ୍ଚିତ ହୋଇପାରିବେ।

**URGENTLY REQUIRED**
OFFICE ASSISTANT/ FIELD BOY
Contact:
**OM GRAPHICS**, Plot No.: 1361, Road No.5, Jagannath Nagar, BBSR
Mob.: 9337024339

**REQUIREMENT**
**Manager**: Both Ladies & Gents, **Age**: 22-32. **Helper**: 2 Nos, **Driver**: 1 No
M. No: 9583576928, 7978802641
**HOTTA ASSOCIATES**, VSS Nagar, Bhubaneswar

DOMINOS PIZZA HIRING
**Delivery Boy Full Time / Part Time**
Salary Rs. 9000/- to 10,000/- per month + Incentive.
**Qualification:** 10th Pass Driving Licence Must.
CALL: 9040033665

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ **COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ**
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158, 6370827728

**PLANT JOB**
JAJPUR, PARADEEP, ANGUL ଓ KHURDHAରେ ଥିବା **Steel ଓ Power-plant**ପାଇଁ **ITI Candidate ଆବଶ୍ୟକ।**
Fresher or Experienced
Qual : ITI (Fitter/Electrician/Welder)
Sal : Rs.13000/- (ରହିବା ଖାଇବା ସହ)
Ph : 9439246122

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। **ଦରମା:** 27,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact: 8339922964

URGENT REQUIRED
- Personal Assistant : 10 plus year Experience in a NGO or Marketing; MBA, MA or Law Degree. Must be good at letter writing.
- Women Welfare Aassistance : Min 7 years Experience in NGO or Social service; Graduate Degree
- Social Media Assistant : Min 3 years Experience in Facebook and Twitter or worked in public relations. Must be good at video and photo editing. Graduate in journalism and good writing

**Contact No.-** 9438072829, 9861901749
**Send me Bio data at :-** cdheart@gmail.com

**Contact: 9938414918**
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., ମାସିକ ଦରମା upto Rs.25000/-.
**Contact Immediately**
**Mob: 8763257042**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**REQUIRED**
A reputed business house requires
- **Private Car Driver** (One) with DL(3W/4W)
- **TATA Ace Driver** (Two) with DL(Transport)

**Please Contact:**
**9938303321**

REQUIRED
1) GODOWN INCHARGES MUST HAVE KNOWLEDGE IN COMPUTER AND DESPATCH
2) COMPUTER OPERATOR MUST HAVE KNOWLEDGE IN COMPUTER AND SAP
3) GODOWN SUPERVISOR MUST HAVE KNOWLEDGE IN INVENTORY CONTROL AND DESPATCH

IN A REPUTED ISO **22000:2005** ORGANISATION AT BHUBANESWAR NEAR TOMANDO.
WALK IN INTERVIEW ON **03.06.2019** AND **04.06.2019** FROM **9.30 A.M. TO 4 P.M.**
**CONTACT**: 9337593376, 9337665446, 7894439987

"Wanted for a photo lamination & framing business core house at Bhubaneswar.
1. **Carpenter:** Male candidate having experience in design carpentry works on wood.
2. **Cook:** Cook required for part time/full time.
3. **Driver:** Having valid HMV/ TRANSPORT license.

**Contact No.:**
9337170743, 9337170744

REQUIRED
"SANJOG" an NGO in Bolangir district requires following personnel for its tribal Livelihood Project.
- Horticulturist (One)- Must be a Diploma/Degree holder in horticulture with 1 year field experience.
- Project Manager (One)- Post Graduate with adequate work experience.
- Accountant (Part Time)- Graduate in Commerce with experience in Tally etc. Salary negotiable.

Send CV to snj_kbj@rediffmail.com or Sanjog, Kantabanji, Dist.- Bolangir-767039

**WANTED**
**LADY OFFICE ASSISTANT**
Cuttack. Free Accommodation with 7500/-.
Contact:
7809525452

**Walk-in-Interview:** Family Planning Association of India, Bhubaneswar Branch, 392-BJB Nagar, Lewis Road, Bhubaneswar.
Time: 10.00AM, Date: 05.06.2019
- **Doctor- 01-MBBS / BAMS.**
- **Health Educators- 03, +3 Pass.**

**Cont: 0674-2436427, 9439976785**

**All Odisha Aadarsha Vidyalaya Vacancy**
**TEACHER, CLERK, SECURITY GUARD, DATA ENTRY, PEON**
**(MALE / FEMALE)**
**Sal- 15,000 / Above, 3 year Exp.**
**Qualification : +2 / Above**
**Contact : 8480659517**

Application for reputed financial Bank in BBSR, Khorda, Cuttack district.
**Post: FOS, TL**
**Min. Qualification:** +2 above
Mob: 8895049690
8280225886
Salary: 10k + Incentive
(No charges applicable)
Email: spamrobbsr@gmail.com

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**PARADIP PORT TRUST**
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA

No.AD/RSC-III-21-17/2017/1670 **ADVERTISEMENT** Dated, the 24th May, 2019

Paradip Port Trust, an autonomous body under Ministry of Shipping invites applications from Indian Nationals for filling up following posts through **Direct Recruitment.**

| Sl. No. | Post / Scale of pay | No. of Posts | Age Limit | Essential qualification & experience |
|---|---|---|---|---|
| 01. | **HINDI ASSISTANT** Rs.27400-70500/- (Class-III) | 01 (UR) | 32 Years | **Essential :** 1. A Graduate with Hindi as an elective subject at Degree level. OR Intermediate with Kovid. 2. Minimum speed of 30 words per minute in Hindi typing through Skill Test to be conducted only on computers with experience of 3 years as Hindi Typist. 3. Preference will be given to the candidates having higher qualification subject to passing the Skill Test. **THE SKILL TEST NORMS** Time allowed : 10 minutes (30 w.p.m correspond to 9000 KDPH on an average of 5 key depressions for each word) |
| 02. | **HINDI TYPIST** Rs.25200-59600/- (Class-III) | 01 (UR) | 32 Years | **Essential :** 1. Degree from a recognized University. 2. Passed Hindi Parichaya or equivalent. 3. Minimum speed of 25 words per minute in Hindi Typing through Skill Test to be conducted only on computers. **4. Desirable :** Candidates having higher qualification subject to passing the Skill Test. **THE SKILL TEST NORMS** Time allowed : 10 minutes (25 w.p.m correspond to 7500 KDPH on an average of 5 key depressions for each word) |

Application complete in all respects including all the information, present / permanent address, e-mail, Mob. No., qualification, caste etc. and all the self attested testimonials with two latest passport size photographs may be submitted to **Secretary, Paradip Port Trust, Dist-Jagatsinghpur, Odisha-754142 by 30.06.2019**. The candidates already in service may submit their application through proper channel. The cutoff date for determining the age is **01.05.2019**. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/4009, dated : 08.11.2018 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement/vacancies without any notice.

PPT/PR/91/19-20, DT.28.05.2019

**Sr. Dy. Secretary**
**For Secretary**

**WANTED**
ଧରିତ୍ରୀ DHARITRI Oriya daily
**is looking for**
**SUB-EDITORS**
- Candidates must have at least 3 years experience in desk work.
- Should have a degree in journalism.
- Should have good news sense, expertise in translation, editing and giving catchy headlines.
- Experience in uploading stories to website and social media handling will be given preference.

Apply immediately to :
recruitment@dharitri.com
Attractive salary commensurate with experience

भारतीय प्रौद्योगिकी संस्थान भुवनेश्वर
**INDIAN INSTITUTE OF TECHNOLOGY BHUBANESWAR**
Argul, Khordha - 752050

**ADVERTISEMENT No. Rectt.-OS/ 01/ Non – Teaching / 2019**

**Walk-in Interview/Skill Test**

IIT Bhubaneswar invites the interested candidates for walk-in-interview/Skill Test on -07.06.2019 at 9:00 AM for the following positions to be engaged on outsourced basis.

1. Junior Engineer (Civil) – 3 Nos
2. Supervisor (Electrical) – 1 No.
3. Technician (Mech.) – 2 Nos
4. Helper – 2 Nos

Candidates should bring their original certificates along with their Bio-data and photocopies of testimonials. They are requested to report at SIF Building, IIT Bhubaneswar, Argul Campus, Jatni, Khordha – 752 050.
For details, please visit Institute's website at **http://www.iitbbs.ac.in.**

**Sd/-**
**REGISTRAR**

ଆର୍ଥିକ ବର୍ଷ ୨୦୨୦ ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ଏହାର ଉତ୍ପାଦନ କ୍ଷମତା ୧୭.୫ମେଟ୍ରିକ ଟନକୁ ପହଞ୍ଚାଇବାର ଲକ୍ଷ୍ୟ ରଖିଛି।

–ଅନିଲ କୁମାର ଚୌଧୁରୀ, ସେଲ୍ ଅଧ୍ୟକ୍ଷ



ମୋଦି ୨.୦ ସରକାର ଭୂ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେବ ଏବଂ ଶ୍ରମ ଆଇନରେ ସଂସ୍କାର ଅଣାଯାଇ ଇଣ୍ଡଷ୍ଟ୍ରିଆଲ ଡିସ୍ପ୍ୟୁଟ୍‌କୁ ଏଥିରୁ ବାଦ୍ ଦିଆଯିବା।

–ବିବେକ ଦେବରୟ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କାଉନସିଲ ଅଧ୍ୟକ୍ଷ



## ସଂକ୍ଷେପରେ

### ବିତ୍ତୀୟ ନିଅଣ୍ଟ ଜିଡିପିର ୩.୩୯%

ନୂଆଦିଲ୍ଲୀ,୩୧-୫: କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷର ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ଶୁକ୍ରବାର କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଚଳିତ ବର୍ଷ ମାର୍ଚ୍ଚ ୩୧ସୁଦ୍ଧା ବିତ୍ତୀୟ ନିଅଣ୍ଟ ପରିମାଣ ୩.୩୯% ଅର୍ଥାତ୍ ୬.୪୫ ଲକ୍ଷ କୋଟି ଟଙ୍କା ରହିଛି। ବଜେଟରେ ଏହା ୬.୩୪ ଲକ୍ଷ କୋଟି ଟଙ୍କା ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ବାସ୍ତବ କ୍ଷେତ୍ରରେ ଦେଖିଲେ ବିତ୍ତୀୟ ନିଅଣ୍ଟ ପରିମାଣ ବୃଦ୍ଧି ପାଇଛି। ତେବେ ଜିଡିପି ଆକାର ବୃଦ୍ଧି ପାଇଥିବାରୁ ଏହି ବୃଦ୍ଧି ନଗଣ୍ୟ ବୋଲି କୁହାଯାଇଛି।

### ବେକାରି ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ

ନୂଆଦିଲ୍ଲୀ,୩୧-୫: ମୋଦି ସରକାର କ୍ଷମତାକୁ ଫେରିବାର ଦ୍ୱିତୀୟ ଦିନରେ ଶୁକ୍ରବାର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବେକାରି ପରିସଂଖ୍ୟାନ ପ୍ରକାଶ କରାଯାଇଛି। ଦେଶରେ ବେକାରି ସଂଖ୍ୟା ବଢ଼ିଛି ବୋଲି ସାଧାରଣ ନିର୍ବାଚନ ବେଳେ ବିରୋଧୀ ଦଳଗୁଡ଼ିକ ଦାବି କରି ଆସୁଥିବା ବେଳେ ଏନ୍‌ଡିଏ ସରକାର ଏହାକୁ ଖଣ୍ଡନ କରୁଥିଲେ। ତେବେ ମୋଦି ସରକାର ଶୁକ୍ରବାର ଦାୟିତ୍ୱ ନେବା ମାତ୍ରେ ଦେଶରେ ବେକାରି ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଶେଷରେ ମାନିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ୨୦୧୭-୧୮ରେ ଦେଶରେ ବେକାରି ହାର ୬.୧% ରହିଛି। ତେବେ ଶ୍ରମ ମନ୍ତ୍ରଣାଳୟ ସଚିବ ବେକାରି ସଂଖ୍ୟା ହାରକୁ ନେଇ ସରକାରଙ୍କ ପକ୍ଷ ରଖିବାକୁ ପ୍ରୟାସ କରିଛନ୍ତି। ସେ କହିଛନ୍ତି ଯେ, ସାମ୍ପଲିଂ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଏଣୁ ଏହି ତଥ୍ୟକୁ ପୁରୁଣା ତଥ୍ୟ ସହ ତୁଳନା କରାଯାଇପାରିବ ନାହିଁ। ପରିସଂଖ୍ୟାନ ଅନୁଯାୟୀ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ବେରୋଜଗାର ରହିଛନ୍ତି।

### ଦେଶର ମୁଣ୍ଡପିଛା ଆୟ ୧୦,୫୩୪ ଟଙ୍କା

ନୂଆଦିଲ୍ଲୀ,୩୧-୫: ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ମୁଣ୍ଡପିଛା ଆୟ ୧୦ ପ୍ରତିଶତ ବୃଦ୍ଧି ପାଇ ମାସକୁ ୧୦,୫୩୪ ଟଙ୍କା ହୋଇଛି। ଶୁକ୍ରବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ମାସକୁ ୯୫୮୦ ଟଙ୍କା ଥିଲା। ଷ୍ଟାଟିଷ୍ଟିକ୍ସ ଆଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ମାସକୁ ୧୦,୫୩୩.୮୩ ଟଙ୍କା ହିସାବରେ ୨୦୧୮-୧୯ରେ ମୁଣ୍ଡପିଛା ଆୟ ୧,୨୬,୪୦୬ ଟଙ୍କାରେ ପହଞ୍ଚିଛି। ଯାହାକି ପୂର୍ବବର୍ଷ ୧,୧୪,୯୫୮ ଟଙ୍କା ଥିଲା। ବାର୍ଷିକ ହିସାବରେ ଏହା ୧୦% ଅଧିକ। ସୂଚନାଯୋଗ୍ୟ ଯେ, ମୁଣ୍ଡପିଛା ଆୟରୁ ଦେଶର ବିକାଶ ସମ୍ପର୍କରେ ଜାଣିହୁଏ। ତଦନୁଯାୟୀ ମୋଟ ଜାତୀୟ ଆୟ(ଜିଏନ୍‌ଆଇ) ୨୦୧୮-୧୯ରେ ୧୮୮.୧୭ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା କି, ୨୦୧୭-୧୮ରେ ୧୬୯.୧୦ ଲକ୍ଷ କୋଟି ଟଙ୍କା ଥିଲା।

### ହାଇକୋର୍ଟ ଗଲେ ନୀରବ ମୋଦି



ଲଣ୍ଡନ,୩୧-୫: ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଲଣ୍ଡନ ହାଇକୋର୍ଟରେ ଜାମିନ ଲାଗି ଆବେଦନ କରିଛନ୍ତି। ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟ ୩ ଥର ତାଙ୍କର ଜାମିନ ଆବେଦନ ଖାରଜ କରିଛନ୍ତି। ଜୁନ୍ ୨୭ତାରିଖ ଯାଏ ଜେଲ୍ ହାଜତରେ ରହିବାକୁ ଅଦାଲତ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ମହାଠକେଇ କରି ସେ ଏବେ ଲଣ୍ଡନକୁ ଫେରାର ହୋଇଯାଇଛନ୍ତି। ଲଣ୍ଡନରେ ସେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ଯାଇଥିବା ବେଳେ ଗିରଫ ହୋଇଥିଲେ।

■ଦାୟିତ୍ୱ ନେଲେ ନିର୍ମଳା ସୀତାରାମନ୍

# ଅର୍ଥନୀତିକୁ ସଜାଡ଼ିବା ଏବେ ଅସଲ ପରୀକ୍ଷା

ନୂଆଦିଲ୍ଲୀ,୩୧-୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ବାଣିଜ୍ୟ ଏବଂ ଉଦ୍ୟୋଗ ଏବଂ ପରେ ପ୍ରତିରକ୍ଷା ମନ୍ତ୍ରୀ ରହିଥିବା ନିର୍ମଳା ସୀତାରାମନ୍ ଶୁକ୍ରବାର ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମିତ ସୀତାରାମନ ମନ୍ତ୍ରୀ ଭାବେ ନିଜର କାର୍ଯ୍ୟ ଦକ୍ଷତାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କିନ୍ତୁ ଅର୍ଥମନ୍ତ୍ରୀ ଭାବେ ଏବେ ସେ ଅସଲ ପରୀକ୍ଷା ଦେବେ। ତାଙ୍କୁ ଏଭଳି ଏକ ସମୟରେ ଅର୍ଥମନ୍ତ୍ରୀ ଦାୟିତ୍ୱ ମିଳିଛି, ଯେତେବେଳେ ଦେଶର ଅର୍ଥନୀତି ସମ୍ମୁଖରେ ଏକାଧିକ ଆହ୍ୱାନ ରହିଛି। ଅର୍ଥନୀତିକୁ ସଜାଡିବା ଏବଂ ଏହାକୁ ଗତିଶୀଳ କରିବା ଏବେ ତାଙ୍କର ପ୍ରାଥମିକତା ହେବାକୁ ଯାଉଛି। ନିର୍ମଳାଙ୍କ ସମ୍ମୁଖରେ ଥିବା ଆର୍ଥିକ ଆହ୍ୱାନଗୁଡ଼ିକ ବିଷୟରେ ଜାଣିବା ଆବଶ୍ୟକ।

**ଧିମା ପଡ଼ିଛି ଅର୍ଥନୀତି**

ଦେଶର ଆର୍ଥିକ ବିକାଶ ହାର ୫ ତ୍ରୈମାସରେ ସର୍ବନିମ୍ନ ସ୍ତର ୬.୬%ରେ ପହଞ୍ଚିଯାଇଛି। ଏଥିଯୋଗୁ ଗ୍ରାମାଞ୍ଚଳରେ ବ୍ୟୟ ହ୍ରାସ ଏବଂ ତୈଳ ମୂଲ୍ୟ ଧିମା ଗତିରେ ବଢୁଥିବାରୁ ଅବସ୍ଥା ଆହୁରି ଖରାପ ହେବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସ୍ଥିତିରେ ଦେଶର ଆର୍ଥିକ ବିକାଶ ହାରକୁ ୭ ଅଥବା ଏହାଠାରୁ ଅଧିକ କରିବା ସୀତାରାମନ୍‌ଙ୍କ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ।

**ତେଲ, ଖାଦ୍ୟପଦାର୍ଥ ଉପରେ ମୁଦ୍ରାସ୍ଫୀତି ମାଡ**



ନିଜର ପ୍ରଥମ କାର୍ଯ୍ୟକାଳ ବେଳେ ମୁଦ୍ରାସ୍ଫୀତି ଦୃଷ୍ଟିରୁ ମୋଦି ସରକାରଙ୍କୁ ବିଶେଷ ଅସୁବିଧାର ସାମ୍ନା କରିବାକୁ ପଡ଼ି ନ ଥିଲା। ଇନ୍ଧନ ଏବଂ ଖାଦ୍ୟପଦାର୍ଥ ଦର କମ୍ ରହିଥିଲା। କିନ୍ତୁ ଆଗକୁ ଏହା ସମ୍ଭବ ହେବ ନାହିଁ। କାରଣ ଏବେ ଠାରୁ ଏସବୁର ଦର ବଢ଼ିବାରେ ଲାଗିଛି। ପଶ୍ଚିମ ଏସିଆରେ ଦ୍ରୁତଗତିରେ ରାଜନୈତିକ ପରିସ୍ଥିତି ବଦଳୁଥିବାରୁ ଅଶୋଧିତ ତେଲ ଦରରେ ନିଆଁ ଲାଗି ପାରେ। ଅନ୍ୟପକ୍ଷରେ ପରିସଂଖ୍ୟାନରୁ ଜଣାପଡୁଛି ଯେ, ଦୀର୍ଘ ଦିନ ପରେ ଖାଦ୍ୟପଦାର୍ଥର ହୋଲସେଲ୍ ଦର ବୃଦ୍ଧି ପାଇବାରେ ଲାଗିଛି।

**ନିଯୁକ୍ତି ସଙ୍କଟ**

ନୂଆ ଅର୍ଥମନ୍ତ୍ରୀଙ୍କୁ ନିଯୁକ୍ତି ସଙ୍କଟ ଦୂର କରିବା ଭଳି ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡିବ। ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳ ବେଳେ ନିଯୁକ୍ତି ସୃଷ୍ଟି ଏକ ବଡ଼ ପ୍ରସଙ୍ଗ ଥିଲା। ନିଯୁକ୍ତି ସୃଷ୍ଟିର ପ୍ରତିଶ୍ରୁତି ଦେଇ ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିଲେ। ଅଥଚ ରୋଜଗାର ସୃଷ୍ଟିରେ ସଙ୍କଟ ଦେଖାଦେଲା। ବିମୁଦ୍ରୀକରଣ, ଜିଏସ୍‌ଟି ଲାଗୁ କରିବା ଯୋଗୁ କାରଖାନା ବନ୍ଦ ହୋଇଯିବା ଯୋଗୁ ବେକାର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ନୂଆ ନିଯୁକ୍ତି ଧିମେଇ ଗଲା। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏ ସରକାରଙ୍କୁ ଘେରିଥିଲେ। ଏବେ ବିଶ୍ୱରେ ମାନ୍ଦାବସ୍ଥା ମାଡ଼ି ଆସୁଥିବା ବେଳେ ନୂଆ ନିଯୁକ୍ତି ସୃଷ୍ଟି କରିବା ସୀତାରାମନଙ୍କ ମୁଣ୍ଡବ୍ୟଥାର ମୁଖ୍ୟ କାରଣ ହେବ।

**ମାନୁଫାକ୍‌ଚରିଂ ହ୍ରାସ**

ଦେଶର ମାନୁଫାକ୍‌ଚରିଂ ସେକ୍ଟର ଧିମେଇବାରେ ଲାଗିଛି। ଔଦ୍ୟୋଗିକ ଉତ୍ପାଦନ ମାର୍ଚ୍ଚରେ ୨୧ ମାସର ସର୍ବନିମ୍ନ ସ୍ତର(–) ୦.୧%କୁ ଖସି ଆସିଛି। ଚାଇନା ଭଳି ମାନୁଫାକ୍‌ଚରିଂ ସେକ୍ଟର ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

**ନଗଦ ସଙ୍କଟ ଦୂର କରିବା**

ଏନ୍‌ବିଏଫ୍‌ସି ସମେତ ରାଷ୍ଟ୍ରାୟତ୍ତ ଯୋଜନାଗୁଡ଼ିକରେ ଦେଖାଦେଇଥିବା ନଗଦ ସଙ୍କଟ ଦୂର କରିବା ଏବେ ଅର୍ଥମନ୍ତ୍ରୀ ସୀତାରାମନଙ୍କ ପ୍ରାଥମିକତା ହେବା ଉଚିତ। ଅର୍ଥର ଅଭାବରେ ରେଳ, ସଡ଼କ, ବନ୍ଦର, ଶକ୍ତି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ଧିମେଇବାରେ ଲାଗିଛି। ସରକାରଙ୍କ କୋଷାଗାର ଭର୍ତ୍ତି କରିବାକୁ ହେଲେ ଟେଲିକମ୍ ସେକ୍ଟରରେ ସ୍ପେକ୍ଟ୍ରମ ନିଲାମୀ କରିବା ଜରୁରୀ ହୋଇପଡିଛି।

**ଜିଏସ୍‌ଟି ୨.୦**

୧୮ ଓ ୨୮ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌କୁ ନେଇ ଏବେ ମଧ୍ୟ କାରବାରକାରୀଙ୍କ ମଧ୍ୟରେ ଅଡୁଆ ରହିଛି। ଏହି ଦୁଇ ମୁଖ୍ୟ ସ୍ଲାବ୍‌କୁ ମିଶାଇ ଏକ ନୂଆ ସ୍ଲାବ୍ କରିବାର ଆବଶ୍ୟକତା ଦେଖାଦେଇଛି। ଭାଜପାର ଇସ୍ତାହାରରେ ମଧ୍ୟ ଜିଏସ୍‌ଟିକୁ ଅଧିକ ସରଳ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି।

**ବ୍ୟାଙ୍କ ମିଶ୍ରଣକୁ ଗୁରୁତ୍ୱ**

ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ କେତେକ ବ୍ୟାଙ୍କର ମିଶ୍ରଣ କରାଯାଇଥିଲା। ଆହୁରି କେତେକ ବଡ଼ ବ୍ୟାଙ୍କ ସହ ଛୋଟ ବ୍ୟାଙ୍କକୁ ମିଶାଇବାର ଆବଶ୍ୟକତା ରହିଛି।

### ୪୫ ବର୍ଷ ପରେ ପୂର୍ଣ୍ଣକାଳୀନ ମହିଳା ଅର୍ଥମନ୍ତ୍ରୀ

ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳ ବେଳେ ନିର୍ମଳା ସୀତାରାମନ୍ ଦୀର୍ଘ ୪୫ ବର୍ଷ ପରେ ପ୍ରଥମ ମହିଳା ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ହୋଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ଅର୍ଥମନ୍ତ୍ରଣାଳୟକୁ ନିଜ ହାତରେ ରଖିଥିଲେ। ପ୍ରଥମ ପୂର୍ଣ୍ଣକାଳୀନ ପ୍ରତିରକ୍ଷା ମନ୍ତ୍ରୀ ହେବାର ଗୌରବ ମଧ୍ୟ ନିର୍ମଳାଙ୍କ ନାମରେ ରହିଛି। ଇନ୍ଦିରା ଗାନ୍ଧୀ ମଧ୍ୟ ତାଙ୍କ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ନିର୍ମଳା ସୀତାରାମନ୍ ୧୮ ଅଗଷ୍ଟ ୧୯୫୯ରେ ରେଲୱେରେ କାର୍ଯ୍ୟ କରୁଥିବା ପିତା ନାରାୟଣ ସୀତାରାମନ୍ ଏବଂ ମାତା ସାବିତ୍ରୀଙ୍କ କୋଳମଣ୍ଡନ କରି ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତିରୁଚିରାପଲ୍ଲୀରେ ପ୍ରାରମ୍ଭିକ ଶିକ୍ଷା ଶେଷ କରି ସେ ଅର୍ଥନୀତିରେ ଗ୍ରାଜୁଏଶନ କରିଥିଲେ। ଏହାପରେ ସେ ଇକୋନୋମିକରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିବା ପରେ ଏମ୍.ଫିଲ୍ ଉପାଧି ଲାଭ କରିଥିଲେ। ଲଣ୍ଡନରେ ରହିବା ବେଳେ ସୀତାରାମନ୍ ଘର ସଜାଇବାରେ ବ୍ୟବହୃତ ସାମଗ୍ରୀ ବିକ୍ରି କରୁଥିବା ଏକ ଦୋକାନରେ ସେଲ୍ସ ଗାର୍ଲ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଲଣ୍ଡନରେ କୃଷି ଇଞ୍ଜିନିୟର୍ସ ଆସୋସିଏଶନ ଏବଂ ପ୍ରାଇସ୍ ୱାଟରହାଉସ୍‌ରେ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଭାରତ ଫେରିବା ପରେ ସେ ୨୦୦୮ରେ ରାଜନୀତିରେ ଯୋଗ ଦେଇ ଭାଜପାରେ ମିଶିଥିଲେ। ଏହାର ୨ ବର୍ଷ ପରେ ଦଳର ମୁଖପାତ୍ର ହୋଇ ୨୦୧୪ରେ ଏନ୍‌ଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ।

### ଷ୍ଟକ୍ ବଜାର ଚକିତ

ଏସିଆର ତୃତୀୟ ସର୍ବବୃହତ୍ ଅର୍ଥନୀତି କୁହାଯାଉଥିବା ଭାରତର ଅର୍ଥମନ୍ତ୍ରୀ ଭାବେ ନିର୍ମଳା ସୀଥାରାମନଙ୍କୁ ଦାୟିତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଷ୍ଟକ୍ ବଜାରକୁ ଚମକାଇ ଦେଇଛନ୍ତି। ଦେଶର ଅର୍ଥନୀତି ସମ୍ମୁଖରେ ଏକାଧିକ ଆହ୍ୱାନ ରହିଛି। ଏଥିସହିତ ଆମେରିକା ସହ ଭାରତର କାରବାରରେ କଟୁତା ଦେଖାଦେଇଛି। ଏଭଳି ସ୍ଥିତିରେ ସୀଥାରାମନଙ୍କୁ ଅର୍ଥମନ୍ତ୍ରୀ କରାଯିବା ନେଇ ଷ୍ଟକ୍‌ବଜାରରେ ଆଶାବାଦୀ ନ ଥିଲେ। ରୋବାନ କ୍ୟାପିଟାଲ ଆଡଭାଇଜର୍ସର ପ୍ରତିଷ୍ଠାତା ଯୋଗେଶ ନଗାଓଁକରଙ୍କ ମତରେ ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ନଗଦ ସଙ୍କଟ ଦୂର କରିବା ପାଇଁ ନିର୍ମଳାଙ୍କ ଆଡ଼କୁ ବଜାର ଚାହିଁବସିଛି। ତାଙ୍କ ମତରେ ଅର୍ଥମନ୍ତ୍ରୀ ଦାୟିତ୍ୱ ପୀୟୂଷ ଗୋୟଲଙ୍କୁ ମିଳିବା ଉଚିତ୍ ଥିଲା। କାରଣ ସେ ପେସାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ଗତ ସରକାରରେ ଅରୁଣ ଜେଟ୍‌ଲୀଙ୍କ ଅସୁସ୍ଥତା କାରଣରୁ ସେ ୨ ଥର ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିଲେ।

## ବୀମା ପେନେଟ୍ରେଶନ ଜିଡିପିର ୦.୯%: ଏସ୍‌ବିଆଇ ଜେନେରାଲ ଏମ୍‌ଡି

ଭୁବନେଶ୍ୱର,୩୧-୫

ଅଭିବୃଦ୍ଧିଶୀଳ ବଜାରଗୁଡିକୁ ବିଚାରକୁ ନେଲେ ଜଣାଯିବ ଯେ, ବୀମା ପେନେଟ୍ରେଶନ କ୍ଷେତ୍ରରେ ଭାରତର ସ୍ଥିତି ଏତେଟା ଆଖି ଦୃଶିଆ ନୁହେଁ। ବର୍ତ୍ତମାନ ଘରୋଇ ବଜାରର ବୀମା ପେନେଟ୍ରେଶନ ମୋଟ ଜିଡିପିର ୦.୯% ରହିଛି। ଏହା ଅନ୍ୟ ଅଭିବୃଦ୍ଧିଶୀଳ ବଜାର ତୁଳନାରେ ନଗନ୍ୟ। ଭାରତ ତୁଳନାରେ ଏହି ଦେଶଗୁଡିକ ବୀମା ପେନେଟ୍ରେଶନରେ ୧.୫%ରୁ ୨% ଗୁଣା ଆଗୁଆ ରହିଛନ୍ତି ବୋଲି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ପୁଷନ୍ ମହାପାତ୍ର ସୂଚନା ଦେଇଛନ୍ତି। ବୀମାର ପ୍ରକୃତ ଗୁରୁତ୍ୱକୁ ଲୋକମାନେ ବୁଝିବାର ଆବଶ୍ୟକତା ରହିଥିବା ସେ ମତ ରଖିଛନ୍ତି। ଦେଶରେ ଏହି ଧାରାରେ ପରିବର୍ତ୍ତନ ଆଣିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟକ୍ରମ ଜାରି ରହିଥିବା ସେ କହିଛନ୍ତି। ସେହିଭଳି ବିତରଣ ନେଟ୍‌ୱର୍କ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଓଡ଼ିଶାରେ ବାତ୍ୟା ଫନୀରେ ପ୍ରଭାବିତ ଗ୍ରାହକଙ୍କ ଲାଗି ଏସ୍‌ବିଆଇ ଜେନେରାଲ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ମତ ରଖିଛନ୍ତି। କମ୍ପାନୀ ମୋଟ ୧୧୬୧ ବୀମା ଦାବି ଗ୍ରହଣ କରିଛି। ଏହି ଦାବିଗୁଡିକର ମୋଟ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା ରହିଥିବା ବେଳେ ୭୦୨ କ୍ଲେମ ବା ୬୬% ଦାବି ସମାଧାନ ଲାଗି ପଦକ୍ଷେପ ନିଆଯାଇଛି। ସମାଧାନର ହାରାହାରି ସମୟ ୮ ଦିନ ରହିଛି। ଗ୍ରାହକଙ୍କ ପାଖକୁ ୧୩.୩ କୋଟି ଏବଂ କ୍ଷତିଗ୍ରସ୍ତ ସମ୍ପତ୍ତିର ମରାମତି ତଥା ଉନ୍ନତୀକରଣ ଲାଗି ୩ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟରେ କମ୍ପାନୀର ୫ଟି ଶାଖା ରହିଛି। ଏହି ସମୟରେ କମ୍ପାନୀ ରାଜ୍ୟରେ ୯୯ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରଥିବା ସେ ସୂଚନା ଦେଇଛନ୍ତି।

**ଫନୀ ପ୍ରଭାବିତ ଗ୍ରାହକଙ୍କ କ୍ଲେମ ସମାଧାନକୁ ଗୁରୁତ୍ୱ**



## ୧୫୩୭ କୋଟିର ଜିଏସ୍‌ଟି ଫାଙ୍କି ଧରାପଡିଲା

ଅହମ୍ମଦାବାଦ୍,୩୧-୫

ଗୁଜରାଟର ଭାବନଗରରେ ଟିକସ ଅଧିକାରୀମାନେ ୧୫୩୭ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରିପାରିଛନ୍ତି। ଏହି ମାମଲାରେ ସାମିଲ ଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଜାଲ୍ ବିଲ୍ ତିଆରି କରି ଟିକସ ଫାଙ୍କୁ ଥିଲେ ଏବଂ ଇନପୁଟ ଟ୍ୟାକ୍ସ କ୍ରେଡିଟର ଲାଭ ନେଉଥିଲେ ବୋଲି ଅଭିଯୋଗ ହୋଇଛି। ଏହାଦ୍ୱାରା ସରକାରଙ୍କର ଆର୍ଥିକ କ୍ଷତି ହେଉଥିଲା। ଗୋଇନ୍ଦା ସୂଚନାକୁ ଆଧାର କରି କେନ୍ଦ୍ରୀୟ ଜିଏସ୍‌ଟି ଆୟୁକ୍ତ ରାଜ୍ୟ ସାରା ଚଢ଼ାଉ କରି ୧୫୦ ଭୂତ କମ୍ପାନୀର ସନ୍ଧାନ ପାଇଛନ୍ତି। ସେମାନଙ୍କ ନାମରେ ଜାଲ୍ ବିଲ୍ ତିଆରି କରାଯାଉଥିଲା। ଅଧିକାରୀଙ୍କ କହିବାନୁଯାୟୀ, ପ୍ରାୟ ୧୩୨୪ କୋଟି ଟଙ୍କାର ଜାଲ୍ ବିଲ୍ ତିଆରି କରାଯାଇଛି।

## ପିଜିଏଲ୍ ହୋଣ୍ଡାରେ 'ହୋଣ୍ଡା ସିବିଆର୍ ୬୫୦ ଆର୍'ର ଡେଲିଭରି

ଭୁବନେଶ୍ୱର,୩୧-୫

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ବଜାରକୁ ଆସିଥିବା ନୂଆ 'ହୋଣ୍ଡା ସିବିଆର୍ ୬୫୦ ଆର୍'ର ସ୍ଥାନୀୟ ପିଜିଏଲ୍ ହୋଣ୍ଡା ଶୋ'ରୁମଠାରେ ଡେଲିଭରି ପ୍ରଦାନ କରାଯାଇଛି। ଯାନଟିର ଏକ୍ସଶୋ'ରୁମ ବଜାର ଦର ୭.୭୦ ଲକ୍ଷ ଟଙ୍କା ରହିଛି। ରାଜ୍ୟର ଏକମାତ୍ର ଶୋ'ରୁମ ଭାବେ ଏହା ପିଜିଏଲ ହୋଣ୍ଡାରେ ଉପଲବ୍ଧ। ଶୋ'ରୁମରେ ଏହି ମଡେଲକୁ ଭଦ୍ରକର ତାପସ କୁମାର ରାଣା ଏବଂ ରାଉରକେଲାର ସୌମ୍ୟ ରଞ୍ଜନ ଦାସଙ୍କୁ ଡେଲିଭରି ଦିଆଯାଇଛି। କାର୍ଯ୍ୟକ୍ରମ ଅବସରରେ ପିଜିଏଲ୍ ହୋଣ୍ଡାର ଏମ୍‌ଡି କମଲ କୁମାର ଅଗ୍ରୱାଲ, କମ୍ପାନୀର ସର୍ଭିସ ଏରିଆ ମ୍ୟାନେଜର ବିକାଶ ଗୁପ୍ତା, ସିଆର୍‌ଏମ୍ ମ୍ୟାନେଜର ସୋମେନ ସନ୍, ହୋଣ୍ଡା ଏରିଆ ମ୍ୟାନେଜର ରଜନୀଶ ଜଶୱାଲ, ପିଜିଏଲ ହୋଣ୍ଡା ଜିଏମ୍ କୃଷ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୬.୧୮%

ଭୁବନେଶ୍ୱର,୩୧-୫(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ମାର୍ଚ୍ଚରେ ୩୦୯ ପଏଣ୍ଟ ଥିଲା। ଏହା ଏପ୍ରିଲରେ ୩ ପଏଣ୍ଟ ବୃଦ୍ଧି ଘଟି ୩୧୨ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୨୮ ପଏଣ୍ଟ ଥିଲା। ଏଥିରେ ୪ ପଏଣ୍ଟ ବଢି ୩୩୨ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୦୯ ପଏଣ୍ଟ ଥିବା ବେଳେ ଏଥିରେ ୭ ପଏଣ୍ଟ ବୃଦ୍ଧି ଘଟି ୩୧୬ ପଏଣ୍ଟ ଛୁଇଁଛି। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୭୮% ବଢି ୧୪୬.୧୮% ହୋଇଛି।



ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୫% ବୃଦ୍ଧି ଘଟି ୬୭% ହୋଇଛି। ଅଗଷ୍ଟ ପହିଲାରୁ ଏହା ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ୍ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୫% ବୃଦ୍ଧି ଘଟି ୬୦.୩% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଜୁନ ୩ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ଭାରତର ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର ଲାଗି ୟୁଏସ୍‌ର ଜିଦ୍

ୱାଶିଂଟନ,୩୧-୫

ଭାରତକୁ ମିଳୁଥିବା ଜେନେରାଲାଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିଏସ୍‌ପି) ମାନ୍ୟତା ପ୍ରତ୍ୟାହାର କରିବା ଲାଗି ଆମେରିକାର ଟ୍ରମ୍ପ ପ୍ରଶାସନ ନିଜ ଜିଦ୍‌ରେ ଅଟଳ ରହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାର୍ଚ୍ଚ ୪ରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ଭାରତ ଠାରୁ ଖୁବଶୀଘ୍ର ଉକ୍ତ ମାନ୍ୟତା ପ୍ରତ୍ୟାହାର କରିନିଆଯିବ ବୋଲି ସେ କହିଥିଲେ। ଏଥିଲାଗି ଭାରତକୁ ୬୦ ଦିନର ନୋଟିସ ଦିଆଯାଇଛି। ଏହାର ଅବଧି ମେ' ୩ରେ ଶେଷ ହୋଇଛି। ଏବେ ଏ ସମ୍ପର୍କରେ ଯେକୌଣସି ମୁହୂର୍ତ୍ତରେ ଔପଚାରିକ ଭାବେ ଅଧିସୂଚନା ଜାରି କରାଯିବ। ଆମେରିକାର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଗତ ବର୍ଷେ ହେବ ଭାରତୀୟ ସମକକ୍ଷ ସହିତ ଆଲୋଚନା ଜାରି ରଖାଯିବା ପରେ ମାର୍ଚ୍ଚରେ ଏ ସମ୍ପର୍କରେ ରାଷ୍ଟ୍ରପତି ଟ୍ରମ୍ପ ଏହା ଘୋଷଣା କରିଥିଲେ। ସେ କହିଛନ୍ତି ଯେ, ଭାରତଠାରୁ ଉକ୍ତ ମାନ୍ୟତା ପ୍ରତ୍ୟାହାର ନିଶ୍ଚିତ ହୋଇଯାଇଛି। ତେବେ ଦେଖିବାକୁ ହେବ ଯେ, ଆମେ ଆଗକୁ କେମିତି ଆଗେଇବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଫେରିବା ପରେ ତାଙ୍କ ସହ ବସି ଆଲୋଚନା କରିବାକୁ ହେବ। ଜିଏସ୍‌ପି ପ୍ରତ୍ୟାହାର କରାଯିବା ଅର୍ଥ ଆମେରିକାକୁ ଭାରତ ଆଉ କୌଣସି ସାମଗ୍ରୀ ବିନା ଶୁଳ୍କ ଦେଇ ବିକ୍ରି କରିପାରିବ ନାହିଁ।





# ୨୦୧୯ ଆଇସିସି ବିଶ୍ୱକପ୍‌ର ଶ୍ରେଷ୍ଠ ୫ ରୋଚକ ତଥ୍ୟ

**ଗୁରୁବାରଠାରୁ ଇଂଲଣ୍ଡରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଛି। ପଞ୍ଚମଥର ପାଇଁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜିତ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ପାଖାପାଖି ଦୁଇ ଦଶନ୍ଧି ପରେ ଇଂଲଣ୍ଡରେ ଏହି ମେଗା ଇଭେଣ୍ଟ ଆୟୋଜନ ହୋଇଛି। ଫଳରେ ବିଶ୍ୱକପ୍‌ର କ୍ରେଜ୍ ଆଶାତୀତ ଭାବେ ବୃଦ୍ଧି ପାଇଛି। ଚଳିତ ବିଶ୍ୱକପ୍‌ର କେତେକ ରୋଚକ ତଥ୍ୟ ନିମ୍ନରେ ଦିଆଗଲା।**

## ପ୍ରଥମଥର ପାଇଁ ଅଂଶଗ୍ରହଣ କରିଛି ୧୦ ଦଳ

ପୂର୍ବରୁ କ୍ରିକେଟ ବିଶ୍ୱକପ୍‌ରେ ଆମେ ୧୦ରୁ କମ୍ କିମ୍ବା ଊର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରିଥିବାର ଜାଣିଥିଲୁ। ଏଥର କିନ୍ତୁ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୭୫ରୁ ୧୯୮୭ ମଧ୍ୟରେ ଅନୁଷ୍ଠିତ ୪ଟି ସଂସ୍କରଣ ଯଥା ୧୯୭୫, ୧୯୭୯, ୧୯୮୩ ଓ ୧୯୮୭ ବିଶ୍ୱକପ୍‌ରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ୧୯୯୨ ବିଶ୍ୱକପ୍‌ରେ ୯ଟି ଦଳ ଭାଗନେଇଥିଲେ। ଏହାପରେ ୧୯୯୬ ଓ ୧୯୯୯ ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ୨୦୦୩ ବିଶ୍ୱକପ୍‌ରେ ୧୪ଟି ଦଳକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ଅନ୍ୟପଟେ ୨୦୦୭ ବିଶ୍ୱକପ୍‌ରେ ଦଳ ସଂଖ୍ୟାରେ ବୃଦ୍ଧି ଘଟିଥିଲା ଓ ଏହା ୧୬ରେ ପହଞ୍ଚିଥିଲା। ଏହାପରେ ୨୦୧୧ ଓ ୨୦୧୫ରେ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏବେ ଚଳିତ ୨୦୧୯ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି।

### ଦଳଗୁଡ଼ିକର ବିଜୟ/ ପରାଜୟ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ/ନୋ ରେଜଲ୍ଟ |
|---|---|---|---|---|
| ଆଫଗାନିସ୍ତାନ | ୬ | ୧ | ୫ | ୦/୦ |
| ଅଷ୍ଟ୍ରେଲିଆ | ୮୪ | ୬୨ | ୨୦ | ୧/୧ |
| ବାଂଲାଦେଶ | ୩୨ | ୧୧ | ୨୦ | ୦/୧ |
| ଇଂଲଣ୍ଡ | ୭୨ | ୪୧ | ୨୯ | ୧/୧ |
| ଭାରତ | ୭୫ | ୪୬ | ୨୭ | ୧/୧ |
| ନ୍ୟୁଜିଲାଣ୍ଡ | ୭୯ | ୪୮ | ୩୦ | ୦/୧ |
| ପାକିସ୍ତାନ | ୭୧ | ୪୦ | ୨୯ | ୦/୧ |
| ଦକ୍ଷିଣ ଆଫ୍ରିକା | ୫୫ | ୩୫ | ୧୮ | ୨/୦ |
| ଶ୍ରୀଲଙ୍କା | ୭୩ | ୩୫ | ୩୫ | ୧/୨ |
|  | ୭୧ | ୪୧ | ୨୯ | ୦/୧ |

### ଦଳଗୁଡ଼ିକର ସର୍ବନିମ୍ନ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୧୪୨ | ଅଷ୍ଟ୍ରେଲିଆ | ପର୍ଥ | ୨୦୧୫ |
| ଅଷ୍ଟ୍ରେଲିଆ | ୧୨୯ | ଭାରତ | ଚେଲ୍ମସଫର୍ଡ | ୧୯୮୩ |
| ବାଂଲାଦେଶ | ୫୮ | ୱେଷ୍ଟଇଣ୍ଡିଜ | ଢାକା | ୨୦୧୧ |
| ଇଂଲଣ୍ଡ | ୯୩ | ଅଷ୍ଟ୍ରେଲିଆ | ଲିଡ୍ସ | ୧୯୭୫ |
| ଭାରତ | ୧୨୫ | ଅଷ୍ଟ୍ରେଲିଆ | ସେଞ୍ଚୁରିଅନ | ୨୦୦୩ |
| ନ୍ୟୁଜିଲାଣ୍ଡ | ୧୧୨ | ଅଷ୍ଟ୍ରେଲିଆ | ପୋର୍ଟଏଲିଜାବେଥ୍ | ୨୦୦୩ |
| ପାକିସ୍ତାନ | ୭୪ | ଇଂଲଣ୍ଡ | ଆଡିଲେଡ | ୧୯୯୨ |
| ଦକ୍ଷିଣ ଆଫ୍ରିକା | ୧୪୯ | ଅଷ୍ଟ୍ରେଲିଆ | ଗ୍ରୋସ ଆଇଲେଟ | ୨୦୦୭ |
| ଶ୍ରୀଲଙ୍କା | ୮୬ | ୱେଷ୍ଟଇଣ୍ଡିଜ୍ | ମାଞ୍ଚେଷ୍ଟର | ୧୯୭୫ |
| ୱେଷ୍ଟଇଣ୍ଡିଜ୍ | ୯୩ | କେନିଆ | ପୁଣେ | ୧୯୯୬ |

## ପ୍ରଥମଥର ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଯୋଗ୍ୟତା ହାସଲ୍‌ରେ ବିଫଳ ହୋଇଛି

ଏଥର ବିଶ୍ୱକପ୍‌ରେ ଦୁଇଟି ଫୁଲ୍ ମେମ୍ବର ଦେଶ ଜିମ୍ବାୱେ ଓ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ତେଣୁ ପ୍ରଥମଥର ପାଇଁ ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଖେଳିବାରେ ବିଫଳ ହୋଇଛି।

## ପ୍ରଥମଥର ପାଇଁ କୌଣସି ଆସୋସିଏଟ ସଦସ୍ୟ ବିଶ୍ୱକପ୍ ଖେଳୁନାହାନ୍ତି

ପ୍ରଥମଥର ପାଇଁ ଚଳିତ ବିଶ୍ୱକପ୍ ଇତିହାସରେ କୌଣସି ଆସୋସିଏଟ ସଦସ୍ୟ କିମ୍ବା ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇ ନ ଥିବା ଦେଶ ଅଂଶଗ୍ରହଣ କରିନାହାନ୍ତି। ୧୯୭୫ରେ ଖେଳାଯାଇଥିବା ପ୍ରଥମ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ ପୂର୍ବ ଆଫ୍ରିକା ନନ୍ ଫୁଲ ମେମ୍ବର ଭାବେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ସେହିପରି ୧୯୭୯ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ କାନାଡ଼ା ଆସୋସିଏଟ ମେମ୍ବର ଭାବେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୧୯୯୬ ବିଶ୍ୱକପରେ କେନିଆ, ନେଦରଲାଣ୍ଡ୍ସ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆସୋସିଏଟ ମେମ୍ବର ଭାବେ ଅଂଶଗ୍ରହଣ କରିଥିଲେ। ୧୯୯୯ ବିଶ୍ୱକପ୍‌ରେ ଆସୋସିଏଟ ମେମ୍ବର ଭାବେ ବାଂଲାଦେଶ, କେନିଆ ଓ ସ୍କଟ୍‌ଲାଣ୍ଡ ଭାଗ ନେଇଥିଲେ। ୨୦୦୩ ବିଶ୍ୱକପ୍‌ରେ ୪ଟି ଆସୋସିଏଟ ମେମ୍ବର ଯଥା କେନିଆ, କାନାଡ଼ା, ନାମ୍ବିଆ ଓ ନେଦରଲାଣ୍ଡ୍ସ ଭାଗ ନେଇଥିଲେ। ଏହାପରେ ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ୪ଟି ଆସୋସିଏଟ୍ ମେମ୍ବର ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ୨୦୧୧ ସଂସ୍କରଣରେ କାନାଡ଼ା, ଆୟର୍ଲାଣ୍ଡ, କେନିଆ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିଥିଲେ। ସେହିପରି ୨୦୧୫ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ, ଆଫଗାନିସ୍ତାନ, ସ୍କଟଲାଣ୍ଡ ଓ ୟୁଏଇ ଆସୋସିଏଟ ସଦସ୍ୟ ଭାବେ ଭାଗନେଇଥିଲେ।

## ପ୍ରଥମଥର ପାଇଁ ଇଂଲଣ୍ଡ ବିଶ୍ୱକପ୍‌ରେ ଡେ/ ନାଇଟ୍ ମ୍ୟାଚ୍ ଆୟୋଜନ କରିବ

ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଡେ/ନାଇଟ ମ୍ୟାଚ୍ ଆୟୋଜନ କରିବ। ୧୯୭୯ରେ ପ୍ରଥମଥର ପାଇଁ ଡେ/ନାଇଟ ଦିନିକିଆ ମ୍ୟାଚ୍ ଆୟୋଜନ ହୋଇଥିଲା। ତେବେ ୧୯୯୨ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ଦିବାରାତ୍ରିଭିତ୍ତିକ ହୋଇଥିଲା। ୧୯୯୨ ଫେବୃୟାରୀ ୨୨ରେ ପର୍ଥରେ ଭାରତ ଓ ଇଂଲଣ୍ଡ ଏହି ଡେ/ନାଇଟ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ରେ ବିଶ୍ୱକପ୍ ଆୟୋଜନ କରିଥିଲା। ତେବେ ଇଂଲଣ୍ଡ ବିଶ୍ୱକପ୍‌ରେ କୌଣସି ଡେ/ନାଇଟ ମ୍ୟାଚ୍ ଆୟୋଜନ କରି ନ ଥିଲା। ଚଳିତ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଏପର୍ଯ୍ୟନ୍ତ ୯୪ଟି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିଛି ଓ ଏହି ସବୁ ମ୍ୟାଚ୍ ଦିନରେ ହିଁ ଆୟୋଜିତ ହୋଇଥିଲା। ତେବେ ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ମୋଟ ଉପରେ ୭ଟି ଡେ/ନାଇଟ୍ ମ୍ୟାଚ୍ ଆୟୋଜନ କରିବ।

ବିଶ୍ୱକପ୍‌ରେ ଡେ/ନାଇଟ୍ ମ୍ୟାଚ୍

### ଦଳଗୁଡ଼ିକର ସର୍ବାଧିକ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୨୩୨ | ଶ୍ରୀଲଙ୍କା | ଡୁନେଡିନ | ୨୦୧୫ |
| ଅଷ୍ଟ୍ରେଲିଆ | ୪୧୭/୬ | ଆଫଗାନିସ୍ତାନ | ପର୍ଥ | ୨୦୧୫ |
| ବାଂଲାଦେଶ | ୩୨୨/୪ | ସ୍କଟଲାଣ୍ଡ | ନେଲସନ | ୨୦୧୫ |
| ଇଂଲଣ୍ଡ | ୩୩୮/୮ | ଭାରତ | ବାଙ୍ଗାଲୋର | ୨୦୧୧ |
| ଭାରତ | ୪୧୩/୫ | ବର୍ମୁଡା | ପୋର୍ଟ ଅଫ୍ ସ୍ପେନ୍ | ୨୦୦୭ |
| ନ୍ୟୁଜିଲାଣ୍ଡ | ୩୯୩/୬ | ୱେଷ୍ଟଇଣ୍ଡିଜ୍ | ୱେଲିଂଟନ | ୨୦୧୫ |
| ପାକିସ୍ତାନ | ୩୪୯ | ଜିମ୍ବାୱେ | କିଙ୍ଗଷ୍ଟନ | ୨୦୦୭ |
| ଦକ୍ଷିଣ ଆଫ୍ରିକା | ୪୧୧/୪ | ଆୟର୍ଲାଣ୍ଡ | କାନବେରା | ୨୦୧୫ |
| ଶ୍ରୀଲଙ୍କା | ୩୯୮/୫ | କେନିଆ | କାଣ୍ଡି | ୧୯୯୬ |
| ୱେଷ୍ଟଇଣ୍ଡିଜ୍ | ୩୭୨/୨ | ଜିମ୍ବାୱେ | କାନବେରା | ୨୦୧୫ |

## ଏକବିଂଶ ଶତାବ୍ଦୀରେ ଏକମାତ୍ର ଦଳ ଭାବେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି



ଚଳିତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି। ଅର୍ଥାତ ଚେଜ୍ କରି ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବିଫଳ ହୋଇନାହିଁ। ଅର୍ଥାତ ୧୯୯୯ ବିଶ୍ୱକପ୍ ପରେ ଅଷ୍ଟ୍ରେଲିଆ ପଛରେ ବ୍ୟାଟିଂ ରନ୍ ଚେଜ୍ କରି ବିଜୟୀ ହୋଇଛି ଓ କେବେ ପରାସ୍ତ ହୋଇନାହିଁ। ଶେଷଥର ପାଇଁ ଚେଜ୍ କରି ଅଷ୍ଟ୍ରେଲିଆ ୧୯୯୯ ବିଶ୍ୱକପ୍‌ରେ ବିଫଳ ହେବା ସହ ପରାସ୍ତ ହୋଇଥିଲା। ମେ ୨୩ରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ହାରିଥିଲା। ଏହି ମ୍ୟାଚ୍‌ରେ ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୭୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇଞ୍ଜାମାମ ସର୍ବାଧିକ ୮୧, ଅବଦୁଲ ରଜାକ ୬୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଚେଜ୍ କରିବାରେ ବିଫଳ ହୋଇଥିଲା। ଅଷ୍ଟ୍ରେଲିଆ ୪୯.୫ ଓଭରରେ ୨୬୫ ରନ କରି ଅଲଆଉଟ ହୋଇଥିଲା। ମାଇକେଲ ବେଭାନ ସର୍ବାଧିକ ୬୧, ଅଧିନାୟକ ଷ୍ଟିଭ ୱ ୪୯, ରିକି ପଣ୍ଟିଂ ୪୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନର ୱାସିମ ଆକ୍ରମ ସର୍ବାଧିକ ୪, ସାକଲିନ୍ ମୁସ୍ତାକ ୩ ଉଇକେଟ ନେଇଥିଲେ। ଇଞ୍ଜାମାମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

---

# ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡ ଫେଭରାଇଟ୍

**ଲଣ୍ଡନ,୩୧।୫(ଏଏଫପି)**

ବିଶ୍ୱକପ୍‌ରେ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସରେ ମୁହାଁମୁହିଁ ହେବେ। ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡର ଭଲ ରେକର୍ଡ ରହିଛି। ଫଳରେ ଶ୍ରୀଲଙ୍କା ବିପକ୍ଷରୁ ଅଭିଯାନ ଆରମ୍ଭ କରିବାକୁ ଯାଉଥିବାରୁ ନ୍ୟୁଜିଲାଣ୍ଡ ବେଶ୍ ଖୁସି ଥିବ। ଗତ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପଡୋଶୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। କେନ୍ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଏଥର ମଧ୍ୟ ଦମ୍‌ଦାର ପ୍ରଦର୍ଶନ ଲକ୍ଷ୍ୟରେ ରହିଛି। ଗତ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ଦିନିକିଆ ର୍‍ୟାଙ୍କିଙ୍ଗର ଦ୍ୱିତୀୟ ସ୍ଥାନକୁ ଉଠିଥିଲା। ତେବେ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ପରେ ଭାରତଠାରୁ ପରାସ୍ତ ହୋଇଥିଲା। ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଭାରତକୁ ପରାସ୍ତ କରି ପ୍ରସ୍ତୁତି ଜୋରଦାର କରିଥିଲା। ତେବେ ଏହାପରେ ଦ୍ୱିତୀୟ ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ ୱେଷ୍ଟଇଣ୍ଡିଜ୍‌ଠାରୁ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ଚାମ୍ପିୟନ ହେବ ବୋଲି ପୂର୍ବତନ ଦ୍ରୁତ ବୋଲର ଜେମ୍ସ ଫ୍ରାଙ୍କଲିନ୍ କହିଛନ୍ତି। ନ୍ୟୁଜିଲାଣ୍ଡକୁ ନେଇ ଅବଶ୍ୟ ସେତେଟା ଚର୍ଚ୍ଚା ହେଉ ନାହିଁ। ନ୍ୟୁଜିଲାଣ୍ଡ ମଧ୍ୟ ଫେଭରାଇଟ ଦଳ ଭାବେ ବିବେଚିତ ହେଉନାହିଁ। ତେବେ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଜିତିବାର ଦକ୍ଷତା ଓ କ୍ଷମତା ରଖୁଛି ବୋଲି ଫ୍ରାଙ୍କଲିନ୍ କହିଛନ୍ତି। ଗତ ବର୍ଷେ ହେବ ଦମ୍‌ଦାର ପ୍ରଦର୍ଶନ କରିଆସୁଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ଦଳର ମୁଖ୍ୟ ଅସ୍ତ୍ର ସାବ୍ୟସ୍ତ ହେବେ। ୨୦୧୭ରେ ଟେଲରଙ୍କ ଦିନିକିଆ ଆଭରେଜ ୬୦ ଥିଲା। ତେବେ ଗତବର୍ଷ ତାଙ୍କ ଆଭରେଜ ରନ୍ ସଂଗ୍ରହ ୯୦ ରହିଛି।



ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ।

ୱିଲିୟମସନଙ୍କ ସମେତ ମାର୍ଟିନ ଗୁପ୍ଟିଲ ମଧ୍ୟ ଦମ୍ ଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ ଓ ଟିମ୍ ସାଉଦିଙ୍କୁ ନେଇ ନ୍ୟୁଜିଲାଣ୍ଡ ବୋଲିଂ ବେଶ୍ ଦୃଢ ମନେ ହେଉଛି। ସେହିପରି ଇଶ୍ ସୋଧୀ ଓ ମିଚେଲ ସାଣ୍ଟନରଙ୍କୁ ନେଇ ନ୍ୟୁଜିଲାଣ୍ଡ ସ୍ପିନ ବିଭାଗ ଦୃଢ ମନେହେଉଛି। ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡ ଫେଭରାଇଟ ମନେହେଉଛି।

ଅପରପକ୍ଷରେ ନୂଆ ଅଧିନାୟକ ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱରେ ଶ୍ରୀଲଙ୍କା ପଡିଆକୁ ଓହ୍ଲାଇବ। ଗତ ୯ଟି ମ୍ୟାଚ୍‌ରେ ଶ୍ରୀଲଙ୍କା ୮ଟିରେ ପରାସ୍ତ ହେବା ପରେ କରୁଣାରତ୍ନେଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା। କିନ୍ତୁ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ରେକର୍ଡ ବେଶ୍ ଭଲ ରହିଛି। ଶ୍ରୀଲଙ୍କା ଥରେ ଚାମ୍ପିୟନ ହୋଇଥିବା ବେଳେ ଦୁଇଥର ରନର୍ସଅପ୍ ହୋଇଛି। ପୁଣି ଥରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଏଥର ମଧ୍ୟ ଏହି ପ୍ରଦର୍ଶନ ଦୋହରାଇବାକୁ ଶ୍ରୀଲଙ୍କା ଲକ୍ଷ୍ୟ ରଖିଛି ବୋଲି ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେ କହିଛନ୍ତି। ଦଳରେ ଆଞ୍ଜେଲୋ ମାଥ୍ୟୁସ୍, କୁଶାଲ ପେରେରା ଓ କୁଶାଲ ମେଣ୍ଡିସଙ୍କ ଭଳି ପ୍ରତିଭା ରହିଛନ୍ତି। ୫ କିମ୍ବା ୪ଟି ମ୍ୟାଚ୍ ଜିତିଲେ ଶ୍ରୀଲଙ୍କା ସେମିଫାଇନାଲରେ ପ୍ରବେଶ କରିବ। ପ୍ରତି ମ୍ୟାଚ୍‌କୁ ଆମେ ସମାନ ଗୁରୁତ୍ୱ ଦେବୁ ବୋଲି ଜୟବର୍ଦ୍ଧନେ କହିଛନ୍ତି।

---

# ଆଫଗାନିସ୍ତାନ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ

**ଲଣ୍ଡନ,୩୧।୫(ଏଏଫପି)**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶନିବାର ବ୍ରିଷ୍ଟଲସ୍ଥିତ କାଉଣ୍ଟି ଗ୍ରାଉଣ୍ଡରେ ଆଫଗାନିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପୁଣି ଥରେ ଏହି ବିଶ୍ୱକପ୍‌ରେ ଦିନିକିଆ କ୍ୟାରିୟର ସଜାଡିବାର ଅପୂର୍ବ ସୁଯୋଗ ହାସଲ କରିବେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଏହି ଦୁଇ ଖେଳାଳି ବର୍ଷେ ବାସନ୍ଦ ହୋଇଥିଲେ। ଏବେ ଏହି ଦୁଇ ତାରକା ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ ସ୍ମିଥ୍ ଓ ୱାର୍ନର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଆଇପିଏଲ୍‌ରେ ୱାର୍ନର ସର୍ବାଧିକ ରନ ସଂଗ୍ରହ କରିଥିଲେ। ସ୍ମିଥ୍ ମଧ୍ୟ ଶତକ ହାସଲ କରି ଇଂଲଣ୍ଡ ବିପକ୍ଷ ୱାର୍ମଅପ୍ ଗେମ୍‌ରେ ଅଷ୍ଟ୍ରେଲିଆକୁ ଜିତାଇଥିଲେ। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ମଧ୍ୟ ଠିକ୍ ସମୟରେ ଲୟକୁ ଫେରିଛି ଓ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ୍ ଦଳ ଭାବେ ବିବେଚିତ ହେଉଛି। ଗତ ମାର୍ଚ୍ଚରେ ଭାରତକୁ ୩-୨ରେ ଦିନିକିଆ ସିରିଜରେ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ସ୍ମିଥ୍ ଓ ୱାର୍ନରଙ୍କୁ ଦଳରେ ସ୍ୱାଗତ କରିଥିଲା। ଏହି ଦୁଇଜଣ ଭଲ ପ୍ରଦର୍ଶନ କରିବେ ବୋଲି ପୂର୍ବତନ ଦ୍ରୁତ ବୋଲର ବ୍ରେଟ ଲୀ କହିଛନ୍ତି। ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜାସନ ବେହରେନଡୋର୍ଫ, ନାଥନ କୁଲ୍ଟର ନିଲ୍ ଓ କେନ ରିଚାର୍ଡସନଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବେଶ ଦୃଢ ମନେହେଉଛି। ସେହିପରି ଆଡାମ ଜାମ୍ପା ଓ ନାଥନ ଲିୟନଙ୍କୁ ନେଇ ସ୍ପିନ୍ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ୫ଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଆଫଗାନିସ୍ତାନ ବିପକ୍ଷରେ ଫେଭରାଇଟ ମନେହେଉଛି। ଆସୋସିଏଟ ଦେଶରୁ ଆଫଗାନିସ୍ତାନ କ୍ରିକେଟର ଏଲିଟ ଗ୍ରୁପ୍‌ରେ ସ୍ଥାନ ପାଇ ଯଥେଷ୍ଟ ଉନ୍ନତି କରିଛି। ସେତେ ଜଣାଶୁଣା ନ ଥିବା ଗୁଲବଦିନ ନାଇବଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଅସଘର ଆଫଗାନଙ୍କ ବଦଳରେ ତାଙ୍କୁ ଅଧିନାୟକ ନିଯୁକ୍ତ କାରଯାଇଥିଲା। ଅବଶ୍ୟ ଦଳରେ କେତେକ ବରିଷ୍ଠ ସଦସ୍ୟ ଏହାକୁ ନାପସନ୍ଦ କରିଥିଲେ। ବିଶ୍ୱକପ୍‌ରେ ଆଫଗାନିସ୍ତାନ ଏଥର କିଛି କରିଦେଖାଇବା ଲକ୍ଷ୍ୟରେ ରହିଛି। ଅସଘରଙ୍କ ଅଭିଜ୍ଞତାରୁ ଫାଇଦା ଉଠାଇବୁ ବୋଲି ଗୁଲବଦିନ କହିଛନ୍ତି। ଷ୍ଟାର ସ୍ପିନର ରସିଦ ଖାଁ ଉପରେ ସମସ୍ତଙ୍କ ନଜର ରହିଛି। ବିଶ୍ୱ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ରହିଛନ୍ତି। ସେହିପରି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ସେ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫାଗାନିସ୍ତାନ ଏଥର ସେମିଫାଇନାଲ ଖେଳିବାର ଲକ୍ଷ୍ୟରେ ରହିଛି। ରସିଦ ଓ ମୁଜିବ ଉର ରହମାନଙ୍କ ଭଳି ଖେଳାଳି ଦଳରେ ରହିଛନ୍ତି। ଏଥର ବିଶ୍ୱକପ୍‌ରେ କେତୋଟି ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି ବୋଲି ଆଫଗାନିସ୍ତାନ ମୁଖ୍ୟ ଚୟନକର୍ତ୍ତା ଦଲସ ଖାଁ ଅହମଦଜାଇ କହିଛନ୍ତି। ତେଣୁ ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନ ଅଷ୍ଟ୍ରେଲିଆକୁ ସହଜରେ ବାଟ ଛାଡିବ ନାହିଁ ବୋଲି ଆଶା କରାଯାଉଛି।



ଅଭ୍ୟାସ ଅବସରରେ ଡେଭିଡ ୱାର୍ନର



ଜାତୀୟ ଫୁଟବଲ ଦଳରେ ମୁଁ ଏପର୍ଯ୍ୟନ୍ତ ଯେତେଜଣ ଗୋଲକିପିଂ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେଇଛି ଟୋମିସ୍ଲାମ ରୋଗି ସର୍ବଶ୍ରେଷ୍ଠ ।

–ଗୁରପ୍ରୀତ ସିଂ ସାନ୍ଧୁ, ଭାରତୀୟ ଗୋଲକିପର



ବିଜେନ୍ଦର ସିଂ ମୋତେ ଭୟ କରୁଛନ୍ତି ତା' ନ ହେଲେ ସେ ମୋ ସହିତ ଲଢେଇ କରିବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି କାହିଁକି ।

–ଅମିର ଖାଁ, ବ୍ରିଟିଶ ବକ୍ସର

## ଆଜିର ମ୍ୟାଚ୍

ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା
ସ୍ଥାନ: କାର୍ଡିଫ୍
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ
ସ୍ଥାନ: ବ୍ରିଷ୍ଟଲ, ସମୟ: ସନ୍ଧ୍ୟା ୬ଟା

# ୱେଷ୍ଟଇଣ୍ଡିଜର ସହଜ ବିଜୟ

**ନଟିଂହାମ,୩୧।୫(ପି.ଟି.)**

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ୨୧୮ଟି ବଲ ବାକିଥାଇ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ପୂରା ଢଙ୍ଗରେ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ପୂର୍ବରୁ ୨ଥର ଚାମ୍ପିୟନ ହୋଇଥିବା ୱେଷ୍ଟଇଣ୍ଡିଜ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୨୧.୪ ଓଭରରେ ମାତ୍ର ୧୦୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ କ୍ରିସ୍ ଗେଲ୍‌ଙ୍କ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୧୩.୪ ଓଭରରେ ୩ ଉଇକେଟ ହରାଇ ୧୦୮ ରନ କରି ବିଜୟ ହାସଲ କରିଛି। ବିଶ୍ୱକପ୍ ଇତିହାସରେ ପାକିସ୍ତାନ ପାଇଁ ଏହା ସର୍ବବୃହତ ପରାଜୟ ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ୍ ୨୨ ବର୍ଷୀୟ ଯୁବ ଦ୍ରୁତ ବୋଲର ଓଶେନ ଥୋମାସ ୫.୪ ଓଭର ବୋଲିଂ କରି ମାତ୍ର ୨୭ ରନ ବ୍ୟୟ କରିବା ସହ ମୂଲ୍ୟବାନ ୪ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ୱେଷ୍ଟଇଣ୍ଡିଜ ୨ ପଏଣ୍ଟ ହାସଲ କରିଛି।

୧୦୬ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିସ୍ଫୋରକ ଅଭିଜ୍ଞ ଓପନର କ୍ରିସ୍ ଗେଲ୍ ୬ ଚୌକା ଓ ୩ ଛକା ସହ ୫୦ ରନକରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୧୧ ଓ ଡ୍ୱେନ ବ୍ରାଭୋ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୩ଟି ଯାକ ଉଇକେଟ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆମୀର ଅକ୍ତିଆର କରିଥିଲେ। ନିକୋଲାସ ପୁରାନ ୧୯ ବଲରୁ ୪ ଚୌକା ଓ ୨ ଛକା ସହ ୩୪ ରନ ଓ ଶିମରନ ହେଟମେୟର ୭ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ୱାହାବ ରିୟାଜଙ୍କ ବଲ୍‌କୁ ସ୍କୋୟାର ଲେଗ୍ ବାଉଣ୍ଡାରୀ ଉପରେ ଏକ ବଡ଼ ଛକା ମାରି ପୁରାନ ଦଳକୁ ଜିତାଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନର ୱେଷ୍ଟଇଣ୍ଡିଜ ବୋଲରଙ୍କ ସାମନା କରିପାରି ନ ଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫଖର ଜମାନ ୨୨, ବାବର ଆଜମ ୨୨, ମହମ୍ମଦ ହାଫିଜ୍ ୧୬ ଓ ୱାହାବ ରିୟାଜ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମାମ ଉଲ ହକ ୨, ହାରିସ ସୋହେଲ ୮, ଅଧିନାୟକ ସର୍ଫରାଜ ଅହମ୍ମଦ ୮, ଇମାଦ ୱାସିମ ୧, ହାସନ ଅଲି ୧ ରନ କରି ଆଉଟ ହୋଇଥିବା ବେଳେ ଶଦାବ ଖାଁ ଖାତା ଖୋଲି ପାରି ନ ଥିଲେ। ଆମୀର ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ଓଶେନ ଥୋମାସ ସର୍ବାଧିକ ୪, ହୋଲ୍ଡର ୩, ଆନ୍ଦ୍ରେ ରସେଲ ୨ ଓ ଶେଲଡନ କୋଟ୍ରେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆମ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ଆମୀରଙ୍କୁ ବାଦ ଦେଲେ ପାକିସ୍ତାନର ଅନ୍ୟ ସମସ୍ତ ଖେଳାଳିମାନେ ବିଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପାକିସ୍ତାନର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ପୂର୍ବରୁ ପାକିସ୍ତାନର ସର୍ବନିମ୍ନ ବିଶ୍ୱକପ୍ ସ୍କୋର ୭୪ ରହିଥିଲା। ୧୯୯୨ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଏହି ସ୍କୋରରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ନୈରାଶ୍ୟଜନକ ଥିଲା ଓ ୱେଷ୍ଟଇଣ୍ଡିଜ ଅପେକ୍ଷାକୃତ ଯଥେଷ୍ଟ ଭଲ ପ୍ରଦର୍ଶନ କରିଥିଲା ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି।



ପାକିସ୍ତାନର ହାରିସ୍ ସୋହେଲଙ୍କ ଉଇକେଟ ନେବା ପରେ ଡାରେନ ବ୍ରାଭୋଙ୍କ ସହିତ ଖୁସିରେ ନୃତ୍ୟ କରୁଛନ୍ତି ୱେଷ୍ଟଇଣ୍ଡିଜ ବୋଲର ଆନ୍ଦ୍ରେ ରସେଲ। ବାମ ପାର୍ଶ୍ୱରେ ଅଛନ୍ତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡର।

## ପାକିସ୍ତାନର ସର୍ବବୃହତ୍ ପରାଜୟ

### ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ୨୧.୪ ଓଭରରେ ୧୦୫ ଅଲଆଉଟ (ଜମାନ- ୨୨, ବାବର- ୨୨, ହାଫିଜ- ୧୬, ରିଆଜ- ୧୮, ଥୋମାସ- ୪/୨୭, ହୋଲ୍ଡର- ୩/୪୨, ରସେଲ- ୨/୪, କୋଟ୍ରେଲ- ୧/୧୮)।
- ୱେଷ୍ଟଇଣ୍ଡିଜ ୧୩.୪ ଓଭରରେ ୧୦୮/୩ (ଗେଲ- ୫୦, ପୁରାନ- ୩୪*, ଆମୀର- ୩/୨୬ )।

### ଛକାରେ ଗେଲ୍‌ଙ୍କ ରେକର୍ଡ

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ ଆଉ ଏକ ରେକର୍ଡ ହାସଲ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେ ସର୍ବାଧିକ ଛକା ମାରିବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱକପ୍‌ରେ ସେ ମୋଟ ୨୭ଟି ମ୍ୟାଚ୍ ଖେଳି ୪୦ଟି ଛକା ମାରିଛନ୍ତି। ଶୁକ୍ରବାର ପାକିସ୍ତାନ ବିପକ୍ଷରେ ସେ ଦ୍ରୁତ ୫୦ ରନ କରିଥିଲେ। ଏଥିରେ ୬ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲର୍ସଙ୍କୁ ପଛରେ ପକାଇଛନ୍ତି। ଡିଭିଲର୍ସ ୨୩ଟି ମ୍ୟାଚ୍ ଖେଳି ୩୭ଟି ଛକା ମାରିଥିଲେ। ସେହିପରି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ୪୬ଟି ମ୍ୟାଚ୍ ଖେଳି ୩୧ଟି ଛକା ମାରିବା ସହ ତୃତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ୨୫ଟି ମ୍ୟାଚରୁ ୨୮ଟି ଛକା ମାରି ଚତୁର୍ଥ ସ୍ଥାନରେ ରହିଛନ୍ତି। ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଶ୍ରୀଲଙ୍କା ପୂର୍ବତନ ବ୍ୟାଟ୍ସମ୍ୟାନ ସନଥ ଜୟସୁରିୟା ଯଥାକ୍ରମେ ୪୫ ଓ ୩୮ଟି ମ୍ୟାଚ୍‌ରୁ ସମାନ ୨୭ଟି ଲେଖାଏ ଛକା ମାରି ଯୁଗ୍ମ ପଞ୍ଚମସ୍ଥାନରେ ରହିଛନ୍ତି।

## ଜୁଲାଇ ୪ରୁ ଅଲ୍ ଓଡ଼ିଶା ଓପନ କ୍ୟାରମ୍

କଟକ ଅଫିସ,୩୧।୫- ବାରବାଟୀ ଷ୍ଟାଡିୟମ ପରିସରରେ ଆସନ୍ତା ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ଓପନ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବାରବାଟୀ କ୍ୟାରମ ଏକାଡେମୀ ହେଉଛି ଏହି ଟୁର୍ନାମେଣ୍ଟର ଆୟୋଜକ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ପ୍ରତିଯୋଗିତା ହେବ। ସିଙ୍ଗଲ୍ସ ବିଭାଗ ନିମନ୍ତେ ୧୦୦ଟଙ୍କା ଓ ଡବଲ୍ସ ବିଭାଗ ନିମନ୍ତେ ୨୦୦ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ପ୍ରତିଯୋଗୀ ଆସନ୍ତା ଜୁନ ୨୯ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ନିମନ୍ତେ ସଙ୍ଗଠନ ସମ୍ପାଦକ ଗଣେଶ ପ୍ରସାଦ ଭଗତଙ୍କ ସମେତ ପ୍ରଦୀପ ପୃଷ୍ଟି, ଶକ୍ତି ପ୍ରସାଦ ଜେନାଙ୍କ ସହ ଯୋଗାଯୋଗ କରିବାକୁ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

## କମେଣ୍ଟ୍ରି ବକ୍ସରେ ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି

ଲଣ୍ଡନ,୩୧।୫- ଏଠାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଆଇସିସି ବିଶ୍ୱକପ୍ ପ୍ରଥମ ମ୍ୟାଚ୍‌ରେ ପ୍ରଶଂସକମାନେ ଏକ ଭିନ୍ନ ମଜା ପାଇଛନ୍ତି। ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି କୁହାଯାଉଥିବା ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବୀରେନ୍ଦ୍ର ସେହ୍ୱାଗ କମେଣ୍ଟ୍ରି ବକ୍ସରେ ଏକାଠି ଭାଷ୍ୟକାରିତା ଥିଲେ। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୦୪ ରନ୍‌ରେ ପରାସ୍ତ କରି ଆୟୋଜକ ଇଂଲଣ୍ଡ ପତିଆରା ଜାହିର କରିଥିଲା। ହେଲେ ଏକାଠି ୨୦୦୩ ବିଶ୍ୱକପ୍ ଖେଳିଥିବା ସଚିନ, ଗାଙ୍ଗୁଲି ଓ ସେହ୍ୱାଗ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପୂର୍ବତନ ଭାରତୀୟ ଅଧିନାୟକମାନେ ଏଠାରେ ବିଶ୍ୱକପ୍ ମ୍ୟାଚ୍‌ରେ ଭାଷ୍ୟକାର ଭାବେ ପଦାର୍ପଣ କରିଛନ୍ତି। ଏହି ଅବସରରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ଦୁଇଟି ଫଟୋ ଟୁଇଟ୍ କରିଥିଲେ, ଯାହାର ଗୋଟିଏ ପାଖରେ ସେମାନଙ୍କ ଖେଳିବାବେଳର ଫଟୋ ଥିବାବେଳେ ଅନ୍ୟ ଫଟୋରେ ତିନି ଜଣ କମେଣ୍ଟ୍ରି ବକ୍ସରେ କଥା ହେଉଥିବାର ଦୃଶ୍ୟ ରହିଛି। ଏହାର କ୍ୟାପଶନରେ 'ପୁଣି ଥରେ ଏକାଠି' ସଚିନ ଲେଖିଛନ୍ତି।

## ଫେଡରର, ନାଡାଲ ଚତୁର୍ଥ ରାଉଣ୍ଡରେ

**ପ୍ୟାରିସ୍, ୩୧।୫**

ପୂର୍ବତନ ଚାମ୍ପିୟନ ରୋଜର ଫେଡରର ଓ ରାଫାଲ ନାଡାଲ ଉଭୟେ ରେକର୍ଡ ୧୪ତମ ଥର ପାଇଁ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ୟାରିସରେ ସର୍ବାଧିକ ଥର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରି ରେକର୍ଡ ପ୍ରତିଷ୍ଠା କରିଥିବା ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ଆମେରିକାର ବଜ୍ ପ୍ୟାଟିଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଫେଡରର ଶୁକ୍ରବାର ନରୱେର କାସ୍ପର ରୁଡ୍‌ଙ୍କୁ ୬-୩, ୬-୧, ୭-୬ (୧୦-୮) ସେଟ୍‌ରେ ହରାଇ ଦେଇଛନ୍ତି। ଏହା ଦ୍ୱାରା ସେ ଇତିହାସରେ ପ୍ରଥମ ଖେଳାଳି ଭାବେ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ, ୩୭ ବର୍ଷୀୟ ଫେଡରର ୧୯୯୧ ପରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି। ପୂର୍ବରୁ ୧୯୯୧ରେ ଜିମ୍ମି କନର୍ସ ୩୯ ବର୍ଷ ବୟସରେ ୟୁଏସ ଓପନ୍‌ରେ ଏହି ପର୍ଯ୍ୟାୟରେ ପ୍ରବେଶ କରିପାରିଥିଲେ। ଏହାଛଡ଼ା ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଫେଡରର ପ୍ରଥମ ଖେଳାଳି ହିସାବରେ ଫ୍ରେଞ୍ଚ ଓପନରେ ୧୪ଥର ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି। ନାଡାଲ ୨୭ତମ ସିଡ୍ ତଥା ବେଲଜିୟମର ଡେଭିଡ ଗଫିନଙ୍କୁ ୬-୧, ୬-୩, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।

**ପ୍ଲିସ୍‌କୋଭାଙ୍କୁ ହରାଇଲେ ମାର୍ଟିକ**

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ୩୧ତମ ସିଡ୍ କ୍ରୋଏସିଆର ପେଟ୍ରା ମାର୍ଟିକ ତାଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ମାର୍ଟିକ୍ ସିଜନରେ ଏହାକୁ ମିଶାଇ ୧୪ କ୍ଲେକୋର୍ଟ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଡବ୍ଲ୍ୟୁଟିଏ ଟୁର୍‌ରେ ଅନ୍ୟ ଖେଳାଳିଙ୍କ ତୁଳନାରେ ଯାହାକି ସର୍ବାଧିକ। ଅନ୍ୟପକ୍ଷରେ ପ୍ଲିସ୍‌କୋଭାଙ୍କ ପରାଜୟ ଦ୍ୱାରା ରୋଲାଣ୍ଡ ଗ୍ୟାରୋସ ଟୁର୍ନାମେଣ୍ଟ ପରେ ମଧ୍ୟ ନାଓମି ଓସାକା ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ମାନ୍ୟତା ବଜାୟ ରଖିବେ। ମାର୍ଟିକ ଚତୁର୍ଥ ରାଉଣ୍ଡରେ ରୁଷିଆର ଭେରୋନିକା କୁଦରମେଟୋଭା କିମ୍ବା ଇସ୍ତୋନିଆର କାଇଆ କାନେପିଙ୍କୁ ଭେଟିବେ।

**ଶରନଙ୍କ ବିଦାୟ**

ଭାରତର ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲିନର ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଶୁକ୍ରବାର ୮ମ ସିଡ୍ ହେନ୍‌ରୀ କୋଣ୍ଟିନେନ୍ ଏବଂ ଜନ୍ ପିଅର୍ସ ଅଣସିଡ୍ ଇଣ୍ଡୋ-ବ୍ରାଜିଲିଆନ ଯୋଡ଼ି ୬-୩, ୬-୪ ସେଟ୍‌ରେ ଇଣ୍ଡୋ- ବ୍ରାଜିଲଆନ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ଡିଭିଜ ଓ ଡିମୋଲିନର ଦୁଇଥର ସର୍ଭିସ ଡ୍ରପ୍ କରିଥିବାବେଳେ ସେମାନଙ୍କୁ ମିଳିଥିବା ଦୁଇଟି ବ୍ରେକ୍‌ର ସୁଯୋଗର ଉପଯୋଗ କରିପାରି ନ ଥିଲେ। ଡିଭିଜ-ଡିମୋଲିନର ଯୋଡ଼ିଙ୍କ ଏହାଥିଲା ଚତୁର୍ଥ ଟୁର୍ନାମେଣ୍ଟ। ଉଭୟେ ମ୍ୟୁନିକ୍‌ଠାରେ ଅନୁଷ୍ଠିତ ବିଏମ୍‌ଡବ୍ଲ୍ୟୁ ଓପନ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରନର୍ସଅପ୍ ହୋଇଥିଲେ।

## ପୋଲିସ ହେପାଜତରେ ସ୍ପାନିଶ ଫୁଟ୍‌ବଲ ଖେଳାଳି

**ମାଡ୍ରିଡ୍,୩୧।୫(ଏଏଫ୍‌ପି)**

ମ୍ୟାଚ୍ ଫିକ୍ସିଂ ଓ ଅର୍ଥ କାରବାରରେ ଜଡ଼ିତ ହୋଇଥିବାରୁ ପୂର୍ବତନ ସ୍ପାନିଶ ଅନ୍ତର୍ଜାତୀୟ ଖେଳାଳି ରଲ ବ୍ରାଭୋ ଓ ଅବସରପ୍ରାପ୍ତ କାର୍ଲୋସ ଆରାଣ୍ଡାଙ୍କୁ ପୋଲିସ ହେପାଜତକୁ ନେଇଛି। ଉଭୟଙ୍କୁ ଏବେ ଜେଲଦଣ୍ଡରୁ ବର୍ତ୍ତିବା ପାଇଁ ଜଣଙ୍କ ପିଛା ଏକ ଲକ୍ଷ ୟୁରୋ ପୈଠ କରିବାକୁ ନର୍ଦର୍ନ ସ୍ପେନସ୍ଥିତ ହୁଏସ୍କା ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ ପ୍ରତ୍ୟେକଙ୍କୁ ଜେଲଦଣ୍ଡରୁ ମୁକ୍ତ ହେବା ପାଇଁ ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେବାକୁ ପଡ଼ିବ। ଆହୁରି ୪ ଜଣଙ୍କୁ ପଚରାଉଚରା କରାଯିବା ପରେ ବେଲ୍‌ରେ ଛାଡ଼ି ଦିଆଯାଇଛି।

## ଦୁର୍ଘଟଣାରେ ଜର୍ମାନୀ କୋଚ୍ ଆହତ

ବର୍ଲିନ,୩୧।୫(ଏଏଫ୍‌ପି)- ଜର୍ମାନୀ କୋଚ୍ ଜୋଆଚିମ ଲିଉ ବ୍ୟାୟାମ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଣୁ ଆଗାମୀ ବେଲାରୁସ ଓ ଇଷ୍ଟୋନିଆ ବିପକ୍ଷ ମ୍ୟାଚ୍‌ରେ ଦଳୀୟ କ୍ୟାମ୍ପରେ ସେ ଯୋଗ ଦେଇପାରିବେ ନାହିଁ ବୋଲି ଜର୍ମାନ ଫୁଟ୍‌ବଲ ଆସୋସିଏଶନ (ଡିଏଫ୍‌ବି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ବିଲ୍ଡ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଲିଉ ବ୍ୟାୟାମ କରୁଥିବାବେଳେ ତାଙ୍କ ଉପରେ ଡମ୍ବଲ୍ସ ପଡ଼ିଯାଇଥିଲା। ଏଥିନେଇ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୁଁ ଏବେ ସୁସ୍ଥ ଅଛି। କିନ୍ତୁ ମୋତେ ଶରୀର ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କୋଚିଂ ଦଳ ସହ ମୁଁ ଅନବରତ ଭାବେ ଯୋଗାଯୋଗରେ ରହିଛି। ଆଗାମୀ ଦୁଇଟି ମ୍ୟାଚ୍‌ରେ ମୁଁ ଖେଳାଳିଙ୍କ ସହ ଫୋନ ଯୋଗେ କଥା ହେବି ବୋଲି ଲିଉ କହିଛନ୍ତି। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ ମାର୍କସ ସର୍ଗ ମ୍ୟାନେଜର ଦାୟିତ୍ୱ ତୁଲାଇବେ।

## କୋଚ୍ ପଦ ଛାଡ଼ିବେ ରାମପ୍ରକାଶ

ଲଣ୍ଡନ,୩୧।୫- ଇଂଲଣ୍ଡ ଜାତୀୟ ଦଳର ବ୍ୟାଟିଂ କୋଚ ମାର୍କ ରାମପ୍ରକାଶ ଜୁନରେ ପଦ ଛାଡ଼ିବା ନେଇ ସୂଚନା ଦେଇଛନ୍ତି। ୫୨ ଟେଷ୍ଟ ଖେଳିଥିବା ପୂର୍ବତନ ଇଂଲିଶ କ୍ରିକେଟର ଗତ ୬ ବର୍ଷ ହେଲା ଇଂଲଣ୍ଡ କୋଚିଂ ଦଳର ସଦସ୍ୟ ହୋଇ ରହିଛନ୍ତି। ସେ ଆଶେସ ସିରିଜ୍‌ରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଗତ ମାର୍ଚ୍ଚରେ ଇସିବି ପକ୍ଷରୁ ଘୋଷଣା କରାଯାଇଥିଲା। ତାଙ୍କ ଦାୟିତ୍ୱ ଗ୍ରାହମ ଥର୍ପେ ଗ୍ରହଣ କରିବେ। ପଦତ୍ୟାଗ କରିବା ପାଇଁ ଏହା ଉଚିତ ସମୟ। ଗତ ୬ ବର୍ଷ ହେଲା ଇଂଲଣ୍ଡ ଦଳ ସହ ଭଲ ସମୟ ବିତାଇଛି ବୋଲି ରାମପ୍ରକାଶ କହିଛନ୍ତି। ଏ ସମ୍ପର୍କରେ ଇସିବିର ମ୍ୟାନେଜିଂ ଡିରେକ୍ଟର ତଥା ପୂର୍ବତନ ସ୍ପିନର ଆଶଲେ ଜାଇଲ୍ସ କହିଛନ୍ତି।

### ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍

# ଖେଳାଳିଙ୍କୁ ଦିଆଯିବ କଡ଼ା ସୁରକ୍ଷା

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ପୁରୁଷ ବିଶ୍ୱ ହକି ୱାର୍ଲ୍ଡକପ୍ ଓଡ଼ିଶାରେ ସଫଳ ହେବା ପରେ ଆସନ୍ତା ୬ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ବିଭିନ୍ନ ଦେଶର ଖେଳାଳିମାନେ ଆସି ରାଜଧାନୀରେ ପହଞ୍ଚି ସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କୁ କଡ଼ା ସୁରକ୍ଷା ଯୋଗାଇ ଦିଆଯିବା ଉପରେ କମିଶନରେଟ ପୋଲିସ ଗୁରୁତ୍ୱାରୋପ କରିଛି। ଷ୍ଟାଡିୟମ ଏବଂ ଖେଳାଳିଙ୍କ ସୁରକ୍ଷା ପାଇଁ ରାଜଧାନୀରେ ପ୍ରାୟ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ୬୦ଜଣ ଅଫିସର ମୁତୟନ ହେବେ। ବର୍ତ୍ତମାନ ପ୍ରବଳ ଗରମ ଯୋଗୁ ଦର୍ଶକଙ୍କ ସଂଖ୍ୟା ସେତେ ବେଶୀ ହେବ ନାହିଁ ବୋଲି ପୋଲିସ ଅନୁମାନ କରୁଛି। ଯଦି ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ହୁଏ ତେବେ ପୋଲିସ ଫୋର୍ସ ବଢାଇ ଦିଆଯିବ। ହକି ୱାର୍ଲ୍ଡକପ୍ ସମୟରେ ଖେଳାଳିଙ୍କ ସୁରକ୍ଷା ପାଇଁ ଅନ୍ୟ ଜିଲାରୁ ଯେଉଁ ବରିଷ୍ଠ ପୋଲିସ ଅଧିକାରୀ ଆସିଥିଲେ, ଅଭିଜ୍ଞତା ଦୃଷ୍ଟିରୁ ପୁଣି ଥରେ ସେମାନଙ୍କୁ ଡକାଯାଇଛି। ସେମାନେ ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ। ଷ୍ଟାଡିୟମର ବିଭିନ୍ନ ଗେଟ୍‌ରେ ପୋଲିସର କଡ଼ା ନଜର ରହିବ। କୌଣସି ବ୍ୟକ୍ତିଙ୍କୁ ପାସ୍ କିମ୍ବା ଆଇ କାର୍ଡ ବିନା ଛଡ଼ାଯିବ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ପୂର୍ବଥର ଭଳି ଅନ୍ୟ ଦେଶରୁ ଆସିଥିବା ଖେଳାଳିଙ୍କୁ ବିମାନ ବନ୍ଦରରୁ ସେମାନେ ରହୁଥିବା ତାରକା ହୋଟେଲ ପର୍ଯ୍ୟନ୍ତ ପୋଲିସ ସ୍ୱତନ୍ତ୍ର ଏସ୍‌କର୍ଟ ଦେଉଛି। ଏଥିସହ ହୋଟେଲ ଚାରିପଟେ ପୋଲିସ କଡ଼ା ନଜର ରଖିଛି। ସୁରକ୍ଷାକର୍ମୀଙ୍କ ବିନା ଅନୁମତିରେ କୌଣସି ଖେଳାଳି ବାହାରକୁ ଯାଇପାରିବେ ନାହିଁ। ସେମାନେ ବାହାରକୁ ଯିବାକୁ ଚାହିଁଲେ ପୋଲିସ ଅଧିକାରୀଙ୍କୁ ଜଣାଇବାକୁ ପଡ଼ିବ। ଯଦି କୌଣସି ହକି ଟିମ୍‌ର ଖେଳାଳିମାନେ ମାର୍କେଟ କିମ୍ବା ଅନ୍ୟ ସ୍ଥାନ ବୁଲିବାକୁ ଚାହିଁବେ ସେମାନେ ମଧ୍ୟ ଟିମ୍ ମ୍ୟାନେଜରଙ୍କୁ ଜଣାଇବା ସହ ପୋଲିସର ଅନୁମତି ନେବେ। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ସେମାନଙ୍କ ସହ ଯିବ। ପୁରୁଷ ହକି ୱାର୍ଲ୍ଡକପ୍ ପରି ଦର୍ଶକମାନେ ଷ୍ଟାଡିୟମ ଭିତରକୁ ପାଣିବୋତଲ, ମୁଦ୍ରା (କଏନ), କଲମ କିମ୍ବା ଡଟପେନ୍ ଭଳି କେତେକ ସାମଗ୍ରୀ ନେଇପାରିବେ ନାହିଁ। ଯଦି କେହି ଏହାକୁ ନେଇ ଭିତରକୁ ଯିବାକୁ ଉଦ୍ୟମ କରନ୍ତି ତାହେଲେ ପୋଲିସ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ମ୍ୟାଚ ଚାଲିଥିବାବେଳେ କଳିଙ୍ଗ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ୩ଜଣ ଏସିପି ର୍‍ୟାଙ୍କ୍‌ର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ବିଶେଷକରି ଷ୍ଟାଡିୟମ ବାହାରେ ରାସ୍ତାରେ ଏକାଧିକ ଟ୍ରାଫିକ ପୋଲିସ ମୁତୟନ ହେବେ। ଦର୍ଶକଙ୍କ ପାଇଁ ଗାଡି ପାର୍କିଂ କରିବାକୁ ମଧ୍ୟ ପଡ଼ିଆ ଚିହ୍ନଟ ହୋଇଛି। ଏ ନେଇ ଶନିବାର ପୋଲିସ କମିଶନରେଟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ପୁରୁଷ ହକି ୱାର୍ଲ୍ଡ କପ୍ ଭଳି ଏହି ମ୍ୟାଚକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଖେଳାଳିଙ୍କ ସୁରକ୍ଷା ପ୍ରତି ଆମେ ଅଧିକ ଗୁରୁତ୍ୱ ଦେଉଛୁ। ସେମାନେ ଆସିବାରୁ ଯିବା ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ସହ ରହିବ। ପୋଲିସର ବିନା ଅନୁମତିରେ ସେମାନେ ବାହାରକୁ ଯାଇପାରିବେ ନାହିଁ। ଅଭ୍ୟାସ ପାଇଁ ଯିବା ଆସିବା ସମୟରେ ମଧ୍ୟ ସେମାନଙ୍କୁ ପୋଲିସ ସ୍ୱତନ୍ତ୍ର ଏସ୍‌କର୍ଟ ଦେବ ବୋଲି ସେ ପ୍ରକାଶ କରିଛନ୍ତି।

## ଜାତୀୟ ବାସ୍କେଟବଲ ଶିବିରରେ ଫୟାଜ୍

**କଟକ ଅଫିସ, ୩୧।୫**



୧୬ବର୍ଷରୁ କମ୍ ଜାତୀୟ ବାସ୍କେଟବଲ ଶିବିରରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି ସେଖ୍ ଫୟାଜ। ବେଙ୍ଗାଲୁରୁ ବିଦ୍ୟାନଗରସ୍ଥିତ ଜୟପ୍ରକାଶ ନାରାୟଣ ଜାତୀୟ ଯୁବ କେନ୍ଦ୍ର ବାସ୍କେଟବଲ ଏକାଡେମୀ ଠାରେ ଜୁନ ୩ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ଜୁଲାଇ ୩ରୁ ବାଂଲାଦେଶର ଢାକାଠାରେ ହେବାକୁ ଥିବା ସାବା ଚାମ୍ପିୟନଶିପ୍ ନିମନ୍ତେ ଏହି ଶିବିରରୁ ଖେଳାଳି ବଛାଯିବେ। ତେବେ ତାମିଲନାଡୁରେ ଶେଷ ହୋଇଥିବା ଜାତୀୟ ୟୁଥ୍ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି କଟକ ଗହ୍ମାଡିଆ ନ୍ୟୁ କଲୋନୀରେ ରହୁଥିବା ଫୟାଜ। ପିତା ସେଖ ଅବଦୁଲ ରଫିକ୍ ଓ ମା' ନାହିଦା ବେଗମ୍‌ଙ୍କ ଏକମାତ୍ର ପୁଅ ଫୟାଜ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୯ମ ଶ୍ରେଣୀର ଛାତ୍ର ଅଟନ୍ତି। ଫୟାଜ ଜୁନିୟର ବର୍ଗରେ ଓଡ଼ିଶାର ଜଣେ ଚାମ୍ପିୟନ ସୁଇମର ମଧ୍ୟ। ୨୦୧୫ ମସିହା ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୬ ଓ ୨୦୧୭ ମସିହାରେ ମଧ୍ୟ ଫୟାଜଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ୨୦୧୮ ମସିହାରୁ ସେ ବାସ୍କେଟବଲ ଖେଳ ପ୍ରତି ମନ ବଳାଇବା ସହ କୋଚ୍ ଶଶିକାନ୍ତ ନାୟକଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଶିବିରରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରହିଛି ବୋଲି ଫୟାଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ।





କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ଖେଳିବା ଲାଗି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ପୋଲାଣ୍ଡ ଓ ରୁଷିଆ ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜୁନ୍ ୧/୨୦୧୯ Bhubaneswar, Saturday, June 1/2019




### ନନ୍ଦନକାନନରେ ଆଉ ଏକ ଦୁଃଖଦ ଘଟଣା

# ବିନି ପରେ ଚାଲିଗଲା ନୀଳଗିରି ଲାଙ୍ଗୁର

**ବାରଙ୍ଗ/ନରାଜ,୩୧।୫(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିନିର ମୃତ୍ୟୁ ଘଟଣା ମନରୁ ନ ସରୁଣୁ ଗୋଟିଏ ଦିନ ବ୍ୟବଧାନ ମଧ୍ୟରେ ଆଉ ଏକ ପ୍ରାଣୀର ଜୀବନ ଚାଲିଯାଇଛି। ନନ୍ଦନକାନନରେ ଏକମାତ୍ର ଥିବା ଓରାଙ୍ଗଓଟାନ ବିନିର ବୁଧବାର ରାତିରେ ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ସକାଳେ ଏକ ଅଣ୍ଡିରା ନୀଳଗିରି ଲାଙ୍ଗୁର ବାନରର ମୃତ୍ୟୁ ଘଟିଛି। ଖୁବ କମ ସମୟ ମଧ୍ୟରେ ଅଚାନକ ଏଭଳି ଦୁଇଟି ପ୍ରାଣୀଙ୍କ ଜୀବନ ଚାଲିଯିବା ନନ୍ଦନକାନନ କର୍ତ୍ତୃପକ୍ଷ ଏବଂ ପର୍ଯ୍ୟଟକଙ୍କୁ ନିରାଶ କରାଇଛି। ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ଏହି ନୀଳଗିରି ବାନର ଶୁକ୍ରବାର ସକାଳ ୬ଟା ୩୦ମିନିଟରେ ମରିପଡିଥିବାର ଡାକ୍ତରଖାନାର ଆଇସୋଲେଶନ ଓାର୍ଡରେ କର୍ମଚାରୀମାନେ ଦେଖିଥିଲେ।

ପ୍ରକାଶ ଯେ, ୧୭ ତାରିଖ ସକାଳ ୧୧ ଘଟିକା ସମୟରେ ତାରଜାଲି ଆବଦ୍ଧ ନଂ ୫୩ ଏନକ୍ଲୋଜର ଭିତରେ ରହୁଥିବା ମାଈ, ଅଣ୍ଡିରା ଦୁଇଟି ନୀଳଗିରି ଲାଙ୍ଗୁର ମଧ୍ୟରୁ ଅଣ୍ଡିରା ଲାଙ୍ଗୁର ଅସୁସ୍ଥ ହୋଇପଡିବାରୁ ଡାକ୍ତରଖାନାକୁ ଅଣାଯାଇଥିଲା। ପରୀକ୍ଷା କରିବାରୁ ଲାଙ୍ଗୁରଟି ତରଳ ଝାଡା ହୋଇ ଡାଇରିଆ ସହ ଜ୍ୱରରେ ଆକ୍ରାନ୍ତ ହୋଇଥିବା



ଜଣାପଡ଼ିଥିଲା। ୧୯ରେ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥିଲା। ଗତ ୧୫ ଦିନ ଧରି ଓୟୁଏଟି ବିଶେଷଜ୍ଞଙ୍କ ସହ ନନ୍ଦନକାନନ ପ୍ରାଣୀଚିକିତ୍ସକମାନେ ଆଇସୁଲେଶନ ଓାର୍ଡରେ ରଖି ସାଲାଇନ, ଆଣ୍ଟିବାୟୋଟିକ୍ ସହ ଚାପ ନିୟନ୍ତ୍ରଣକାରୀ ଔଷଧ ଦେଇ ଚିକିତ୍ସା କରାଯାଉଥିଲା। ଏହାସହ ୩ଥର ରକ୍ତନମୁନା ନେଇ ରୋଗ ନିରୁପଣ ପାଇଁ ପରୀକ୍ଷା ମଧ୍ୟ କରାଯାଇଥିଲା। ୨୬ତାରିଖରେ ଅସୁସ୍ଥ ନୀଳଗିରିକୁ ଡାକ୍ତରଖାନାରୁ ଏନକ୍ଲୋଜରକୁ ଅଣାଯାଇଥିଲା। କିନ୍ତୁ ସେଠାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ସେ ଗୁରୁତର ହୋଇ ଅପରାହ୍ନରେ ପୁଣି ଆଇସୁଲେଶନ ୱାର୍ଡରେ ଭର୍ତ୍ତି ହୋଇଥିଲା। ଏପରି କି ଜ୍ୱର ୧୦୨ରୁ କମିବାର ନାମ ଧରି ନଥିଲା। ଏହାପରଠାରୁ ତା'ର ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ହୋଇ ନ ଥିଲା। ଡାଇରିଆ ସହ ପ୍ରବଳ ଜ୍ୱର ଯୋଗୁ ନୀଳଗିରି ବାନର ମୃତ୍ୟୁ ଘଟିଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

ସୂଚନାଯୋଗ୍ୟ, ୨୬ ସେପ୍ଟେମ୍ବର ୨୦୧୭ରେ ଆରିଗିନାର ଆନ୍ନା ଜୁଲୋଜିକାଲ ପାର୍କ ଚେନ୍ନାଇରୁ ୧୭ବର୍ଷ ବୟସ ଅଣ୍ଡିରା ନୀଳଗିରି ଲାଙ୍ଗୁର ବାନରକୁ ତା'ର ସାଥିସହ ନନ୍ଦନକାନନକୁ ଅଣାଯାଇଥିଲା। ଅଦଳବଦଳ ପ୍ରକ୍ରିୟାରେ ୧୯ଟି ପଶୁପକ୍ଷୀ ବିନିମୟରେ ୧୮ଟି ପଶୁପକ୍ଷୀ ଚେନ୍ନାଇରୁ ନନ୍ଦନକାନନ ଅଣାଯାଇଥିଲା। ସେଥିମଧ୍ୟରେ ହଳେ ନୀଳଗିରି ଲାଙ୍ଗୁର ବାନର ଆସିଥିଲା। ଆସିବା ପରେ ଦୁଇଥର ଏନକ୍ଲୋଜରରୁ ବାହାରି ଚର୍ଚ୍ଚାରେ ରହିଥିଲା ନୀଳଗିରି ଲାଙ୍ଗୁର। ଅଣ୍ଡିରା ନୀଳଗିରିର ମୃତ୍ୟୁପରେ ଏକାକି ରହିଛି ମାଈ ନୀଳଗିରି ବାନର। ସାଥୀକୁ ହରାଇ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଛି।

### ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ୯୯ ବର୍ଷ ଲିଜ୍ ଦେବା ପ୍ରସଙ୍ଗ

# ଦେବୋତ୍ତର ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ

**ପୁରୁଣା ଭୁବନେଶ୍ୱର, ୩୧।୫(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନାମରେ ଭୀମପୁର ମୌଜାରେ ଥିବା ସମ୍ପତ୍ତିକୁ ଦେବୋତ୍ତର ବିଭାଗ ଏକ ଘରୋଇ ସଂସ୍ଥାକୁ ବାର୍ଷିକ ଶାଗ, ମାଛ ମୂଲ୍ୟରେ ୯୯ ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରିଛି। ଏହାକୁ ନେଇ ସାଧାରଣରେ ବିରୋଧ ବଢିବାରେ ଲାଗିଛି। ଏକାମ୍ର ଜନଜାଗରଣ ମଞ୍ଚ ପ୍ରଥମେ ଆଇନ ସଚିବ ଏବଂ ଅର୍ଥନୈତିକ ଅପରାଧ ଶାଖା ନିକଟରେ ଅଭିଯୋଗ କରିଥିଲା। ପରେ ଶୁକ୍ରବାର ମଞ୍ଚ ଦେବୋତ୍ତର ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଘେରାଉ କରିବା ସହ ୧ ଘଣ୍ଟା ପ୍ରତିବାଦ କରିଥିଲା। ମାତ୍ର ଆୟୁକ୍ତ ଅନୁପସ୍ଥିତ ରହିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା।

ଭୁବନେଶ୍ୱର ଭୀମପୁର ମୌଜାରେ ଶ୍ରୀଲିଙ୍ଗରାଜଙ୍କ ଏ. ୨.୩୫୬ ଡ଼ିସିମିଲକୁ ନୂଆଦିଲ୍ଲୀସ୍ଥିତ ଏକ ଘରୋଇ ସଂସ୍ଥାକୁ



୯୯ ବର୍ଷ ନିମନ୍ତେ ୧୦ କୋଟି ଟଙ୍କା ମୂଲ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି ବର୍ତ୍ତମାନର ଦେବୋତ୍ତର ଆୟୁକ୍ତ। ଏହା ଏକ ଦୁର୍ନୀତି ପୂର୍ଣ୍ଣ ପଦକ୍ଷେପ, ବେଆଇନ କାର୍ଯ୍ୟକଳାପ ଅଟେ। ଯେଉଁଥିପାଇଁ ମନ୍ଦିର ରାଜକୋଷକୁ ୬୦୦କୋଟି ଟଙ୍କାର କ୍ଷତି ଘଟିବା ନେଇ ପ୍ରଶ୍ନ ଉଠାଇଛି ମଞ୍ଚ। ବେଆଇନ ଆଦେଶକୁ ନେଇ ବିଗତ ଦିନଗୁଡିକରେ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତାଗଣ ବିଭିନ୍ନ ଘଟଣା ଉପରେ ନାରା ବାଜିମାନ ଦେଇଥିଲେ। ଶେଷରେ ସମ୍ପୃକ୍ତ ଆୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଞ୍ଚ ପକ୍ଷରୁ ଦୃଢ ଦାବି କରାଯାଇଥିଲା। ତେଣୁ ଶୁକ୍ରବାର ଅଧିକାରୀ ଜଣଙ୍କ କାର୍ଯ୍ୟକାଳର ଶେଷ ଦିବସ ନିଜର ଅବସରଗ୍ରହଣର ଅବ୍ୟବହିତ ଠିକ୍ ୨୪ ଦିନ ପୂର୍ବରୁ ତରବରିଆ ଭାବେ ଏଭଳି ଏକ ବେଆଇନ ଆଦେଶ ପ୍ରଦାନ କରଛନ୍ତି। ଏହା ପଛରେ ଏକ ସୁନିୟୋଜିତ ଓ ସୁପରିକଳ୍ପିତ ଷଡ଼ଯନ୍ତ୍ର ହୋଇଛି ବୋଲି ମଞ୍ଚ ଅଭଯୋଗ କରିଥିଲା। ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣଙ୍କ ନେତୃତ୍ୱରେ ମୁଖପାତ୍ର ହିମାଂଶୁ ହୋତା, ବ୍ରଜରାଜ ପଣ୍ଡା, ସଭାନେତ୍ରୀ ସ୍ୱପ୍ନାରାଣୀ ସାମଲ, ସୁଲତା ସାହାଣୀ , ସଞ୍ଜୁଲତା ପଟ୍ଟନାୟକ, ଲିଙ୍ଗରାଜ ହାତୀ, ଅତୁଲ୍ୟ କାନୁନ୍‌ଗୋ, ମୃତ୍ୟୁଞ୍ଜୟ ମହାନ୍ତି, ଉପନ ଦାଶ, ସାନୁଜ କୁମାର ମିଶ୍ର, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




35
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି
ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
-ସେନେକା



## ସଂକ୍ଷେପରେ

### ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି,୩୧।୫(ସ୍ୱ.ପ୍ର./ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ପକ୍ଷରୁ ଆସନ୍ତା ରବିବାର ମାହାଙ୍ଗା ନିର୍ବାଚନାମଣ୍ଡଳୀ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ୨୭ଟି ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯିବା ପାଇଁ ଉପସ୍ଥିତ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ। ସରପଞ୍ଚ, ସମିତିସଭ୍ୟ ସଂଘ, ବ୍ଲକ ପ୍ରସାଶନ, ଜିଆରଏସ୍ ସଂଘ, ଆଶା, ଅଙ୍ଗନୱାଡଡି, କୃଷକସାଥୀ, ବିଜୁ ବାବୁ ଆଇନଜୀବୀ ସାମୁଖ୍ୟ ସଂଘ, ବ୍ଲକ ବିଜେଡି, ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡି, ତହସିଲ ପ୍ରଶାସନ, ଆଇସିଡିଏସ, ସ୍ୱୟଂ ସହାୟକ ସଂଘ ସମେତ ୫୦ରୁ ଊର୍ଦ୍ଧ୍ୱ ସଂଘ ଏହି ସଭାରେ ମନ୍ତ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା କରିବାର ଚିଠା ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା କୁଳିଆ ଆରଏମସି ପଡିଆରୁ ବାହାରି ନିଶ୍ଚିନ୍ତକୋଇଲି ବଉଳ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ। ସେଠାରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯିବ। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷା ସବିତା ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ଅଶୋକ ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, କନକଲତା ଭୂୟାଁ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୩୧।୫(ସ୍ୱ.ପ୍ର./ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଶୁକ୍ରବାର ଆକ୍ରମଣ ହୋଇଥିବା କଟକ ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଖବରଦାତା ପ୍ରମୋଦ କୁମାର ସ୍ୱାଇଁ କେନ୍ଦୁପାଟଣାରୁ ଏକ ଅଟୋ ଯୋଗେ କଟକ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଅଟୋଚାଳଙ୍କ ତାଙ୍କୁ ଭଡ଼ା ବାବାଦକୁ ୫୦ ଟଙ୍କା ମାଗିଥିଲେ। ଭଡ଼ା କମ୍ ହୋଇଥିବାରୁ ଏତେ ଟଙ୍କା କାହିଁ ମାଗୁଛ ବୋଲି ପ୍ରମୋଦ ଅଟୋ ଚାଳକଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଟୋଚାଳକ ଜଣଙ୍କ ପ୍ରମୋଦ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ଅଟୋଚାଳକଙ୍କୁ ଗିରଫ କରି ପାରିନାହିଁ।

### ବାଙ୍କୀ କଲେଜ ପରୀକ୍ଷା ନିୟନ୍ତ୍ରକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଙ୍କୀ,୩୧।୫(ସ୍ୱ.ପ୍ର.): ବାଙ୍କୀ କଲେଜ ପରୀକ୍ଷା ନିୟନ୍ତ୍ରକ ତଥା ଅର୍ଥନୀତି ବଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ ନାୟକ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ପ୍ରାଧ୍ୟାପକ ନାୟକଙ୍କ କର୍ତ୍ତବ୍ୟ, ନିଷ୍ଠା, ଛାତ୍ରବତ୍ସଳତା ଓ ସାଧୁତା ଉପରେ ଆଲୋକପାତ କରିଥିଲେ। ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ତାଙ୍କର ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଭାବେ ତାଙ୍କର କେତକ ଦୃଢ଼ ପଦକ୍ଷେପ ବେଶ୍ ଉତ୍ସାହଜନକ ଥିଲା ବୋଲି ସଦାନନ୍ଦ ବାରିକ ମତପ୍ରକାଶ କରିଥିଲେ। ସଭାରେ ପ୍ରାଧ୍ୟାପକ ରାଜକିଶୋର ପାଲ୍, ଡ. ଶ୍ରୀକାନ୍ତ ଦାଶ, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଡ.ଚିତ୍ରସେନ ରାଉତ୍, ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ବୃନ୍ଦାବନ ପ୍ରଧାନ, ଜିତେନ୍ଦ୍ର ସାହୁ, ବିଭୂତି ଭୂଷଣ ହୋତା, ଭୁପତି ଭୂଷଣ ପ୍ରଧାନ, ପ୍ରଭାତ କୁମାର ବଳିଆର ସିଂହ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାଧ୍ୟାପକ ନାୟକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

■ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

# ସୌଭାଗ୍ୟ ରଞ୍ଜନ ସାହୁ ଶ୍ରେଷ୍ଠ ସ୍ନାତକ

ସାଲେପୁର,୩୧।୫(ଡି.ଏନ.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବିଜ୍ଞାନ ବିଭାଗ ଛାତ୍ର ସୌଭାଗ୍ୟ ରଞ୍ଜନ ସାହୁ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସେହିପରି କଳାରେ ଶିକ୍ଷା ବିଭାଗର ଛାତ୍ରୀ ଦିପ୍ତୀମୟୀ ଦାସ, ବାଣିଜ୍ୟରେ ସୁଶ୍ରୀ ସ୍ୱରାଜ ଭଲ୍, ବିଜ୍ଞାନରେ ସୌଭାଗ୍ୟ ରଞ୍ଜନ ସାହୁ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ଡ଼ିଆରେ କବିତା ମହାନ୍ତି, ଇଂଲିଶରେ ସଙ୍ଗୀତା ସୂତାର, ଶିକ୍ଷାରେ ମଧୁସ୍ମିତା ମଲ୍ଲ, ରାଜନୀତି ବିଜ୍ଞାନରେ ସ୍ୱାଧୀନକେତନ ନାୟକ, ଇତିହାସରେ ଶୁଭଲକ୍ଷ୍ମୀ ବେହେରା, ଅର୍ଥନୀତିରେ ଦିପ୍ତୀମୟୀ ସାମଲ, ଗୃହବିଜ୍ଞାନରେ ଫରିନ୍ ନାଜ୍, ସଂସ୍କୃତରେ ଇପ୍‌ସିତା ଦାଶ, ଗଣିତରେ ଡମ୍ବରୁଧର ସାହୁ, ଉଦ୍ଭିଦ ବିଜ୍ଞାନରେ ଅଙ୍କିତା ସାହୁ, ପ୍ରଯୁକ୍ତି ବିଦ୍ୟା ବିଜ୍ଞାନରେ ସ୍ୱେତା ମହାନ୍ତି, ବାଣିଜ୍ୟରେ ବୁଲବୁଲି ବେହେରା, ସାମାଜିକ ବିଜ୍ଞାନରେ ଗୃହଲକ୍ଷ୍ମୀ ରାଉତ, ଦର୍ଶନ ଶାସ୍ତ୍ରରେ ରବୀନ୍ଦ୍ର ଭୋଇ ପ୍ରମୁଖ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନ୍ତି ଯୋଗଦେଇ ପରୀକ୍ଷା ଫଳ ପୁସ୍ତକକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧ୍ୟାପକ ଉମାକାନ୍ତ ପଣ୍ଡା, ପ୍ରାଧ୍ୟାପିକା ସଙ୍ଗୀତା ମିଶ୍ର, ଅଧ୍ୟାପକ ବିଜୟ ଜେନା, ପ୍ରାଧ୍ୟାପକ ଡ. ଉମେଶ ଚନ୍ଦ୍ର ପତି, ସୁଶାନ୍ତ କୁମାର ପାଢ଼ୀ, ସତ୍ୟନାରାୟଣ ପଟ୍ଟନାୟକ, ସଞ୍ଜୟ ନାୟକ, ଧୀର ବେଜ୍, ଆୟସକାନ୍ତ ଷଡ଼ଙ୍ଗୀ ସମେତ ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହିଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମହାନ୍ତି ସୌଭାଗଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।



ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ସୌଭାଗ୍ୟ ରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଧାନମଣ୍ଡି ଉଦ୍‌ଘାଟିତ

ବାଙ୍କୀ,୩୧।୫(ସ୍ୱ.ପ୍ର.)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ଭେଡ଼ାରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ଶୁକ୍ରବାର ରବି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ସମରେନ୍ଦ୍ର ମହାପତ୍ର ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ସମବାୟ ସର୍କଲର ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ମଣ୍ଡିରେ ଚାଷୀମାନେ କିପରି ଧାନ ବିକ୍ରୟ କରି ସହାୟତା ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମିତି ସମ୍ପାଦକ ରଞ୍ଜିତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଚାଷୀ ପଠାଣୀ ଦାସ, ବିଧୂଭୂଷଣ ମହାପାତ୍ର, ଗୌରାଙ୍ଗ ଖଟୁଆ, ମଣ୍ଟୁ ଖଟୁଆ, ଜଗନ୍ନାଥ ଗୋଛି ଓ ଇନ୍ଦ୍ରମଣି ମନ୍ତ୍ରୀଙ୍କ ସମେତ ବହୁଚାଷୀ ଧାନ ବିକ୍ରୟ କରିଥିଲେ।




ଅତିଥି ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍କୀ,୩୧।୫(ସ୍ୱ.ପ୍ର.)

ବାଙ୍କୀ କଲେଜ ସମ୍ମିଳନୀ କକ୍ଷରେ ଶୁକ୍ରବାର କଟକ ଜିଲାରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ବ୍ରହ୍ମାସ୍ତ୍ରୀ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ି ତୋଳିବାରେ ଏଭଳି ସମାରୋହ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ମେଡାଲ୍ ପ୍ରଦାନ କରି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ, ବିଡିଓ ପ୍ରଭାତ କୁମାର ସାହୁ, ସୋୟା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦିଲୀପ କୁମାର ମହାପାତ୍ର, ଖବରଦାତା ସୁଶାନ୍ତ ମହାପାତ୍ର, ବ୍ରହ୍ମାସ୍ତ୍ରୀର ପରିଚାଳନା ନିର୍ଦ୍ଦେଶକ ରାକେଶ ଆଇନ୍ ଷ୍ଟାଇନ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାଙ୍କୀ, ଡମପଡ଼ା, ଅଠଗଡ, ବାରଙ୍ଗ, ତିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଖବରଦାତା ସମରେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ। ବିଶ୍ୱରୂପ ପରିଡ଼ା ଧନ୍ୟବାଦ ଦେଇଥିଲେ।

# କଥକ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

କଟକ ଅଫିସ,୩୧।୫

**ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟା**

ଶୁକ୍ରବାର ଥିଲା ୧୪ତମ ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟା। କଥକ ଓ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଏହି ସନ୍ଧ୍ୟା ବେଶ୍ ମନଲୋଭା ଥିଲା। ପଶ୍ଚିମବଙ୍ଗରୁ ଆସିଥିବା ଚୈତାଳୀ ଦାସ ଓ ସାଥୀ କଳାକାରଙ୍କ କଥକ ନୃତ୍ୟ ସହିତ ସମ୍ବଲପୁରର କଳାକେନ୍ଦ୍ରର କଳାକାର ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଶେଷରେ କଟକର ଫଙ୍କ ଫାକ୍ଟ୍ରି ଡ୍ୟାନ୍ସ ଷ୍ଟୁଡିଓ ଦ୍ୱାରା ପରିବେଷିତ କ୍ରିଏଟିଭ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ଦ୍ୱାରା ପ୍ରାୟୋଜିତ ଷଷ୍ଠ ସନ୍ଧ୍ୟାକୁ ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିଥିଲେ। ସେଣ୍ଟ ଜାଭିୟର ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଶରତ ଚନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ବରାଳ ଓ ମହାନଦୀ ଫେଷ୍ଟିଭାଲର ଉପସଭାପତି ଶୋଭେନ ରାୟ ତଥା ଅକ୍ଷୟ ଶତପଥୀ ଯୋଗଦେଇଥିଲେ। ଯୁବ ସ୍ଥପତି ବିଭୁକ୍ତି ଭୂଷଣ ମହାପାତ୍ର ଓ କୀର୍ତ୍ତି ଯୋଗଦର୍ଶନୀଙ୍କୁ ମହାନଦୀ ଫେଷ୍ଟିଭାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ସିବିଏସଇ ଦ୍ୱାଦଶ ପରୀକ୍ଷାରେ କଟକରେ ସର୍ବାଧିକ ମାର୍କ ରଖିଥିବା ଲାଜପତ୍ ରାୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ପୁଷନ ମହାପାତ୍ର ଓ ବୈଭବ ଗନତ୍ରାଙ୍କୁ ବିଦ୍ୟାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆରମ୍ଭରେ ମହାନଦୀ ଫେଷ୍ଟିଭାଲର ସମ୍ପାଦକ ତଥା ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା ମଞ୍ଜୁଶ୍ରୀ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଓଲଟିଲା ଟ୍ରାକ୍ଟର: ମାମୁ ମୃତ, ଭଣଜା ଆହତ

ରଘୁନାଥପୁର, ୩୧।୫ (ଡି.ଏନ.ଏ.)

ଗୁରୁବାର ମଧ୍ୟରାତ୍ରିରେ ତରଡାପଡା ଅଞ୍ଚଳରୁ ଚାଷ କାର୍ଯ୍ୟ ସାରି ଫେରୁଥିଲା ଏକ ଟ୍ରାକ୍ଟର। ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଲିବର ପୋଲ ପାର ହୋଇ ପୁରୁଣାବସନ୍ତ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ସଫେଇ ମଧ୍ୟକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଟ୍ରାକ୍ଟ ତଳେ ଚାପି ହୋଇ ମାମୁଙ୍କର ମୃତ୍ୟୁ ଘଟିଥିବାବେଳେ ଭଣଜା ଗୁରୁତର ଆହତ ହୋଇଛନ୍ତି। ଏରସମା ଅଞ୍ଚଳର ଏକ ଟ୍ରାକ୍ଟରକୁ ତିର୍ତ୍ତୋଲ ଥାନା ଏରଡଙ୍ଗା ପଞ୍ଚାୟତ କାକୁଡିଆ ଗାଁର ଦୁଷ୍ମନ୍ତ ଜେନା ଭଡା ସୂତ୍ରରେ ଆଣି ଡ୍ରାଇଭର ଦେଇ ଚଳାଉଥିଲେ। ଟ୍ରାକ୍ଟରଟି ତରଡାପଡା ଅଞ୍ଚଳରେ ଚାଷକାର୍ଯ୍ୟ କରି ଫେରୁଥିବା ବେଳେ କୌଣସି କାରଣରୁ ଚାଳକ ରହିଯାଇଥିଲେ। ସାଙ୍ଗରେ ଯାଇଥିବା ଦୁଷ୍ମନ୍ତଙ୍କ ପୁଅ ନିରନ ଓ ତାଙ୍କୁ ସହାୟତା କରିବାକୁ ଆସିଥିବା ନେମାଳ ଥାନା ବନ୍ଧୁପୁର ଅଞ୍ଚଳର ଅରୁଣ ଜେନାଙ୍କ ପୁଅ ଚିନ୍ମୟ ଓରଫ ବୁବୁ(୧୭) ଟ୍ରାକ୍ଟର ନେଇ ଚାଲି ଆସିଥିଲେ। ତେବେ ନାଲିବର ପୋଲ ପାରହେବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ସଫେଇ ମଧ୍ୟକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ହିଁ ଟ୍ରାକ୍ଟର ତଳେ ଚାପିହୋଇ ମାମୁ ବୁବୁଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ରାତିରେ ଉକ୍ତ ଦୁଇଜଣଙ୍କ ଉଦ୍ଧାର କରି ଚିକିତ୍ସା ଲାଗି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବୁବୁଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତିର୍ତ୍ତୋଲ ପୋଲିସ ଦୁଷ୍ମନ୍ତଙ୍କ ପୁଅ ନିରନ୍‌ଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଏନ୍‌ଆର୍‌ଆର୍‌ଆଇରେ ଜାତୀୟ ଆଲୋଚନାଚକ୍ର

କଟକ ଅଫିସ,୩୧।୫

**ବହୁ କୃଷି ବୈଜ୍ଞାନିକ ସାମିଲ**

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ବାର୍ଷିକ ଧାନ ଗବେଷଣା ଉପରେ ଆଧାରିତ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ଅନୁଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରିଶଙ୍କର ଗୁପ୍ତା ଯୋଗଦେଇ ଧାନ ଉପରେ ଗବେଷଣାରତ ସମସ୍ତ ବୈଜ୍ଞାନିକଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଗୁପ୍ତା କହିଥିଲେ, ଧାନର ଉତ୍ପାଦନ ୧୯୫୦ରେ ୨୦ମିଲିୟନ୍ ଟନ୍ ଥିଲା। ୨୦୧୮ ରେ ତାହା ୧୧୩ମିଲିୟନ୍ ଟନ୍‌ରେ ପହଞ୍ଚିଛି। ଏହା କେବଳ ଉଚ୍ଚସ୍ତରରେ ଗବେଷଣା ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଚାଇନା, ବାଂଲାଦେଶ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆରେ ଉତ୍ପାଦକତା ଅଧିକ ଥିବା ସମୟରେ ଭାରତବର୍ଷରେ ଧାନରେ ଉତ୍ପାଦକତା କେବଳ ହେକ୍ଟର ପିଛା ହାରାହାରି ୨.୫ଟନ୍। ଏହାକୁ ବଢ଼ାଇବା ନିହାତି ଆବଶ୍ୟକ। ଦେଶରେ ବର୍ତ୍ତମାନର ଧାନ ଉତ୍ପାଦନ ପ୍ରାୟ ୧୧୩ମିଲିୟନ୍ ଟନ୍ ଥିବା ବେଳେ ୨୦୩୦ରେ ୧୩୦ମିଲିୟନ୍ ଟନ୍ ଆବଶ୍ୟକତା କିପରି ପୂରଣ କରାଯାଇପାରିବ ସେ ନେଇ ପଦକ୍ଷେପ ନେବା ପାଇଁ ଗୁପ୍ତା ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହ ମହାନିର୍ଦ୍ଦେଶକ(ବିହନ) ଡ. ଡି.କେ. ଯାଦବ ସମ୍ମାନନୀୟ ଅତିଥି ଓ ବୈଜ୍ଞାନିକ ଡ. ଦୀନେଶ କୁମାର ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଏଠାରେ ଚାଲିଥିବା ଗବେଷଣା ଉପରେ ସୂଚନା ପ୍ରଦାନ କରିଥିଲେ। ହାଇଦ୍ରାବାଦରେ ଅବସ୍ଥିତ ଭାରତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଏସ୍.ଆର.ଭୋଲେଟି ଆଲୋଚନାଚକ୍ରର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଶେଷରେ ଭାରତୀୟ ଧାନ ଗବେଷଣା ଅନୁଷ୍ଠାନର ବିଭାଗୀୟ ମୁଖ୍ୟ ଡ. କଟି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ବିଭାଗୀୟ ମୁଖ୍ୟ ଡ. ଜେ.ଏନ୍. ରେଡ୍ଡୀ ପରିଚାଳନା କରିଥିଲେ।




ଧାନ ଗବେଷଣା ଉପରେ ଆଧାରିତ ପୁସ୍ତକକୁ ଅତିଥି ଉନ୍ମୋଚନ କରୁଛନ୍ତି।

# ଯୁବ ଅହମ୍ମଦିୟା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ତିଗିରିଆ,୩୧।୫(ଡି.ଏନ.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମର ଯୁବ ଅହମ୍ମଦିୟା ପକ୍ଷରୁ ଶୁକ୍ରବାର ଗ୍ରାମର ରାସ୍ତାଘାଟ ସହିତ ଇଦ୍‌ଗାହ ପଡ଼ିଆ ଓ କବରସ୍ଥାନ ସଫେଇ କରାଯାଇଛି। ପବିତ୍ର ଇଦ୍-ଉଲ୍-ଫିତର ଆଗକୁ ପାଳନ ହେବାକୁ ଥିବା ବେଳେ ଏଥି ପୂର୍ବରୁ ଯୁବ ଅହମ୍ମଦିୟା ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିୟା ସଭାପତି ସାଦ୍ଦିକ ଅହମ୍ମଦ, ସେକ କାଲାମ, ଅବରାର୍ ଖାଁ, ୟାହିୟା ଖାଁ, ୟାମିନ୍ ଖାଁ ଓ କଲିମ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ।



ଯୁବ ଅହମ୍ମଦିୟା ପକ୍ଷରୁ ସଫେଇ କରାଯାଉଛି।

# ତମାଖୁ ବର୍ଜନ ଦିବସରେ ସଚେତନତା

ଆଠଗଡ଼,୩୧।୫(ସ୍ୱ.ପ୍ର.)

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଶନିବାର ଆଠଗଡ଼ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ମେଘା ସେକ୍ଟରର ଗଦାଧରପୁର ଗ୍ରାମରେ ସେକ୍ଟରସ୍ତରୀୟ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଘା ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କବିତାରାଣୀ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ତମାଖୁ ଓ ଫୁସଫୁସ ସ୍ୱାସ୍ଥ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦେଶରେ ବହୁଳ ତମାଖୁ ସେବନ ଦ୍ୱାରା ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାରୁ ଏହା ଏବେ ମହାମାରୀର ରୂପ ନେବାକୁ ବସିଥିବା ଦାସ ମତବ୍ୟକ୍ତ କରିଥିଲେ। ତମାଖୁ ସେବନ ଦ୍ୱାରା ସର୍ବାଧିକ ଲୋକ ମୁଖଗହ୍ୱର କର୍କଟ ରୋଗ, ହୃଦ୍‌ଘାତ, ଫୁସଫୁସ ଓ ଯକ୍ଷ୍ମା ଆଦି ରୋଗରେ ପୀଡିତ ହୋଇ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି। ଏହି ଧାରା ଜାରି ରହିଲେ ୨୦୨୦ ସୁଦ୍ଧା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ତମାଖୁ ସେବନଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାଇ ଦେଇଥିବା ସେ କହିଥିଲେ।

ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଯାଇ ଦାସ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବା ସହ ପରିବାର ସଦସ୍ୟ ଓ ସମାଜର ଅନ୍ୟମାନଙ୍କୁ ସଚେତନ କରିବାଲାଗି ଆହ୍ୱାନ ଜଣାଇଥିଲେ। ଯୁବପିଢି ସୁସ୍ଥ ସମାଜ ଗଠନ ପାଇଁ ଏହାକୁ ଗୁରୁଦାୟିତ୍ୱ ଭାବେ ଗ୍ରହଣ କରି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ଆଗେଇ ଆସିବାକୁ ଦାସ ଓ ସ୍ୱାସ୍ଥ୍ୟ ପରିଦର୍ଶକ ଅସଲମ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସମସ୍ତ ଗାଁ କଲ୍ୟାଣ ସମିତିର ସଭ୍ୟାସଭ୍ୟ, ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିଥିଲେ। ସ୍ୱାସ୍ଥ୍ୟ କର୍ମୀ ପୁଷ୍ପାଞ୍ଜଳି ପ୍ରଧାନ, ଅଳକା ଦେଇ, ବିମଳା ସାହୁ, ବିଜୟ କୁମାର ଜେନା ଓ ୱାର୍ଡ ସଭ୍ୟ ଗୋପାଳ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ତମାଖୁ ବର୍ଜନ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୩୧।୫(ସ୍ୱ.ପ୍ର./ ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଶୁକ୍ରବାର ଆକ୍ରମଣ ହୋଇଥିବା କଟକ ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଖବରଦାତା ପ୍ରମୋଦ କୁମାର ସ୍ୱାଇଁ କେନ୍ଦୁପାଟଣାରୁ ଏକ ଅଟୋ ଯୋଗେ କଟକ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଅଟୋଚାଳଙ୍କ ତାଙ୍କୁ ଭଡ଼ା ବାବାଦକୁ ୫୦ ଟଙ୍କା ମାଗିଥିଲେ। ଭଡ଼ା କମ୍ ହୋଇଥିବାରୁ ଏତେ ଟଙ୍କା କାହିଁ ମାଗୁଛ ବୋଲି ପ୍ରମୋଦ ଅଟୋ ଚାଳକଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଟୋଚାଳକ ଜଣଙ୍କ ପ୍ରମୋଦ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ଅଟୋଚାଳକଙ୍କୁ ଗିରଫ କରି ପାରିନାହିଁ।

### ଇଫ୍‌ତାର ବାବଦ ଅର୍ଥ ରାଶି ଫନୀ ପ୍ରପୀଡିତଙ୍କୁ ଦେଲେ ବିଧାୟକ

**କଟକ ଅଫିସ, ୩୧।୫:** କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ଚଳିତବର୍ଷର ଇଫତାର ପାର୍ଟିକୁ ସ୍ଥଗିତ ରଖାଯାଇଛି। ଫନୀରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡିକର ଅକଳନୀୟ କ୍ଷୟକ୍ଷତି ଓ ଜନସାଧାରଣ ସମ୍ମୁଖୀନ ହୋଇଥିବା ଦୁଃଖଦ ପରିସ୍ଥିତ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇଫ୍‌ତାର ବାବଦ ଅର୍ଥ ରାଶିକୁ ଫନୀ ପ୍ରପୀଡ଼ିତଙ୍କୁ ଦେବାକୁ ନଗର କଂଗ୍ରେସ ସଭାପତି ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ନିଷ୍ପତ୍ତି ନେଇଛନ୍ତି।

### ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସେବା ସଂଘର କର୍ମକର୍ତ୍ତା ଚୟନ
### ସୂର୍ଯ୍ୟମଣି ମହାରଣା ସଭାପତି

**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସେବା ସଂଘ(ଓଏଚ୍‌ଓଏସ୍‌ଏ)ର ବାର୍ଷିକ ସାଧାରଣ ସଭା କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ(ଇମେଜ୍) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଉପ-ଉଦ୍ୟାନ ନିର୍ଦ୍ଦେଶକ ଏବଂ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯୋଗଦେଇଥିଲେ। ଏହି ଅବସରରେ ସଂଘ ନିର୍ବାଚନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସୂର୍ଯ୍ୟମଣି ମହାରଣା ସଭାପତି, ଚନ୍ଦ୍ରମୋହନ ସାହୁ ଉପସଭାପତି, ସୂଚନା ସ୍ୱସ୍ତିକା ସମ୍ପାଦିକା, ସୁବ୍ରତ କୁମାର ଚାନ୍ଦ କୋଷାଧ୍ୟକ୍ଷ ଏବଂ ପୁଣ୍ୟତୋୟା ପ୍ରିୟମ୍ବଦା ଯୁଗ୍ମ ସମ୍ପାଦକ (ପ୍ରଚାର ପ୍ରସାର) ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଈପ୍‌ସିତା ନାୟକ ଯୁଗ୍ମ ସମ୍ପାଦକ(ସଙ୍ଗଠନ), ଗୋପୀନାଥ କର ଯୁଗ୍ମ ସମ୍ପାଦକ(ସମନ୍ୱୟ) ଏବଂ ଦେବୀ ପ୍ରସାଦ ରାଉତ ଯୁଗ୍ମସମ୍ପାଦକ(ଅଭିଯୋଗ) ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ସୁଧାକର ସାହୁ, ମନୋଜ କୁମାର ଦାଶ, ପ୍ରହଲ୍ଲାଦ ପୃଷ୍ଟି, ଗୀତାଶ୍ରୀ ପାଢ଼ୀ, ତପନ କୁମାର ମହାନ୍ତି, ହିମାଂଶୁ ଶେଖର ସାହୁ, କନ୍ଦ ଜେନା, କେଶବ ଚରଣ ମିଶ୍ର, ତାରେଶ୍ୱର ପାଣି ଏବଂ ଶୁଭଶ୍ରୀ କର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟି ସଦସ୍ୟ ଭାବେ ପ୍ରଦୋଷ କୁମାର ପଣ୍ଡା, ରଞ୍ଜନ କୁମାର ଦାସମହାପାତ୍ର ଓ ହିମାଂଶୁ ଶେଖର ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାକର ସାହୁ ଏବଂ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସଭାରେ ସମସ୍ତ ନବ ନିର୍ବାଚିତ ସଦସ୍ୟ ଶପଥ ଗ୍ରହଣ କରିଥିଲେ।

### ୨ ଚୋରି ମୋବାଇଲ ଜବତ: ୩ ଗିରଫ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଧୀନ ରେଣ୍ଟାଲ କଲୋନୀ ଅଞ୍ଚଳର ଏକ ଘରୁ ଚୋରି ହୋଇଥିବା ୨ଟି ମୋବାଇଲ ଫୋନ୍‌କୁ ପୋଲିସ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ରେଣ୍ଟାଲ କଲୋନୀ ଅଞ୍ଚଳର କୁନା ପ୍ରଧାନ, ରଙ୍କନିଧି ବେହେରା ଏବଂ ସାଲିଆସାହି ଅଞ୍ଚଳର ହାପି ଦାସ। ଏମାନଙ୍କ ନିକଟରୁ ୨ଟି ଚୋରି ମୋବଇଲ ଫୋନ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ. ୨୫୮/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ତମାଖୁ କଟକଣା ଏବେ ବାଟବଣା

**କଟକ ଅଫିସ, ୩୧।୫**

ପ୍ରତିବର୍ଷ ଭାରତରେ ପାଖାପାଖି ଦୁଇ କୋଟି ବ୍ୟକ୍ତି ମୁଖଗହ୍ୱର କର୍କଟରେ ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଯୁବଗୋଷ୍ଠୀ ଓ ମହିଳାଙ୍କ ସଂଖ୍ୟା ସର୍ବାଧିକ। ପାନ, ସିଗାରେଟ୍, ବିଡ଼ି, ଗୁଟ୍‌ଖା ଏବଂ ଖଇନି ଆଦି ଏହାର ମୂଳ କାରଣ। କିନ୍ତୁ ତମାଖୁ ଉପରେ ଲାଗିଥିବା ସରକାରୀ କଟକଣା ଏବେ ବାଟବଣା। ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଶୁକ୍ରବାର ସକାଳୁ କଟକ ବରିଷ୍ଠ ନାଗରିକ ମହାସଭାର ସଦସ୍ୟମାନେ ଏ ନେଇ ସଚେତନତା ସୃଷ୍ଟି କରିଛନ୍ତି। ହାତରେ ତମାଖୁ ଛାଡ଼ନ୍ତୁ ସୁସ୍ଥ ରୁହନ୍ତୁ ଶୀର୍ଷକ ପ୍ଲାକାର୍ଡ ଧରି ବରିଷ୍ଠ ନାଗରିକମାନେ ମଙ୍ଗଳାବାଗ ଛକରୁ ବାହାରି ଆଇଏମ୍‌ଏ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲେ। ସେଠାରେ ଡା. କୃପାସିନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀ, ଡା. ଶକ୍ତି ଦାସ,




କଟକ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଉପଦେଷ୍ଟା ଓ ବରିଷ୍ଠ ଖବରଦାତା ଅରୁଣ ପଣ୍ଡା ଯୋଗଦେଇ ତମାଖୁ ସେବନର ଭୟାବହତା, ଏହାର ବ୍ୟବହାର ଏବଂ ନିରାକରଣ ଉପରେ କହିଥିଲେ। ଏହି ଅବସରରେ ଗୋଟିଏ ଭିଡ଼ିଓ ସୋ କରାଯାଇଥିଲା। ପାଶ୍ଚାତ୍ୟର 'ଦମ୍ ମାରୋ ଦମ୍' ସଂସ୍କୃତିରୁ ଆରମ୍ଭ ଭାରତର ଯୁବଗୋଷ୍ଠୀ ବର୍ତ୍ତମାନ ସିଗାରେଟ୍ ଗୁଟ୍‌ଖାର ଶିକାର ହୋଇଗଲେଣି। ଏଥିରେ ଥିବା ତମାଖୁରେ ୪୦୦୦ ରାସାୟନିକ ଦ୍ରବ୍ୟ ମିଶିଛି ଏବଂ ନିକୋଟିନ୍ ଏହାର ପ୍ରଧାନ ବିଷ। କିଛି ସମୟ ମନରେ ଉନ୍ମାଦ ଓ ଆନନ୍ଦ ଭାବ ଆଣୁଥିବା ହେତୁ ଏହା ଏକ ନିଶାରେ ପରିଣତ ହେଲାଣି। ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ନିରନ୍ତର ଚଢ଼ାଉ କରି ଅନେକ ମାତ୍ରାରେ ଗୁଟ୍‌କାର ବିକ୍ରୟ ବନ୍ଦ କରିଥିଲେ। ମାତ୍ର ଏହି ଚଢ଼ାଉ ଏବେ ବନ୍ଦ ରହିଛି। ଏଣୁ ସମସ୍ତେ ସଚେତନ ହେବା ସହ ପ୍ରତ୍ୟେକ ନାଗରିକ ପ୍ରଥମେ ନିଜ ଘର ଏବଂ କୁଟୁମ୍ବରୁ ତମାଖୁକୁ ନା କହିବା ଆରମ୍ଭ କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମହାସଭାର ୮୦ ଜଣ ସଦସ୍ୟ ଅଂଶଗ୍ରହଣ

**ବରିଷ୍ଠ ନାଗରିକମାନଙ୍କ ଉଦ୍‌ବେଗ**

କରିଥିଲେ। ଆଦିକନ୍ଦ ରାଉତ, ଏନ୍. ନୀଳାଦ୍ରି ରାଓ, ବାବୁଲିଧର ନାୟକ, ରାମଚନ୍ଦ୍ର ସାସମଲ୍ ସଭା ପରିଚାଳନା କରିଥିଲେ। ଆଇଏମ୍‌ଏ ସମ୍ପାଦକ ଡ. ଜନ୍ମେଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀ ସଦସ୍ୟଙ୍କୁ ସହଯୋଗ ପାଇଁ ପ୍ରଶଂସା କରିଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ମର୍କତ ନଗରଠାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ସମ୍ମିଳନୀର ସଭାପତି ଡା. ରବିରଞ୍ଜନ ସାହୁ କହିଥିଲେ, ପ୍ରତିବର୍ଷ ବିଶ୍ୱରେ ତମାଖୁ ସେବନ କାରଣରୁ ୭୦ ଲକ୍ଷ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଛି।



ସାବିତ୍ରୀ ବ୍ରତ ପାଇଁ କଟକ କ୍ୟାଣ୍ଟନମେଣ୍ଟ ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ବିଭିନ୍ନ କିସମର ଫଳକୁ ଶୁକ୍ରବାର ଗ୍ରାହକମାନେ କିଣୁଛନ୍ତି।

## କଟକ କଲେକ୍ଟୋରେଟର ୬ କର୍ମଚାରୀଙ୍କ ଅବସର ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୩୧।୫**

କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ୩ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ସୁମିତ୍ରା ତ୍ରିପାଠୀ, ସୁଭାସିନୀ ମହାନ୍ତି, ଅନ୍ତର୍ଯାମୀ ପଣ୍ଡା ଓ ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର କୁମାର ବେହେରା, କୁଳମଣି ବାରିକ ଓ ଶୈଳ ଦାସ ଶୁକ୍ରବାର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଜିଲା କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଶ୍ରୀକାନ୍ତ ତରାଇ ଯୋଗଦେଇ ୬ଜଣ କର୍ମଚାରୀଙ୍କୁ ଅବସରକାଳୀନ ପ୍ରୋଭିଜନାଲ ପେନ୍‌ସନ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଡେପୁଟି କଲେକ୍ଟର (ଭୂଅର୍ଜନ) ସୋମନାଥ ମାଝି, ଡେପୁଟି କଲେକ୍ଟର (ରାଜସ୍ୱ) ଅନିତା ପାତ୍ର, ବିଶ୍ୱମୋହନ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ରାଜସ୍ୱପର୍ଷଦ ଅଧୀନ ଚକବନ୍ଦୀ ନିର୍ଦ୍ଦେଶାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ରମେଶ ଚନ୍ଦ୍ର ସାହୁ ଶୁକ୍ରବାର ସରକାରୀ ଚାକିରିରୁ ଅବସରଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଚକବନ୍ଦୀ ନିର୍ଦ୍ଦେଶାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।



ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ଲୋକନୃତ୍ୟ।

## ବନ ବିଭାଗର ବୃକ୍ଷ ପ୍ରତିରୋପଣ ଅଭିଯାନ

**ଚୌଦ୍ୱାର,୩୧।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ଭାଙ୍ଗି ପଡ଼ିଥିବା ଗଛଗୁଡିକୁ ଚୌଦ୍ୱାର ବନବିଭାଗ ପକ୍ଷରୁ ପ୍ରତିରୋପଣ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୂଚନା ଅନୁଯାୟୀ, ପୁରୁଣା କଟକ-ସମ୍ବଲପୁର ରାସ୍ତାର ଧୂମାବତୀଠାରୁ ଧବଳେଶ୍ୱର ପର୍ଯ୍ୟନ୍ତ ୫ବର୍ଷ ଭିତରେ ବନବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା। ଗଛଗୁଡିକ ବୃଦ୍ଧିପାଇ ପଥଚାରୀଙ୍କୁ ଛାଇ ପ୍ରଦାନ କରୁଥିଲା । ଏବେ ବି ଗଛଗୁଡିକ ଜୀବିତ ଥିବାରୁ ଶୁକ୍ରବାର ଉକ୍ତ ରାସ୍ତା କଡରେ ଯେଉଁ ବଡବଡ ଗଛ ଉପୁଡି ପଡିରହିଥିଲା ତାକୁ ମେଶିନ ସାହାଯ୍ୟରେ ପୁନର୍ବାର ପୋତାଯାଇଛି। ଆଗାମୀ ଦିନରେ ବନବିଭାଗ ପକ୍ଷରୁ ଅନ୍ୟାନ୍ୟ ଅଞ୍ଚଳରେ ଉପୁଡି ପଡିଥିବା ଗଛକୁ ପୁନରୁଦ୍ଧାର କରାଯିବ ବୋଲି ଚୌଦ୍ୱାର ଫରେଷ୍ଟର ରବିନାରାୟଣ ମହାନ୍ତି କହିଛନ୍ତି। ଫରେଷ୍ଟ ଗାର୍ଡ ଭଗବାନ ପଲେଇ, ଚନ୍ଦ୍ରକାନ୍ତ ସାମଲଙ୍କ ସମେତ ବନକର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ୟାସ ଲିକ୍ ଘଟଣାର ତଦନ୍ତ ଆରମ୍ଭ

**କଟକ ସଦର,୩୧।୫(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ ବିଶ୍ୱାଳପଡ଼ା ଗ୍ରାମରେ ଥିବା ଏକ ଶୀତଳଭଣ୍ଡାରରୁ ଗୁରୁବାର ରାତିରେ ଗ୍ୟାସ ଲିକ୍ ହୋଇଥିବା ଜଣାପଡିଥିଲା। ଖବରପାଇ ଶୁକ୍ରବାର କିଶନନଗର ତହସିଲଦାର ସୁଚେତା ମହାପାତ୍ର ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଏହା ସହ ନିର୍ମାଣସ୍ଥଳୀକୁ ଯାଇ ଘଟଣା ସମ୍ପର୍କରେ ବୈଷୟିକ କର୍ମଚାରୀଙ୍କଠାରୁ ପଚାରି ବୁଝିଥିଲେ। ଶୀତଳଭଣ୍ଡାର ନିର୍ମାଣ ସମ୍ପର୍କୀୟ ସମସ୍ତ କାଗଜପତ୍ର ତହସିଲ କାର୍ଯ୍ୟାଳୟରେ ଦାଖଲ ପାଇଁ ତହସିଲଦାର ମହାପାତ୍ର ଶୀତଳ ଭଣ୍ଡାର ମାଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିଶନନଗର ତହସିଲ ଅଞ୍ଚଳର କୃଷିଜାତ ଦ୍ରବ୍ୟ ମହଜୁଦ ରଖିବା ପାଇଁ ଏହି ଶୀତଳ ଭଣ୍ଡାରର ନିର୍ମାଣ କରାଯାଇଛି। ପ୍ରକାଶଯେ, ଗୁରୁବାର ରାତିରେ ଗ୍ୟାସ ଲିକ୍ ଖବରପାଇ କିଶୋନଗର ଥାନା ଅଧିକାରୀ ବାମଦେବ ସ୍ୱାଇଁ ଓ ରଘୁନାଥପୁରର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। କିଛି ସମୟ ମଧ୍ୟରେ ଲିକ୍‌କୁ ବନ୍ଦ କରିଦିଆଯାଇଥିଲା। ଏଥିରେ କୌଣସି କ୍ଷତି ଘଟିନାହିଁ ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଗ୍ୟାସ ଲିକ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# କଥକ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

**କଟକ ଅଫିସ,୩୧।୫**

**୧୪ତମ ମହାନଦୀ ଫେଷ୍ଟିଭାଲ**

ଶୁକ୍ରବାର ଥିଲା ୧୪ତମ ମହାନଦୀ ଫେଷ୍ଟିଭାଲର ଷଷ୍ଠ ସନ୍ଧ୍ୟା। କଥକ ଓ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଏହି ସନ୍ଧ୍ୟା ବେଶ୍ ମନଲୋଭା ଥିଲା। ପଶ୍ଚିମବଙ୍ଗରୁ ଆସିଥିବା ଚୈତାଳୀ ଦାସ ଓ ସାଥୀ କଳାକାରଙ୍କ କଥକ ନୃତ୍ୟ ସହିତ ସମ୍ବଲପୁରର କଳାକେନ୍ଦ୍ରର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଶେଷରେ କଟକର ଫଙ୍କ ଫାକ୍ଟ୍ରି ଡ୍ୟାନ୍ସ ଷ୍ଟୁଡିଓ ଦ୍ୱାରା ପରିବେଷିତ କ୍ରିଏଟିଭ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ଦ୍ୱାରା ପ୍ରାୟୋଜିତ ଷଷ୍ଠ ସନ୍ଧ୍ୟାକୁ ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିବା ସହ ମତବ୍ୟକ୍ତ କରିଥିଲେ। ସେଣ୍ଟ ଜାଭିୟର ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥିଭାବେ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସାମାଜିକକର୍ମୀ ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଓ ମହାନଦୀ ଫେଷ୍ଟିଭାଲର ଉପସଭାପତି ଶୋଭେନ ରାୟ ତଥା ଅକ୍ଷୟ କୁମାର ଶତପଥୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁବ ସ୍ଥପତି ବିଭୁକ୍ତି ଭୂଷଣ ମହାପାତ୍ର ଓ କୀର୍ତ୍ତି ଯୋଗଦର୍ଶିନୀଙ୍କୁ ମହାନଦୀ ଫେଷ୍ଟିଭାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ସିବିଏସଇ ଦ୍ୱାଦଶ ପରୀକ୍ଷାରେ କଟକରେ ସର୍ବାଧିକ ମାର୍କ ରଖିଥିବା ଲାଜପତ୍ ରାୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ପୁଷନ ମହାପାତ୍ର ଓ ବୈଭବ ଗନତ୍ରାଙ୍କୁ ବିଦ୍ୟାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କୀର୍ତ୍ତିକା ସାହୁ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ। ଆରମ୍ଭରେ ମହାନଦୀ ଫେଷ୍ଟିଭାଲର ସମ୍ପାଦକ ତଥା ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା ମଞ୍ଜୁଶ୍ରୀ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ଅଶୋକ ନନ୍ଦ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ

**କଟକ ଅଫିସ/ ଚୌଦ୍ୱାର,୩୧।୫(ଡି.ଏନ୍.ଏ.)**

ଜିଲା ତମାଖୁ ନିୟନ୍ତ୍ରଣ କକ୍ଷ, ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଜିଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷରେ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାର ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କକ୍ଷର ମୁଖ୍ୟ ଡ. ନୃସିଂହ ଚନ୍ଦ୍ର ବେହେରା ଯୋଗଦେଇ ତମାଖୁ ବର୍ଜନ ଦିବସ ୨୦୧୯ର ବାର୍ତ୍ତା 'ତମାଖୁ ଓ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ' ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭକ୍ତମୋହନ ସ୍ୱାଇଁ ତମାଖୁ ଓ ଯକ୍ଷ୍ମା ରୋଗ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଆଶା କର୍ମୀଙ୍କ ମଧ୍ୟରେ ତମାଖୁ ବର୍ଜନ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ତମାଖୁର କୁପରିଣାମ ତଥା ଭୟାବହତା ସମ୍ପର୍କରେ ସଚେତନତା ନିମନ୍ତେ ଏକ ଦସ୍ତଖତ ଅଭିଯାନ ହୋଇଥିଲା।

ଚୌଦ୍ୱାର ପ୍ରେସ୍ କ୍ଲବ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । କ୍ଲବ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଯକ୍ଷ୍ମା ଓ ଛାତିରୋଗ ବିଶେଷଜ୍ଞ ଡା. ଯଦୁନାଥ ଦାସ, କୈଳାସ ଚନ୍ଦ୍ର ବରାଳ, ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ସୁଧାକର ସାମନ୍ତରାୟ, ଏସ୍.କେ.ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ତମାଖୁ ସେବନର କୁପ୍ରଭାବ ଉପରେ ଆଲୋଚନା କରିଥିଲେ। ଖବରଦାତା ପ୍ରକାଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସାମାଜିକକର୍ମୀ ସହଦେବ ବରାଳ, କେ.ସି. ପ୍ରତାପସିଂହ, ଶିବ ପ୍ରସାଦ ପତି, ପ୍ରଗତି ଭୂୟାଁ, ବର୍ଷାରାଣୀ ରାଉତରାୟ, ସୁରେଶ ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏନ୍‌ଆର୍‌ଆର୍‌ଆଇରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୩୧।୫**

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ବାର୍ଷିକ ଧାନ ଗବେଷଣା ଉପରେ ଆଧାରିତ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ଅନୁଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରିଶଙ୍କର ଗୁପ୍ତା ଯୋଗଦେଇ ଧାନ ଉପରେ ଗବେଷଣାରତ ସମସ୍ତ ବୈଜ୍ଞାନିକଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଗୁପ୍ତା କହିଥିଲେ, ଧାନର ଉତ୍ପାଦନ ୧୯୫୦ରେ ୨୦ମିଲିୟନ୍ ଟନ୍ ଥିଲା। ୨୦୧୮ ରେ ତାହା ୧୧୩ମିଲିୟନ୍ ଟନ୍‌ରେ ପହଞ୍ଚିଛି। ଏହା କେବଳ ଉଚ୍ଚସ୍ତରରେ ଗବେଷଣା ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଚାଇନା, ବାଂଲାଦେଶ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆରେ ଉତ୍ପାଦକତା ଅଧିକ ଥିବା ସମୟରେ ଭାରତବର୍ଷରେ ଧାନରେ




ଧାନ ଗବେଷଣା ଉପରେ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଉତ୍ପାଦକତା କେବଳ ହେକ୍ଟର ପିଛା ହାରାହାରି ୨.୫ଟନ୍ । ଏହାକୁ ବଢ଼ାଇବା ନିହାତି ଆବଶ୍ୟକ। ଦେଶରେ ବର୍ତ୍ତମାନର ଧାନ ଉତ୍ପାଦନ ପ୍ରାୟ ୧୧୩ମିଲିୟନ୍ ଟନ୍ ଥିବା ବେଳେ ୨୦୩୦ରେ ୧୩୦ମିଲିୟନ୍ ଟନ୍ ଆବଶ୍ୟକତା କିପରି ପୂରଣ କରାଯାଇପାରିବ ସେ ନେଇ ପଦକ୍ଷେପ ନେବା ପାଇଁ ଗୁପ୍ତା ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହ ମହାନିର୍ଦ୍ଦେଶକ(ବିହନ) ଡ. ଡି.କେ. ଯାଦବ ସମ୍ମାନନୀୟ ଅତିଥି ଓ ବୈଜ୍ଞାନିକ ଡ. ଦୀନେଶ କୁମାର ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଏଠାରେ ଚାଲିଥିବା ଗବେଷଣା ଉପରେ ସୂଚନା ପ୍ରଦାନ କରିଥିଲେ। ହାଇଦ୍ରାବାଦରେ ଅବସ୍ଥିତ ଭାରତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଏସ୍.ଆର.ଭୋଲେଟି ଆଲୋଚନାଚକ୍ରର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଶେଷରେ ଭାରତୀୟ ଧାନ ଗବେଷଣା ଅନୁଷ୍ଠାନର ବିଭାଗୀୟ ମୁଖ୍ୟ ଡ. କଟି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ବିଭାଗୀୟ ମୁଖ୍ୟ ଡ. ଜେ.ଏନ୍. ରେଡ୍ଡୀ ପରିଚାଳନା କରିଥିଲେ।



ପବିତ୍ର ରମ୍‌ଜାନ ମାସର ଶେଷ ଶୁକ୍ରବାରରେ କଟକ ବାରବାଟୀ ଦୁର୍ଗ ପରିସରରେ ଥିବା ମସ୍‌ଜିଦ୍‌ରେ ଅନୁଷ୍ଠିତ ସାମୂହିକ ନମାଜ ପାଠ।




ବାବୁଲାଲ ଦୋଶୀଙ୍କ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ
- ସେନେକା

## ସଂକ୍ଷେପରେ

### ଜଳରେ ଯୋଗ: ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ



ଖୋର୍ଦ୍ଧା ଅଫିସ,୩୧।୫:ମନ୍ଦାକିନୀ ନଦୀର ଜଙ୍କିଆ ଅଞ୍ଚଳରେ ଜଳରେ ଯୋଗ କରି ଭାରତର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଟାଙ୍ଗୀ ବ୍ଲକ ସରପାରି ଗାଁର ସୁଦାମ ଚରଣ ସାହୁ ଛାତିରେ ୩ଟି ଦୀପ ଓ ମୁଣ୍ଡରେ ଗୋଟିଏ ଦୀପ ରଖି ଦୁଇ ହାତରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଫଟୋକୁ ବହୁ ସମୟ ଧରି ରଖିଥିଲେ। ଏହା ଦେଖିବାକୁ ପ୍ରବଳ ଭିଡ ଜମିଥିଲା।

### ଟ୍ରେନରେ ଶ୍ରମିକଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ

ବାଲୁଗାଁ,୩୧।୫(ଡି.ଏନ.ଏ.)- ପରିବାର ପ୍ରତିପୋଷଣ ନିମନ୍ତେ ସ୍ଥାନୀୟ ଅଞ୍ଚଳର ଜଣେ ଓଡ଼ିଆ ଶ୍ରମିକ ଛତିଶଗଡ଼ର ଜଗଦଲପୁର ଯାଉଥିବା ବେଳେ ଟ୍ରେନରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ସେ ହେଲେ ସ୍ଥାନୀୟ ବଡ଼କୁଳ ଗ୍ରାମର ଲଡୁ କିଶୋର ପାଇକରାୟଙ୍କ ପୁଅ ଅର୍ଜୁନ ପାଇକରାୟ(୪୮) । ତେବେ ପରିବାର ଲୋକେ ଅର୍ଜୁନଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ଅଭିଯୋଗ ଆଣିଛନ୍ତି। ଅର୍ଜୁନ ଗତ ବୁଧବାର ପୁରୀ-ହବିବ୍‌ଗଞ୍ଜ ଏକ୍ସପ୍ରେସ୍ ଯୋଗେ ସହକର୍ମୀଙ୍କ ସହ ଯାତ୍ରା ଆରମ୍ଭ କରିଥିଲେ। ତେବେ ଗୁରୁବାର ପୂର୍ବାହ୍ନରେ ଟ୍ରେନଟି ଜଗଦଲପୁର ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଅସହ୍ୟ ଗୁଲୁଗୁଲି ଯୋଗୁ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ । ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ସହକର୍ମୀ ତାଙ୍କୁ ଚିକିତ୍ସା ପାଇଁ ରେଳବାଇ ପୋଲିସ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଳବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ଏହା ଗ୍ରାମରେ ଆସି ପହଞ୍ଚିଛି। ଏକମାତ୍ର ରୋଜଗାରକ୍ଷମ ପୁତ୍ରକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମୃତ୍ୟୁର କାରଣ ନେଇ ତଦନ୍ତ କରିବା ସହିତ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ରାଜ୍ୟସ୍ତରୀୟ ସନ୍ତରଣରେ ପୁରୀରୁ ୧୦ଖେଳାଳି

ପୁରୀ ଅଫିସ, ୩୧।୫: ଆସନ୍ତା ଜୁନ ୧ ଓ ୨ ତାରିଖ ଦୁଇ ଦିନ ବ୍ୟାପୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସନ୍ତାରଣାଗାରଠାରେ ୬୦ତମ ଓଡ଼ିଶା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ପକ୍ଷରୁ ୧୦ଜଣ ଖେଳାଳି ଅଂଶଗ୍ରହଣ କରିବେ।

■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ୭ଦିନ ମଧ୍ୟରେ ଦାଖଲ ହେବ କଣ୍ଟିଜେଣ୍ଟ ପ୍ଲାନ

**ଖୋର୍ଦ୍ଧା ଅଫିସ,୩୧।୫**



ଜିଲାସ୍ତରୀୟ ବୈଠକରେ ଉପସ୍ଥିତ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ।

ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଶୁକ୍ରବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ବାତ୍ୟା ଫନୀରେ ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ସମେତ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ ଓ ସମନ୍ୱୟ ନିହାତି ଆବଶ୍ୟକ ବୋଲି ବିଧାୟକମାନେ ମତ ରଖିଥିଲେ। ତେବେ ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧଗୁଡ଼ିକର ଯୁଗ୍ମ ତଦନ୍ତ ଜଳସେଚନ ବିଭାଗ ଓ ସ୍ଥାନୀୟ ତହସିଲଦାରମାନେ ଜୁନ ୧୦ ତାରିଖ ସୁଦ୍ଧା କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧଗୁଡ଼ିକର ମରାମତି କାର୍ଯ୍ୟ ମୌସୁମୀ ଆସିବା ପୂର୍ବରୁ ଶେଷ କରିବାକୁ ଅନୁରୂପ ନିର୍ଦ୍ଦେଶ ରହିଛି। ପୁଣି ନଦୀ, ଜଳ ନିଷ୍କାସନ ନାଳ ଓ କେନାଲଗୁଡ଼ିକରୁ ଦଳ ସଫା କରିବାକୁ କୁହାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଓ ଅନ୍ୟ ସହରାଞ୍ଚଳରୁ ଜମି ରହିଥିବା ବର୍ଷାଜଳକୁ ତୁରନ୍ତ ନିଷ୍କାସନ କରିବାକୁ ଡ୍ରେନେଜ ବିଭାଗକୁ ନିର୍ଦ୍ଦେଶ ରହିଛି। ବିଡିଓ, ପୌର ସଂସ୍ଥାର ନିର୍ବାହୀ ଅଧିକାରୀ, ସିଡିଏମ୍‌ଓ, ସିଡିଭିଓ, କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମେତ ଇଞ୍ଜିନିୟରିଂ ବିଭାଗଗୁଡ଼ିକ ବାତ୍ୟା ଓ ବନ୍ୟାର ପ୍ରତିକାର ଉଦ୍ଦେଶ୍ୟରେ କଣ୍ଟିଜେଣ୍ଟ ପ୍ଲାନ ୭ ଦିନ ମଧ୍ୟରେ କରିବାକୁ ପରାମର୍ଶ ରହିଛି। ବାତ୍ୟା ଓ ବନ୍ୟା ସମୟରେ ଡଙ୍ଗା ମୁତୟନ କରିବା ନିମନ୍ତେ ଚିଲିକା ଡଙ୍ଗା ମାଲିକମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ସହଯୋଗ କରିବାକୁ ଆବଶ୍ୟକ ଖାଦ୍ୟ ପଦାର୍ଥ ଗଚ୍ଛିତ କରି ରଖିବାକୁ କୁହାଯାଇଛି। ଆରଡବ୍ଲ୍ୟୁଏସଏସ୍, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଓ ପ୍ରାଣୀ ବିଭାଗ ମଧ୍ୟ ତତ୍ପର ରହି ଅନୁରୂପ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ପାଇଁ ବ୍ଲକ, ବିଜ୍ଞାପିତ ଅଞ୍ଚଳ ଓ ପୌରାଞ୍ଚଳକୁ ଗୋଟିଏ ଲେଖାଏ ସର୍କଲରେ ବିଭକ୍ତ କରାଯାଇଛି। ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ସରକାରୀ ଓ ଅଣ ଆନୁଷ୍ଠାନିକ ସଂସ୍ଥାର କର୍ମକର୍ତ୍ତାମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ରିଲିଫ୍ ଦଳ ଗଠନ କରିବାକୁ ନିର୍ଦ୍ଦେଶ ରହିଛି। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସରବରାହ ଓ ଟେଲିଫୋନ ସେବାକୁ ଚାଲୁ ରଖିବା ଉଦ୍ଦେଶ୍ୟରେ ପଦକ୍ଷେପ ନେବାକୁ ଅନୁରୂପ ନିର୍ଦ୍ଦେଶ ରହିଛି। ପୁଣି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଉଦ୍ଦେଶ୍ୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଜୁନ ୧ରୁ ନଭେମ୍ବର ପର୍ଯ୍ୟନ୍ତ କାମ କରିବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏସ୍‌ପି, ପିଡି ଡିଆରଡିଏ, ଖୋର୍ଦ୍ଧା ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ରାହାଜାନି

# ଯୁବକ ଆହତ, ଏତଲା ରଖିବାକୁ ପୋଲିସର ପଛଘୁଞ୍ଚା

**ବେଗୁନିଆ,୩୧।୫ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଇଲାକାରେ ଦିନକୁଦିନ ଦୁର୍ବୃତ୍ତମାନଙ୍କର ଛିନ୍ତାଇ, ଲୁଟ୍, ଗୁଳିମାଡ ଆଦି ଘଟଣା ବଢିବାରେ ଲାଗିଛି। ବିଶେଷକରି ଦୁର୍ବୃତ୍ତମାନେ ଜାତୀୟ ରାଜପଥ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କ ଉପରେ ଦାଉ ସାଧୁଛନ୍ତି। ତେବେ ପୋଲିସର ପାଟ୍ରୋଲିଂ ଢିଲାକୁ ଲୋକେ ଦାୟୀ କରୁଛନ୍ତି। ଏଥିସହ ଯଦି କୌଣସି ସ୍ଥାନରେ ସାଧାରଣ ଲୋକେ ଦୁର୍ବୃତ୍ତମାନଙ୍କ ଶିକାର ହୋଇ ଥାନାର ଦ୍ୱାରସ୍ଥ ହୁଅନ୍ତି ତେବେ ପୋଲିସ ଏତଲା ରଖିବାକୁ ପଛଘୁଞ୍ଚା ଦେଇଥାଏ। ପରେ ଚାପର ବଶବର୍ତ୍ତୀ ହୋଇ ଏଫ୍‌ଆଇଆର ରଖିଥାଏ। ହେଲେ ତଦନ୍ତକୁ ଅବହେଳା କରିଥାଏ। ଏଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବାକୁ ପଛେଇ ନାହାନ୍ତି ଆହତ ଯୁବକ କୃଷ୍ଣଚନ୍ଦ୍ର ସୁବୁଦ୍ଧି ଏବଂ ତାଙ୍କ ସହିତ ଆସିଥିବା ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ।

ବୋଲଗଡ ଗ୍ରାମର କୃଷ୍ଣଚନ୍ଦ୍ର ଗୁରୁବାର ରାତି ପ୍ରାୟ ୧୦ଟା ୪୦ମିନିଟ୍‌ରେ ଭୁବନେଶ୍ୱରରୁ ନିଜ ବ୍ୟବସାୟିକ କାମ ସାରି ଘରକୁ ଫେରୁଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅଧୀନ ଚିକୋଟାଳ ଛକ ନିକଟରେ କୃଷ୍ଣଚନ୍ଦ୍ରଙ୍କୁ ୩ ଜଣ ଯୁବକ ଏକ ବାଇକ୍ ଯୋଗେ ଆସି ଅଟକାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଟଙ୍କା ଏବଂ ସୁନା ଚେନ ଆଦି କ'ଣ ରଖିଛ ଦେବାକୁ ମାଗିଥିଲେ। ହେଲେ କୃଷ୍ଣଚନ୍ଦ୍ର ରାଜି ହୋଇ ନ ଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଦୁର୍ବୃତ୍ତମାନଙ୍କର ମାରଣାସ୍ତ୍ର ଦ୍ୱାରା ଶିକାର ହୋଇଥିଲେ କୃଷ୍ଣଚନ୍ଦ୍ର। ବିପରୀତ ଦିଗରୁ ଏକ ବସ୍ ଆସୁଥିବା ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ହେଲେ କୃଷ୍ଣଚନ୍ଦ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ତାଙ୍କଠାରୁ କେବଳ ମୋବାଇଲ ଛଡାଇ ନେଇ ପଳାଇଥିଲେ। ଏଥିସହ ବାଇକ୍‌ଟିକୁ ଭାଙ୍ଗିରୁଜି ଦେଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ଦୁର୍ବୃତ୍ତମାନଙ୍କୁ ଗୋଡାଇଥିଲେ। ହେଲେ ସେମାନେ ନୟାଗଡ ଅଭିମୁଖେ ପଳାଇଥିଲେ। କୃଷ୍ଣଚନ୍ଦ୍ର ଶୁକ୍ରବାର ପୂର୍ବାହ୍ନରେ ବେଗୁନିଆ ଥାନାକୁ ଆସି ଜଣେ ଏଏସ୍‌ଆଇଙ୍କୁ ଏତଲା ଦେଇଥିଲେ। ଏଭଳି ଅନେକ ମିଥ୍ୟା ଘଟଣା ଆମ ପାଖକୁ ଆସୁଛି ବୋଲି କହି ପୋଲିସ ବାବୁ ଜଣଙ୍କ ତାଙ୍କୁ ଫେରାଇ ଦେଇଥିଲେ। ପରେ ଚାପରେ ପଡି ପୋଲିସ ଏତଲା ରଖିଥିଲା। ଏତଲା ରଖିଥିବା ଏଏସ୍‌ଆଇଙ୍କୁ ଆମ ପକ୍ଷରୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଏତଲା ରଖାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

# ବେଆଇନ ମଦ କାରବାର ରୋକିବାକୁ ମହିଳାଙ୍କ ପହରା



କଣ୍ଟାବାଡ ବଜାରରେ ବିଳମ୍ବିତ ରାତିରେ ମହିଳାମାନେ କଡା ପହରା ଦେଉଛନ୍ତି ।

**ବେଗୁନିଆ,୩୧।୫ (ଡି.ଏନ.ଏ.)**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଧୀନ ଅଞ୍ଚଳରେ ଏବେ ପ୍ରଚୁର ପରିମାଣରେ ପୋଚ, ଦେଶୀ ରନ୍ଧା ମଦ ସହ ବିଦେଶୀ ବେଆଇନ ମଦ କାରବାର ସୀମା ଟପିଛି। ବିଶେଷକରି ଗାଁ ଗଣ୍ଡାରେ ଏହି କାରବାର ବ୍ୟାପକ ହୋଇଛି। ଏଥିଯୋଗୁ ପାରିବାରିକ ବିଶୃଙ୍ଖଳା ବଢୁଛି। ରାସ୍ତାଘାଟରେ ନାରୀ ନିର୍ଯାତନା ଏବଂ ଘରେ ପଶି ଚୋରି ଆଦି ଘଟଣା ବଢି ଚାଲିଛି। ଏଥିଯୋଗୁ ମଧ୍ୟ ଗାଁ ଗହଳିରେ ବସବାସ କରୁଥିବା ଗରିବ ଲୋକମାନଙ୍କର ପରିବାରରେ ଦୈନନ୍ଦିନ ବିଶୃଙ୍ଖଳା ଦେଖାଦେଉଛି ବୋଲି ମହିଳାମାନଙ୍କ ପକ୍ଷରୁ ଆଭାସ ମିଳୁଛି। ଏବେ ସଚେତନ ହେବାର ବେଳ ଆସିଛି କହି ଆସ ଭଉଣୀମାନେ ସମସ୍ତେ ଏକ ହେବା ବୋଲି ଡାକରା ଦିଆଯାଉଛି। ବେଆଇନ ମଦ କାରବାର ରୋକିବାକୁ ମହିଳାମାନଙ୍କ ପକ୍ଷରୁ କଡା ପହରା ଠେଙ୍ଗା ଧରି ଦିଆଯାଉଛି। ହାତଗୁଞ୍ଜା ନେଇ ପୋଲିସ ବେପାରୀଙ୍କୁ ଅନୁକମ୍ପା ଦେଖାଉଛି। ତେବେ ଆମେ ପୋଲିସର କାମ କରି ଏହି ମଦ କାରବାରକୁ ସ୍ଥାନୀୟ ଅଞ୍ଚଳରୁ ହଟେଇ ଦେବା। ଏଭଳି ଏକ ମହତ ସଚେତନ ବାର୍ତ୍ତା ନେଇ ବୁଲୁଛନ୍ତି କଣ୍ଟାବାଡ ଅଞ୍ଚଳର ମହିଳାମାନେ। ଗତ ୫ ଦିନ ହେଲା ସେମାନେ ଏହି କାରବାରକୁ ରୋକିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଏହି ଘଟଣାରେ ମଧ୍ୟ ଜଣେ ବ୍ୟବସାୟୀଙ୍କୁ ଧରିବା ସହ ତାଙ୍କଠାରୁ ୫୦ ଲିଟର ଦେଶୀ ମଦ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏଥିସହ ପାଳି କରି ମହିଳାମାନେ ମଦ ବେପାରୀ ଓ ସେବନ କରୁଥିବା ଯୁବପିଢିଙ୍କୁ ପାନେ ଦେବାକୁ ସନ୍ଧ୍ୟା ନଇଁଲେ ଠେଙ୍ଗା ଧରି ବିଳମ୍ବିତ ରାତି ପର୍ଯ୍ୟନ୍ତ କଡା ପହରା ଦେଉଛନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବେପାରୀମାନଙ୍କ ମହଲରେ ଭୟ ସଞ୍ଚାର ହୋଇଛି। ଅନ୍ୟପକ୍ଷରେ କେବଳ କଣ୍ଟାବାଡ ପଞ୍ଚାୟତ ଅଞ୍ଚଳରେ ମଦ କାରବାରକୁ ରୋକିବାକୁ ମହିଳାମାନେ ସିନା ଆଗକୁ ବାହାରିଛନ୍ତି ହେଲେ ଅନ୍ୟ ଗ୍ରାମରେ ବେପାର ବୃଦ୍ଧି ପାଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ତେବେ ଏହି ଥାନା ଅଞ୍ଚଳର ଗାଁ ଗହଳିରେ ଦେଖା ଦେଇଥିବା ମଦ କାରବାରକୁ ରୋକିବାକୁ ସମସ୍ତ ଗ୍ରାମର ମହିଳାମାନେ ଅଣ୍ଟା ଭିଡନ୍ତୁ ବୋଲି ସଂଘର ସଭାନେତ୍ରୀ ସୁମିତ୍ରା ପାଣିଗ୍ରାହୀ ଏବଂ ସମ୍ପାଦିକା ବାସନ୍ତି ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି।

# ରାଶନ କାର୍ଡ ନ ଥିବା ପରିବାରକୁ ମିଳିଲା ଫନୀ ସହାୟତା

**କୃଷ୍ଣପ୍ରସାଦ,୩୧।୫(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀଙ୍କୁ ରାଶନ କାର୍ଡ ନ ଥିବାରୁ ଫନୀ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବାତ୍ୟା ଯୋଗୁ ସମସ୍ତେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କେବଳ ରାଶନ କାର୍ଡଧାରୀଙ୍କୁ ପଲିଥିନ୍, କିରୋସିନ, ଚାଉଳ ଓ ୨ ହଜାର ଟଙ୍କା ରିଲିଫ୍ ମିଳିଥିଲା। ତେବେ ଅନ୍ୟମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ସରକାର ବାତ୍ୟା ପୀଡ଼ିତ ଅଞ୍ଚଳବାସୀଙ୍କ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ଷତିଗ୍ରସ୍ତ ବ୍ଲକବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ଓ ୫୦ କେଜି ଚାଉଳ ପ୍ରଦାନ କରାଯାଇଛି। ଏହାବ୍ୟତୀତ ଗୃହ ହରାଇଥିବା କ୍ଷତିଗ୍ରସ୍ତ ଓ ଚାଳଛପର ଥିବା ଲୋକଙ୍କୁ ପକ୍କାଘର ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବର ଅଶ୍ୱତ୍ଥ ବିବାହ



ବର ଅଶ୍ୱତ୍ଥ ଗଛ ବିବାହ ଅନୁଷ୍ଠିତ ହୋଇଯାଇଛି ।

**ଖୋର୍ଦ୍ଧା ଅଫିସ,୩୧।୫:**

ଖୋର୍ଦ୍ଧା ସହରରେ ସାମୁଦ୍ରିକ ବାତ୍ୟା ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବଡ ବଡ ବର ଓ ଅଶ୍ୱତଥ୍ ଗଛ ଉପୁଡି ପଡିଛି। ଏପରି କି ସହରର ସୁନ୍ଦରୀ ବରଗଛ ପରି ବହୁ ପୁରୁଣା ଗଛ ସବୁ ଉପୁଡି ପଡିଥିଲା। ମୋଟାମୋଟି ଭାବେ ସହରରେ ବର ଓ ଅଶ୍ୱତଥ୍ ଗଛ ଦେଖିବାକୁ ମିଳୁନି। ଏଭଳିସ୍ଥଳେ ବର ଓ ଅଶ୍ୱତଥ୍ ଗଛ ମଧ୍ୟରେ ବିବାହ କରାଇ ଲୋକମାନଙ୍କୁ ଗଛ ଲଗାଇବା ଉପରେ ସଚେତନତା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଶୁକ୍ରବାର ଖୋର୍ଦ୍ଧା ସହରର ଗୁରୁଜଙ୍ଗରେ ବର ଅଶ୍ୱତଥ୍ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଉପରସାହିର ଗୋଲଖ ବିହାରୀ ହାତୀ ବରଗଛ ପକ୍ଷରୁ ଓ ଶାନ୍ତି ଅଶ୍ୱତଥ୍ ଗଛ ପକ୍ଷରୁ ବିବାହ କରାଇଥିଲେ। ବାଜା, ବାଣ, ରୋଶଣି, ହୁଳହୁଳି ଓ ବ୍ରାହ୍ମଣଙ୍କ ମନ୍ତ୍ରପାଠରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ସ୍ଥାନୀୟ ବାସିନ୍ଦା, ପରିବେଶବିତ ଏଥିରେ ସହଯୋଗ କରିଥିଲେ। ଯଦିଓ ବର ଓ ଅଶ୍ୱତଥ୍ ବିବାହ କୁହାଯାଉଛି ତେବେ ବରଗଛ ସହ ଦୁବ ଓ ଅଶ୍ୱତଥ୍ ଗଛ ସହ ତୁଳସୀ ଗଛର ବିବାହ ହୁଏ।

# ଓରବରସିଂହ ପଞ୍ଚାୟତ ତାଲା ଭାଙ୍ଗିବା ନେଇ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୩୧।୫:**

ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତରେ ତାଲା ଭାଙ୍ଗିବା ନେଇ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଛି। ପୂର୍ବରୁ ଏଠାରେ କୋର୍ଟ ରାୟ ଆଧାରରେ ସରପଞ୍ଚ ଲୋକନାଥ ପଟ୍ଟନାୟକ ପଦବୀ ହରାଇଥିଲେ। ପରାଜିତ ପ୍ରାର୍ଥୀ ସଞ୍ଜୟ ରାଠସିଂ ସରପଞ୍ଚ ଭାବେ କାର୍ଯ୍ୟ କରିବାକୁ କୋର୍ଟ ନିର୍ଦ୍ଦେଶ ପରେ ଦାୟିତ୍ୱ ନେଇଥିଲେ। ତେବେ ଏଠାରେ ପୂର୍ବତନ ଓ ବର୍ତ୍ତମାନର ସରପଞ୍ଚଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ହେଲେ ତାଲା କିଏ ଭାଙ୍ଗିଲା ଜଣାପଡିନି। କିନ୍ତୁ ସରପଞ୍ଚ ସଞ୍ଜୟ ରାଠସିଂଙ୍କ ଅଭିଯୋଗ ଅନୁସାରେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ତାଲା ଭଙ୍ଗା ଯାଇଛି। ଥାନାରେ ଅଭିଯୋଗ କଲେ ସୁଫଳ ମିଳୁନି। ଘଟଣା ସମ୍ପର୍କରେ ପୂର୍ବତନ ସରପଞ୍ଚ ଲୋକନାଥ ପଟ୍ଟନାୟକଙ୍କୁ ଘଟଣା ସମ୍ପର୍କରେ ଜାଣିବାକୁ ଫୋନ କରିବାରୁ ଉଠାଇ ନ ଥିଲେ।

# ଆମ ପୋଲିସ କାର୍ଯ୍ୟକ୍ରମ

**ବାଲୁଗାଁ,୩୧।୫(ଡି.ଏନ.ଏ.)**– ଶୁକ୍ରବାର ସନ୍ଧ୍ୟାରେ ବାଲୁଗାଁ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରମାକାନ୍ତ ମହାଲିକ୍‌ଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲୁଗାଁ ଏନ୍‌ଏସି ଓ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବିଶେଷ କରି ବାଲୁଗାଁର ମୁଖ୍ୟ ଟ୍ରାଫିକ ସମେତ ଆଇନଶୃଙ୍ଖଳା ରକ୍ଷା ଦିଗରେ ସମସ୍ତେ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ପୋଲିସ ପକ୍ଷରୁ ଉପରୋକ୍ତ ସମସ୍ୟାକୁ ଉପଲବ୍ଧି କରିବା ସହ ସମାଧାନ ଦିଗରେ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଥିଲା।





ବୈଠକରେ ପୋଲିସ ଅଧିକାରୀମାନେ ।

■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

**ଖୋର୍ଦ୍ଧା ଅଫିସ,୩୧।୫:**

ବହୁ ଚର୍ଚ୍ଚିତ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣାର ହତ୍ୟାକାରୀଙ୍କୁ ଧରିବା ଓ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ୩ ସନ୍ଦିଗ୍ଧଙ୍କ ଫୁଟେଜ ଜାରି କରିବାର ୪୮ ଦିନ ବିତିଯିବାକୁ ବସିଥିବାବେଳେ କ୍ରାଇମବ୍ରାଞ୍ଚର ହାତ ଖାଲି ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନାଙ୍କ ଏପ୍ରିଲ ୧୪ ରାତିରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଲୁ ଚରଣ ଖଣ୍ଡାଇତରାୟଙ୍କର ନବୀନାବାଗସ୍ଥିତ ଘର ସମ୍ମୁଖରେ ହୋଇଥିଲା। ଏହି ହତ୍ୟାକାଣ୍ଡ ନେଇ ଭାଜପା ବିଜେଡିକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ଏପ୍ରିଲ ୧୪ ରାତିରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଗତ ୧୫ ତାରିଖ ୬ ଘଣ୍ଟିଆ ଖୋର୍ଦ୍ଧା ବନ୍ଦ ହୋଇଥିଲା। ସେହିପରି ନିହତ ମଙ୍ଗୁଳିଙ୍କ ଭାଇ ପୋଲିସ ନିକଟରେ ବଡପୋଖରିଆର ସରପଞ୍ଚ ସାଗର ବଳିଆରସିଂହ ଓ ସହଯୋଗୀ ସଚିନ୍ ବଳିଆରସିଂଙ୍କ ସମେତ ଅନ୍ୟ କିଛି ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ଏ ନେଇ ଆଇପିସି ଦଫା ୩୦୨, ୩୪, ୨୫ ଓ ୨୭ ଆର୍ମସ୍ ଆକ୍ଟରେ ନଂ. ୧୧୯/୧୯ରେ ମାମଲା ରୁଜୁ ହୋଇଥିଲା। ଗତ ୧୬ ତାରିଖରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ହତ୍ୟାକାଣ୍ଡରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି କହିଥିଲେ। ଏପରିକି ମଙ୍ଗୁଳି ହତ୍ୟାକାଣ୍ଡର ତଦନ୍ତ କ୍ରାଇମବ୍ରାଞ୍ଚ ନେଲା ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇ ସନ୍ଦିଗ୍ଧ ବ୍ୟକ୍ତି ସମ୍ପୃକ୍ତ ନ ଥିବା ଦର୍ଶାଇ ଛାଡି ଦିଆଗଲା। ସେହିଭଳି ଗତ ୨୧ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଗୋଟିଏ ୧ମିନିଟ୍ ଓ ଅନ୍ୟଟି ୩୬ ସେକେଣ୍ଡର ଏପରି ଦୁଇଟି ଭିଡିଓ ଫୁଟେଜ ଜାରି କରାଯାଇଥିଲା। ଦୁଇ ଫୁଟେଜରେ ୩ ଜଣ ଯୁବକ ହତ୍ୟାକାଣ୍ଡସ୍ଥଳୀଠାରୁ କିଛି ଦୂର ଏକ ଛକରେ ବୁଲୁଥିବା ଦୃଶ୍ୟ ରହିଛି। ଗୋଟିଏ ଫୁଟେଜରେ ୩ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସିଥିଲେ। ଏଥିରୁ ୨ଜଣ ଓହ୍ଲାଇ ଛକରେ ବସିଥିବାବେଳେ ବାଇକ୍ ଚାଳକ ଭାଜପା ବିଧାୟକ ପ୍ରାର୍ଥୀ କାଲୁଙ୍କର ଘର ଦେଇ ଯାଇଥିଲେ। ଅନ୍ୟ ଭିଡିଓରେ ବାଇକ୍ ଚାଳକ ଫେରି ଆସି ଛାଡି ଯାଇଥିବା ଦୁଇଯୁବକଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁଳିକାଣ୍ଡ ସମୟର କୌଣସି ଫୁଟେଜ୍ କ୍ରାଇମବ୍ରାଞ୍ଚ ପାଇଥିବା ପ୍ରକାଶ କରିନାହିଁ। ତେବେ ପୋଲିସ ପରି କ୍ରାଇମବ୍ରାଞ୍ଚ ମଙ୍ଗୁଳି ହତ୍ୟାକାଣ୍ଡରେ ଫେଲ ହେଲାଣି । ଅନ୍ୟପକ୍ଷେ ନିର୍ବାଚନ ସମୟରେ ଭାଜପା ମଙ୍ଗୁଳି ହତ୍ୟାକାଣ୍ଡକୁ ଗୁରୁତ୍ୱ ଦେଇ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହତ୍ୟାକାରୀଙ୍କୁ ଧରିବାକୁ ଚାପ ପ୍ରୟୋଗ କରିଥିଲେ। ତେବେ ନିର୍ବାଚନ ଶେଷ ପରେ ଏହି ପ୍ରସଙ୍ଗ ଏବେ ଶୀତଳଭଣ୍ଡାରକୁ ଚାଲି ଯାଇଛି। ହତ୍ୟାକାରୀଙ୍କୁ ଧରିବା ଦିଗରେ କ୍ରାଇମବ୍ରାଞ୍ଚର ବିଫଳତାକୁ ନେଇ ଭାଜପା ଚୁପ ହୋଇ ବସି ରହିବାର କାରଣ ବୁଝାପଡୁନି। ସେପଟେ ବଡପୋଖରିଆରେ ଉତ୍ତେଜକ ପରିସ୍ଥିତି ଶୀତଳ ପଡୁଥିଲେ ହେଁ କିଛି କହି ହେଉନି। ଗାଁରୁ ଦୁଇଜଣଙ୍କର ହତ୍ୟା ପରେ ବି ଯଦି କ୍ରାଇମବ୍ରାଞ୍ଚ ଓ ପୋଲିସ କୌଣସି ପଦକ୍ଷେପ ନ ନିଏ ତେବେ ଆଉ କିଛି ଲୋକଙ୍କ ଜୀବନ ନ ଯାଇ ପାରେ ବୋଲି କିଏବା କହିବ। କାରଣ ଏଠାକାର ବାସିନ୍ଦା ଏବେ ବି ଭୟଭୀତ ଅବସ୍ଥାରେ କାଳାତିପାତ କରୁଥିବା ଅଭିଯୋଗ ରହିଛି।

■ ଫନୀକୁ ୨୮ ଦିନ ବିତିଲା

# ମିଳୁନି ଗୋଖାଦ୍ୟ, ଭଙ୍ଗା ଗୁହାଳ ପାଇଁ ତଦନ୍ତ ନାହିଁ

**ନିରାକାରପୁର,୩୧।୫(ଡି.ଏନ୍.ଏ.)**

ଭୟଙ୍କର ବାତ୍ୟା ଫନୀ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ବହୁ କ୍ଷୟକ୍ଷତି ଘଟାଇଛି। ବାତ୍ୟାକୁ ଇତିମଧ୍ୟରେ ୨୮ ଦିନ ବିତିଗଲାଣି । ଏହାଦ୍ୱାରା ଗୃହପାଳିତ ପଶୁପକ୍ଷୀମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବାତ୍ୟା ଯୋଗୁ ଗୋରୁ ଗୁହାଳ ଭାଙ୍ଗିଯିବା ଯୋଗୁ ଏଭଳି ରୌଦ୍ରତାପରେ ସେମାନେ ବିଶ୍ରାମ ପାଇଁ ଆଶ୍ରୟ ଟିକେ ପାଉନାହାନ୍ତି। ତେବେ ପ୍ରଶାସନ ପକ୍ଷରୁ ଗୁହାଳ ଭଙ୍ଗା ନେଇ କୌଣସି ତଦନ୍ତ କରାଯାଉ ନ ଥିବା କିମ୍ବା ପଶୁମାନଙ୍କ ଖାଦ୍ୟ ନିମନ୍ତେ ବ୍ୟବସ୍ଥା ହେଉ ନ ଥିବାରୁ ଗୋ ପାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରତି ନୂଆ ଜଗନ୍ନାଥ ସଡ଼କସ୍ଥିତ ତଳ ବଜାର, ବସ୍‌ଷ୍ଟାଣ୍ଡ, କଲେଜ ଛକ, ଆର୍‌ଡି ଅଫିସ ଛକ, କାଜ ନିକଟ ପାଣ୍ଡବ ପାଟଣା ଛକ ଓ ସ୍ଥାନୀୟ ଥାନା ସମ୍ମୁଖରେ ରାତିରେ ଗୋରୁ ପଲ୍ଲ ପଲ୍ଲ ହୋଇ ଶୋଇ ରହୁଛନ୍ତି । ବଡ଼ ବଡ଼ ଗଛ ସବୁ ଭାଙ୍ଗି ପଡ଼ିବା ଦ୍ୱାରା ଗୋରୁ, ମଇଁଷି, ଷଣ୍ଢ ଏପରିକି ଛେଳି, ମେଣ୍ଢାଗୁଡ଼ିକ ମଧ୍ୟ ରାଜରାସ୍ତା ଉପରେ ବିଶ୍ରାମ ନେଉଛନ୍ତି। ତେବେ ଗାଡ଼ିମୋଟର ଯାନବାହନ ଏବଂ ମଶାମାଛି ଯୋଗୁ ପଶୁମାନେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଏ ପରିସ୍ଥିତିରେ ମାଲିକମାନେ ସେମାନଙ୍କୁ ଖୋଜିବା କିମ୍ବା ଯତ୍ନ ନେବାରେ ଅସମର୍ଥ ଥିବା ଦେଖିବାକୁ ମିଳୁଛି। ଖାଦ୍ୟ ଅଭାବ, ଦୁର୍ଘଟଣା ଓ ରୋଗର ଶିକାର ହୋଇ ଅନେକ ଗୋରୁ ଏବଂ ଅନ୍ୟ ଗୃହପାଳିତ ପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି।

**ଗୋ-ପାଳକଙ୍କ ମଧ୍ୟରେ ଅସନ୍ତୋଷ**



ଜଗନ୍ନାଥ ସଡ଼କ ଉପରେ ଶୋଇଥିବା ଗୋରୁପଲ୍ଲ।

ଏନେଇ ଚାଷୀ ଲମ୍ବୋଦର ମହାନ୍ତି (ଭୋଇ ସାହି) କୁହନ୍ତି, ଆମର ଗୁହାଳ ଘର ଭାଙ୍ଗି ଯାଇଥିବାରୁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଆବେଦନ କଲୁ। କିନ୍ତୁ ସେଠାର କର୍ମଚାରୀ ଟାଙ୍ଗୀ ତହସିଲଦାରଙ୍କୁ ଆବେଦନ କରିବାକୁ କହିଲେ। ଆମେ ଗରିବ ଲୋକ, କ'ଣ କରିବୁ। ଆଗକୁ ବର୍ଷାଦିନ। ଗୁହାଳ ନିମନ୍ତେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ମହାପାତ୍ର(ଗୋ-ଚାଷୀ)କୁହନ୍ତି, ବାତ୍ୟାରେ ମଣିଷ ପାଇଁ ପାଲ, ଚାଉଳ, ଟଙ୍କା ମିଳୁଛି। ଗୋରୁମାନଙ୍କ ଗୁହାଳ ଭାଙ୍ଗିଯାଇଛି, ଖାଦ୍ୟ ନାହିଁ। ସେମାନଙ୍କର ପାଟି ଫିଟୁନି କିଛି କହୁନାହାନ୍ତି। ବର୍ଷାଦିନ ଯୋଗୁ ସେ ଚିନ୍ତିତ ଥିବା କହିଥିଲେ।

କ୍ଷତିଗ୍ରସ୍ତ ଗୋ-ଚାଷୀଙ୍କୁ ସହାୟତା ନେଇ ଟାଙ୍ଗୀ ବ୍ଲକ ଅଧିକାରୀ ତୁଷାର ସାହୁ କହିଥିଲେ, ସମୁଦାୟ ଜିଲାକୁ ଏ ପର୍ଯ୍ୟନ୍ତ ଗୋ ଖାଦ୍ୟ ଆସିନି । ଘରଭଙ୍ଗା ସହାୟତା ବିଷୟରେ ରାଜସ୍ୱ ବିଭାଗ ବୁଝିବ। ଗାଇ, ଛେଳି, ମେଣ୍ଢା ଓ କୁକୁଡ଼ା ଆଦିଙ୍କ କ୍ଷତିପୂରଣ ବିଷୟରେ ଆମେ ବୁଝିବୁ। ତେବେ ଟାଙ୍ଗୀ ବ୍ଲକରେ ୯୪୮ ଜଣ ଗୋ-ଚାଷୀ ଆବେଦନ କରିଥିବା ନେଇ ସେ ସୂଚନା ଦେଇଛନ୍ତି। ଆବେଦନର ଶେଷ ତାରିଖ ଚଳିତ ମାସ ୨୧ ତାରିଖ ଥିଲା ବୋଲି ସେ କହିଥିଲେ । ଗୋରୁପଲ୍ଲ ରାସ୍ତା ଉପରେ ଶୋଇଥିବା ନେଇ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଗୋରୁମାଲିକଙ୍କୁ ପଚାରି ଏମାନଙ୍କୁ ରାସ୍ତାରୁ ହଟାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ
- ସେନେକା



## ସଂକ୍ଷେପରେ

### ହାଇୱା ପଛରେ ପିଟିହେଲା ଟ୍ରକ୍, ଚାଳକ ମୃତ

ବଡ଼ଗାଁ,୩୧।୫(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଧୀନ ଇତମ ସେମେଲବାହାଲ ଗାଁ ନିକଟ ଶିବମନ୍ଦିର ସମ୍ମୁଖ ୧୦ନଂ.ରାଜ୍ୟ ରାଜପଥରେ ଶୁକ୍ରବାର ମଧ୍ୟାହ୍ନ ୧.୧୫ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ହାଇୱା ପଛରେ ଗୋଟିଏ ବାଲି ବୋଝେଇ ଟ୍ରକ୍(ଓଡି-୧୪ ଏଚ୍ ୧୪୨୮)ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରକ୍ ଚାଳକଙ୍କ ନାମ ବ୍ରଜ କିଶୋର ମଲ୍ଲିକ। ତାଙ୍କ ଘର ପୁରୀ ଜିଲା ଗୋପ ଅଞ୍ଚଳରେ। ଏହି ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଥିଲା। ବହୁ ସମୟ ଧରି ସେ ଟ୍ରକ୍ ଭିତରେ ଚାପି ହୋଇ ରହିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ବହୁ କଷ୍ଟରେ ଟ୍ରକ ଭିତରୁ ଉଦ୍ଧାର କରିଥିଲେ। ହେଲେ ତଳକୁ ଆସିବାର କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅତ୍ୟାଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଡଙ୍ଗା, ଜାଲ କ୍ଷୟକ୍ଷତି ଆକଳନ
### ଅନିୟମିତତା ଅଭିଯୋଗ ଆଣିଲେ ମତ୍ସ୍ୟଜୀବୀ

ପୁରୀ ଅଫିସ, ୩୧।୫: ବାତ୍ୟାରେ ମତ୍ସ୍ୟଜୀବୀଙ୍କ ଜାଲ, ଡଙ୍ଗା ବ୍ୟାପକ ମାତ୍ରାରେ ନଷ୍ଟ ହୋଇଛି। ସମୁଦ୍ର ଏବଂ ଚିଲିକାରେ ମାଛ ମାରୁଥିବା କୃଷ୍ଣପ୍ରସାଦ ବ୍ଲକର ଶହ ଶହ ମତ୍ସ୍ୟଜୀବୀ ଏବେ ଜୀବିକା ହରାଇଛନ୍ତି। ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଡଙ୍ଗା ଏବଂ ଜାଲର ଆକଳନ ଚାଲିଛି। କିନ୍ତୁ ଏହି ଆକଳନ ଠିକ୍ ଭାବେ କରାଯାଉ ନାହିଁ। ଏଥିରେ ଅନିୟମିତତା କରାଯାଇଥିବା ନେଇ କୃଷ୍ଣପ୍ରସାଦ ବ୍ଲକ ଅରଖକୁଦା ପଞ୍ଚାୟତ ସାନପାଟଣା ଗ୍ରାମର କେତେଜଣ ମତ୍ସ୍ୟଜୀବୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ତାଙ୍କ ଗାଁରେ ସର୍ଭେ କରାଯାଇଥିଲା। ହେଲେ ଏଥିରେ ଦଳଗତ ବିଦ୍ୱେଶକୁ ନେଇ ଗାଁର ଅନେକ ମତ୍ସ୍ୟଜୀବୀଙ୍କୁ କ୍ଷୟକ୍ଷତିରେ ସାମିଲ କରାଯାଇ ନାହିଁ। ଅନେକ ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କର ଆଂଶିକ କ୍ଷୟକ୍ଷତି ହୋଇଛି ବୋଲି ଦର୍ଶାଇଛନ୍ତି। ଏମିତି ଅନିୟମିତତା ଯୋଗୁ ପ୍ରକୃତ ହିତାଧିକାରୀ ତାଲିକାରୁ ବାଦ୍ ପଡିଛନ୍ତି। ତେଣୁ ଠିକ୍ ହିତାଧିକାରୀ ଚୟନ ପୂର୍ବକ ତାଲିକା ପ୍ରସ୍ତୁତ କରିବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଉଚିତ ନ୍ୟାୟ ନ ମିଳିଲେ ସାମୂହିକ ଆନ୍ଦୋଳନ କରିବେ ବୋଲି ମତ୍ସ୍ୟଜୀବୀମାନେ ଜିଲାପାଳଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

### ରାଜ୍ୟସ୍ତରୀୟ ସନ୍ତରଣରେ ପୁରୀରୁ ୧୦ଖେଳାଳି

ପୁରୀ ଅଫିସ, ୩୧।୫: ଆସନ୍ତା ଜୁନ ୧ ଓ ୨ ତାରିଖ ଦୁଇ ଦିନ ବ୍ୟାପୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସନ୍ତାରଣାଗାରଠାରେ ୬୦ତମ ଓଡ଼ିଶା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ପକ୍ଷରୁ ୧୦ଜଣ ଖେଳାଳି ଅଂଶଗ୍ରହଣ କରିବେ। ଜୁନିୟର ବିଭାଗରେ ଶକ୍ତିମାନ ନାୟକ, ଅପୂର୍ବ ଭୁକ୍ତା, ସମ୍ବିତ ଜେନା, ସିନିୟର ବିଭାଗରେ ସୂର୍ଯ୍ୟକାନ୍ତ ସାହୁ, ଜୟନ୍ତ ଜାଲି, ହେମନ୍ତ ବେହେରା, ସମର ସାହୁ, ଆକାଶ ନାୟକ, ଶିଶିର କୁମାର ସାହୁ, ସମୀର କୁମାର ସାହୁ ଭାଗ ନେବେ। ଟିମ୍ କୋଚ ଅରୁଣ କୁମାର ମହାପାତ୍ର ଓ ଜିତେନ୍ଦ୍ରନାଥ ଦାସ ରହିଥିବା ବେଳେ ଟିମ୍ ମ୍ୟାନେଜର ରାମଚନ୍ଦ୍ର ମେକାପ ଯାଉଛନ୍ତି। ଏହି ଟିମ୍‌କୁ ଶୁକ୍ରବାର ସ୍ଥାନୀୟ ଝାଡେଶ୍ୱରୀ କ୍ଲବ ଠାରେ କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଆସୋସିଏଶନ ସମ୍ପାଦକ ମଧୁସୂଦନ ମିଶ୍ର, ସଭାପତି ରାଜକିଶୋର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରୀ ଜିଲା ସନ୍ତରଣ ଆସୋସିଏଶନ ଖେଳାଳି ଭଲ ପ୍ରଦର୍ଶନ କରି ୩ଟି ମେଡାଲ ଆଣିଥିଲେ।

# ଫନୀରେ ଜାଗା ଆଖଡ଼ାର ୨କୋଟି କ୍ଷତି

## ■ ପୁନରୁଦ୍ଧାର ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର

ପୁରୀ ଅଫିସ, ୩୧।୫

ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ସହରର ସାତସାହିରେ ରହିଥିବା ଜାଗା ଆଖଡାର ବ୍ୟାପକ କ୍ଷତି ଘଟିଛି। ଏହାର ସବୁଜିମା ପରିବେଶ ସହ ପାଚେରି, ଘର ଛାତ, ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ମିଶାଇ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏହାର ପୁନରୁଦ୍ଧାର ଓ ବର୍ଷାଦିନରେ ବ୍ୟାପକ ଚାରାରୋପଣ ଦାବିରେ ସାତସାହି ଜାଗା ଆଖଡା ସମନ୍ୱୟ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ବାବାଜୀ ମହାପାତ୍ର, ସମ୍ପାଦକ ତଲ୍ଲୁଛ ନୀଳକଣ୍ଠ ମହାପାତ୍ର, ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ଜାଗା ଆଖଡା କମିଟି ଏଥିରେ ସାମିଲ ହୋଇଥିଲେ।

ପୁରୀର ସାତସାହିରେ ୬୮ଟି ଜାଗା ଆଖଡା ୟୁନିଟ ରହିଛି। ଶ୍ରୀଜଗନ୍ନାଥଙ୍କ ଉପାସନାରେ ବିଭିନ୍ନ ଜାଗା ଆଖଡା ମଧ୍ୟ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି। ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ସଂସ୍କୃତିର ସୁରକ୍ଷା ଓ ସାମାଜିକ ସେବା କାର୍ଯ୍ୟ ଉଦ୍ଦେଶ୍ୟରେ ଜାଗା ଆଖଡାର ସୃଷ୍ଟି ହୋଇଥିଲା। ସାହିର ଯୁବକମାନେ ଏଠାରେ ସମରକଳା ଶିକ୍ଷା ଗ୍ରହଣ କରୁଥିଲେ। ଶରୀର ଚର୍ଚ୍ଚା(କୁସ୍ତି, ମାଟିକୁସ୍ତି, ଦଣ୍ଡବୈଠକ, ମୁଦ୍‌ଗରଚାଳନା, ଖଣ୍ଡାଖେଳ, ଖଣ୍ଡାବୁଲା ବନାଟି, ହୁଳାବନାଟି, ଚକ୍ରବନାଟି) କରୁଥିଲେ। ଦିଅଁ ପଟୁଆରରେ ବାହାରିବା ସମୟରେ ପଟୁଆରମଣ୍ଡନ ସହ, ବିଭିନ୍ନ ପାରମ୍ପରିକ ଉତ୍ସବ ପାଳନ କରୁଥିଲେ। ରଥଯାତ୍ରା ସମୟରେ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିବା ସହ ଧର୍ମ ଚର୍ଚ୍ଚା ଓ ଧର୍ମରକ୍ଷା ଦିଗରେ କାର୍ଯ୍ୟ କରୁଥିଲେ। ପାରମ୍ପରିକ ସଙ୍ଗୀତ ଓ ବାଦ୍ୟକଳାକୁ ମଧ୍ୟ ବିକଶିତ କରୁଥିଲେ। ଐତିହ୍ୟ ଗବେଷକଙ୍କ ମତରେ ମୋଗଲ ଶାସନ କାଳରେ ମୋଗଲମାନଙ୍କୁ ଆକ୍ରମଣରୁ ଶ୍ରୀମନ୍ଦିରକୁ ରକ୍ଷା କରିବା ଲାଗି ଜାଗା ଆଖଡା ସର୍ବଦା ପ୍ରସ୍ତୁତ ରହୁଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାମଲୀଳା ଓ ଶ୍ରୀକୃଷ୍ଣ ଲୀଳା ସହିତ ବିଭିନ୍ନ ଜାଗା ଆଖଡା ସଂପୃକ୍ତ ରହିଛି। ତ୍ରେତୟା ଯୁଗର ପରମ୍ପରାନୁସାରେ ଏହି ଜାଗା ଆଖଡା ପକ୍ଷରୁ ବ୍ୟବହାର କରାଯାଉଥିବା ବେଶଭୂଷା, ନାଗା, ପର୍ଶୁରାମ, ରାବଣ, ହନୁମାନ, ଶ୍ରୀରାମ,ଲକ୍ଷ୍ମଣ ଆଦିର ମୌଳିକତା ଆଜି ମଧ୍ୟ ବଜାୟ ରଖିଛି। ଉତ୍କଳୀୟ କଳା ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କୁହନ୍ତି, ଶ୍ରୀମନ୍ଦିର, ଶ୍ରୀବିଗ୍ରହ ଓ ଶ୍ରୀକ୍ଷେତ୍ରର ସୁରକ୍ଷା ଲାଗି ତତ୍କାଳୀନ ମହାରାଜାଙ୍କ ଦ୍ୱାରା ଜାଗା ଆଖଡା ସୃଷ୍ଟି ହୋଇଥିଲା। ଏଠାରେ ଶାରୀରିକ, ବୌଦ୍ଧିକ ଚର୍ଚ୍ଚା ବ୍ୟତୀତ ସମରକଳା ଶିକ୍ଷା ଦିଆଯାଉଥିଲା। ବହୁ ସମୟରେ ବିଭିନ୍ନ ଜାଗା ଆଖଡା, କୋଟ, ଗଡ ଗୁରୁଜ ବାହ୍ୟ ଶତ୍ରୁ ଆକ୍ରମଣରୁ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଅତୀତର ଗୌରବମୟ ଇତିହାସକୁ ସାଉଁଟି ରଖିଥିବା ଏହି ସଂସ୍କୃତିର ବିକାଶ ଲାଗି ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ବିଶେଷ ଦୃଷ୍ଟି ଦେବା ଉଚିତ ବୋଲି ସେ କହିଥିଲେ।



ଫନୀରେ ସାତପଡ଼ାଠାରେ ଭାଙ୍ଗିଯାଇଥିବା ପର୍ଯ୍ୟଟନ ଡଙ୍ଗାଗୁଡ଼ିକୁ ଅଧିକାରୀମାନେ ସର୍ଭେ କରୁଛନ୍ତି।

# ପର୍ଯ୍ୟଟନ ଡଙ୍ଗାର ସର୍ଭେ ଆରମ୍ଭ

ପୁରୀ ଅଫିସ, ୩୧।୫

ବାତ୍ୟାରେ ସାତପଡ଼ା ଏବଂ ରାମଚଣ୍ଡୀରେ ଥିବା ବହୁ ସଂଖ୍ୟାରେ ପର୍ଯ୍ୟଟନ ଡଙ୍ଗା କ୍ଷତିଗ୍ରସ୍ତ ହୋଇଛି। ଫଳରେ ମାଲିକମାନେ ଡଙ୍ଗା ସଜାଡିବାକୁ ସକ୍ଷମ ହେଉନାହାନ୍ତି। ତେଣୁ ବ୍ୟାଙ୍କରୁ ଋଣ ଆଣି ସେମାନେ କିପରି ଡଙ୍ଗା ମରାମତି କରିପାରିବେ ଏବଂ ଋଣ ଟଙ୍କାରୁ କିଛି ସବ୍‌ସିଡି ପାଇବେ ସେ ନେଇ ପର୍ଯ୍ୟଟନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଶୁକ୍ରବାର ବିଭାଗ ପକ୍ଷରୁ ସାତପଡ଼ାରେ କ୍ଷତିଗ୍ରସ୍ତ ଡଙ୍ଗାର ସର୍ଭେ କରାଯାଇଛି। ପ୍ରାୟ ୧୫ ଜଣ ସଦସ୍ୟ ୩ଟି ଟିମ୍‌ରେ ଏହି ସର୍ଭେ କରିଛନ୍ତି। ସେହିପରି ପରବର୍ତ୍ତୀ ସମୟରେ ରାମଚଣ୍ଡୀରେ ଥିବା ଡଙ୍ଗାର ମଧ୍ୟ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକଙ୍କୁ ଚିଲିକା ଏବଂ ରାମଚଣ୍ଡୀ ମୁହାଣରେ ବୁଲାଇବା ପାଇଁ ଏହି ଦୁଇ ଜାଗାରେ ପ୍ରାୟ ୧,୧୨୮ଟି ଡଙ୍ଗା ରହିଛି। ହେଲେ ବାତ୍ୟା ଫନୀରେ ପ୍ରାୟ ସବୁ ଡଙ୍ଗା ଅଳ୍ପବହୁତେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଡଙ୍ଗା ମାଲିକମାନଙ୍କୁ ସହଯୋଗ ଲାଗି ପର୍ଯ୍ୟଟନ ବିଭାଗ ଏହି ସର୍ଭେ ଆରମ୍ଭ କରିଛି।

# ସୂର୍ଯ୍ୟମନ୍ଦିରରେ ସଚଳ ହେଲା ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ'

କୋଣାର୍କ,୩୧।୫(ଡି.ଏନ୍.ଏ.)

ମହାବାତ୍ୟା ଫନୀରେ କ୍ଷତିଗ୍ରସ୍ତ କୋଣାର୍କ ସୂର୍ଯ୍ୟମନ୍ଦିରର ଲାଇଟ ଆଣ୍ଡ ସାଉଣ୍ଡ ଶୋ' ୨୮ଦିନ ଧରି ବନ୍ଦ ରହିବା ପରେ ଶୁକ୍ରବାର ସନ୍ଧ୍ୟାରୁ ସଚଳ ହୋଇଛି। ପ୍ରଳୟଙ୍କରୀ ବାତ୍ୟାରେ ମନ୍ଦିର ପରିସରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏପରି କି ଦୁଇ ସପ୍ତାହ ଧରି ମନ୍ଦିରକୁ ବିଜୁଳି ସଂଯୋଗ ମଧ୍ୟ ହୋଇପାରି ନ ଥିଲା। ଏବେ ସୂର୍ଯ୍ୟମନ୍ଦିର ସ୍ଥିତି ସ୍ୱାଭାବିକ ହୋଇଛି। ପର୍ଯ୍ୟଟକଙ୍କ ଭିଡ ଆରମ୍ଭ ହୋଇଥିଲେ ମଧ୍ୟ ସୂର୍ଯ୍ୟମନ୍ଦିରର କାହାଣୀ ଉପରେ ଆଧାରିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'



ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଦୃଶ୍ୟ।

ଆରମ୍ଭ ହୋଇପାରି ନଥିଲା। ଏହି ଶୋ'କୁ ପୁଣି ଆରମ୍ଭ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ କିଛିଦିନ ଧରି ଉଦ୍ୟମ ଜାରି ରହିଥିଲା। ଏହି ଶୋ'ର ପରୀକ୍ଷାମୂଳକ ପ୍ରଦର୍ଶନ ସରିଛି। ଏହା ସଫଳ ହୋଇଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଏହା ପୂର୍ବଭଳି ଜାରି ରହିଛି। ସପ୍ତାହର ସୋମବାର ବ୍ୟତିରେକେ ଅନ୍ୟ ଦିନଗୁଡ଼ିକରେ ଏହି ଶୋ' ସନ୍ଧ୍ୟା ୭ଟା ୩୦ରୁ ୮ଟା ୧୦ ପର୍ଯ୍ୟନ୍ତ ପ୍ରଥମ ଶୋ' ଏବଂ ଅନ୍ୟୁନ ୨୫ରୁ ଅଧିକ ଦର୍ଶକ ଥିଲେ ୮ଟା ୩୦ରୁ ୯ଟା ୧୦ପର୍ଯ୍ୟନ୍ତ ଦ୍ୱିତୀୟ ଶୋ' ପ୍ରଦର୍ଶନ କରାଯିବ ବୋଲି ସ୍ଥାନୀୟ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

# ଘରଭଙ୍ଗା ତଦନ୍ତ ବେଳେ କନିଷ୍ଠଯନ୍ତ୍ରୀ ଅଟକ

ଗୋପ,୩୧।୫(ଡି.ଏନ୍.ଏ.)

ବାତ୍ୟାରେ ଗୋପ ବ୍ଲକରେ ଭାଙ୍ଗିଯାଇଥିବା ଗୃହ ତଦନ୍ତ କରିବା ପାଇଁ ରାହାଙ୍ଗଗୋରଡା ପଞ୍ଚାୟତର ଖଣ୍ଡାସାହି ଗ୍ରାମକୁ ଯାଉଥିବା କନିଷ୍ଠଯନ୍ତ୍ରୀଙ୍କୁ ତଦନ୍ତରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଶୁକ୍ରବାର ଅଟକ ରଖିଥିଲେ। ପ୍ରାୟ ୧ଘଣ୍ଟା ପରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଫନୀରେ ବ୍ଲକର ୩୧ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ହଜାର ହଜାର ଘର ଭାଙ୍ଗିଯାଇଛି। ମାତ୍ର ବାତ୍ୟା ପରେ ସରକାରଙ୍କ ନିର୍ଦ୍ଦେଶରେ ତଦନ୍ତ ହେଉଥିବାବେଳେ ଏଥିରେ ବିଭିନ୍ନ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କନିଷ୍ଠଯନ୍ତ୍ରୀ ସୁଦୀପ ବେହେରା ତଦନ୍ତ ପାଇଁ ଯାଉଥିବାବେଳେ ବିପନ୍ନମାନେ ଆର୍‌ଆଇ ଅଫିସକୁ ନେଇ ଅଟକ ରଖିଥିଲେ। ଏହି ଖବର ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ନିକଟରେ ପହଞ୍ଚିବା ପରେ ତୁରନ୍ତ ସେ ଗୋପ ଥାନାକୁ ଜଣାଇଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩୧।୫

ନବ ନିର୍ବାଚିତ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଗତ ଗୁରୁବାର ବାସେଳିସାହି ମୁଦୁଲି ଜଗା କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଆରମ୍ଭରେ ବାତ୍ୟାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗଦଇଥିଲେ। ଶିଶୁ ନୃତ୍ୟଶିଳ୍ପୀ ଶ୍ୱେତା ଏବଂ ଗୁଡ଼ିଙ୍କ ନୃତ୍ୟ ଚିତ୍ତାକର୍ଷକ ହୋଇଥିଲା। ଶ୍ରୀମନ୍ଦିର ନୀତିକାନ୍ତିରେ ଶୃଙ୍ଖଳା ଆଣିବା ଲାଗି ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ।




ଲାଇଟ୍ ହାଉସ୍ ନିକଟ ସ୍ୟାଣ୍ଡ ପାର୍କଠାରେ ଅନୁଷ୍ଠିତ ବିଶ୍ୱ ତମାଖୁ ବର୍ଜନ ଦିବସ କାର୍ଯ୍ୟକ୍ରମ।

# ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ ପାଇଁ ଆହ୍ୱାନ

ପୁରୀ ଅଫିସ, ୩୧।୫

ତମାଖୁ ସେବନ ଯୋଗୁ ବିଶ୍ୱରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ବ୍ୟାପକ ଜନସଚେତନତା ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ମତ ପ୍ରକାଶ ପାଇଛି। ପୁରୀ ସହର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମିଶନ୍ ଓଡ଼ିଶା ସଂଯୋଜନାରେ ଲାଇଟହାଉସ ନିକଟ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ପାର୍କ ଠାରେ ଆୟୋଜିତ ଉତ୍ସବରେ ବହୁ ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ ଯୋଗଦାନ କରି ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ ଲାଗି ସଂକଳ୍ପ କରିଥିଲେ। ଅନୁଷ୍ଠାନ ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ର ମହାନ୍ତି, ଡା.ଦେବୀପ୍ରସାଦ ମହାପାତ୍ର, ଡା.ବିରଜା ଶଙ୍କର ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପୁରୀ ଜିଲା ପ୍ରୋଗ୍ରାମ ମ୍ୟାନେଜର ଟି.ନାରାୟଣ ରାଓ, ଡା.ଲଳିତ ଦାସ, ଡା.ସୁଶାନ୍ତ ନାୟକ, ଶିଳ୍ପପତି ରାଜକିଶୋର ପାତ୍ର, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା,ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଜୟନ୍ତୀ ମହାପାତ୍ର, ବିଶ୍ୱନାଥ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ତଥା ମିଶନ୍ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର କହିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକାରେ ଲଭ ୟୋର ଲଙ୍ଗ, ନୋ ଟବାକୋ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରୁଟସ୍ ଅଫ ଓଡ଼ିଶା, ସମର୍ପଣ, ନିର୍ମାଲ୍ୟ, ସାହିଭାଇ ପ୍ରଭୃତି ଅନୁଷ୍ଠାନ ଯୋଗାଦାନ କରିଥିଲେ। ସାଗରିକା ରଥ, କୋଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଲାଲାଅନନ୍ତ ସିଂ, ସଦାନନ୍ଦ ସାହୁ, ଶ୍ୟାମପ୍ରକାଶ ସେନାପତି, ଶିବରାମ ପ୍ରଧାନ, ହୃଷୀକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ■ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

# ଦ୍ରୁତ ଶିଳ୍ପାୟନ, ସହରୀକରଣ ଜଙ୍ଗଲ କ୍ଷୟ ଲାଗି ଦାୟୀ

ପୁରୀ ଅଫିସ, ୩୧।୫

ଦ୍ରୁତ ଶିଳ୍ପାୟନ ଏବଂ ସହରୀକରଣ ଯୋଗୁ ପରିବେଶ ନଷ୍ଟ ହେଉଛି। ବିଶ୍ୱରେ ଶିଳ୍ପ ବିପ୍ଳବ ଆରମ୍ଭ ହେବା ଦିନଠାରୁ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପ୍ରଚୁର ପରିମାଣରେ ବୃଦ୍ଧି ପାଇଛି। ଆଧୁନିକ ସମାଜର ମନୁଷ୍ୟ ଆଗାମୀ ଭବିଷ୍ୟତ ଲାଗି ଜଙ୍ଗଲ ସମ୍ପଦକୁ ଗୁରୁତ୍ୱ ଦେବା ଉଚିତ। ସମୁଦ୍ର ବେଳାଭୂମିରେ ହେନ୍ତାଳବନ ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଶୁକ୍ରବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରାକ୍ତନ ସ୍ୱତନ୍ତ୍ର ସଚିବ ଡ.ଭାଗୀରଥି ବେହେରା କହିଛନ୍ତି। ପରିଷଦର କାର୍ଯ୍ୟକାରୀ ସଭାପତି ଶାନ୍ତିଲତା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆଗାମୀ ଭବିଷ୍ୟତ ଲାଗି ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ କରିବାକୁ ବେହେରା ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅଭିମନ୍ୟୁ ଭୂୟାଁ କହିଲେ ଯେ, ପରିବେଶ ସନ୍ତୁଳନ ଲାଗି ସାମାଜିକ ବନୀକରଣର ଆବଶ୍ୟକତା ରହିଛି। ଜଙ୍ଗଲ ବିଭାଗର ଖାମଖିଆଲ ନୀତି ଯୋଗୁ ଜଙ୍ଗଲ ସୃଷ୍ଟି କେବଳ କାଗଜ କଲମରେ ସୀମିତ ହୋଇଯାଇଛି। ଡ.ଟି. ପଣ୍ଡା, ବିଜୟଲକ୍ଷ୍ମୀ ସାହୁ ଓ ଡ.ବଳରାମ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ରମାକାନ୍ତ କର, ଅଶୋକ ଆଢ୍ୟ, ଭବାନୀ ପ୍ରସାଦ ବଳିଆରସିଂ ପ୍ରମୁଖ ସହଯୋଗ କରିଥିଲେ। କବି ହଟ୍ଟକିଶୋର ମଲ୍ଲିକ ଓ ବିଜୟଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରକାଶ ପାଇଲା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ

# ସୁଧା ପୂଜାର୍ଚ୍ଚନା କଲେଜ ଟପ୍ପର

**କଳାରେ ମାମିନା, ବାଣିଜ୍ୟ ବିଭାଗରେ ବିଷ୍ଣୁପ୍ରିୟା ଟପ୍ପର**

ନିମାପଡ଼ା,୩୧।୫(ଡି.ଏନ୍.ଏ.)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। କଳା ବିଭାଗରେ ପାସ୍ ହାର ୯୪.୫୦% ହୋଇଥିବା ବେଳେ ବିଜ୍ଞାନରେ ୯୫.୮୦% ଓ ବାଣିଜ୍ୟରେ ୯୧.୫୦% ରହିଛି। ପଦାର୍ଥ ବିଜ୍ଞାନର ଛାତ୍ରୀ ସୁଧା ପୂଜାର୍ଚ୍ଚନା ସାହୁ ୨୩୨୯ ନମ୍ବର ରଖି ବିଜ୍ଞାନ ବିଭାଗ ସହ କଲେଜର ଟପ୍ପର ହୋଇଛନ୍ତି। କଳା ବିଭାଗରେ ଛାତ୍ରୀ ମାମିନା ପରିଡା ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗର ଛାତ୍ରୀ ବିଷ୍ଣୁପ୍ରିୟା ଦାସ ଟପ୍ପର ହୋଇଛନ୍ତି। ଚଳିତବର୍ଷ ଏହି ମହାବିଦ୍ୟାଳୟରେ କଳା ବିଭାଗରେ ୩୨୭ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩୦୯ଛାତ୍ରୀଛାତ୍ର ପାସ କରିଛନ୍ତି। ବିଜ୍ଞାନ ବିଭାଗରେ ୩୬୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୪୪ଛାତ୍ରୀଛାତ୍ର ପାସ



ସୁଧା ପୂଜାର୍ଚ୍ଚନା ସାହୁ

କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୧୮୯ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୭୨ଛାତ୍ରୀଛାତ୍ର ପାସ କରିଛନ୍ତି। ଚଳିତବର୍ଷ ଛାତ୍ରଙ୍କ ଅପେକ୍ଷା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଛାତ୍ରୀମାନେ ବାଜିମାତ କରିଛନ୍ତି। ଚଳିତବର୍ଷ ପାସ ହାର ୯୪.୪୦% ହୋଇଛି। ଚଳିତବର୍ଷ କଲେଜର ପାସ ହାର ୯୪.୫୦% ହୋଇଥିବା କଲେଜ ସୂତ୍ରରୁ ଜଣାପଡିଛି। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗତ ପ୍ରସାଦ ସାବୁତ ପ୍ରମୁଖ କଲେଜ ପରିସରରେ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ।

## ■ ବାତ୍ୟା ମାଡ଼ରେ ନଇଁ ପଡ଼ିଥିଲା

# ସଳଖ କରାଗଲାଣି ୨୦୦୦ ଗଛ

ପୁରୀ ଅଫିସ,୩୧।୫

ବାତ୍ୟା ଫନୀ ପ୍ରଭାବରେ ଉଜୁଡ଼ିଯାଇଛି ବାଲୁଖଣ୍ଡ ଅଭୟାରଣ୍ୟ। ଲକ୍ଷାଧିକ ଗଛ ଭାଙ୍ଗି ଯାଇଥିବା ବେଳେ ବହୁ ଗଛ ଉପୁଡ଼ି ପଡିଛି। ସେହିପରି ପୁରୀ ସହର ମଧ୍ୟରେ ବ୍ୟାପକ ସଂଖ୍ୟାରେ ଗଛ ମଧ୍ୟ ଉପୁଡ଼ି ଯାଇଛି। ରାସ୍ତା ଉପରେ ପଡି ଯାତାୟାତ ଅବରୋଧ କରିଥିବା ଗଛଗୁଡ଼ିକୁ କାଟି ସଫା କରାଯାଇଛି। ହେଲେ ଅନେକ ଗଛ ସମ୍ପୂର୍ଣ୍ଣ ଉପୁଡ଼ି ନ ଯାଇ ନଇଁପଡିଛି। ପୁରୀ ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା ପାର୍ଶ୍ୱ ଏବଂ ସହର ଭିତରେ ଏହିଭଳି ନଇଁ ପଡିଥିବା ଗଛକୁ ଏବେ ସଳଖ କରାଯାଉଛି ବୋଲି କହିଛନ୍ତି ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଡିଏଫ୍‌ଓ କହିଛନ୍ତି, ଯଦି ଛୋଟ ଗଛ ନଇଁପଡିଛି ତେବେ ସେଗୁଡ଼ିକୁ ସିଧା କରାଯାଉଛି। ବଡ଼ ଗଛଗୁଡ଼ିକୁ ଜେସିବି ସାହାଯ୍ୟରେ ସିଧା କରାଯାଇ ରଶିରେ ଏହାକୁ ବାନ୍ଧି ସପୋର୍ଟ ଦିଆଯାଉଛି। ଗଛଗୁଡ଼ିକୁ ସିଧା




ଉପୁଡ଼ି ଯାଇଥିବା ଗଛକୁ ଜେସିବି ସାହାଯ୍ୟରେ ସଳଖ କରାଯାଉଛି।

କରାଯିବା ପରେ ମୂଳରେ ମାଟି ଏବଂ ପାଣି ଦିଆଯାଉଛି। ବର୍ଷା ଆସିବା ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଟ୍ୟାଙ୍କର ଦ୍ୱାରା ପାଣି ଦିଆଯିବ। ବର୍ଷା ହେଲେ ଏହି ଗଛଗୁଡ଼ିକ ପୂର୍ବାବସ୍ଥାକୁ ଫେରିଯିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସୁଦ୍ଧା ପୁରୀ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ୨ ହଜାର ଗଛକୁ ସଳଖ କରାଗଲାଣି ବୋଲି ଡିଏଫ୍‌ଓ କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାସ୍ତାପାର୍ଶ୍ୱ ଏବଂ ସରକାରୀ ଅନୁଷ୍ଠାନ ପରିସରରେ ଏହି କାମ ଚାଲିଛି। କୌଣସି ଘରୋଇ ଲୋକଙ୍କ ବାଡ଼ିରେ ଯଦି ଏଭଳି ଗଛ ନଇଁପଡିଥିବ ସେମାନେ ସୂଚନା ଦେଲେ ବନ ବିଭାଗ ପକ୍ଷରୁ ସଳଖ କରିଦିଆଯିବ। ଗୋଟିଏ ଗଛ ବଡ଼ ହେବା ପାଇଁ ବହୁତ ବର୍ଷ ଲାଗିଥାଏ। ତେଣୁ ବଡ଼ ଗଛଟିଏକୁ ଯଦି ଏମିତି ଉପାୟରେ ପୁଣି ଠିଆ କରିପାରିବା ତାହା ନିଶ୍ଚିତ ବିଭାଗ ପାଇଁ ସଫଳତା ବୋଲି ଉଦ୍‌ଗାତା କହିଛନ୍ତି।

ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପର୍କରେ ଡିଏଫ୍‌ଓ କହିଛନ୍ତି, ବ୍ୟାପକ ଚାରାରୋପଣ ପାଇଁ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ପାଇଁ ପ୍ରସ୍ତୁତ ନ ଥିଲେ ବି ବାହାରୁ ଚାରା ଆଣି ରୋପଣ ଲାଗି ଯୋଜନା ହେଉଛି। ଏ ବର୍ଷ ୪୦୦ ହେକ୍ଟର ପରିମିତ ଅଞ୍ଚଳରେ ଚାରା ରୋପଣ କରାଯିବ। କିନ୍ତୁ ପର୍ଯ୍ୟାୟକ୍ରମେ ଆସନ୍ତା ୪/୫ ବର୍ଷ ମଧ୍ୟରେ ଆହୁରି ୪ ହଜାର ହେକ୍ଟର ଅଞ୍ଚଳରେ ଚାରା ରୋପଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏତଦ୍‌ବ୍ୟତୀତ ଝାଉଁ, ଆକାଶିଆ ପ୍ରଭୃତି ଗଛ ଲଗାଇଥିବା ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ଚାରା ବିତରଣ କରାଯିବ। ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ୩ ଲକ୍ଷ ଚାରା ଅଣାଯିବା ଲାଗି ପ୍ରସ୍ତାବ ରହିଛି। କିନ୍ତୁ ଏ ନେଇ କୌଣସି ଚୂଡ଼ାନ୍ତ ହୋଇନାହିଁ। ବିଭିନ୍ନ ସଂସ୍ଥା, ପ୍ରାଇଭେଟ୍ ନର୍ସରୀ ଏପରି କି ରାଜନଗର ଏବଂ ନୟାଗଡ଼ ଡିଭିଜନରୁ ଚାରା ଆଣିବା ପାଇଁ ସେମାନଙ୍କ ସହ ଯୋଗାଯୋଗ କରାଯାଇଛି। ଏହି ଚାରା ଆସିଲେ ତାହା ବଣ୍ଟନ କରାଯିବ ବୋଲି ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି।